ବର୍ଷ-୫୧ : ସଂଖ୍ୟା-୪ ଏପ୍ରିଲ, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଏପ୍ରିଲ, ୨୦୨୦


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ସୁବର୍ଣ୍ଣ ଦିବସ | | | | |
| ୨୯ ଫେବ୍ରୁଆରୀ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଅହଂକାରର ଗଣ୍ଠି | ... | ଶ୍ରୀମା | ... | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୮୭) | | | | |
| ଦିବ୍ୟାଦେଶ – ପୁନର୍ବାର | ... | ମନୋଜ ଦାସ | ... | ୯ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ବିଂଶ ଅଧ୍ୟାୟ) | | | | |
| ସମତା ଓ ଜ୍ଞାନ | ... | ଶେଖ ଅବଦୁଲ କାଶମ | ... | ୧୫ |
| ଭୟ ଓ ସଂକ୍ରମଣ | ... | ଶ୍ରୀମା | ... | ୨୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୫) | ... | ... | ... | ୨୩ |
| ଶୃଗାଳ | ... | ମନୋଜ ଦାସ | ... | ୨୬ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୦) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୯ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୬୮) | ... | ସାହାନା ଦେବୀ | ... | ୩୩ |
| ଯୋଗାନନ୍ଦ (୧୪) | ... | ... | ... | ୩୫ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧) | ... | ଗୟାଧର ଦାଶ | ... | ୩୮ |
| ଆମ ଶରୀର (୨୬) | ... | ଭୋଳେଶ୍ୱର ଭୂୟାଁ | ... | ୪୧ |
| ସମର୍ପଣ (କବିତା) | ... | ଜ୍ୟୋସ୍ନାରାଣୀ ଦାଶ | ... | ୪୪ |
| ଇନ୍ଦ୍ରନୀଳ ଗୋଲାପ | ... | ଦୌଲତ ପାଣ୍ଡେ | ... | ୪୫ |
| ସର୍ବରୂପମୟୀ ଦେବୀ (୪) | ... | କୁମାର ଚନ୍ଦ୍ର ମିଶ୍ର | ... | ୪୯ |
| ଶହେ ବର୍ଷ ତଳେ (କବିତା) | ... | ହୃଷୀକେଶ ପଣ୍ଡା | ... | ୫୨ |
| ଛଳନା ଓ ରୂପାନ୍ତର | ... | ମଣୀନ୍ଦ୍ର କୁମାର ମେହେର | ... | ୫୩ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୬ |
| ଅପ୍ରତ୍ୟାଶିତ ବିଭୀଷିକା | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ଅଦ୍ୟ ରାତ୍ରେ ମୋ ସମ୍ମୁଖରେ ତୁମର ସମସ୍ତ ପ୍ରଭାମୟ ବିଭାସ୍ୱତାରେ ପ୍ରତିଭାତ ହୋଇଥିବା ହେ ମୋର ଦିବ୍ୟପ୍ରଭୁ, ତୁମେ ନିମେଷକେ ଏ ସତ୍ତାକୁ କରି ଦେଇପାର ସର୍ବ ସଂହତ ଭାବେ ବିଶୁଦ୍ଧ, ଉଜ୍ଜ୍ୱଳ, ସ୍ଫଟିକ-ସ୍ୱଚ୍ଛ, ସଚେତନ । ତା' ଭିତରର ଶେଷ ଅନ୍ଧକାର ଚିହ୍ନସବୁରୁ ତୁମେ ତାକୁ କରିପାର ପରିତ୍ରାଣ, ତା'ର ଶେଷ ବ୍ୟକ୍ତିଗତ ଅଭିରୁଚିରୁ କରିପାର ମୁକ୍ତ । ତୁମେ କରିପାର... କିନ୍ତୁ ତୁମେ କ'ଣ ତାହା କରି ଦେଇ ନାହଁ ଏହି ରଜନୀରେ, ଯେତେବେଳେ ତୁମ ଦିବ୍ୟ ନିର୍ଗମନ ଏବଂ ତୁମ ଅନିର୍ବଚନୀୟ ଆଲୋକ ମୋ ସତ୍ତାରେ ହେଲା ପ୍ରବିଷ୍ଟ ? ତାହା ହୋଇ ଥାଇପାରେ ... କାରଣ ମୋ ଭିତରେ ବିଦ୍ୟମାନ କେବଳ ମାତ୍ର ପ୍ରଶାନ୍ତି ଓ ବିପୁଳତା ଯୋଗେ ପ୍ରସ୍ତୁତ ଅତିମାନୁଷୀ ଶକ୍ତିବତ୍ତା । ଏହା ହିଁ ମଞ୍ଜୁର କର ଯେମିତି ଏ ଶିଖରରୁ ମୁଁ ଖସି ନ ଆସିବି; ମଞ୍ଜୁର କର ଯେପରିକି ଚିରତରେ ମୋ ସତ୍ତାର ପ୍ରଭୁ ରୂପେ ରାଜୁତି କରିବ ଶାନ୍ତି, କେବଳ ମାତ୍ର ମୋର ଅନ୍ତର୍ଲୋକରେ ନୁହେଁ ଯାହା ଉପରେ କି ସେ ବହୁକାଳରୁ ସାର୍ବଭୌମ ଶାସକ, କିନ୍ତୁ ମୋର ନଗଣ୍ୟତମ ବହିଃ କାର୍ଯ୍ୟାବଳୀରେ, ମୋ ହୃଦୟ ଓ କାର୍ଯ୍ୟକଳାପର କ୍ଷୁଦ୍ରତମ ଅନ୍ଧିସନ୍ଧିରେ ମଧ୍ୟ ।

ତୁମକୁ ପ୍ରଣାମ କରୁଛି, ହେ ପ୍ରଭୁ, ସତ୍ତାସମୂହର ପରିତ୍ରାତା !

''ଆହା ! ଏଠାରେ ପୁଷ୍ପରାଜି ଓ ଦିବ୍ୟାଶିଷ ! ଏଠାରେ ହିଁ ଦିବ୍ୟପ୍ରେମର ସ୍ମିତହସ ! ଏହା ପାତର ଅନ୍ତର ଓ ବିକର୍ଷଣ ବିରହିତ । ସଭିଙ୍କ ଅଭିମୁଖେ ଏହା ପ୍ରବହମାନ ହୋଇ ଆସେ ଏକ ଉଦାର ଧାରାରେ ଏବଂ କଦାଚ ପ୍ରତ୍ୟାହାର କରେ ନା ତାହାର ମୋହନାକର୍ଷକ ଉପହାରମାନ !''

ତାହାର ବାହୁ ପ୍ରସାରିତ ଆନନ୍ଦୋଚ୍ଛ୍ୱାସରେ, ଶାଶ୍ୱତ ଜନନୀ ପୃଥ୍ୱୀପୃଷ୍ଠେ ଢାଳି ଦେଉଛନ୍ତି ତାଙ୍କର ବିଶୁଦ୍ଧତମ ପ୍ରେମର ଅବାରିତ ଶିଶିର !

ଏପ୍ରିଲ ୨୮, ୧୯୧୭ — ଶ୍ରୀମା



## ସୁବର୍ଣ୍ଣ ଦିବସ

ଶ୍ରୀମା ଫେବ୍ରୁଆରୀ ୨୯ ତାରିଖକୁ ‘‘ସୁବର୍ଣ୍ଣ ଦିବସ... ପ୍ରଭୁଙ୍କ ଦିବସ’’ ରୂପେ ନାମିତ କରିଛନ୍ତି ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ ସଂଘଟିତ ଭୂପୃଷ୍ଠରେ ଅତିମାନସର ଅବତରଣର ସ୍ମରଣାନୁଷ୍ଠାନ ଉପଲକ୍ଷ୍ୟେ ।

## ୨୯ ଫେବ୍ରୁଆରୀ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

My soul and his indissolubly linked
In the one task for which our lives were born,
To raise the world to God in deathless Light,
To bring God down to the world on earth we came,
To change the earthly life to life divine.

*Savitri* – Sri Aurobindo

ଅଦ୍ରବଣୀୟ ଭାବେ ସଂଯୋଜିତ ଆତ୍ମା ମୋର ଏବଂ ତାଙ୍କର
ଏକ ହିଁ କର୍ତ୍ତବ୍ୟ କର୍ମରେ ଯାହା ପାଇଁ ଜନ୍ମିତ ଆମ ପ୍ରାଣ,
ମୃତ୍ୟୁହୀନ ଆଲୋକରେ ଭଗବାନଙ୍କ ଅଭିମୁଖେ ପୃଥ୍ୱୀକୁ କରିବାକୁ ଉନ୍ନୀତ,
ଧରାପରେ ଆଗମନ ଆମର ପୃଥ୍ୱୀ ପୃଷ୍ଠେ ଭଗବାନଙ୍କୁ କରିବାକୁ ଅବରୋହିତ,
ପାର୍ଥିବ ଜୀବନକୁ କରିବାକୁ ଦିବ୍ୟଜୀବନରେ ପରିଣତ ।

*ସାବିତ୍ରୀ* – ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୯୪)

## ଶ୍ରୀଅରବିନ୍ଦ

Then in Illusion's occult factory
And in the Inconscient's magic printing-house
Torn were the formats of the primal Night
And shattered the stereotypes of Ignorance.

ତା'ପରେ ବିଭ୍ରାନ୍ତିର ନିଭୃତ କାରଖାନାରେ ଏବଂ ନିଶ୍ଚେତନାର କୁହୁକ ମୁଦ୍ରଣାଳୟରେ ଛିନ୍ନବିଚ୍ଛିନ୍ନ ହୋଇଗଲା ଆଦିମ ରଜନୀର ସଜ୍ଜୀକୃତ ପୃଷ୍ଠାପତ୍ର ଏବଂ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ଅଜ୍ଞାନର ପାରମ୍ପରିକ ଛାଞ୍ଚ ।

Alive, breathing a deep spiritual breath,
Nature expunged her stiff mechanical code
And the articles of the bound soul's contract,
Falsehood gave back to Truth
her tortured shape.

ଜୀବନ୍ତ ହୋଇଉଠି, ଏକ ଗଭୀର ଅଧ୍ୟାତ୍ମସିକ୍ତ ଶ୍ୱାସବାୟୁ ସେବନ କରି, ପ୍ରକୃତି ତା'ର ଅନମନୀୟ ଯାନ୍ତ୍ରିକ ନିୟମାବଳୀକୁ ତଥା ବଦ୍ଧ ଅନ୍ତରାତ୍ମାର ଚୁକ୍ତିପତ୍ର ଅନ୍ତର୍ଗତ ଧାରାସକଳକୁ ପୋଛି ନିଶ୍ଚିହ୍ନ କରିଦେଲା, ମିଥ୍ୟା ସତ୍ୟକୁ ଫେରାଇ ଦେଲା ତାହାର ନିର୍ଯାତିତ ଆକାର ।

Annulled were the tables of the law of Pain,
And in their place grew luminous characters.

ବେଦନାର ଅନୁଶାସନ-ସାରଣୀ ସକଳ ଉଚ୍ଛେଦ ହୋଇଗଲା ଏବଂ ସେସବୁ ସ୍ଥାନରେ ବିକଶି ଉଠିଲା ଜ୍ୟୋତିର୍ମୟ ଚରିତ୍ରାବଳୀ ।

The skilful Penman's unseen finger wrote
His swift intuitive calligraphy;
Earth's forms were made his divine documents,
The wisdom embodied mind could not reveal,
Inconscience chased from the world's
voiceless breast;
Transfigured were the fixed schemes of
reasoning Thought.

ସୁଦକ୍ଷ ଲିପିକାରଙ୍କ ଅଦୃଶ୍ୟ ଅଙ୍ଗୁଳି ଲେଖିଦେଲା ତାଙ୍କର କ୍ଷିପ୍ର ସଂବୋଧି ସମ୍ପନ୍ନ କଳାତ୍ମକ ହସ୍ତଲିପି; ପୃଥିବୀର ରୂପରାଜି ପାଲଟିଲା ତାଙ୍କର ଦିବ୍ୟ ଦଲିଲମାଳା, ମନ ଯାହାକୁ ବ୍ୟକ୍ତ କରିପାରେ ନାହିଁ, ପ୍ରଜ୍ଞା ମଧ୍ୟରେ ତାହା ରୂପଗ୍ରହଣ କଲା, ଜଗତର ନିର୍ବାକ୍ ବୁକୁରୁ ନିଶ୍ଚେତନାକୁ ଅନୁଧାବନପୂର୍ବକ ଘଉଡ଼ାଇ ଦିଆଗଲା; ବିଚାର ବୁଦ୍ଧିଶୀଳ ଭାବନାର ଧରାବନ୍ଧା ଯାବତୀୟ ପରିକଳ୍ପନା ରୂପାନ୍ତରିତ ହେଲା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

*ସାବିତ୍ରୀ*
ଶ୍ରୀଅରବିନ୍ଦଙ୍କର ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।
— ଶ୍ରୀମା

# ଅହଂକାରର ଗଣ୍ଠି

## ଶ୍ରୀମା

### (୧)

*ପ୍ରଶ୍ନ : ମଧୁମୟି ମା ! ଆମେ କିପରି ଆମର ଅହଂର ଗଣ୍ଠି କାଟି ପାରିବୁ ?*

ଶ୍ରୀମା : ଏହାକୁ କିପରି କାଟିବାକୁ ହେବ ? ତୁମେ ଯେତେବେଳେ ତା' ସମ୍ବନ୍ଧେ ସଚେତନ ହୁଅ ସେତେବେଳେ ଗୋଟାଏ ଖଣ୍ଡା ଧର ଆଉ ସେଥିରେ ଚୋଟେ ପକାଅ (ମା ହସିଲେ) । କାରଣ, ସାଧାରଣତଃ କେହି ସେ ବିଷୟରେ ସଚେତନ ନ ଥା'ନ୍ତି; ଆମମାନଙ୍କ କ୍ଷେତ୍ରରେ ଯାହା ଘଟେ ତାକୁ ଆମେ ଖୁବ୍ ସାଧାରଣ ଓ ସ୍ୱାଭାବିକ ବୋଲି ଧରି ନେଇଥାଉ । ଏକଥା ବି ସତ ଯେ ଏହା ଖୁବ୍ ସ୍ୱାଭାବିକ । କିନ୍ତୁ ଆମେ ମଧ୍ୟ ଏହାକୁ ଖୁବ୍ ଭଲ ବୋଲି ଭାବି ନେଇଥାଉ । ତେଣୁ ପ୍ରଥମରୁ କେମିତି ଆରମ୍ଭ କରିବ ନା, ତୁମେ ଏକ ସ୍ୱଚ୍ଛ ଦୃଷ୍ଟି ଦେଇ ଦେଖି ନେବ ଯେ ତୁମେ ଏଇସବୁ ମାଳମାଳ ଗଣ୍ଠି ଭିତରେ ବାନ୍ଧି ହୋଇ ଯାଇଛ, ଏବଂ ସବୁ ମିଶି ତୁମ ପାଇଁ ଏହା ଏକ ମହାବନ୍ଧନ ହୋଇ ପଡ଼ିଛି । ତା'ପରେ ତୁମେ ଯେତେବେଳେ ବୁଝି ନେବ ଯେ ତୁମ ଭିତରେ କିଛି ଗୋଟାଏ ଦୃଢ଼ ଭାବେ ବାନ୍ଧିହୋଇ ଯାଇଛି – ଏବଂ ସେ ବନ୍ଧନ ଏତେ ଦୃଢ଼ ଯେ ତୁମେ ତାକୁ ଯେତେ ଚେଷ୍ଟା କଲେ ବି କାଟି ପାରୁ ନାହିଁ – ସେତେବେଳେ ତୁମେ କଳ୍ପନାରେ ତୁମର ଇଚ୍ଛାଶକ୍ତିକୁ ଗୋଟିଏ ଧାରୁଆ ଖଣ୍ଡା ବୋଲି ମନେକର ଏବଂ ତୁମର ସମସ୍ତ ଶକ୍ତି ଦେଇ ସେଇ ଗଣ୍ଠି ଉପରେ ଗୋଟାଏ ଶକ୍ତ ଚୋଟ ପକାଅ । (ଅବଶ୍ୟ କଳ୍ପନାରେ, ସତକୁ ସତ ଖଣ୍ଡାରେ ନୁହେଁ) ଦେଖିବ, ଏଥିରେ ଫଳ ଭଲ ହେବ ।

### (୨)

ତୁମେ ଏହି ଅହଂକାରର ଗଣ୍ଠି-କାଟିବା କ୍ରିୟାଟିକୁ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଆରମ୍ଭ କରିପାର । ତୁମକୁ ପ୍ରଥମେ ଆବିଷ୍କାର କରିବାକୁ ହେବ କେଉଁ କେଉଁ ଉପାଦାନ ତୁମର ଏ ଗଣ୍ଠିଗୁଡ଼ିକୁ ତିଆରି କରିଛି । ତୁମେ ବର୍ତ୍ତମାନ ଦେଖିବ ଯେ ତୁମେ ତୁମର ଅନେକ ପ୍ରତିରୋଧକାରୀ ପ୍ରବୃତ୍ତି, ଅଭ୍ୟାସ ଓ ଅଭିରୁଚି ଇତ୍ୟାଦି ଦ୍ୱାରା ବନ୍ଧା ହୋଇଛ । ତେଣୁ ଏ ବିଷୟରେ ସଚେତନ ହେବା ମାତ୍ରେ ତୁମେ ତୁମ ଭିତରେ ଏକାଗ୍ର ହୋଇ ଦିବ୍ୟଶକ୍ତି ଓ ଦିବ୍ୟକୃପାକୁ ଆହ୍ୱାନ କରିବ ଏବଂ ତା'ପରେ ତୁମର ସେଇ ଅହଂକାରୀ ସଙ୍ଗଠନ ଉପରେ କଷି କରି ଏକ ଆଘାତ ଦେବ । ଦେଖିବ ଏହି ସବୁ ଅହଂ-ବୃତ୍ତିଗୁଡ଼ିକ ପରସ୍ପର ସହିତ ଏପରି ଛନ୍ଦି ହୋଇଥା'ନ୍ତି ଯେ ତୁମେ ଗୋଟିକୁ ଅନ୍ୟଟି ଠାରୁ କେବେ ଅଲଗା କରି ପାରିବ ନାହିଁ । ତୁମେ କିନ୍ତୁ ସେଇ ମୁହୂର୍ତ୍ତରେ ଗୋଟାଏ ସିଦ୍ଧାନ୍ତ ନେବ ଯେ ତୁମେ ଆଉ କେବେ ହେଲେ ସେମାନଙ୍କ କଥା ଶୁଣିବ ନାହିଁ – ତୁମେ କେବଳ ଦିବ୍ୟ-ଚେତନାର କଥା ଶୁଣିବ, ଦିବ୍ୟକର୍ମ ବ୍ୟତୀତ ଆଉ କୌଣସି କର୍ମ କରିବ ନାହିଁ, ନିଜର କର୍ମଫଳ ସମ୍ବନ୍ଧେ ଆଦୌ ବିଚଳିତ ହେବ ନାହିଁ, ସବୁକିଛି ଆସକ୍ତିରୁ ନିଜକୁ ଦୂରେଇ ନେବ, ସବୁକିଛି ବ୍ୟକ୍ତିଗତ ଅଭିରୁଚିକୁ ତ୍ୟାଗ କରିବ, ସଫଳତା ପାଇଁ ଆଦୌ ଆକାଂକ୍ଷା ରଖିବ ନାହିଁ – କ୍ଷମତା, ସନ୍ତୋଷଲିପ୍ସା, ଗର୍ବ ଇତ୍ୟାଦି କୌଣସି କଥା ଯେପରି ଆଉ ତୁମକୁ ସେମାନଙ୍କ ଫାଶରେ ବାନ୍ଧି ନ ରଖେ ।...ଏସବୁ କଥା ତୁମ ଭିତରୁ ଯେପରି ନିଶ୍ଚିହ୍ନ ହୋଇଯାଏ ଏବଂ ତୁମେ କେବଳ ଦେଖିବ – ଦିବ୍ୟ-ସଂକଳ୍ପ ଯେପରି ତୁମର ବ୍ୟକ୍ତିଗତ ସଂକଳ୍ପ ଭିତରେ ଆତ୍ମପ୍ରକାଶ କରେ – ଏବଂ ସେହି ଦିବ୍ୟ-ସଂକଳ୍ପ ଯେପରି ତୁମକୁ କାର୍ଯ୍ୟରେ ନିୟୋଜିତ କରେ ! ଏତିକି କଲାପରେ ଦେଖିବ ତୁମେ ଅହଂକାରର ବ୍ୟାଧିରୁ ଆରୋଗ୍ୟ ଓ ମୁକ୍ତ ହୋଇ ଯାଇଛ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୮୭)

## ଦିବ୍ୟାଦେଶ – ପୁନର୍ବାର

## ମନୋଜ ଦାସ

''ଯେଉଁମାନେ ତୁମ ପାଇଁ ଏବଂ ତୁମ ଭିତରେ ଜୀବନଧାରଣ କରନ୍ତି, ସେମାନେ ସେମାନଙ୍କ ସ୍ଥୂଳ ପରିବେଶ, ସେମାନଙ୍କ ଅଭ୍ୟାସ, ଜଳବାୟୁ, ପରିପାର୍ଶ୍ୱ ପରିବର୍ତ୍ତନ ହେଲେ ମଧ୍ୟ ସର୍ବତ୍ର ସେମାନେ ପାଆନ୍ତି ଏକ ହିଁ ବାତାବରଣ; ସେମାନେ ନିଜ ନିଜ ଭିତରେ ହିଁ ବହନ କରୁଥା'ନ୍ତି ସେ ବାତାବରଣ, ତୁମ ଉପରେ ସର୍ବଦା ନିବଦ୍ଧ ସେମାନଙ୍କ ଭାବନା ଭିତରେ । ସର୍ବତ୍ର ସେମାନେ ନିଜ ଘରେ ରହିଥିବାର ଅନୁଭବ କରନ୍ତି, କାରଣ ସର୍ବତ୍ର ସେମାନେ ରହିଥା'ନ୍ତି ତୁମ ଘରେ ।''

ଶ୍ରୀମା (୯ ମାର୍ଚ୍ଚ, ୧୯୧୪)[୧]

ଯେଉଁ ଧରଣର ଅନିଶ୍ଚୟତା ଓ ଅସୁବିଧା ସହ୍ୟ କରି ଚନ୍ଦନନଗରରେ ଶ୍ରୀଅରବିନ୍ଦଙ୍କୁ ପ୍ରାୟ ଦେଢ଼ ମାସ କାଳ ଅତିବାହିତ କରିବାକୁ ପଡ଼ିଥିଲା, ସେସବୁର ମାତ୍ରା ଆଲିପୁର ପ୍ରେସିଡେନ୍ସି କାରାଗାରରେ ତାଙ୍କ ଅଭିଜ୍ଞତା ତୁଳନାରେ ବହୁ ଅଧିକ ଥିଲା । କିନ୍ତୁ କୌଣସି ଚିଠିପତ୍ର ବା କଥାବାର୍ତ୍ତାରେ ସେ ଘୁଣାକ୍ଷରେ ତାହା ଉପରେ ମନ୍ତବ୍ୟ ଦେଇ ନାହାନ୍ତି । ଅବଶ୍ୟ କାରାବାସ ସକାଶେ ସେ ବାଧ୍ୟ ହୋଇଥିଲେ । ଚନ୍ଦନନଗରରେ ଆତ୍ମଗୋପନ ତାଙ୍କ ସ୍ୱେଚ୍ଛାକୃତ ସିଦ୍ଧାନ୍ତ । ସେତେବେଳେ ପ୍ରଖର ଭାବେ ଚାଲିଥିଲା ତାଙ୍କ ଯୋଗ । ''ଚନ୍ଦନନଗରରେ ସେ ସମ୍ପୂର୍ଣ୍ଣ ଭାବେ ନିଃସଙ୍ଗ ଧ୍ୟାନମଗ୍ନ ହେଲେ ଏବଂ ସ୍ଥଗିତ ରଖିଲେ ଅନ୍ୟାନ୍ୟ ଯାବତୀୟ କାର୍ଯ୍ୟକଳାପ ।''[୨]

ଯେତେବେଳେ ପ୍ରଭାବଶାଳୀ ଚାରୁଚନ୍ଦ୍ର ରାୟ ଶ୍ରୀଅରବିନ୍ଦଙ୍କୁ ଆଶ୍ରୟ ଦେବାକୁ ତତ୍ପର ହେବା ପରିବର୍ତ୍ତେ ଦୂତ ରୂପେ ଆସିଥିବା ବୀରେନ୍‌ଙ୍କୁ ମହାର୍ଘ୍ୟ ଉପଦେଶ ପ୍ରଦାନ କରୁଥିଲେ, ସେତେବେଳେ ଶ୍ରୀଶଚନ୍ଦ୍ର ଘୋଷ ନାମକ ଜଣେ ଯୁବକ ତହିଁ ଉପସ୍ଥିତ ଥିଲେ । ଯୁବକଟି ରାୟ ମହାଶୟଙ୍କ ଛାତ୍ର ହୋଇଥିବା ଦୃଷ୍ଟିରୁ ତାଙ୍କ ହାସ୍ୟକର ଉପଦେଶର ପ୍ରତିବାଦ କରିପାରିଲେ ନାହିଁ, କିନ୍ତୁ ତତ୍କ୍ଷଣାତ୍ ଯାଇ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ମୋତିଲାଲ ରାୟଙ୍କୁ ସମ୍ବାଦଟି ଦେଲେ । ମୋତିଲାଲ ଥିଲେ 'ବନ୍ଦେ ମାତରମ୍'ର ଗ୍ରାହକ ଏବଂ ଶ୍ରୀଅରବିନ୍ଦଙ୍କ ଅଜ୍ଞାତରେ ତାଙ୍କର ଏକାନ୍ତ ଅନୁଗତ । ସେ ତତ୍କ୍ଷଣାତ୍ ଯାଇ ନଦୀ ଘାଟରେ ପହଞ୍ଚିଲେ । କୁହୁଡ଼ି ଜନିତ ଛାୟାନ୍ଧକାର ଭିତରେ ସେ କଲିକତାରୁ ଆଗତ ନୌକାଟି ଠାବ କଲେ । ନୌକାର ଚାଳି ବାହାରେ ବସିଥିଲେ ଜଣେ ଚିନ୍ତିତ ଯୁବକ । ତାଙ୍କ ପାଖକୁ ସତର୍କ ଭାବେ ଯାଇ ସେ ଭିତରେ ଶ୍ରୀଅରବିନ୍ଦ ଅଛନ୍ତି କି ବୋଲି ପ୍ରଶ୍ନ କଲେ । ଯୁବକ ତାଙ୍କ ଆଡ଼େ ତୀବ୍ର ଦୃଷ୍ଟିପାତ କରି ସମ୍ଭବତଃ ଠଉରାଇ ନେଲେ ଯେ ଆଗନ୍ତୁକ ଗୁପ୍ତଚର ନୁହନ୍ତି । ସେ ତାଙ୍କୁ ଭିତରକୁ ନେଲେ । ଶ୍ରୀଅରବିନ୍ଦ କାଠପଟା ଉପରେ ଚେଇଁ ଶୋଇଥା'ନ୍ତି । ମୋତିଲାଲ ଆପଣାର ପରିଚୟ ଦେଲେ ଓ ତାଙ୍କୁ ନିଜ ଘରେ ଠାଇଁ ଦେବାର ପ୍ରସ୍ତାବ କଲେ । ଶ୍ରୀଅରବିନ୍ଦ ସମ୍ମତି ଦିଅନ୍ତେ ତାଙ୍କ ନିର୍ଦ୍ଦେଶରେ ନାଉରୀ ଘାଟଠାରୁ କିଛି ଦୂରରେ ଶ୍ମଶାନ ତଟରେ ନୌକା ଲଗାଇଲା । କାରଣ ଘାଟକୁ ସେତେବେଳକୁ ଉଷାସ୍ନାନ ମାନସରେ ଲୋକେ ଆସିବାକୁ ଆରମ୍ଭ କରିଥା'ନ୍ତି ।

ସୁରେଶ ଓ ବୀରେନ୍ ବିଦାୟ ନେଲେ ଏବଂ ଦୁହିଁଙ୍କୁ ଧରି ନୌକା କଲା କଲିକତା ପ୍ରତ୍ୟାବର୍ତ୍ତନ । ସେମାନଙ୍କର ମନେ ପଡ଼ିଲା ଯେ ଗତକାଲିର ମଧ୍ୟାହ୍ନ ଭୋଜନ ପରେ ସେ ଯାଏ ଦାନାଟିଏ ମଧ୍ୟ ପେଟରେ ପଡ଼ି ନାହିଁ । ଉତ୍ତରପଡ଼ାଠାରେ ନୌକା ଅଟକାଇ ସେମାନେ ଏକ ଦୋକାନରେ କିଛି ଆହାର କରି ସନ୍ଧ୍ୟା ସୁଦ୍ଧା କଲିକତାରେ ଉପନୀତ ହେଲେ ।

ଗୋଟାଏ ନିର୍ଜନ ପଥ ଦେଇ ମୋତିଲାଲ ଶ୍ରୀଅରବିନ୍ଦଙ୍କୁ ଧରି ତାଙ୍କ ଘରେ ପହଞ୍ଚିଲେ । ତାଙ୍କ ବୈଠକଖାନାରେ ଶ୍ରୀଅରବିନ୍ଦ କିଛି ସମୟ ବିଶ୍ରାମ କରିବା ଅନ୍ତେ ମୋତିଲାଲ ତାଙ୍କୁ କୋଠାର ଉପର ମହଲାକୁ ନେଇ ଗଲେ ଏବଂ ଗୋଟାଏ ଅନ୍ଧକାର, ବାୟୁ ଚଳାଚଳ ବିରହିତ କୋଠରିର ତାଲା

ଖୋଲିଲେ । ଭିତରେ ଠୁଳ ଆସବାବପତ୍ର ଏବଂ କୋଠରିଟି ଅସଂଖ୍ୟ ଅସରପା, ବୁଢ଼ିଆଣୀ ଏବଂ ସ୍ଥାନୀୟ ନାନାଦି କିସମର ପୋକ ପତଙ୍ଗଙ୍କ ଉପନିବେଶ । ସେ ଗୋଟାଏ ଚୌକି ଝାଡ଼ିଝୁଡ଼ି ଦେଲେ ଏବଂ ତହିଁ ପରେ ଉପବିଷ୍ଟ ହେଲେ ସେ ଅପ୍ରତ୍ୟାଶିତ ଓ ଅନନ୍ୟ ଅତିଥି । ତାଙ୍କ ଉପସ୍ଥିତି କେହି ଜାଣିବେ ନାହିଁ । ମୋତିଲାଲ ତାଙ୍କ ନିଜ ପାଇଁ ପତ୍ନୀ ପରଷି ଦେଇଥିବା ଜଳଖିଆ ଧରି ଆସି ଶ୍ରୀଅରବିନ୍ଦଙ୍କ ପାଖରେ ପହଞ୍ଚିଲେ । ଉର୍ଦ୍ଧ୍ୱ-ଦୃଷ୍ଟି ହୋଇ ନିଶ୍ଚଳ ବସିଥା'ନ୍ତି ଅତିଥି । ମୋତିଲାଲ ଲେଖିଛନ୍ତି :

''ଶ୍ରୀଅରବିନ୍ଦ ଆତ୍ମମଗ୍ନ ଅବସ୍ଥାରେ ଥା'ନ୍ତି । ସେ ବସ୍ତୁତଃ ଥିଲେ ଭଗବାନଙ୍କ ବାହୁରେ ଶାୟିତ । ସେ କଥା କହିଲା ବେଳେ ମନେ ହେଉଥାଏ ଆଉ କେହି ଯେମିତି ତାଙ୍କୁ ସେତକ କହିବା ନିମନ୍ତେ ପ୍ରବର୍ତ୍ତାଉଛି ! ଏପରିକି ତାଙ୍କ ହସ୍ତଚାଳନା ପଶ୍ଚାତରେ ମଧ୍ୟ ଯେପରି କି ଅନ୍ୟ କୌଣସି ଶକ୍ତି ରହିଥିଲା ! ମୁଁ ତାଙ୍କ ଆଗରେ ଜଳଖିଆ ରଖି ଦେଲି । ସେ ସାମାନ୍ୟ ଗ୍ରହଣ କଲେ ଯାନ୍ତ୍ରିକ ଭାବରେ ।''(୩)

ମଧ୍ୟାହ୍ନ ପରେ ପରେ ନିସ୍ତବ୍ଧତା ବିରାଜୁ ଥାଏ । ମୋତିଲାଲ ଶ୍ରୀଅରବିନ୍ଦଙ୍କୁ ଛୋଟ ଅଗଣାକୁ ଆଣି, କୂଅରୁ ଦୁଇ ବାଲତି ପାଣି କାଢ଼ି ସ୍ନାନ କରାଇ ଦେଲେ । ଶୀତ ଋତୁ; କୂଅର ପାଣି ଅତୀବ ଶୀତଳ । କିନ୍ତୁ ଅତିଥିଙ୍କ ପାଖରେ ମୋତିଲାଲ ସାମାନ୍ୟତମ ଅସ୍ୱସ୍ତିର ଲକ୍ଷଣ ଦେଖିଲେ ନାହିଁ । ଦିବାହାର ପାଇଁ ତାଙ୍କୁ ଘର ତିଆରି ଖାଦ୍ୟ ଦିଆଯାଇ ପାରିଲା ନାହିଁ – କାଳେ ପତ୍ନୀ ଜାଣିଯିବେ ! ଦୋକାନରୁ ଆନୀତ ଅଶୁଦ୍ଧ ଘିଅ ତିଆରି ପଦାର୍ଥ କିନ୍ତୁ ଅତିଥି ନିର୍ବିକାରରେ ଗ୍ରହଣ କଲେ । ସେ ପ୍ରଥମ ରାତ୍ରିରେ ମୋତିଲାଲ ତାଙ୍କର ଜଣେ ଅତ୍ୟନ୍ତ ବିଶ୍ୱାସୀ ବନ୍ଧୁଙ୍କ ଘରେ ଅତିଥିଙ୍କର ଶୟନ ବ୍ୟବସ୍ଥା କଲେ । କିନ୍ତୁ ପରଦିନ ସନ୍ଧ୍ୟାରେ ଅତିଥି ସେ ସ୍ଥାନ ପରିତ୍ୟାଗ କରିବାର ଇଚ୍ଛା ପ୍ରକଟ କରନ୍ତେ ମୋତିଲାଲ ତାଙ୍କୁ ପୁନର୍ବାର ନିଜ ଘରକୁ ନେଇ ଆସି ତାଙ୍କ କୋଠାର ତଳ ମହଲାରେ ବହୁ ଦିନରୁ ଅବ୍ୟବହୃତ ଗୋଟିଏ ନାନାଦି ସରଞ୍ଜାମ ଭର୍ତ୍ତି କୋଠରିର ଏକାଂଶ ପରିଷ୍କାର କରି, ସରୁ ଶେଯଟିଏ ପ୍ରସ୍ତୁତ କରି ମଶାରିଟିଏ ଟଙ୍ଗାଇ ତାଙ୍କ ଶୟନର ବ୍ୟବସ୍ଥା କରି ଦେଲେ । ଚାରିପଟେ ଭଙ୍ଗା ଚୌକି ଓ ଅନ୍ୟାନ୍ୟ ବସ୍ତୁ ରଖିଦେଲେ – ଯେମିତି କେହି ଅତିଥିଙ୍କୁ ଦେଖି ନ ପାରିବେ ।

ମୋତିଲାଲ ଲେଖିଛନ୍ତି : ''ଶଯ୍ୟା ଗ୍ରହଣ କରି ସେ କହିଲେ, 'ତୁମେ ଯାଅ । ମୁଁ ଏଇଠି ସୁବିଧାରେ ରହିବି ।' ମୁଁ ବୁଝିଲି, ତାଙ୍କ କାମ୍ୟ ନିର୍ଜନତା । ପୂର୍ବ ରାତିରେ ଅନ୍ୟ କେହି ତାଙ୍କ କୋଠରିରେ ଶୋଇଥିବା ଯୋଗୁଁ ତାଙ୍କ ସାଧନାରେ ବ୍ୟାଘାତ ଘଟିଛି ।''(୪)

ମୋତିଲାଲ ଅତିଥିଙ୍କ ପାଖରେ ପିଇବା ପାଣି ମଧ୍ୟ ରଖି ନଥିଲେ । ପ୍ରତ୍ୟୁଷରେ ସେ ଉଙ୍କିମାରି ଦେଖିଲେ, ଶ୍ରୀଅରବିନ୍ଦ ନିଦ୍ରାଭିଭୂତ ।

ମୋତିଲାଲଙ୍କର ସେ ଦୁର୍ଲଭ ଐଶ୍ୱର୍ଯ୍ୟ କିନ୍ତୁ ଗୋପନ ରହିଲା ନାହିଁ । କିଛି କ୍ଷଣ ଉତ୍ତାରୁ, ସେ ବନ୍ଦ କୋଠରିକୁ ଯିବାର କୌଣସି ହେତୁ ନଥିଲେ ମଧ୍ୟ ପତ୍ନୀ ପଶିଗଲେ । ଆସବାବପତ୍ର ସେପାରିରୁ ଯୋଡ଼ିଏ ଅପୂର୍ବ ନୟନ ତାଙ୍କ ଉପରେ ନିବଦ୍ଧ ଥିବାର ଦେଖି ଭଦ୍ରମହିଳା ଯେ ମୂର୍ଚ୍ଛା ଗଲେ ନାହିଁ, ତାହା ତାଙ୍କ ବ୍ୟକ୍ତିତ୍ୱର ପରିଚୟ ।

ସ୍ୱାମୀଙ୍କ ସହ ମୁହାଁମୁହିଁ ହୋଇ ଅଚିରେ ଭଦ୍ରମହିଳା ରହସ୍ୟ ଉଦ୍‌ଘାଟନ କଲେ । ପରବର୍ତ୍ତୀ ଚାରି ପାଞ୍ଚଦିନ ସେ ନିଷ୍ଠାପର ଭାବରେ ଶ୍ରୀଅରବିନ୍ଦଙ୍କର ଚର୍ଚ୍ଚା କଲେ । ପୂର୍ବୋକ୍ତ ଶ୍ରୀଶଚନ୍ଦ୍ରଙ୍କ ବ୍ୟବସ୍ଥା ଅନୁସାରେ ଅନ୍ୟ ଜଣେ ଯୁବକ ନରେନ୍ଦ୍ରନାଥ ବନ୍ଦୋପାଧ୍ୟାୟ ମଧ୍ୟ ମଧ୍ୟେ ମଧ୍ୟେ ଅତିଥିଙ୍କ ପାଇଁ ଆହାର ପଠାଉଥିଲେ । ଶ୍ରୀଅରବିନ୍ଦଙ୍କ ନିରାପତ୍ତା ନିମନ୍ତେ ଶ୍ରୀଶଚନ୍ଦ୍ର ହିଁ ସବୁଠାରୁ ଅଧିକ ଉତ୍କଣ୍ଠିତ ଥିବାର ଧାରଣା ହୁଏ । ବିପ୍ଳବଧର୍ମୀ ଆଉ କେତେଜଣ ଅନ୍ତରଙ୍ଗ ବନ୍ଧୁଙ୍କୁ ସେ ପରିସ୍ଥିତି ସମ୍ପର୍କରେ ଅବହିତ କରି ରଖିଥିଲେ । ଗୋଟାଏ ସ୍ଥାନରେ ଅତିଥି ବେଶୀ ଦିନ ରହିବା ବିଜ୍ଞତା ହେବ ନାହିଁ ବୋଲି ସିଦ୍ଧାନ୍ତ କରି ଶ୍ରୀଶଚନ୍ଦ୍ର ଓ ବନ୍ଧୁବର୍ଗ ମୋତିଲାଲଙ୍କୁ ନିଶାର୍ଦ୍ଧରେ ନେଇ ସହରର ଦକ୍ଷିଣ ସୀମାରେ ଛାଡ଼ି ଦେବାକୁ ପ୍ରବର୍ତ୍ତାଇଲେ । ମୋତିଲାଲଙ୍କ ପରିବାରର ଗୋଟାଏ ଘୋଡ଼ା ଗାଡ଼ି ଥିଲା । ଗାଡ଼ିଆଳକୁ ନ ଡାକି ସେ ନିଜେ ଗାଡ଼ିରେ ଯୋଡ଼ିଏ ଘୋଡ଼ା ଯୋଖି ଜନଶୂନ୍ୟ ଅନ୍ଧକାର ପଥରେ ଅତିଥିଙ୍କୁ ଯଥା ସ୍ଥାନକୁ ନେଇଗଲେ । ସେଠାରେ ଅତିଥିଙ୍କ ପରବର୍ତ୍ତୀ ତତ୍ତ୍ୱାବଧାରକମାନେ ଅପେକ୍ଷା କରିଥିଲେ । ମୋତିଲାଲ ଓ ସେମାନଙ୍କ ଭିତରେ କୌଣସି କଥାବାର୍ତ୍ତା ହେଲା ନାହିଁ ।

ଏଥର ଆଶ୍ରୟଦାତା ହେଲେ ନରେନ୍ଦ୍ରନାଥ ବନ୍ଦୋପାଧ୍ୟାୟ । କିଛିଦିନ ପରେ 'କରଙ୍କ ବଗିଚା' ନାମକ ଗୋଟାଏ ପରିସରକୁ ସ୍ଥାନାନ୍ତରିତ ହେଲେ ଅତିଥି । ନରେନ୍ଦ୍ରଙ୍କ ସ୍ମୃତିଚାରଣ :

''ମୁଖ୍ୟ ରାସ୍ତା ଦେଇ 'କରଙ୍କ ବଗିଚା'ରେ ପ୍ରବେଶ

କରିବାକୁ ବାରଣ କରିଥିଲେ ଶ୍ରୀଶଚନ୍ଦ୍ର । ବଗିଚାର ପଛପଟର କାନ୍ଥର କିୟଦଂଶ ଧସି ଯାଇଥାଏ । ଗୋଟାଏ ଗଳି ଦେଇ ଯାଇ ସେହି ବାଟେ ବଗିଚା ଭିତରେ ପ୍ରବେଶ କଲାବେଳେ ଅନ୍ଧକାରରେ ଆମେ ଦୁହେଁ ପରସ୍ପର ଉପରେ ହାମୁଡ଼ି ପଡ଼ିଲୁ । ଶ୍ରୀଅରବିନ୍ଦ ମୃଦୁ ଭାବେ ହସିଲେ ଓ କହିଲେ କି ବ୍ରିଟିଶ ସରକାର ସେମାନଙ୍କୁ ଅପ୍ରାକୃତିକ ମୃତ୍ୟୁ ମୁହଁକୁ ଠେଲି ଦେବ ପରା !''

କିନ୍ତୁ ବଗିଚା ଭିତରର ପରିତ୍ୟକ୍ତ ଘରଟି ମଧ୍ୟ ନିରାପଦ ମନେ ହେଲା ନାହିଁ । ସହରର ଉତ୍ତର ଭାଗରେ, 'ଜଗନ୍ନାଥ ବାଟି' ପାଖରେ ନିର୍ଜନ ଘରଟିଏ ଜଣେ ବିପ୍ଲବବାଦୀ ଯୁବକ ସୁଦର୍ଶନ ଚଟ୍ଟୋପାଧ୍ୟାୟଙ୍କ ଅଧୀନରେ ସାମୟିକ ଭାବରେ ରହିଥାଏ । ଶ୍ରୀଅରବିନ୍ଦଙ୍କୁ ଭିତରେ ରଖି ସୁଦର୍ଶନ ପୂର୍ବାହ୍ନ ୯ଟା ବେଳେ ନିଜ କାମରେ ବାହାରି ଯାଉଥା'ନ୍ତି । ସନ୍ଧ୍ୟାରେ ଫେରୁଥା'ନ୍ତି । ଭିତରେ କିଛି ଆହାର ଓ ପାଣି ରଖି ଯାଉଥା'ନ୍ତି ସାରା ଦିନର ବନ୍ଦୀଙ୍କ ନିମନ୍ତେ ।(୬) ଏହା ପୂର୍ବରୁ ମଧ୍ୟ ଶ୍ରଅରବିନ୍ଦଙ୍କୁ ଚାଳଛାତ ଅଧା ଉଡ଼ି ଯାଇଥିବା ଗୋଟାଏ କୋଠରିରେ ରଖା ଯାଇଥାଏ । ଶ୍ରୀଶଚନ୍ଦ୍ରହିଁ ସବୁ ବ୍ୟବସ୍ଥା କରୁଥା'ନ୍ତି । କିନ୍ତୁ ସେ କୌଣସି ଧାରାବାହିକ ବିବରଣୀ ରଖି ଯାଇ ନାହାନ୍ତି । ଏ ସମସ୍ତ ପରିବର୍ତ୍ତନ ଭିତରେ ଶ୍ରୀଅରବିନ୍ଦ ଥିଲେ ନିର୍ବିକାର । ''ଚନ୍ଦନ ନଗରଠାରେ ଅବ୍ୟାହତ ଥାଏ ଶ୍ରୀଅରବିନ୍ଦଙ୍କର ନିବିଡ଼ ସାଧନା । ତାଙ୍କ ପରାଦୃଷ୍ଟିରେ ଉନ୍ମୋଚିତ ହେଉଥାଏ ସୂକ୍ଷ୍ମ ସ୍ତରର ନାନାଦି ଦୃଶ୍ୟ । ସେ ଧ୍ୟାନାବସ୍ଥାରେ ଦେଖୁଥା'ନ୍ତି ତିନି ଜଣ ଦେବୀଙ୍କୁ । ଧ୍ୟାନ ଶେଷ ବେଳକୁ ସେମାନେ ଚାଲି ଯାଉଥିଲେ । ପଣ୍ଡିଚେରୀ ଆସିବା ଅନ୍ତେ ଶ୍ରୀଅରବିନ୍ଦ ସେମାନଙ୍କୁ ବୈଦିକ ଦେବୀ ଇଳା, ମହୀ (ଭାରତୀ) ଏବଂ ସରସ୍ୱତୀ ରୂପେ ଜାଣିଲେ ।''(୭)

ମୋତିଲାଲ ତଥା ସେତେବେଳେ ଶ୍ରୀଅରବିନ୍ଦଙ୍କ ସହ ମିଶିବାର ସୁଯୋଗ ପାଇଥିବା ଅନ୍ୟ କେତେଜଣ ତାଙ୍କଠାରୁ ନିଜ ନିଜ ବୋଧଶକ୍ତି ଅନୁପାତରେ ଯେଉଁ ଆଲୋକ ପାଇଥିଲେ, ତାହା ଅବଶ୍ୟ ସେମାନଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ସର୍ବାଧିକ ଲାଭବାନ୍ ହୋଇଥିଲେ ମୋତିଲାଲ ।

''ଶ୍ରୀଅରବିନ୍ଦ ଯେଉଁ ୩୯ ଦିନ ଚନ୍ଦନନଗରରେ ରହିଥିଲେ, ସେତକ ସମୟ ଭିତରେ ମୋତିଲାଲ ବନି ଯାଇଥିଲେ ତାଙ୍କର ଏକାନ୍ତ ଅନୁଗତ ଭକ୍ତ । ତାଙ୍କୁ ମାଧ୍ୟମ କରି ପଣ୍ଡିଚେରୀରୁ କେତେବର୍ଷ ଯାଏ ଶ୍ରୀଅରବିନ୍ଦ ତାଙ୍କ ବୈପ୍ଳବିକ ରାଜନୈତିକ ଚିନ୍ତାଧାରା ପ୍ରେରଣ କରୁଥିଲେ ଏବଂ ତାହା ବ୍ୟାପକ ପ୍ରସାର ଲାଭ କରୁଥିଲା । ସେସବୁ ଚିନ୍ତାଧାରାର ପ୍ରବର୍ତ୍ତକ ସ୍ୱୟଂ ସୁଦୂର ଫରାସୀ ଉପନିବେଶ ପଣ୍ଡିଚେରୀରେ ରହିଥିଲେ ଅଜ୍ଞାତ ରୂପେ । ମୋତିଲାଲ କିନ୍ତୁ ରାତାରାତି ବିଖ୍ୟାତ ହୋଇଗଲେ । ଅବଶ୍ୟ ପର୍ଦ୍ଦା ଅପସରି ଗଲା ୧୯୧୪ ଅଗଷ୍ଟ ୧୫ ତାରିଖରେ 'ଆର୍ଯ୍ୟ'ର ପ୍ରକାଶନ ଫଳରେ ।''(୮)

ଯେଉଁଭଳି ସ୍ୱତଃସ୍ଫୂର୍ତ୍ତ ଭକ୍ତି ଶ୍ରଦ୍ଧା ଯୋଗେ ମୋତିଲାଲ ଶ୍ରୀଅରବିନ୍ଦଙ୍କୁ ସ୍ୱାଗତ କରିଥିଲେ ଏବଂ ୧୯୨୦ ମସିହା ପର୍ଯ୍ୟନ୍ତ ତାଙ୍କ ଅନୁଗତ ଭାବରେ କାର୍ଯ୍ୟ କରିଥିଲେ, ସେ ପାଇଁ ତାଙ୍କର ପ୍ରାପ୍ୟ ପ୍ରଭୂତ କୃତଜ୍ଞତା ।(୯)

ମୋତିଲାଲ ନିଜ ସ୍ମୃତିଚାରଣରେ ଠାଏଁ ଲେଖିଛନ୍ତି, ସେ ଶ୍ରୀଅରବିନ୍ଦଙ୍କୁ ଶ୍ରୀଶଚନ୍ଦ୍ରଙ୍କ ହେପାଜତରେ ଛାଡ଼ିବା ପରେ ପ୍ରାୟ ମାସେ କାଳ ଆଉ ଦେଖି ନ ଥିଲେ । ଅବଶ୍ୟ ଅନ୍ୟତ୍ର ସେ ଭିନ୍ନ କଥା ଲେଖିଛନ୍ତି । ସେ ଯାହାହେଉ, ୧୯୧୦ ମସିହା ମାର୍ଚ୍ଚ ୩୦ ତାରିଖ ମଧ୍ୟରାତ୍ରରେ ସେ ସ୍ୱଗୃହ ଦରଜାରେ ଶୁଣିଲେ ଶବ୍ଦ । ଶ୍ରୀଶଚନ୍ଦ୍ର ଆସିଥିଲେ ଏହି ବାର୍ତ୍ତା ନେଇ : ଶ୍ରୀଅରବିନ୍ଦ ଚନ୍ଦନନଗର ତ୍ୟାଗ କରୁଛନ୍ତି । ସେ ତାଙ୍କର ପ୍ରଥମ ହିତୈଷୀ ମୋତିଲାଲଙ୍କଠାରୁ ବିଦାୟ ନେବାକୁ ଚାହାନ୍ତି । ଜ୍ୟୋତ୍ସ୍ନା ପ୍ଲାବିତ ରଜନୀ । ଶ୍ରୀଅରବିନ୍ଦ ଘାଟରେ ଅପେକ୍ଷା କରିଥିଲେ । ମୋତିଲାଲ ତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଲେ । ପରେ ପରେ ନୌକା ଛାଡ଼ି ଦେଲା । ଶ୍ରୀଅରବିନ୍ଦଙ୍କ ସହଯାତ୍ରୀ ଥିଲେ ଶ୍ରୀଶଚନ୍ଦ୍ର ଏବଂ ସୁଦର୍ଶନ ।

''ସୁପରିଚିତ କଣ୍ଠସ୍ୱର''ରୁ ଶ୍ରୀଅରବିନ୍ଦ ପୁନର୍ବାର ପାଇଥିଲେ ନିର୍ଦ୍ଦେଶ । ୧୯୩୮ ମସିହା ଡିସେମ୍ବର ୧୮ ତାରିଖରେ ତାଙ୍କ ସେବକ-ଶିଷ୍ୟମାନଙ୍କ ସହ କଥାବାର୍ତ୍ତାର ବିବରଣୀରେ ଆମେ ପଢ଼ୁଁ :

ଶ୍ରୀଅରବିନ୍ଦ : ମୋର ପରବର୍ତ୍ତୀ ପଦକ୍ଷେପ ଉପରେ ଚିନ୍ତା କରୁଥିଲି । ଶୁଣିଲି ଆଦେଶ : 'ପଣ୍ଡିଚେରୀ ପ୍ରସ୍ଥାନ କର !'

ଡଃ. ମଣିଲାଲ : ପଣ୍ଡିଚେରୀ କାହିଁକି ?

ଶ୍ରୀଅରବିନ୍ଦ : ମୁଁ ସେ ପ୍ରଶ୍ନ କରିପାରି ନ ଥା'ନ୍ତି । ତାହା ଥିଲା ଶ୍ରୀକୃଷ୍ଣଙ୍କ ଆଦେଶ । ମୁଁ ପାଳନ କରିବାକୁ ବାଧ୍ୟ । ପରେ ବୁଝିଲି; ତାହା ଆଶ୍ରମ ପାଇଁ, ଯୌଗିକ କର୍ମ ପାଇଁ ।(୧୦)

୧୯୩୯ ଜାନୁଆରୀ ୨୧ ତାରିଖରେ ଡଃ. ସତ୍ୟେନ୍ଦ୍ର ତାଙ୍କୁ ପଚାରିଲେ, ''ସେଭଳି 'ଆଦେଶ' ମାନିବାରେ ଭୁଲ୍

ହେବାର ସମ୍ଭାବନା ନ ଥାଏ ?'' ଉତ୍ତରରେ ଶ୍ରୀଅରବିନ୍ଦ କହିଲେ, ''ଯେଉଁ ସ୍ୱର ମୋ ପାଖରେ ପହଞ୍ଚିଲା, ତାକୁ ଭୁଲ୍ ଭାବିବା କିଂବା ଅମାନ୍ୟ କରିବାର ଚିନ୍ତା ମଧ୍ୟ ଥିଲା ଅସମ୍ଭବ । ଏମିତି ସ୍ୱର ଥାଏ, ଯାହା ସମ୍ପର୍କରେ ସନ୍ଦେହ ଅଥବା ଭୁଲ୍‌ର ସମ୍ଭାବନା ହିଁ ନଥାଏ ।''(୧୧)

ଶ୍ରୀଅରବିନ୍ଦଙ୍କ ଗନ୍ତବ୍ୟ ସମ୍ପର୍କରେ କଲିକତାର ମାତ୍ର ଦୁଇଜଣ ବ୍ୟକ୍ତି ଜାଣିଥିଲେ : ସୁକୁମାର ମିତ୍ର (ମଉସା କୃଷ୍ଣ କୁମାର ମିତ୍ରଙ୍କ ପୁତ୍ର) ଏବଂ ସୁରେଶ ଚକ୍ରବର୍ତ୍ତୀ ଯାହାଙ୍କ ଡାକ ନାମ ଥିଲା ମନି । ସମ୍ପ୍ରତି ଜାତୀୟ ଐତିହ୍ୟ ରୂପେ ମର୍ଯ୍ୟାଦା ଲାଭ କରି ସଂରକ୍ଷିତ ହେବା ନିମନ୍ତେ ମନୋନୀତ କୋଠା, କୃଷ୍ଣ କୁମାରଙ୍କ ୬ ନମ୍ବର କଲେଜ ସ୍କୋଆର ଗୃହ ହିଁ ଥିଲା ଶ୍ରୀଅରବିନ୍ଦଙ୍କର ଶେଷ ନିବାସ । ପଣ୍ଡିଚେରୀ ଅଭିମୁଖୀ ଜାହାଜରେ ଯଥାଶୀଘ୍ର ଦୁଇଟି ବର୍ଥର ବ୍ୟବସ୍ଥା କରି ଶ୍ରୀଅରବିନ୍ଦଙ୍କର ଲୁଗାପଟା ଓ ବହିପତ୍ର ବାକ୍ସବନ୍ଦୀ କରି ସେ ସଂରକ୍ଷିତ କକ୍ଷରେ ରଖି ଦେବାର ନିର୍ଦ୍ଦେଶ ପାଇଥିଲେ ସୁକୁମାର । ଅଠର ବର୍ଷ ବୟସ୍କ ସୁରେଶଙ୍କ ପ୍ରତି ନିର୍ଦ୍ଦେଶ ଥାଏ, ଶ୍ରୀଅରବିନ୍ଦଙ୍କର ଏକ ପତ୍ର ବହନ କରି ସେ ଅବିଳମ୍ବେ ପଣ୍ଡିଚେରୀ ଯାଇ ଜଣେ ସ୍ଥାନୀୟ ଜାତୀୟବାଦୀ ନେତାଙ୍କୁ ଭେଟିବେ । ଶ୍ରୀଅରବିନ୍ଦଙ୍କ ସହଯାତ୍ରୀ ହେବେ ବିପ୍ଳବୀ ଯୁବକ ବିଜୟ ନାଗ ।

କେଡ଼େ ଗୋପନରେ, କେଉଁ ମାଧ୍ୟମରେ ଏସବୁ ବ୍ୟବସ୍ଥା ହୋଇ ପାରିଥିଲା ସେସବୁ ଅଜ୍ଞାତ । ମେସେଜାରି ମାରିଟାଇମ୍‌ସ୍ ନାମକ ସଂସ୍ଥାର ଯାତ୍ରୀବାହୀ ଜାହାଜ ଏସ୍. ଏସ୍. ଡୁପ୍ଲେ ପଣ୍ଡିଚେରୀ ଓ କଲମ୍ବୋ ଛୁଇଁ ଫ୍ରାନ୍‌ସ ଅଭିମୁଖେ ୧ ତାରିଖ ଏପ୍ରିଲରେ ଯାତ୍ରାରମ୍ଭ କରିବାର ଥାଏ । ସୁକୁମାର ଜଣେ ବିପ୍ଳବ ପନ୍ଥୀ ତରୁଣ ନଗେନ୍ଦ୍ର କୁମାର ଗୁହରାୟ(ପରବର୍ତ୍ତୀ କାଳରେ ବିଶିଷ୍ଟ ରାଜନୀତିବିଦ୍ ଏବଂ ବଙ୍ଗଳାରେ 'ମହାଯୋଗୀ ଅରବିନ୍ଦ' ଗ୍ରନ୍ଥର ଲେଖକ)ଙ୍କ ଜରିଆରେ ଜ୍ୟୋତିନ୍ଦ୍ରନାଥ ମିତ୍ର ଏବଂ ବଙ୍କିମ ଚନ୍ଦ୍ର ଭୌମିକ (କିଂବା ବସାକ) ନାମରେ ଦୁଇ ଶଯ୍ୟା ବିଶିଷ୍ଟ କକ୍ଷଟିଏ ପାଇଁ ବ୍ୟବସ୍ଥା କଲେ । କୌଣସି ସନ୍ଦେହ ଏଡ଼ାଇବା ନିମନ୍ତେ କଲମ୍ବୋ ପର୍ଯ୍ୟନ୍ତ ଟିକେଟ କରାଗଲା ।

ମାର୍ଚ୍ଚ ୩୧ ତାରିଖ ଅପରାହ୍ଣରେ ଦୁଇ ଗୋଟି ଟ୍ରଙ୍କ୍‌ରେ ଭର୍ତ୍ତି ଶ୍ରୀଅରବିନ୍ଦଙ୍କ ଜିନିଷପତ୍ର ନଗେନ୍ଦ୍ର କୁମାର ଜାହାଜରେ ନେଇ ରଖି ଆସିଲେ ।

କଲିକତା ଉପକଣ୍ଠବର୍ତ୍ତୀ ଚାନ୍ଦପାଲ୍ ଘାଟ ନାମକ ଛୋଟ ବନ୍ଦର ଯାଏ ଶ୍ରୀଅରବିନ୍ଦଙ୍କ ଯାତ୍ରା ତିନି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାର ଥିଲା । ଆଗରପଡ଼ା ନାମକ ସ୍ଥାନରେ ନୌକା ପରିବର୍ତ୍ତନ କରି ଅମରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ସହ ଏକ ଭିନ୍ନ ନୌକାରେ ଉତ୍ତରପଡ଼ା ପର୍ଯ୍ୟନ୍ତ, ତତ୍ପରେ ନଗେନ୍ଦ୍ରନାଥଙ୍କ ସମେତ ଏକ ତୃତୀୟ ନୌକା ଯୋଗେ ବନ୍ଦର ପର୍ଯ୍ୟନ୍ତ । କିନ୍ତୁ ଉତ୍ତରପଡ଼ା ଘାଟଠାରେ ତୃତୀୟ ନୌକାର ଦେଖା ମିଳିଲା ନାହିଁ । ଅମରେନ୍ଦ୍ର ନାଥଙ୍କ ସିଦ୍ଧାନ୍ତ ଅନୁସାରେ ସେହି ନୌକାଟି ଗଲା କଲିକତା ଯାଏ । କିନ୍ତୁ ସେଠାରେ ମଧ୍ୟ କେହି ଅପେକ୍ଷା କରୁଥିବାର ଦେଖାଗଲା ନାହିଁ । ଏଣେ ଜାହାଜ ଛାଡ଼ିବା ସମୟ ପାଖ ହୋଇ ଆସୁଥାଏ । ଦୁହେଁ ନୌକା ଛାଡ଼ି ଗୋଟାଏ ଘୋଡ଼ାଗାଡ଼ିରେ କଲେଜ ସ୍କୋଆର୍‌ରେ ପହଞ୍ଚିଲେ । କିନ୍ତୁ ସେଠାରେ ସୁକୁମାର ନ ଥିଲେ । ଇତି ମଧ୍ୟରେ ଉତ୍ତରପଡ଼ାଠାରେ ଶ୍ରୀଅରବିନ୍ଦଙ୍କୁ ଠାବ କରି ନ ପାରି ଚାନ୍ଦପାଲ ଘାଟ ଯାଇ ସେଠାରୁ ପୁଣି ସୁକୁମାରଙ୍କ ଘରକୁ ଆସି ନଗେନ୍ଦ୍ରନାଥ ଜଣାଇଲେ ଯେ ଶ୍ରୀଅରବିନ୍ଦ ପହଞ୍ଚି ନାହାନ୍ତି । ଜାହାଜ ଭିତରକୁ ରାତ୍ରି ଏଗାରଟା ପରେ ପ୍ରବେଶ କରିବା ସମ୍ଭବ ହେବ ନାହିଁ ।

ସୁକୁମାରଙ୍କ ପରାମର୍ଶ ଅନୁସାରେ ନଗେନ୍ଦ୍ର କୁମାର ଜାହାଜକୁ ଯାଇ ଶ୍ରୀଅରବିନ୍ଦଙ୍କ ଜିନିଷପତ୍ର ବାହାର କରି ଆଣି ପୁଣି କଲେଜ ସ୍କୋଆର୍ ଆସିଲେ । କିନ୍ତୁ ଇତି ମଧ୍ୟରେ ସୁକୁମାର ଓ ଶ୍ରୀଅରବିନ୍ଦ ସେଠାକୁ ଆସି ପୁଣି ଚାନ୍ଦପାଲ ଘାଟକୁ ଯିବାର ସମ୍ବାଦ ମିଳିଲା । ନଗେନ୍ଦ୍ର କୁମାର ସେଠାକୁ ଯାଇ ଅବଶେଷରେ ନିରୁଦ୍ଦିଷ୍ଟଙ୍କ ସନ୍ଧାନ ପାଇଲେ । ବିଜୟ ନାଗ ମଧ୍ୟ ଉପସ୍ଥିତ ହୋଇ ଯାଇଥିଲେ ।

କିନ୍ତୁ ପରୀକ୍ଷା ସମାପ୍ତ ହୋଇ ନ ଥିଲା ! ଯେଉଁ ଇଂରେଜ ଡାକ୍ତର ଯାତ୍ରୀମାନଙ୍କୁ ପରୀକ୍ଷା କରି ସେମାନେ ଭ୍ରମଣ ଯୋଗ୍ୟତା-ସମ୍ପନ୍ନ ବୋଲି ରାୟ ଦେବେ, ସେତେବେଳକୁ ସେ ଦିନକର କାମ ଶେଷ କରି ବିଦାୟ ନେଲେଣି ।

ଜଣେ କୁଲି କିନ୍ତୁ ସେମାନଙ୍କୁ ଡାକ୍ତରଙ୍କ ବସାକୁ ନେଇ ଯାଇ କାମ ସମ୍ପନ୍ନ କରାଇବାର ପ୍ରତିଶ୍ରୁତି ଦେଲା ଏବଂ ଜିନିଷପତ୍ର ସମେତ ସେମାନଙ୍କୁ ଘୋଡ଼ା ଗାଡ଼ିରେ ବସାଇ ଯଥା ସ୍ଥାନକୁ ନେଇଗଲା ।

ଓସ୍ତାଦ କୁଲି ଡାକ୍ତରଙ୍କ ପାଖକୁ ଇଙ୍ଗିତ ପ୍ରେରଣ କଲା ଅସମୟରେ ତାଙ୍କ ସେବାଦାନ ନିଷ୍ଫଳ ହେବ ନାହିଁ ! ଅପେକ୍ଷମାଣ ଯାତ୍ରୀଙ୍କ ଭିତରୁ ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ନିରବ ରହୁଥିବାର ଦେଖି କୁଲି ତାଙ୍କ ପାଖକୁ ଆସି ସାନ୍ତ୍ୱନା ପ୍ରଦାୟିନୀ କଣ୍ଠରେ କହିଲା, ''ବାବୁଜି ! ଆତଙ୍କିତ କାହିଁକି ? ଡାକ୍ତର

ଭଲ ମଣିଷ । ଭୟ ନାହିଁ ।'' ବାବୁଜିଙ୍କୁ ହିମ୍ମତ ଦେବା ନିମନ୍ତେ କୁଲି ତାଙ୍କ ସହ କରମର୍ଦନ ମଧ୍ୟ କଲା !

ଶ୍ରୀଅରବିନ୍ଦ ଟିକିଏ ହସିଲେ ମାତ୍ର ।

ଡାକ୍ତର ମହୋଦୟ ଉଭୟ ଯାତ୍ରୀଙ୍କୁ ଘର ଭିତରକୁ ଡକାଇଲେ ଓ କିଞ୍ଚିତ୍ ଆନୁଷ୍ଠାନିକ ପରୀକ୍ଷା କଲେ । ''ଜ୍ୟୋତିନ୍ଦ୍ର ନାଥ ମିତ୍ର'' ନାମକ ଭଦ୍ରଲୋକଙ୍କ ଇଂରାଜୀ ଶୁଣି ସେ ଆଚମ୍ଭିତ ହୁଅନ୍ତେ ଶ୍ରୀଅରବିନ୍ଦଙ୍କୁ କହିବାକୁ ହେଲା ଯେ ସେ କିଛି କାଳ ଇଂଲଣ୍ଡରେ ରହିଥିଲେ । ଭୟାବହ ବିପ୍ଳବୀ ଗୁରୁ ଶ୍ରୀଅରବିନ୍ଦ ନିରୁଦ୍ଦିଷ୍ଟ ଥିବା କଥା ସେତେବେଳେ ବାତାବରଣରେ କେତେ ପ୍ରକାର ଗୁଜବର ହେତୁ ହୋଇଥାଏ । କୌଣସି ଇଂରେଜ ସେ ସମ୍ପର୍କରେ ଅଜ୍ଞ ଥିବାର ପ୍ରଶ୍ନ ନ ଥିଲା । ସୌଭାଗ୍ୟର କଥା ଯେ ଡାକ୍ତର ସାହେବ ଶ୍ରୀଅରବିନ୍ଦଙ୍କ ଇଂରାଜୀର ପ୍ରଶଂସା କରିବା ବଦଳରେ ଅନ୍ୟ କୌଣସି ସନ୍ଦେହ ପ୍ରକଟ କଲେ ନାହିଁ । କୁଲିର ପ୍ରତିଶ୍ରୁତି – ସେ ଭଲ ମଣିଷ । ହୁଏତ ଆଦ୍ୟ ନିଶୀଥରେ ଟିକିଏ ଭିନ୍ନ ପାନୀୟ ତାଙ୍କୁ ଉଦାର କରି ରଖିଥାଏ । ନିଜର ପ୍ରାପ୍ୟ ପାଇ ସେ ଯାତ୍ରୀ ଦ୍ୱୟଙ୍କୁ ସହାସ୍ୟ ବିଦାୟ ଦେଲେ ।

ମନେହୁଏ ଶ୍ରୀଅରବିନ୍ଦ ପ୍ରାୟ ଛଅ ସପ୍ତାହ ତଳେ 'କର୍ମଯୋଗୀନ୍' କାର୍ଯ୍ୟାଳୟରୁ ଅକସ୍ମାତ୍ ବାହାରି ଆସିବା ମୁହୂର୍ତ୍ତରୁ ଏକ ପରେ ଏକ ଶୁଭଙ୍କର ଯୋଗାଯୋଗ ତାଙ୍କ ସହାୟତା କରୁଥାଏ । ସେ କୋଠା ଉପରେ ଅନବରତ ପୁଲିସ ଗୁପ୍ତଚରମାନେ ଆଖି ରଖିଥା'ନ୍ତି । କିନ୍ତୁ ଠିକ୍ ସେ ବାହାରି ଆସିବା ମୁହୂର୍ତ୍ତରେ ସେମାନେ ନ ଥିଲେ ବା ଅନ୍ୟମନସ୍କ ଥିଲେ । ଯେତେବେଳେ ଶ୍ରୀଅରବିନ୍ଦ ଲୋକଲୋଚନରୁ ଅଦୃଶ୍ୟ ହୋଇ ଯାଇଥିବା ସ୍ପଷ୍ଟ ହେଲା, ସେତେବେଳେ କର୍ତ୍ତୃପକ୍ଷ ଧରି ନେଲେ ଯେ ସେ କଲିକତାରେ ହିଁ କେଉଁଠାରେ ଆତ୍ମଗୋପନ କରିଛନ୍ତି । ପଡ଼ୋଶୀ ବିଦେଶୀ ମୂଳକ ଚନ୍ଦନନଗର ଭିତରକୁ ପ୍ରବେଶ କରିଥିବା ସମ୍ଭାବନା ସେମାନଙ୍କ ବିଚାରକୁ ଆସିଲା ନାହିଁ । କଲିକତା ତୁଳନାରେ ଅତ୍ୟନ୍ତ କ୍ଷୁଦ୍ର ସହର ଚନ୍ଦନନଗରରେ ତାଙ୍କୁ ଠାବ କରିବା ହୁଏତ ସହଜ ହୋଇଥା'ନ୍ତା । ଚନ୍ଦନନଗରରୁ ଶ୍ରୀଅରବିନ୍ଦ ସୁକୁମାର ମିତ୍ର ଏବଂ ଆଉ କାହା କାହା ସହ ଅବଶ୍ୟ ଯୋଗାଯୋଗ ରଖୁଥିଲେ । ସୁକୁମାର ତାଙ୍କର କିଛି ଲୁଗାପଟା ମଧ୍ୟ ଚନ୍ଦନନଗରକୁ ପଠାଇ ପାରିଥିଲେ । କିନ୍ତୁ ସି.ଆଇ.ଡ଼ି. ଏସବୁର ବିନ୍ଦୁବିସର୍ଗ ମଧ୍ୟ ଜାଣିପାରି ନ ଥିଲା ।

ଚାନ୍ଦପାଲ ଘାଟରେ ପହଞ୍ଚିବାର ଯୋଜନାରେ ବିଭ୍ରାଟ ଘଟିବା ମଧ୍ୟ ଥିଲା ଅଜ୍ଞାତ ଶୁଭଙ୍କର ଶକ୍ତିର ହସ୍ତକ୍ଷେପ । ପୂର୍ବ ପରିକଳ୍ପନା ଅନୁସାରେ ସବୁ ହୋଇ ଥିଲେ ଅନ୍ୟ ଯାତ୍ରୀଙ୍କ ସହିତ ଶ୍ରୀଅରବିନ୍ଦ ଏକା ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା ଭିତର ଦେଇ ଯିବା ବେଳେ ସେଠାରେ ନିଶ୍ଚିତ ଭାବେ ଉପସ୍ଥିତ ଥିବା ପୁଲିସ ଗୁପ୍ତଚରମାନଙ୍କ ଦୃଷ୍ଟି ଏଡ଼ାଇ ପାରି ନଥା'ନ୍ତେ ।

ଉକ୍ତ ଡାକ୍ତରଙ୍କ ବସା ଥିଏଟର ରୋଡ଼ (ଆଜିର ସେକ୍ସପିଅର ସରଣୀ)ରେ ଅବସ୍ଥିତ ଥିଲା । ସେହି ଥିଏଟର ରୋଡ଼ରେ ଥିବା ବାରିଷ୍ଟର ମନମୋହନ ଘୋଷଙ୍କ ଅଟ୍ଟାଳିକାରେ ଶ୍ରୀଅରବିନ୍ଦ ଜନ୍ମଗ୍ରହଣ କରିଥିଲେ ।

ରାତି ୧୧ଟାର ଅବ୍ୟବହିତ ପୂର୍ବରୁ ଦୁଇ ଯାତ୍ରୀ ତଥା ନଗେନ୍ଦ୍ର କୁମାର ଓ ଅମରେନ୍ଦ୍ର ନାଥ ଜାହାଜରେ ଶ୍ରୀଅରବିନ୍ଦଙ୍କୁ ତାଙ୍କ କକ୍ଷରେ ଛାଡ଼ିଲେ । ବିଜୟ ନାଗ ଶ୍ରୀଅରବିନ୍ଦଙ୍କ ପାଇଁ ଶଯ୍ୟା ପ୍ରସ୍ତୁତ କରୁଥା'ନ୍ତି । ଅମରେନ୍ଦ୍ର ଉତ୍ତରପଡ଼ାର ଜମିଦାର ରାଜେନ୍ଦ୍ର ମୁଖାର୍ଜି ଶ୍ରୀଅରବିନ୍ଦଙ୍କୁ ଭେଟି ସ୍ୱରୂପ ପଠାଇଥିବା କିଛି ଅର୍ଥ ତାଙ୍କୁ ହସ୍ତାନ୍ତର କଲେ ।

ସେ ଅବିସ୍ମରଣୀୟ ମୁହୂର୍ତ୍ତର ବର୍ଣ୍ଣନା ଦେଇଛନ୍ତି ନଗେନ୍ଦ୍ର କୁମାର :

''ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରଣିପାତ କଲି ତାଙ୍କ ପାଦ ଯୁଗଳ ଉପରେ ମୋ ଶିର ସ୍ଥାପନ କରି । ସେ ଦିବ୍ୟ ଶରୀର ସ୍ପର୍ଶ କରି ମୁଁ ଅଭିଭୂତ ହେଲି । ସେ ଦିନ ଗଙ୍ଗା ବକ୍ଷରେ ଭାସମାନ ଜାହାଜରେ ଦେବତାଙ୍କୁ ବିଦାୟ ଦେଇ ପ୍ରତ୍ୟାବର୍ତ୍ତନ କଲାବେଳେ ଆମକୁ ଆଛନ୍ନ କରିଥାଏ ସେହିଭଳି ବିଷଣ୍ଣତା ଯାହା ବିଜୟା ଦଶମୀ ଦିନ ଦେବୀଙ୍କୁ ବିସର୍ଜନ ଦେବା ଅନ୍ତେ ଅନୁଭୂତ ହୋଇଥାଏ ।''(୨)

ଦୁଇ ଯୁବକ ବାହାରି ଆସିବା ସଙ୍ଗେ ସଙ୍ଗେ ଜାହାଜକୁ ପ୍ରବେଶ ପଥ ବନ୍ଦ ହେଲା । ୧୯୧୦ ମସିହା ଏପ୍ରିଲ ୧ ତାରିଖ ଦିନ ଉଷାକାଳରେ ଆରମ୍ଭ ହେଲା ସେ ସମୁଦ୍ର ଯାତ୍ରା ।

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**


୧. ଶ୍ରୀମା : ଧ୍ୟାନ ଓ ପ୍ରାର୍ଥନା; ଶ୍ରୀଅରବିନ୍ଦ ଆଶ୍ରମ ।

୨. ଶ୍ରୀଅରବିନ୍ଦ : On Himself : SABCL.

୩. ମୋତିଲାଲ ରାୟ : ''ଜୀବନ ସଙ୍ଗିନୀ'' (ବଙ୍ଗଳା), ପ୍ରବର୍ତ୍ତକ ପବ୍ଲିକେଶନ୍, କଲିକତା ।
୪. ତତ୍ରୈବ ।
୫. ନଗେନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ''ରକ୍ତ ବିପ୍ଲବେର୍ ଏକ ଅଧ୍ୟାୟ'' (ବଙ୍ଗଳା), ତ୍ରିଜ୍ ରାୟଙ୍କ ''ଶ୍ରୀଅରବିନ୍ଦ ଓ ଚନ୍ଦନ ନଗର'' ପୁସ୍ତିକାରେ ପରିବେଶିତ । ଶ୍ରୀଅରବିନ୍ଦ ଭବନ, ହୁଗୁଳି, ଚୁଁଚୁଡ଼ା ।
୬. Light to Super Light : ଅରୁଣ ଚନ୍ଦ୍ର ରାୟ, ପ୍ରବର୍ତ୍ତକ ପବ୍ଲିଶର୍ସ, କଲିକତା ।
୭. ଏ. ବି. ପୁରାଣି : Life of Sri Aurobindo : ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ ।
୮. D. S. Mahalanobis : Foreword to "Light to Superlight".
୯. ମୋତିଲାଲ ରାୟ (୧୮୮୩-୧୯୫୬) ବିଧି ନିର୍ଦ୍ଦିଷ୍ଟ ଭଳି ତାଙ୍କ ଭୂମିକା ପାଳନ କରିଥିବା ଯୋଗୁଁ ଅବିସ୍ମରଣୀୟ ରହିବେ । କିନ୍ତୁ ତାଙ୍କର ଦୁଇଟି ସ୍ମୃତି କଥାରେ ସେ ଅନାବଶ୍ୟକ ଭାବପ୍ରବଣତାର ପରିଚୟ ଦେଇଛନ୍ତି – ଯାହା ଶ୍ରୀଅରବିନ୍ଦଙ୍କ ବ୍ୟକ୍ତିତ୍ୱ ସହ ଯାଏ ନାହିଁ । ରାୟଙ୍କ ଅତିରଞ୍ଜନସବୁକୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତି ତାଙ୍କ ଆତ୍ମକଥାରେ ଖଣ୍ଡନ କରିଛନ୍ତି ।
୧୦. ନୀରଦବରଣ : Talks with Sri Aurobindo, ଶ୍ରୀଅରବିନ୍ଦ ଆଶ୍ରମ ।
୧୧. ତତ୍ରୈବ ।
୧୨. ଶ୍ରୀଅରବିନ୍ଦଙ୍କର ଚନ୍ଦନ ନଗରରୁ ଏସ୍. ଏସ୍. ଡୁପ୍ଲେ ଜାହାଜ ପର୍ଯ୍ୟନ୍ତ ଯାତ୍ରାର ବିବରଣୀର ଉତ୍ସ : 'ଗନ୍ଧ ଭାରତୀ'ରେ ପ୍ରକାଶିତ ନଗେନ୍ଦ୍ରକୁମାର ଗୁହରାୟଙ୍କ ''ଦେବତା ବିଜୟ'' (ବଙ୍ଗଳା), ଏ. ବି. ପୁରାଣିଙ୍କ Life of Sri Aurobindo, ଶ୍ରୀ ଜୟନ୍ତକ୍ରିଷ୍ଣ ଚନ୍ଦ୍ରଙ୍କର ''ଶ୍ରୀଅରବିନ୍ଦେର୍ ଚନ୍ଦନ ନଗର ଅଜ୍ଞାତବାସ'' (ବଙ୍ଗଳା) ଏବଂ ତ୍ରିଜ ରାୟଙ୍କର ''ଶ୍ରୀଅରବିନ୍ଦ ଓ ଚନ୍ଦନନଗର'' (ବଙ୍ଗଳା) ଇତ୍ୟାଦି । ❑

କହିବାକୁ ଗଲେ ସାଧାରଣତଃ, ମଣିଷର ଉନ୍ନତିରେ ସବୁଠାରୁ ବେଶୀ ବାଧାଦିଏ ଭୟ । ସମସ୍ତ ଭୟମାନଙ୍କ ମଧ୍ୟରେ ଅତି ସୂକ୍ଷ୍ମ ଓ ଶକ୍ତିଶାଳୀ ଭୟ ହେଉଛି ମୃତ୍ୟୁଭୟ । ବ୍ୟକ୍ତି ଯାହାକୁ ଭୟ ନ କରେ କେବଳ ତାହାରି ଉପରେହିଁ ସେ ବିଜୟଲାଭ କରିପାରେ । ଆଉ ଯିଏ ମୃତ୍ୟୁକୁ ଭୟ କରେ ସେ ତ ଆଗରୁ ମୃତ୍ୟୁ ଦ୍ୱାରା ପରାଭୂତ ହୋଇ ରହିଛି ।

ପ୍ରଥମ କଥା ତୁମର ଜାଣିବା ଉଚିତ ଯେ ଜୀବନ ଏକ ଓ ଶାଶ୍ୱତ । କେବଳ ତାହା ଅଗଣନ ବିଭିନ୍ନ ରୂପ ନିଏ ଯାହା ଅସ୍ଥାୟୀ, କ୍ଷଣିକ ଓ ଭଙ୍ଗୁର । ଜୀବନ ମରେ ନାହିଁ । କେବଳ ରୂପଟି ହିଁ ମିଳେଇ ଯାଏ ଏବଂ ସେହି ପ୍ରକ୍ରିୟାଟିକୁ ହିଁ ବ୍ୟକ୍ତି ଭୟ କରିଥାଏ । ତଥାପି ରୂପର ପରିବର୍ତ୍ତନ ନିରନ୍ତର ଲାଗି ରହିଥାଏ, ଏବଂ ଏ ପ୍ରକାର ପ୍ରଗତିଶୀଳ ପରିବର୍ତ୍ତନକୁ କୌଣସି ଶକ୍ତି ବନ୍ଦ କରିପାରିବ ନାହିଁ ।

କେହି ଯଦି ମୃତ୍ୟୁକୁ ଚାହେଁ, ହୁଏତ ସେଥିପାଇଁ ତାକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ହୋଇପାରେ; ଅଥଚ କେହି ଯଦି ମୃତ୍ୟୁକୁ ଭୟ କରୁଥାଏ ତେବେ ସମସ୍ତ ପ୍ରକାର ପ୍ରତିବିଧାନ ସତ୍ତ୍ୱେ, ହଠାତ୍ କିଛି ଗୋଟାଏ ଘଟିପାରେ, ଏବଂ ସେ ମୃତ୍ୟୁମୁଖରେ ପଡ଼ିପାରେ ।...

– ଶ୍ରୀମା

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ବିଂଶ ଅଧ୍ୟାୟ)

## ସମତା ଓ ଜ୍ଞାନ

ଶେଖ ଅବଦୁଲ କାଶମ

ଭଗବାନଙ୍କ ସହିତ ମିଳନ ସକାଶେ ଆତ୍ମାର ଊର୍ଦ୍ଧ୍ୱାଭିମୁଖୀ ଯାତ୍ରାରେ ଯୋଗ ଓ ଜ୍ଞାନ ଦୁଇଟି ପକ୍ଷ ସଦୃଶ କାର୍ଯ୍ୟ କରେ । ବାସନାଶୂନ୍ୟ ହୋଇ ସକଳ କର୍ମ କରିବା ଏବଂ ସମତାଭାବ ସହ ସେସବୁକୁ ଭଗବାନଙ୍କ ପାଖରେ ନିବେଦନ ଓ ସମର୍ପଣ କରିବା – ଏହାହିଁ ଯୋଗ । ଜ୍ଞାନ ଦ୍ୱାରା ଏହା ସହଜସାଧ୍ୟ ହୁଏ । ଜ୍ଞାନ ବିନା ସମତାଭାବ ଆସେ ନାହିଁ କି ନିଷ୍କାମ କର୍ମ ସମ୍ଭବ ହୁଏ ନାହିଁ । ସମର୍ପଣ ମନୋବୃତ୍ତି ପାଇଁ ମଧ୍ୟ ଜ୍ଞାନ ଆବଶ୍ୟକ । ଯୋଗ ଓ ଜ୍ଞାନ ଏ ଉଭୟ ପରସ୍ପର ଉପରେ କ୍ରିୟା କରନ୍ତି ଏବଂ ପରସ୍ପରକୁ ଶକ୍ତିଶାଳୀ କରିବାରେ ସହାୟତା କରନ୍ତି । କର୍ମ ସମ୍ପାଦନ ବେଳେ ଜଣେ ଯେତେ ଅଧିକ ବାସନାଶୂନ୍ୟ ଓ ସମଭାବାପନ୍ନ ହୋଇପାରିବ ତଥା କର୍ମକୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଯେତେ ଅଧିକ ଯଜ୍ଞ ରୂପେ ଉତ୍ସର୍ଗ କରିପାରିବ ତା' ଭିତରେ ଜ୍ଞାନ ସେତେ ଅଧିକ ବର୍ଦ୍ଧିତ ହେବ । ସେହିଭଳି ଜଣକ ଭିତରେ ଜ୍ଞାନର ଯେତେ ଅଭିବୃଦ୍ଧି ଘଟିବ ତା' ଭିତରେ ସେହି ଅନୁପାତରେ ସମତାଭାବ ପ୍ରତିଷ୍ଠିତ ହୋଇପାରିବ ଏବଂ ସେ ସେତେ ଅଧିକ ବାସନାମୁକ୍ତ ଓ ଯଜ୍ଞଭାବାପନ୍ନ ହୋଇ କର୍ମ କରିପାରିବ ।

ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ଜ୍ଞାନର ଶ୍ରେଷ୍ଠତ୍ୱକୁ ଗୀତା ସ୍ୱୀକାର କରିଛି । ଏହା କହିଛି ଯେ ଜ୍ଞାନଯଜ୍ଞ ହେଉଛି ସମସ୍ତ ପ୍ରକାର ଦ୍ରବ୍ୟଯଜ୍ଞ ଅପେକ୍ଷା ଶ୍ରେଷ୍ଠତର (ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାଜ୍‌ଜ୍ଞାନଯଜ୍ଞଃ ପରନ୍ତପ ।) ଘୋରତମ ପାପ କରିଥିବା ବ୍ୟକ୍ତି ମଧ୍ୟ ଜ୍ଞାନର ନୌକାରେ ସମୁଦାୟ ପାପ-ସମୁଦ୍ରକୁ ଅତିକ୍ରମ କରିଯାଇପାରିବ । ପୃଥିବୀରେ ଜ୍ଞାନସଦୃଶ ପବିତ୍ରତା ଆଉ କିଛି ନାହିଁ (''ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ'' (ଗୀତା, ୪।୩୮) – ଯେଉଁ ବ୍ୟକ୍ତିଙ୍କର ସମସ୍ତ ଆସକ୍ତି ଲୋପ ପାଇଛି, ଯିଏ ମୁକ୍ତ ହୋଇ ସାରିଛନ୍ତି, ଯାହାଙ୍କର ମନ, ହୃଦୟ ଓ ଆତ୍ମା ଆତ୍ମଜ୍ଞାନରେ ସୁପ୍ରତିଷ୍ଠିତ ହୋଇଛି, ସେ ହିଁ ସମସ୍ତ କର୍ମକୁ ଯଜ୍ଞ ରୂପେ ସମ୍ପାଦନ କରିପାରନ୍ତି । ତାଙ୍କର ସମସ୍ତ କର୍ମ ସମ୍ପନ୍ନ ହେବା ମାତ୍ରେ ହିଁ ସମ୍ପୂର୍ଣ୍ଣ ବିଲୀନ ହୋଇଯାଏ, ତାଙ୍କର ଆତ୍ମା ଉପରେ ତାହାର କୌଣସି ଦାଗ ପଡ଼େ ନାହିଁ । ଅର୍ଥାତ୍ ସେପରି କର୍ମ ବନ୍ଧନର କାରଣ ହୁଏ ନାହିଁ ।

''ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ।।''
(୪।୨୩)

ବ୍ରହ୍ମ ହେଉଛନ୍ତି ଅକ୍ଷର ଓ ଅପରିବର୍ତ୍ତନୀୟ । ପ୍ରକୃତିର ଖେଳାରୁ ଊର୍ଦ୍ଧ୍ୱରେ ତାଙ୍କର ସ୍ଥିତି । ସେ ପୁଣି ସବୁରି ଭିତରେ ବିଦ୍ୟମାନ । ବାସନା ଓ ଅହଂ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ସେ ହେଉଛନ୍ତି ''ସମଂ ବ୍ରହ୍ମ'' । ସକଳ ବସ୍ତୁ, ବ୍ୟକ୍ତି ଓ ପରିସ୍ଥିତି ପ୍ରତି ସେ ସମଭାବାପନ୍ନ । ଏହି ସମତା ବ୍ରହ୍ମଙ୍କର ମୂଳ ଚେତନା ବା ସ୍ୱଭାବ । ତେଣୁ ବ୍ରହ୍ମଙ୍କ ପ୍ରେରଣାରେ ଯୋଗସାଧନା ପ୍ରତି ପ୍ରବୃତ୍ତ ହୋଇଥିବା ମନୁଷ୍ୟ ମଧ୍ୟ ସମତାଭାବର ଅଭ୍ୟାସ କରିବା ଆବଶ୍ୟକ । ସେ ବାସନା, ଅହଂ ଓ ଆସକ୍ତିକୁ ବର୍ଜନ କରି ସମସ୍ତ କର୍ମ ଓ କର୍ମଫଳକୁ ଭଗବାନଙ୍କ ପାଖରେ ସମର୍ପଣ କରିବା ଉଚିତ । କର୍ମ ସମ୍ପର୍କରେ ତା'ର କୌଣସି ବାଛବିଚାର ବା କୁଣ୍ଠିତଭାବ ରହିବ ନାହିଁ । ସକଳ ବସ୍ତୁ, ବ୍ୟକ୍ତି ଓ ପରିସ୍ଥିତି ପ୍ରତି ସମଭାବ ପୋଷଣ କରି ସେ ତା'ର ସମଗ୍ର ଜୀବନ ବଞ୍ଚିବ । ଏହି ଧାରାରେ ସାଧନା ପରିଚାଳିତ ହେଲେ ମନୁଷ୍ୟ ଦିନେ ଭଗବାନଙ୍କର ଉପଯୁକ୍ତ ଯନ୍ତ୍ରରେ ପରିଣତ ହୋଇଯାଏ । ତା'ର ପ୍ରକୃତି ମଧ୍ୟଦେଇ ଭଗବାନ୍ ହିଁ ସକଳ କର୍ମ କରନ୍ତି ।

କର୍ମ ହେଉଛି ଜୀବନର ପ୍ରଥମ ଶକ୍ତି । ପ୍ରକୃତି ତା'ର କାର୍ଯ୍ୟ ଆରମ୍ଭ କରେ ଶକ୍ତିକୁ ନେଇ । ମନୁଷ୍ୟ ଯେତେବେଳେ ସଚେତନ ହୁଏ, ତା' ଭିତରେ ପ୍ରକୃତିର ଶକ୍ତି ଏକ ସଂକଳ୍ପ-ଶକ୍ତି ରୂପେ କ୍ରିୟା କରେ । ସଂକଳ୍ପରୁ ଜାତ ହୁଏ ମନୁଷ୍ୟର ସକଳ କର୍ମ । ଯେତେବେଳେ ଏହି କର୍ମସମୂହ ଭଗବାନଙ୍କ ଦିଗରେ ଉତ୍ସର୍ଗିତ ହୁଏ ସେତେବେଳେ ମନୁଷ୍ୟର ଜୀବନ ଦିବ୍ୟ ହେବାକୁ ଆରମ୍ଭ କରେ । କର୍ମ ମାଧ୍ୟମରେ ସମର୍ପଣ ପୂର୍ଣ୍ଣ ହେଲେ ମନୁଷ୍ୟର ବ୍ୟକ୍ତିଗତ ଇଚ୍ଛା ବା ସଂକଳ୍ପ ଭଗବାନଙ୍କ ସଂକଳ୍ପ ସହ ଏକୀଭୂତ ହୁଏ । ଫଳରେ ମନୁଷ୍ୟ ଯାହା କିଛି

କରେ ସେହି କର୍ମ ଭଗବାନଙ୍କଠାରୁ ଉତ୍ସାରିତ ହୁଏ ଏବଂ ଭଗବାନଙ୍କ ଦିଗରେ ପରିଚାଳିତ ହୁଏ । କର୍ମ ଓ ସଂକଳ୍ପରେ ଭଗବାନଙ୍କ ସହିତ ମିଳନ ଘଟିବା ଦ୍ୱାରା ମନୁଷ୍ୟ ସର୍ବୋଚ୍ଚ ଜ୍ଞାନ ପ୍ରାପ୍ତ ହୁଏ । ସୁତରାଂ ଗୀତା ଘୋଷଣା କରିଛି ଯେ ଜ୍ଞାନରେ ହିଁ ସକଳ କର୍ମ ପରିସମାପ୍ତ ହୁଏ ଏବଂ ପରିପୂର୍ଣ୍ଣତା ଲାଭ କରେ ('ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ') – (ଗୀତା, ୪।୩୩), ଅନ୍ୟ ପକ୍ଷରେ କର୍ମ ବିନା ଜ୍ଞାନ ପରିପୂର୍ଣ୍ଣ ହୁଏ ନାହିଁ । କାରଣ କର୍ମ ହିଁ ଭଗବାନଙ୍କ ସହିତ ଏକ ସକ୍ରିୟ ମିଳନ ଘଟାଇବାରେ ସାହାଯ୍ୟ କରେ ।

ଗୀତା କହିଛି ଯେ ପ୍ରଜ୍ୱଳିତ ଅଗ୍ନି ଯେପରି ତା'ର ଇନ୍ଧନକୁ ପୋଡ଼ି ଭସ୍ମରେ ପରିଣତ କରିଥାଏ, ସେହିପରି ଜ୍ଞାନାଗ୍ନି ସମସ୍ତ କର୍ମରାଶିକୁ ପୋଡ଼ି ଭସ୍ମୀଭୂତ କରିଥାଏ । ଏହାର ଅର୍ଥ ନୁହେଁ ଯେ ଜ୍ଞାନ ପରିପୂର୍ଣ୍ଣ ହେଲେ କର୍ମ ବନ୍ଦ ହୋଇଯାଏ । ଯେଉଁ ବ୍ୟକ୍ତି ଜ୍ଞାନ ଦ୍ୱାରା ସମସ୍ତ ସଂଶୟକୁ ନଷ୍ଟ କରେ ଏବଂ ସମସ୍ତ କର୍ମକୁ ଭଗବାନଙ୍କୁ ସମର୍ପଣ କରି କର୍ମଯୋଗ ସାଧନ କରେ ସେ ଆତ୍ମାକୁ ଉପଲବ୍ଧି କରିଥାଏ ଏବଂ ଏହି ଉପଲବ୍ଧି ପରେ ମଧ୍ୟ ତା' କର୍ମ ଅବ୍ୟାହତ ହୋଇ ରହେ । ସେ କର୍ମ କରି ମଧ୍ୟ ସେଥିରେ ଲିପ୍ତ ହୁଏ ନାହିଁ – ''କୁର୍ବନ୍ନପି ନ ଲିପ୍ୟତେ'' । କର୍ମଗୁଡ଼ିକ ତାକୁ କଦାପି ବନ୍ଧନରେ ପକାଇ ପାରନ୍ତି ନାହିଁ (ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ), କାରଣ ସେ ମୁକ୍ତିର ଉଚ୍ଚତର ସ୍ଥିତିକୁ ଲାଭ କରିଥାଏ ।

ଯେତେବେଳେ ଜଣେ କର୍ମଯୋଗୀ ଆସକ୍ତି ତ୍ୟାଗପୂର୍ବକ ସକଳ କର୍ମକୁ ବ୍ରହ୍ମଙ୍କ ପାଖରେ ଅର୍ପଣ କରି ଦିଏ ସେତେବେଳେ ସେ ଜଳରେ ପଦ୍ମପତ୍ର ପରି ପାପରେ ଲିପ୍ତ ହୁଏ ନାହିଁ –

''ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ।।''
(୫।୧୦)

ଏପରି ବ୍ୟକ୍ତିର କର୍ତ୍ତାଭାବ ରହେ ନାହିଁ । ସେ କର୍ମ କରି ମଧ୍ୟ କିଛି କରେ ନାହିଁ । ସେ କେବଳ କର୍ମଫଳ ନୁହେଁ, ସମ୍ପୂର୍ଣ୍ଣ କର୍ମକୁ ହିଁ ଭଗବାନଙ୍କୁ ଅର୍ପଣ କରିଥିବାରୁ ସ୍ୱୟଂ ଭଗବାନ୍ ତା'ର ସକଳ କର୍ମର ଦାୟିତ୍ୱ ବହନ କରନ୍ତି । ଭଗବାନ୍ ହିଁ ହୁଅନ୍ତି କର୍ତ୍ତା, କର୍ମ ଓ ଫଳ । ସେତେବେଳେ କର୍ମର ସଫଳତା ବା ବିଫଳତା କର୍ମଯୋଗୀକୁ କୌଣସି ପ୍ରକାରେ ପ୍ରଭାବିତ କରେ ନାହିଁ । ପ୍ରକୃତରେ କର୍ମଯୋଗୀ ପକ୍ଷରେ ଏହାଠାରୁ ବଳି ଆନନ୍ଦମୟ ଅବସ୍ଥା ଆଉ ନାହିଁ ।

ଜ୍ଞାନର ଭିତ୍ତି ଉପରେ ହିଁ ସମତା ପ୍ରତିଷ୍ଠିତ ହୋଇଥାଏ । ଆମ ପ୍ରକୃତି ଭିତରେ ଏହି ଜ୍ଞାନ ମନୋବୃତ୍ତିଗତ ସମତା (equality in the temperament) ସୃଷ୍ଟି କରେ । ଏଠାରେ ଆତ୍ମଜ୍ଞାନ ବା ପରମ ଜ୍ଞାନ ବିଷୟରେ ଆଲୋଚନା କରାଯାଉଛି ଯାହା ବୁଦ୍ଧିଗତ ଜ୍ଞାନଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବୁଦ୍ଧିଗତ ଜ୍ଞାନ ବାହାରୁ ସଂଗୃହୀତ ତଥ୍ୟଗୁଡ଼ିକ ଉପରେ ନିର୍ଭର କରେ । କିନ୍ତୁ ପରମ ଜ୍ଞାନ ହେଉଛି ଆତ୍ମା, ବ୍ରହ୍ମ ଓ ସୃଷ୍ଟିର ଶାଶ୍ୱତ ସତ୍ୟ ବିଷୟରେ ଜ୍ଞାନ । ଏହା ବାହ୍ୟ ଓ ଆନ୍ତର ସକଳ ବସ୍ତୁର ସାମଗ୍ରିକ ଜ୍ଞାନକୁ ନିଜ ଭିତରେ ସମାହିତ କରିଥାଏ । ପରମ ଜ୍ଞାନ ଅଜ୍ଞାନର ଅନ୍ଧକାର ଭିତରେ ଲୁଚି ରହିଥିବା ସତ୍ୟକୁ ଉଦ୍‌ଘାଟିତ କରିପାରେ । ନିମ୍ନ-ପ୍ରକୃତିର ଅଜ୍ଞାନ ଭିତରେ ଆମେ ମୋହାବିଷ୍ଟ ହୋଇ ରହିଛୁ । ତେଣୁ ଆମେ ନିଜକୁ କର୍ତ୍ତା ବୋଲି ଭ୍ରମ କରୁଛୁ । ଏହି ଅଜ୍ଞାନ ଯୋଗୁଁ ଆମ ସତ୍ତା ଭିତରେ ସଂଗୁପ୍ତ ହୋଇ ରହିଥିବା ବ୍ରହ୍ମଙ୍କୁ ଆମେ ଦେଖିପାରୁ ନାହୁଁ । କିନ୍ତୁ ଯଦି ଆମେ ଏକାନ୍ତ ନିଷ୍ଠା ଓ ଅଧ୍ୟବସାୟ ସହିତ ଜ୍ଞାନର ଅନ୍ୱେଷଣ କରିବା ତାହାହେଲେ ଜ୍ଞାନ ଅବଶ୍ୟ ଆମ ନିକଟକୁ ଆସିବ । ଶ୍ରଦ୍ଧାଯୁକ୍ତ ନିରବଚ୍ଛିନ୍ନ ଅନ୍ୱେଷଣ ଦ୍ୱାରା ଦିନେ ଆମ ଭିତରେ ଉଚ୍ଚତର ଜ୍ଞାନ ନିଶ୍ଚୟ ପ୍ରକାଶିତ ହେବ । ଏହି ଜ୍ଞାନ ନିମ୍ନ-ପ୍ରକୃତିଗତ ଦ୍ୱନ୍ଦ୍ୱସକଳର ଊର୍ଦ୍ଧ୍ୱରେ ଅଧିଷ୍ଠିତ ପରମସତ୍ୟକୁ ଆମ ସମ୍ମୁଖରେ ପ୍ରକାଶିତ କରି ଦେବ, ଯେମିତି ଦୀର୍ଘକାଳ ଧରି ଲୁକ୍‌କାୟିତ ସୂର୍ଯ୍ୟ ପୁଣି ପ୍ରକାଶିତ ହୋଇଥାଏ । (ଆଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍ – ୫।୧୬) । ଏକାଗ୍ର ଚିତ୍ତରେ ଦୀର୍ଘ ସାଧନା କରିବା ଉପରେ ଗୁରୁତ୍ୱ ଦେଇ ଗୀତା କହିଛି –

''ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ।।''
(୫।୧୭)

ଅର୍ଥାତ୍, ''ଯେଉଁମାନଙ୍କର ବୁଦ୍ଧି ତଥା ଆତ୍ମା ସେହି ପରମାତ୍ମାଙ୍କଠାରେ ଅଭିନିବିଷ୍ଟ ଓ ତଦାକାର ହୋଇଯାଇଛି, ଯେଉଁମାନେ ତନ୍ନିଷ୍ଠ ଓ ତତ୍ପରାୟଣ ଅର୍ଥାତ୍ ଯେଉଁମାନେ ପରମାତ୍ମାଙ୍କୁ ହିଁ ସେମାନଙ୍କ ଲକ୍ଷ୍ୟ ରୂପେ ସ୍ଥିର କରି ନେଇଛନ୍ତି ସେହି ସାଧକମାନେ ଜ୍ଞାନ ଦ୍ୱାରା ପାପମୁକ୍ତ ହୋଇ ପୁନରାଗମନରହିତ ପରମଗତି ପ୍ରାପ୍ତ ହୋଇଥା'ନ୍ତି । ଅର୍ଥାତ୍ ସେମାନଙ୍କର ପୁନର୍ଜନ୍ମ ହୁଏ ନାହିଁ ।''

ଭଗବାନଙ୍କ ସହ ତାଦାତ୍ମ୍ୟ ଲାଭ ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୁଏ, ତାହାର ପରିଣାମ ସ୍ୱରୂପ ସମସ୍ତ ବସ୍ତୁ ଓ ସମସ୍ତ

ବ୍ୟକ୍ତିଙ୍କ ପ୍ରତି ସମତାଭାବ ସୃଷ୍ଟି ହୁଏ । ବ୍ରହ୍ମ ସମଭାବାପନ୍ନ ହୋଇଥିବାରୁ ବ୍ରହ୍ମୋପଲବ୍ଧି ପରେ ସାଧକ ସ୍ୱାଭାବିକ ରୂପେ ପୂର୍ଣ୍ଣ ସମତାରେ ପ୍ରତିଷ୍ଠିତ ହୋଇପାରେ । ଏହି ସ୍ଥିତିକୁ ଗୀତା ''ସାମ୍ୟେ ସ୍ଥିତଂ ମନଃ'' ବୋଲି କହିଛି । ସେତେବେଳେ ସାଧକ ବିଦ୍ୟା ଓ ସଂସ୍କୃତିସଂପନ୍ନ ବ୍ରାହ୍ମଣ, ଗାଭୀ, ହସ୍ତୀ, ଶ୍ୱାନ ତଥା ଚଣ୍ଡାଳ – ଏ ସମସ୍ତଙ୍କୁ ସମାନ ଆଖିରେ ଦେଖେ, ସମସ୍ତ ବର୍ଗର ପ୍ରାଣୀଙ୍କୁ ଏକ ବ୍ରହ୍ମ ବୋଲି ଜାଣେ । (ଗୀତା, ୫।୧୮) । ବ୍ରହ୍ମଭାବରେ ପ୍ରତିଷ୍ଠିତ ହୋଇ ସେ ଦେଖିପାରେ ଯେ ସମସ୍ତ କର୍ମ ପ୍ରକୃତି ଭିତରୁ ହିଁ ଜାତ ହେଉଛି । ତେଣୁ ଆସକ୍ତି, ପାପ ବା ବନ୍ଧନର ଭୟ ଦୂରୀଭୂତ ହୋଇଯାଏ ।

ଯେଉଁମାନଙ୍କର ଅନ୍ତଃକରଣ ସମତାରେ ସ୍ଥିତ, ସେମାନେ ଏହି ଜୀବିତାବସ୍ଥାରେ ହିଁ ସେହି ଜଗତକୁ ଜିଣିଯାଆନ୍ତି ଯାହା କାମନା, କାମନାଜାତ କର୍ମ ଓ ନାନା ପ୍ରତିକ୍ରିୟାରେ ପରିପୂର୍ଣ୍ଣ । (ଇହୈବ ତୈର୍ଜିତଃ ସର୍ଗଃ – ୫।୧୯) ସମବ୍ରହ୍ମ ହେଉଛି ନିର୍ଦୋଷ (ନିର୍ଦୋଷଂ ହି ସମଂ ବ୍ରହ୍ମ) । ପାପପୁଣ୍ୟ, ଭଲମନ୍ଦ ବିଭ୍ରାନ୍ତିର ଊର୍ଦ୍ଧ୍ୱରେ ତା'ର ସ୍ଥିତି । ତେଣୁ ସେହି ବ୍ରହ୍ମରେ ଯେଉଁମାନେ ବାସ କରନ୍ତି ସେମାନେ ମଧ୍ୟ ପାପପୁଣ୍ୟର ଊର୍ଦ୍ଧ୍ୱକୁ ଉଠିଯା'ନ୍ତି । ସେମାନଙ୍କ ମନ ଓ ହୃଦୟ ଶୁଦ୍ଧ ଓ ନିଷ୍କଳଙ୍କ (କ୍ଷୀଣକଲ୍ମଷାଃ) ହୋଇଯାଏ । ସମଭାବ ନେଇ ସେମାନେ ସର୍ବଭୂତର କଲ୍ୟାଣ ନିମିତ୍ତ କର୍ମ କରନ୍ତି (ସର୍ବଭୂତ-ହିତେ ରତାଃ) ।

ନିମ୍ନ-ପ୍ରକୃତିର ସଂପୃକ୍ତି ଯୋଗୁଁ ଆମେ କର୍ମ ଜାଲରେ ଛନ୍ଦି ହୋଇ ପଡୁ । କର୍ମସମୂହର ଜଟିଳ ପ୍ରତିକ୍ରିୟା ଆମ ଅହଂକୁ ପ୍ରଭାବିତ କରେ । ଫଳରେ ଅନ୍ତର ଭିତରେ ପାପପୁଣ୍ୟର ବୋଧ ଓ ବାହ୍ୟିକଭାବେ ସୁଖଦୁଃଖ, ସୌଭାଗ୍ୟ-ଦୁର୍ଭାଗ୍ୟର ଆଘାତ ଆମକୁ ବିବ୍ରତ କରେ । କିନ୍ତୁ ଯେତେବେଳେ ଆମ ଭିତରେ ଜ୍ଞାନର ଉଦୟ ଘଟେ ସେତେବେଳେ ଭଗବାନ୍ ଆମର ସକଳ କର୍ମର ଭାର ଗ୍ରହଣ କରି ଆମକୁ ମୁକ୍ତିର ଅନୁଭବ ଦିଅନ୍ତି । ସେ ଜଗତର କଲ୍ୟାଣ ନିମିତ୍ତ ଆମକୁ ଏକ ନିର୍ଦୋଷ ଯନ୍ତ୍ର ବା ନିମିତ୍ତ ରୂପେ ବ୍ୟବହାର କରନ୍ତି ।

ଏହି ରୂପେ ସମତ୍ୱ ବା ଯୋଗ (ସମତ୍ୱଂ ଯୋଗ ଉଚ୍ୟତେ) ଏବଂ ଜ୍ଞାନ ପରସ୍ପରକୁ ସାହାଯ୍ୟ ଓ ପରିପୁଷ୍ଟ କରନ୍ତି ତଥା ପରସ୍ପର ସହିତ ମିଳିତ ହୁଅନ୍ତି । ଶ୍ରୀଅରବିନ୍ଦଙ୍କ ଭାଷାରେ – ''Such is the intimate union between knowledge and equality; knowledge here in the *buddhi* reflected as equality in the temperament; above, on a higher plane of consciousness, knowledge as the light of the Being, equality as The stuff of the Nature.''

(Essays on the Gita, p. 203)

ଅର୍ଥାତ୍, ''ଜ୍ଞାନ ଓ ସମତାର ଏହାହିଁ ହେଲା ନିଗୂଢ଼ ମିଳନ; ବୁଦ୍ଧିରେ ଯାହା ଜ୍ଞାନ, ତାହାହିଁ ସ୍ୱଭାବରେ ସମତା ରୂପେ ପ୍ରତିଫଳିତ ହୁଏ, ଚେତନାର ଉଚ୍ଚତର ଭୂମିରେ ଜ୍ଞାନ ହୁଏ ସତ୍ତାର ଜ୍ୟୋତିଃ ଏବଂ ସମତା ହୁଏ ପ୍ରକୃତିର ଉପାଦାନ ।''

ଉପନିଷଦ୍‌ରେ ଦୁଇ ପ୍ରକାର ଜ୍ଞାନ ବିଷୟରେ ଉଲ୍ଲେଖ କରାଯାଇଛି – ଅପରା ବିଦ୍ୟା ଓ ପରାବିଦ୍ୟା । ଅପରା ବିଦ୍ୟା ହେଉଛି ନିମ୍ନ-ସ୍ତରର ଜ୍ଞାନ ଯାହା ବୁଦ୍ଧି ଉପରେ ଆଶ୍ରିତ । ଆଉ ପରାବିଦ୍ୟା ହେଉଛି ଉଚ୍ଚତର ଜ୍ଞାନ ଯାହା ଆତ୍ମା ଓ ବ୍ରହ୍ମ ବିଷୟକ ଜ୍ଞାନକୁ ବୁଝାଏ । ଅପରା ବିଦ୍ୟା ଅନ୍ତର୍ଗତ ବିଷୟସବୁକୁ ନିମ୍ନତର କହି ନିନ୍ଦା ବା ଉପେକ୍ଷା କରିବା ଉଚିତ ନୁହେଁ । କାରଣ ସେସବୁ ମଧ୍ୟ ଚେତନାର ବିକାଶରେ ସହାୟକ ହୋଇପାରନ୍ତି । ଉଦାହରଣସ୍ୱରୂପ ଜଡ଼ ବିଜ୍ଞାନ, ମନୋବିଜ୍ଞାନ, ଦର୍ଶନଶାସ୍ତ୍ର, ନୀତିଶାସ୍ତ୍ର, ସୌନ୍ଦର୍ଯ୍ୟବିଦ୍ୟା ଓ ସାଂସାରିକ ବ୍ୟାବହାରିକ ଜ୍ଞାନ ଇତ୍ୟାଦି ବିଷୟ ଆମକୁ ଆତ୍ମଜ୍ଞାନ (self-knowledge) ଓ ପରମଜ୍ଞାନ (Knowledge of the supreme Reality) ଲାଭ ଦିଗରେ ପ୍ରସ୍ତୁତ କରିପାରେ । ଜଡ଼ ବିଜ୍ଞାନ ଜଗତର ବାହ୍ୟ ଘଟଣାବଳୀ, କ୍ରିୟା-ପ୍ରକ୍ରିୟା ଓ ବିଭିନ୍ନ ତତ୍ତ୍ୱ ବିଷୟରେ ଆମକୁ ଧାରଣା ଦିଏ ଯାହାକି ପରମ ସଦ୍‌ବସ୍ତୁର ଅନୁସନ୍ଧାନ ପାଇଁ ଆମକୁ ପ୍ରେରଣା ଦେଇ ପାରିବ । ମନୋବିଜ୍ଞାନ ଆମ ମନ ଭିତରର ବିଭିନ୍ନ ଦିଗକୁ ଉନ୍ମୋଚିତ କରେ ଯାହା ଫଳରେ ଆମେ ନିମ୍ନତର ଗତିବୃତ୍ତିକୁ ପରିହାର କରି ଉଚ୍ଚତର ବିଷୟ ପ୍ରତି ଜାଗ୍ରତ୍ ହୋଇ ପାରିବା ।

ସେହିଭଳି ଦାର୍ଶନିକ ଜ୍ଞାନ ଜୀବନ ଓ ଜଗତର ମୂଳତତ୍ତ୍ୱକୁ ଆମ ପାଖରେ ବ୍ୟାଖ୍ୟା କରି ଦିଏ ଯାହା ଶାଶ୍ୱତ ସତ୍ୟର ଆବିଷ୍କାର ଦିଗରେ ସହାୟକ ହୋଇପାରେ । ନୈତିକ ଜ୍ଞାନ ଆମକୁ ଭଲମନ୍ଦ ଓ ପାପପୁଣ୍ୟର ପାର୍ଥକ୍ୟ ଦର୍ଶାଇଦିଏ ଯାହା ଏକ ଶୁଦ୍ଧପୂତ ଜୀବନ ବଞ୍ଚିବା ଲାଗି ଏକାନ୍ତ ଆବଶ୍ୟକ । ରସବୋଧ ସମ୍ପର୍କିତ ଶାସ୍ତ୍ର ଓ ସୌନ୍ଦର୍ଯ୍ୟ ବିଜ୍ଞାନ ଆମକୁ ଦିବ୍ୟ ସୌନ୍ଦର୍ଯ୍ୟର ଉପଲବ୍ଧି ଆଡ଼କୁ ନେଇ ଯାଇପାରେ । ସାଂସାରିକ ବ୍ୟାବହାରିକ ଜ୍ଞାନ (practical knowledge) ଆମକୁ ଦିଏ ମାନବିକ ସମ୍ବନ୍ଧଗୁଡ଼ିକୁ ପରିଚାଳିତ କରୁଥିବା ବିଭିନ୍ନ ବିଧାନ

ବିଷୟରେ ଧାରଣା । ଜଗତ୍ ସହିତ ଭଗବାନଙ୍କ ସମ୍ବନ୍ଧକୁ ବୁଝିବା ଲାଗି ଏହା ସାହାଯ୍ୟ କରେ ।

ଏହି ସମସ୍ତ ଜ୍ଞାନ ଉଚ୍ଚତର ଜ୍ଞାନ ଲାଭ ସକାଶେ ଏକ ଏକ ସହାୟକ ବା ପ୍ରସ୍ତୁତିକାରୀ ପଦକ୍ଷେପ ମାତ୍ର । ଏହି ପ୍ରତ୍ୟେକଟି ଜ୍ଞାନର ଆହରଣ, ବିକାଶ, ପୂର୍ଣ୍ଣତାସାଧନ ଓ ପ୍ରୟୋଗ ଜୀବନ ତଥା ସମାଜ ପାଇଁ ଆବଶ୍ୟକ । କିନ୍ତୁ ତଥାପି ଏଗୁଡ଼ିକ ପ୍ରକୃତ ଜ୍ଞାନ ନୁହନ୍ତି ।

ପ୍ରକୃତ ଜ୍ଞାନ ଲାଭ କରିବାକୁ ହେଲେ ମନର ଊର୍ଦ୍ଧ୍ୱକୁ ଉଠିବାକୁ ହୁଏ । ଏଥିପାଇଁ ତତ୍ତ୍ୱଦର୍ଶୀ ଜ୍ଞାନୀଙ୍କର ସହାୟତା ଓ ମାର୍ଗଦର୍ଶନ ଆବଶ୍ୟକ ବୋଲି ଗୀତା କହିଛି –

''ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।।''
(୪।୩୪)

ଅର୍ଥାତ୍, ''ଏହି ଜ୍ଞାନ (ପ୍ରକୃତଜ୍ଞାନ)କୁ ତୁମେ ତତ୍ତ୍ୱଦର୍ଶୀ ଜ୍ଞାନୀଙ୍କ ନିକଟକୁ ଯାଇ ବୁଝ । ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ, (ସରଳତାପୂର୍ବକ) ପ୍ରଶ୍ନ କଲେ ତଥା ସେବା କଲେ ସେ ତୁମକୁ ତତ୍ତ୍ୱଜ୍ଞାନର ଉପଦେଶ ଦେବେ ।''

ପ୍ରକୃତରେ ନିଷ୍ଠାପର ସାଧନାର ପରିଣତିସ୍ୱରୂପ ଏହି ଜ୍ଞାନ ନିଜ ଭିତରୁ ହିଁ ଆସେ । ଗୀତାର ଭାଷାରେ –

''ତତ୍ ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି''–
(୪।୩୮) ।

ଅର୍ଥାତ୍, ''ଯେଉଁ ବ୍ୟକ୍ତି ଯୋଗ ଦ୍ୱାରା ସିଦ୍ଧ ହୁଏ, ସେ ସେହି ଜ୍ଞାନକୁ ଯଥା ସମୟରେ ନିଜ ଆତ୍ମା ଭିତରୁ ହିଁ ସ୍ୱୟଂ ଲାଭ କରେ ।'' ଆତ୍ମା ହିଁ ଜ୍ଞାନର ପ୍ରକୃତ ବାସସ୍ଥଳୀ ।

ନିଜ ଭିତରେ ଏହି ଜ୍ଞାନର ବିକାଶ ନିମିତ୍ତ ତିନୋଟି ମୁଖ୍ୟ ଉପାୟ ରହିଛି ଯଥା : ବାସନାଶୂନ୍ୟତା, ସମତା ଓ ଭଗବଦ୍‌ଭକ୍ତି । ମନ ଓ ଇନ୍ଦ୍ରିୟକୁ ସଂଯତ ଓ ବଶୀଭୂତ କରିବା ହେଉଛି ପରମ ଜ୍ଞାନ ଲାଭର ଏକ ଅନିବାର୍ଯ୍ୟ ସର୍ତ୍ତ । ପୁନଶ୍ଚ ସବୁରି ଊର୍ଦ୍ଧ୍ୱରେ ସ୍ଥିତ ଭଗବାନ୍ ହେଉଛନ୍ତି ପରମ ଜ୍ଞାନର ଉତ୍ସ । ତେଣୁ ଇନ୍ଦ୍ରିୟସଂଯମ ପୂର୍ବକ ତାଙ୍କ ସହିତ ନିଜର ସମଗ୍ର ଚେତନାକୁ ଯୁକ୍ତ ରଖିବାକୁ ହେବ (ତତ୍ପରଃ ସଂଯତେନ୍ଦ୍ରିୟଃ) । ଅର୍ଥାତ୍ ଜ୍ଞାନ ଊର୍ଦ୍ଧ୍ୱରୁ ଆସୁ ବା ନିଜ ଭିତରୁ ଆସୁ, ଏହି ପ୍ରତ୍ୟେକ କ୍ଷେତ୍ରରେ ଇନ୍ଦ୍ରିୟସଂଯମର ଆବଶ୍ୟକତା ରହିଛି । ପରମ ଜ୍ଞାନ ହେଉଛି ସ୍ୱୟଂସ୍ଥିତ (self-existent), ସଂବୋଧିମୂଳକ (intuitive), ସ୍ୱାନୁଭୂତ (self-experiencing) ଏବଂ ସ୍ୱପ୍ରକାଶ (self-revealing) । ଇନ୍ଦ୍ରିୟ ଓ ବିଚାର-ବୁଦ୍ଧି ଦ୍ୱାରା ଲାଭ କରାଯାଇଥିବା ଜ୍ଞାନ ତାହାର ଆଦୌ ସମକକ୍ଷ ହୋଇ ପାରିବ ନାହିଁ । ଆତ୍ମଜ୍ଞାନ ବା ପରମ ଜ୍ଞାନ ଅବ୍ୟର୍ଥ ଓ ପୂର୍ଣ୍ଣ ହୋଇଥିବା ସ୍ଥଳେ ବୁଦ୍ଧିଗତ ଜ୍ଞାନ ହେଉଛି ଭ୍ରାନ୍ତିଯୁକ୍ତ ଓ ଅପୂର୍ଣ୍ଣ ।

ଆମର ମନ ଉଚ୍ଚତର ଜ୍ଞାନ ପ୍ରତି ଉନ୍ମୀଳିତ ଓ ଗ୍ରହଣଶୀଳ ହେବା ଉଚିତ । ତେଣୁ ଗୀତାର ଉପଦେଶ ହେଲା – ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍ ।'' (୪।୩୯) ଅର୍ଥାତ୍ ଯାହାର ଶ୍ରଦ୍ଧା ଓ ବିଶ୍ୱାସ ରହିଛି ସେ ହିଁ ଜ୍ଞାନ ଲାଭ କରେ । ଯିଏ ସଂଶୟଯୁକ୍ତ, ସେ ବିନଷ୍ଟ ହୁଏ (ସଂଶୟାତ୍ମା ବିନଶ୍ୟତି) । ଏପରି ବ୍ୟକ୍ତି ଇହଲୋକରେ ବା ପରଲୋକରେ କେଉଁଠି ବି ସୁଖୀ ହୋଇପାରେ ନାହିଁ । ପରମ ଜ୍ଞାନ ରୂପେ ଯେଉଁ ସତ୍ୟ ଶାଶ୍ୱତ କାଳ ପାଇଁ ରହିଛି ତାହାରି ଉପରେ ଅଟଳ ବିଶ୍ୱାସ ରଖିବା ଆବଶ୍ୟକ । କିନ୍ତୁ ମନୁଷ୍ୟର ତର୍କଶୀଳ ମନ ସବୁବେଳେ ସନ୍ଦେହ କରିବାରେ ଅଭ୍ୟସ୍ତ ଥାଏ । ସେ କୌଣସି ନିଶ୍ଚୟତାରେ ପହଞ୍ଚିପାରେ ନାହିଁ । ତା'ର ଧାରଣା ଓ ସିଦ୍ଧାନ୍ତ ଯଥାର୍ଥ କି ନୁହେଁ ସେ ବାରଂବାର ଯାଞ୍ଚ କରି ଦେଖୁଥାଏ । ପ୍ରକୃତରେ ସଂଶୟ ଦ୍ୱାରା ଜଗତରେ କିଛି ବି ସ୍ଥାୟୀଭାବେ ଲାଭ କରାଯାଇ ପାରିବ ନାହିଁ ।

ଶ୍ରୀଅରବିନ୍ଦ କହନ୍ତି ଯେ ନିମ୍ନସ୍ତରର ଜ୍ଞାନର କ୍ଷେତ୍ରରେ ସନ୍ଦେହ (doubt) ଓ ସଂଶୟ (scepticism)ର ସାମୟିକ ଉପଯୋଗିତା ରହିଛି । କାରଣ ବୁଦ୍ଧିଗତ ଜ୍ଞାନରେ ସବୁବେଳେ ମିଥ୍ୟା ଓ ଅପୂର୍ଣ୍ଣତାର ମିଶ୍ରଣ ରହିଥିବାରୁ ସେଗୁଡ଼ିକୁ ଦୂର କରିବା ପାଇଁ ବା ସତ୍ୟ ବିଷୟରେ ନିଶ୍ଚିତ ହେବା ପାଇଁ ସଂଶୟାତ୍ମକ ପ୍ରଶ୍ନର ଆଶ୍ରୟ ନେବାକୁ ହୁଏ । ଅନ୍ୟ ପକ୍ଷରେ ଊର୍ଦ୍ଧ୍ୱସ୍ତରୀୟ ଜ୍ଞାନର କ୍ଷେତ୍ରରେ ସନ୍ଦେହ ଓ ସଂଶୟ ପ୍ରତିବନ୍ଧକ ରୂପେ ଛିଡ଼ା ହୁଏ, କାରଣ ସେଠାରେ ସତ୍ୟ ସ୍ୱୟଂସ୍ଥିତ ଓ ସ୍ୱତଃ ପ୍ରକାଶମାନ, ମିଥ୍ୟାର ପ୍ରବେଶ ସେଠାରେ ନାହିଁ । ସତ୍ୟର ଅଧିକରୁ ଅଧିକ ଉପଲବ୍ଧି ନିମନ୍ତେ ସଂଶୟ ନୁହେଁ, ବିଶ୍ୱାସ ହିଁ ଏକମାତ୍ର ଅବଲମ୍ବନ । ଇନ୍ଦ୍ରିୟଗୁଡ଼ିକର ଆକର୍ଷଣ ଦ୍ୱାରା ମନ ବିମୋହିତ ହୋଇଯାଏ ଏବଂ ନାନା ମତବାଦ ସମ୍ମୁଖରେ ବିମୂଢ଼ ହୋଇ ପଡ଼େ । ଫଳରେ ତାହା ସତ୍ୟକୁ ଜାଣି ନ ପାରି ସଂଶୟ କରିବାକୁ ବାଧ୍ୟ ହୁଏ । ସଂଶୟ ଅଜ୍ଞାନରୁ ହିଁ ଆସିଥାଏ – ''ଅଜ୍ଞାନସମ୍ଭୂତଂ ହୃତସ୍ଥଂ ସଂଶୟମ୍'' – (୪।୪୨)

ତେଣୁ ଜ୍ଞାନର ଖଡ୍‌ଗ ଦ୍ୱାରା (ଜ୍ଞାନାସିନା) ଏହି ସଂଶୟକୁ ଛେଦ କରିବାକୁ ହେବ । ପରମେଶ୍ୱରଙ୍କ ସହିତ ନିରନ୍ତର ଯୁକ୍ତ ହୋଇ ବାସ କଲେ ସମସ୍ତ ସଂଶୟ ଆପେ ଖସି

ପଡ଼ିବ । ସେଥିପାଇଁ କୃଷ୍ଣଙ୍କର ଉପଦେଶ ଥିଲା – ''ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ'' । (୪।୪୨)

ଅର୍ଥାତ୍, ''ହେ ଅର୍ଜୁନ । ଯୋଗରେ ସ୍ଥିତ ହୁଅ ଏବଂ ଯୁଦ୍ଧ ପାଇଁ ଛିଡ଼ା ହୋଇଯାଅ'' ।

ବ୍ରହ୍ମଜ୍ଞାନୀ ସର୍ବଦା ବ୍ରହ୍ମରେ ବାସ କରିଥାଏ – ''ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ''– (୫।୨୦) ତା'ର ଜ୍ଞାନ ସର୍ବସମାବେଶୀ ଅଟେ । ତାହା ଅନ୍ୟ ସମସ୍ତଙ୍କୁ ବାଦ୍ ଦେଇ କେବଳ ବ୍ରହ୍ମର ଜ୍ଞାନରେ ସୀମିତ ହୋଇ ନଥାଏ । ବ୍ରହ୍ମଜ୍ଞାନୀ ସମସ୍ତ ବସ୍ତୁକୁ ବ୍ରହ୍ମ ଭିତରେ ଦର୍ଶନ କରିଥାଏ । ତା'ର ଜ୍ଞାନ ଏପରି ଶକ୍ତିଶାଳୀ ଓ ମୁକ୍ତିଦାୟୀ ଯେ ସେ କୌଣସି ବ୍ୟକ୍ତି ବା ବସ୍ତୁ ପ୍ରତି ମୋହଗ୍ରସ୍ତ ହୁଏ ନାହିଁ । ଏ ବିଷୟରେ ଗୀତା କହିଛି –

''ଯଜ୍ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।
ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ।।''
(୪।୩୫)

ଅର୍ଥାତ୍, ''ହେ ଅର୍ଜୁନ ! ତାହା ହେଉଛି ସେହି ଜ୍ଞାନ ଯାହାକୁ ପ୍ରାପ୍ତ ହେଲେ ତୁମେ ଆଉ ଏପରି ମୋହଗ୍ରସ୍ତ ହେବ ନାହିଁ ଏବଂ ଯାହା ସାହାଯ୍ୟରେ ତୁମେ କାହାକୁ ବି ବାଦ୍ ନ ଦେଇ ସମସ୍ତ ପ୍ରାଣୀଙ୍କୁ ସର୍ବଭାବରେ ପ୍ରଥମେ ନିଜ ଆତ୍ମାରେ ଓ ପରେ ମୋ'ଠାରେ ଦେଖିବ ।''

ଜଣେ ଯୋଗୀ ଭିତରେ ସମତା ଓ ଜ୍ଞାନ କିପରି ଦୃଢ଼ଭାବେ ସମନ୍ୱିତ ହୋଇଥାଏ ତାହା ନିମ୍ନ କେତୋଟି ଶ୍ଳୋକରୁ ସ୍ପଷ୍ଟ ହୁଏ –

''ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ।।''
(୬।୨୯)

ଅର୍ଥାତ୍, ''ଜଣେ ଯୋଗଯୁକ୍ତ ମନୁଷ୍ୟ ସମସ୍ତ ପ୍ରାଣୀଙ୍କ ଭିତରେ ଆତ୍ମାକୁ ଦେଖେ ଏବଂ ଆତ୍ମା ଭିତରେ ସମସ୍ତ ପ୍ରାଣୀଙ୍କୁ ଦେଖେ । ସେ ସର୍ବତ୍ର ସମଦର୍ଶୀ ଅଟେ ।''

''ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।।'' (୬।୩୦)

ଅର୍ଥାତ୍, ''ଯେ ମୋତେ ସର୍ବତ୍ର ଦେଖେ ଏବଂ ସମସ୍ତଙ୍କୁ ମୋଠାରେ ଦେଖେ, ମୁଁ ତାଙ୍କୁ ଅଦୃଶ୍ୟ ନୁହେଁ, କି ସେ ମୋତେ ଅଦୃଶ୍ୟ ନୁହନ୍ତି ।''

''ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ।।''
(୬।୩୨)

ଅର୍ଥାତ୍, ''ହେ ଅର୍ଜୁନ ! ଯେ ଆତ୍ମାର ଉପମା ଦେଇ ସବୁକିଛିକୁ ସମତାର ଦୃଷ୍ଟିରେ ଦେଖେ ଏବଂ ଯେ ସୁଖ ଅଥବା ଦୁଃଖକୁ ସମଜ୍ଞାନ କରେ, ତାକୁ ମୁଁ ଶ୍ରେଷ୍ଠ ଯୋଗୀ ବୋଲି ମନେ କରେ ।''

ଉପନିଷଦ୍‌ର ପ୍ରାଚୀନ ବୈଦାନ୍ତିକ ଜ୍ଞାନରେ ଏହି ସମତା ଓ ଏକତ୍ୱ ଅନ୍ତର୍ଭୁକ୍ତ ହୋଇଛି ଯାହାକୁ ଗୀତା ଆମକୁ ବାରଂବାର ସ୍ମରଣ କରାଇ ଦିଏ । ତେବେ ଗୀତାର ବୈଶିଷ୍ଟ୍ୟ ହେଲା, ଏହା ସେହି ଉଚ୍ଚତର ଜ୍ଞାନକୁ ଦିବ୍ୟ ଜୀବନଯାପନ ଦିଗରେ ଏକ ମହାନ୍ ବ୍ୟାବହାରିକ ଦର୍ଶନରେ ପରିଣତ କରିଛି । ଏହା ସ୍ପଷ୍ଟ କରି ଦେଇଛି ଯେ ଐକ୍ୟର ଜ୍ଞାନ ହିଁ ସଂସାରରେ ମୁକ୍ତ ଭାବରେ କର୍ମ କରିବାର ଭିତ୍ତି । ଆତ୍ମାର ଆନନ୍ଦ ଭିତରେ ନିଜକୁ ଅବରୁଦ୍ଧ କରି ନଦେଇ ପୃଥିବୀପୃଷ୍ଠରେ ଭଗବାନଙ୍କ ଉଦ୍ଦେଶ୍ୟ ପୂରଣ ପାଇଁ ନିଜର ସମସ୍ତ ଉପଲବ୍ଧି ଓ ଶକ୍ତିକୁ ବିନିଯୋଗ କରିବା ଆବଶ୍ୟକ । ସେଥିପାଇଁ ଗୀତା ''ଲୋକ ସଂଗ୍ରହ'' ବିଷୟ ଉପରେ ବାରଂବାର ଗୁରୁତ୍ୱ ଦେଇଛି । ସମତା ଉପରେ ପ୍ରତିଷ୍ଠିତ ଦିବ୍ୟକର୍ମ ଓ ସର୍ବସମାବେଶୀ ଭଗବତ୍ ଜ୍ଞାନ, ଏ ଉଭୟର ଅଦ୍ଭୁତ ସମନ୍ୱୟ ଗୀତାରେ ଦେଖିବାକୁ ମିଳେ ।

ସହିଷ୍ଣୁତା, ଦାର୍ଶନିକ ଉଦାସୀନତା ଓ ନତି ହେଉଛି ସମତାର ତିନି ପ୍ରକାର ଭିତ୍ତି । ଗୀତା ଏ ତିନି ପ୍ରକାର ମନୋବୃତ୍ତିକୁ ଏକତ୍ର ଯୁକ୍ତ କରିଛି ତଥା ଏଗୁଡ଼ିକୁ ଗଭୀର ତାତ୍ପର୍ଯ୍ୟ ପ୍ରଦାନ କରିଛି । ଷ୍ଟୋୟିକ୍ ଜ୍ଞାନ ସହିଷ୍ଣୁତା ଓ ଧୈର୍ଯ୍ୟ ସହିତ ଆତ୍ମକର୍ତ୍ତୃତ୍ୱ ଲାଭ ପାଇଁ ଚେଷ୍ଟା କରିବାକୁ ନିର୍ଦ୍ଦେଶ ଦିଏ । ନିଜ ପ୍ରକୃତି ସହିତ ଯୁଦ୍ଧ କରିବା ଦ୍ୱାରା ହିଁ ଏହି ସମତା ଲାଭ କରାଯାଏ । ଏଥିରୁ ଏକ ମହତ୍ ଶାନ୍ତି ମିଳେ ସତ, ମାତ୍ର ମୁକ୍ତ ଆତ୍ମାର ଆନନ୍ଦ ଏଥିରେ ନଥାଏ । ଜୀବନରେ ଆସୁଥିବା ନାନା ଘାତ-ପ୍ରତିଘାତକୁ ବିନା ପ୍ରତିବାଦ ଓ ବିନା ପ୍ରତିକ୍ରିୟାରେ ସହ୍ୟ କରାଯାଏ । ଏହି ସହନଶୀଳତାରୁ ଏକ ପ୍ରକାର ଶାନ୍ତି ମିଳେ ସତ, ମାତ୍ର ମୁକ୍ତ ଭାବେ ଅଂଶ ଗ୍ରହଣ କରିବାର ଆନନ୍ଦ ସେଥିରେ ନଥାଏ । ଜଣେ ନୀରବରେ ସହ୍ୟ କରିଯାଏ ବୋଲି ପ୍ରକୃତି ତାକୁ ଏହି ଶାନ୍ତି ମଞ୍ଜୁର କରେ । ଅନ୍ୟ ପକ୍ଷରେ ଜଣେ ମୁକ୍ତ ପୁରୁଷ ପ୍ରକୃତିର ଅଧୀନରେ ନଥାଏ । ସେ ନିଜ ଆତ୍ମାର ବିଶୁଦ୍ଧ ପୂର୍ଣ୍ଣତାରୁ ହିଁ ଆନନ୍ଦ ଲାଭ କରେ । ନିମ୍ନ-ପ୍ରକୃତି ସହିତ ଯୁଦ୍ଧରେ ବ୍ୟକ୍ତିଗତ ପ୍ରୟାସର ଆବଶ୍ୟକତାକୁ ଗୀତା ସ୍ୱୀକାର କରିଛି, ମାତ୍ର ପୂର୍ଣ୍ଣ କର୍ତ୍ତୃତ୍ୱ ଓ ମୁକ୍ତି ଲାଭ ପାଇଁ ଭଗବାନଙ୍କ ସହିତ ମିଳନ ଉପରେ ଏହା ଜୋର୍ ଦେଇଛି ।

ଦାର୍ଶନିକ ଉଦାସୀନତା ଏକ ଉଚ୍ଚତର ସ୍ଥିରତା ଆଣିଦିଏ, ମାତ୍ର ଏହା ଦ୍ୱାରା ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତ ହୋଇପାରେ ନାହିଁ । ଏକ ବିଚ୍ଛିନ୍ନ ଉଦାସୀନ ଅବସ୍ଥା ସଂସାର ପାଇଁ କୌଣସି ରୂପେ ଫଳପ୍ରଦ ହୋଇପାରେ ନାହିଁ । ଉଦାସୀନତା ପରିବର୍ତ୍ତେ ସର୍ବଭୂତରେ ବିଦ୍ୟମାନ ଭଗବାନଙ୍କ ପ୍ରତି ପ୍ରେମ ଓ ଭକ୍ତି କରିବା ଉପରେ ଗୀତା ଗୁରୁତ୍ୱ ଦେଇଛି । ଗୀତାର ସମତା ସର୍ବଭୂତ ସହିତ ଏକତ୍ୱ ଉପରେ ପ୍ରତିଷ୍ଠିତ । ଏହା ସମସ୍ତଙ୍କ ପ୍ରତି ଏକ ପରମ ସହାନୁଭୂତିର ଅବସ୍ଥା ଆଣିଦିଏ ।

ନତି (resignation)ର ଯେଉଁ ମନୋଭାବ ରହିଛି ଏ କ୍ଷେତ୍ରରେ ଜଣେ ଭଗବାନଙ୍କ ଇଚ୍ଛା ନିକଟରେ ମୁଣ୍ଡ ପାତିଦିଏ ବା ସବୁକିଛିକୁ ଧୀର ସ୍ଥିର ଭାବେ ମାନିନିଏ । ଘଟଣାଗୁଡ଼ିକୁ ଆପଣା ବାଟରେ ଘଟିବାକୁ ଦେବାର ନକାରାତ୍ମକ ମନୋବୃତ୍ତି ଏଥିରେ ଥାଏ । କିନ୍ତୁ ଗୀତା ନତି ଭାବକୁ ପୂର୍ଣ୍ଣତର ରୂପ ଦେବା ପାଇଁ ଭଗବାନଙ୍କଠାରେ ସମଗ୍ର ସତ୍ତାର ପୂର୍ଣ୍ଣ ସମର୍ପଣର କଥା କହିଛି । ଏଥିଲାଗି ଏକ ନିଷ୍କ୍ରିୟ ଆନୁଗତ୍ୟ ନୁହେଁ, ଏକ ସକ୍ରିୟ ଆତ୍ମ-ନିବେଦନ ଆବଶ୍ୟକ । ସାଧକ ନିଜର ସମସ୍ତ ଇଚ୍ଛା ଓ ସଂକଳ୍ପକୁ ଭଗବାନଙ୍କୁ ସମର୍ପଣ କରି ଦେଇ ତାଙ୍କର ଯନ୍ତ୍ରରେ ପରିଣତ ହେବ । ଭଗବାନଙ୍କ ଦାସ ହେବାର ନିମ୍ନତର ଭାବ ଗ୍ରହଣ କରିବା ପରିବର୍ତ୍ତେ ତାଙ୍କ ସହ ଏକାତ୍ମତା ଲାଭର ଲକ୍ଷ୍ୟ ତା'ର ରହିବ । ଏହି ଏକାତ୍ମତା ଲାଭ ଫଳରେ ସେ ସମସ୍ତ ଭଲ ଓ ମନ୍ଦ, ଶୁଭ ଓ ଅଶୁଭ ସବୁକିଛିକୁ କର୍ମର ଅଧୀଶ୍ୱର ଭଗବାନଙ୍କର ବୋଲି ଗ୍ରହଣ କରିପାରିବ । ଗୀତାର ସାଧନାରେ ଦୁଃଖ ଓ ଶୋକକୁ କେବଳ ଯେ ସହ୍ୟ କରାଯାଏ ତାହା ନୁହେଁ, ତାହାକୁ ସମ୍ପୂର୍ଣ୍ଣ ରୂପେ ନିର୍ବାସିତ କରି ଦିଆଯାଏ, ଚିତ୍ତରେ ପୂର୍ଣ୍ଣ ସମତା ପ୍ରତିଷ୍ଠିତ ହୁଏ ।

ଅନ୍ୟମାନଙ୍କ ପ୍ରତି ଓ ଜଗତ୍ ପ୍ରତି ଆମର କେଉଁ ମନୋଭାବ ରହିବ ଏକଥା ଏ ପର୍ଯ୍ୟନ୍ତ ଆଲୋଚନା କରାଗଲା । ବର୍ତ୍ତମାନ ଦେଖିବା ଆମ ପ୍ରତି ଅନ୍ୟମାନଙ୍କର ବ୍ୟବହାର ସମ୍ପର୍କରେ ଆମେ କ'ଣ କରିପାରିବା । ଶ୍ରୀଅରବିନ୍ଦ କହନ୍ତି ଯେ ଅନ୍ୟମାନେ ଆମକୁ ଯେପରି ବ୍ୟବହାର କଲେ ମଧ୍ୟ ଆମ ଭିତରେ ଆନ୍ତର ଏକତ୍ୱ, ପ୍ରେମ ଓ ସହାନୁଭୂତିର ଭାବ ବଜାୟ ରହିବା ଉଚିତ । ମାତ୍ର ଏହାର ଅର୍ଥ ନୁହେଁ ଯେ ଆମେ ମନ୍ଦ ଶକ୍ତି ସମ୍ମୁଖରେ ନତ ହୋଇ ସେମାନଙ୍କ ବଶ୍ୟତା ସ୍ୱୀକାର କରିବା । ଶ୍ରୀଅରବିନ୍ଦଙ୍କ ମତ ହେଲା ଭଗବତ୍ ବିଶ୍ୱସଂକଳ୍ପ ବିରୋଧରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ ଆମକୁ ଯୁଦ୍ଧ କରିବାକୁ ହେବ ଏବଂ ସେମାନଙ୍କ ଉପରେ ବିଜୟ ଲାଭ କରିବାକୁ ହେବ । କିନ୍ତୁ ଗୋଟିଏ କଥା ଧ୍ୟାନରେ ରଖିବାକୁ ହେବ ଯେ ଆମ ମନରେ ଯେମିତି ଘୃଣା, ଦ୍ୱେଷ, ବ୍ୟକ୍ତିଗତ କାମନାବାସନା, ଶତ୍ରୁଭାବ ବା ଗର୍ବଭାବ ସ୍ଥାନ ନ ପାଏ । ହୃଦୟରେ ପ୍ରେମପୂର୍ଣ୍ଣ ଭାବ ରଖି ମନ୍ଦଶକ୍ତି ବିରୋଧରେ ଯୁଦ୍ଧ କରିବାକୁ ହେବ । ଏ କ୍ଷେତ୍ରରେ ଆମେ ଜାଣି ରଖିବା ଉଚିତ ଯେ ମନ୍ଦଶକ୍ତିର ପ୍ରତିନିଧି ସାଜିଥିବା କୌଣସି ମନୁଷ୍ୟର ବିନାଶ କରିବା ଦ୍ୱାରା ଆମେ ତାହାର ମଙ୍ଗଳ ହିଁ କରୁଛୁ, ତାହାର ଆତ୍ମାର ବିକାଶରେ ସାହାଯ୍ୟ କରୁଛୁ । ଦୁଷ୍ଟ ଓ ଅନ୍ୟାୟୀମାନଙ୍କୁ ପ୍ରତିରୋଧ ଓ ପରାସ୍ତ କରିବା ଦ୍ୱାରା ଆମେ ସେମାନଙ୍କର ସର୍ବୋତ୍ତମ ସେବା କରୁଛୁ । ଏହି ମନୋଭାବ ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ସମସ୍ତଙ୍କ ମଧ୍ୟରେ ଦିବ୍ୟ ଏକତ୍ୱକୁ ଉପଲବ୍ଧି କରିବା ।

ଶ୍ରୀଅରବିନ୍ଦ କହୁଛନ୍ତି ଯେ ଆତ୍ମାରେ ସମସ୍ତଙ୍କ ସହିତ ଏକତ୍ୱର ଭାବ ରହିବ, ହୃଦୟରେ ସମସ୍ତଙ୍କ ପ୍ରତି ଶାନ୍ତ ସାର୍ବଜନୀନ ପ୍ରେମ, ସହାନୁଭୂତି ଓ କରୁଣା ରହିବ, କିନ୍ତୁ ହସ୍ତ ମୁକ୍ତ ହୋଇ ରହିବ ନୈର୍ବ୍ୟକ୍ତିକ ଭାବରେ ମଙ୍ଗଳ ଓ କଲ୍ୟାଣ ସାଧନ କରିବା ପାଇଁ । ଏ ବ୍ୟକ୍ତି ବା ସେ ବ୍ୟକ୍ତିର ହିତସାଧନ ନୁହେଁ, ବରଂ ଭଗବତ୍ ଯୋଜନାକୁ ସାର୍ଥକ କରିବା ଓ ସୃଷ୍ଟିର ଲକ୍ଷ୍ୟକୁ ପୂର୍ଣ୍ଣ କରିବା ପାଇଁ ହିଁ ସେହି କଲ୍ୟାଣ ଉଦ୍ଦିଷ୍ଟ ହେବ । ଏକ ଦୁର୍ବଳ ଅନୁକମ୍ପା ନୁହେଁ, ସର୍ବଭୂତର କଲ୍ୟାଣ ସାଧନ ହିଁ ଗୀତା-ଶିକ୍ଷାର ମୂଳ ମର୍ମ । ଗୀତାର ସମତା ଉପରୋକ୍ତ ଆଦର୍ଶ ଉପରେ ପ୍ରତିଷ୍ଠିତ ।

ପ୍ରବନ୍ଧର ଶେଷ ଅନୁଚ୍ଛେଦରେ ଶ୍ରୀଅରବିନ୍ଦ କହିଛନ୍ତି – ''Oneness with God, oneness with all beings, the realisation of the eternal divine unity everywhere and the drawing onwards of men towards that oneness are the law of life which arises from the teachings of the Gita. There can be none greater, wider, more profound.''

(Essays on the Gita, p. 210)

ଅର୍ଥାତ୍, ''ଭଗବାନଙ୍କ ସହିତ ଏକତ୍ୱ, ସର୍ବଭୂତ ସହ ଏକତ୍ୱ, ସର୍ବତ୍ର ଚିରନ୍ତନ ଦିବ୍ୟ ଏକତ୍ୱର ଉପଲବ୍ଧି ଏବଂ ସେହି ଏକତ୍ୱ ଦିଗରେ ସମସ୍ତ ମାନବସମାଜକୁ ଆଗେଇ ନେଇଯିବା – ଏହାହିଁ ଜୀବନର ଧର୍ମ ବୋଲି ଗୀତା ଶିକ୍ଷା ଦେଇଛି । ଏହା ଅପେକ୍ଷା ଅଧିକ ମହାନ୍, ବ୍ୟାପକ ଓ ଗଭୀର ଶିକ୍ଷା ଆଉ କିଛି ହୋଇ ପାରେନା ।'' ❑

# ଭୟ ଓ ସଂକ୍ରମଣ

## ଶ୍ରୀମା

ଜଣେ ଯେତେବେଳେ ଭାରସାମ୍ୟତାର ସ୍ୱାଭାବିକ ଅବସ୍ଥା ମଧ୍ୟରେ ଥାଏ ଏବଂ ସ୍ୱାଭାବିକ ଶାରୀରିକ ସଂଗତି ମଧ୍ୟରେ ବାସକରେ, ସେତେବେଳେ ଶରୀରର ଏକ ପ୍ରତିରୋଧକ ସାମର୍ଥ୍ୟ ଥାଏ, ତା' ନିଜ ଭିତରେ ଏକ ବାତାବରଣ ରହିଥାଏ ଯାହା ରୋଗକୁ ପ୍ରତିରୋଧ କରିବା ଲାଗି ସକ୍ଷମ । ଏହାର ଜଡ଼ତମ ଉପାଦାନରୁ ଅନେକ ସୂକ୍ଷ୍ମ ସ୍ପନ୍ଦନ ନିର୍ଗତ ହୁଏ ଯାହାର କି ରୋଗକୁ ପ୍ରତିରୋଧ କରିବା ଲାଗି ଶକ୍ତି ଥାଏ, ଏପରିକି ଯାହାକୁ କୁହାଯାଏ ସଂକ୍ରାମକ ରୋଗ – ପ୍ରକୃତରେ, ସମସ୍ତ ସ୍ପନ୍ଦନ ସଂକ୍ରାମକ, କିନ୍ତୁ ତଥାପି, କେତେକ ନିର୍ଦ୍ଦିଷ୍ଟ ରୋଗ ବିଶେଷଭାବେ ସଂକ୍ରାମକ ବୋଲି ବିବେଚିତ । ଆଚ୍ଛା, ଜଣେ ବ୍ୟକ୍ତି, ଯେକି ଖାଲି ବାହ୍ୟିକ ଦୃଷ୍ଟିକୋଣରୁ ହେଉ ପଛେ ଶରୀରର ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟକଳାପ ସହିତ ମେଳ ରଖି ପାରିଛି, ଏବଂ ତା'ର ଯଥେଷ୍ଟ ମନସ୍ତାତ୍ତ୍ୱିକ ସମତା ରହିଛି, ସେହି ସମୟରେ ସଂକ୍ରମିତ ନ ହେବା ଲାଗି ତା'ର ଯଥେଷ୍ଟ ପ୍ରତିରୋଧକ ଶକ୍ତି ମଧ୍ୟ ଥାଏ । କିନ୍ତୁ ଯଦି କୌଣସି କାରଣ ଯୋଗୁଁ ସେ ତାହାର ଭାରସାମ୍ୟ ହରାଇ ବସେ କିଂବା ଉଦାହରଣ ସ୍ୱରୂପ ବିଷାଦ, ଅସନ୍ତୋଷ, ମନସ୍ତାତ୍ତ୍ୱିକ ଅବସାଦ କିଂବା ଅତ୍ୟଧିକ ଅବସନ୍ନତା ଦ୍ୱାରା ଦୁର୍ବଳ ହୋଇଯାଏ, ତେବେ ଏହା ଶରୀରର ସ୍ୱାଭାବିକ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଦିଏ ଏବଂ ସେ ରୋଗ ପ୍ରତି ଉନ୍ମୁକ୍ତ ହୋଇଯାଏ ।...

ସାଧାରଣ ଦୃଷ୍ଟିକୋଣରୁ, ଅନେକ କ୍ଷେତ୍ରରେ ଭୟ ହିଁ ସାଧାରଣତଃ ସଂକ୍ରମଣର କାରଣ । ଏହା ହୋଇପାରେ ମାନସିକ ଭୟ, ହୋଇପାରେ ପ୍ରାଣିକ ଭୟ, କିନ୍ତୁ ପ୍ରାୟ ସବୁ କ୍ଷେତ୍ରରେ ଏହା ଶାରୀରିକ ଭୟ, କୋଷ ଭିତରର ଭୟ ମଧ୍ୟ ହୋଇପାରେ – ଏହି ଭୟ ହିଁ ସମସ୍ତ ସଂକ୍ରମଣ ଲାଗି ଦ୍ୱାର ଉନ୍ମୁକ୍ତ କରେ । ମାନସିକ ଭୟ – ଯେଉଁମାନଙ୍କର ନିଜ ଉପରେ ସାମାନ୍ୟ ନିୟନ୍ତ୍ରଣ ଅଛି କିଂବା କୌଣସି ମାନବୀୟ ମର୍ଯ୍ୟାଦାବୋଧ ରହିଛି ସେମାନେ ଏହାକୁ ଦୂର କରି ପାରନ୍ତି । ପ୍ରାଣିକ ଭୟ ହେଉଛି ସୂକ୍ଷ୍ମତର ଏବଂ ଏହା ଅଧିକ ନିୟନ୍ତ୍ରଣ ଦରକାର କରେ । ଶାରୀରିକ ଭୟ କ୍ଷେତ୍ରରେ, ଏହାକୁ ଦୂର କରିବା ଲାଗି ପ୍ରକୃତ ଯୋଗ ଦରକାର, କାରଣ ଶରୀରର କୋଷଗୁଡ଼ିକ ଯାହାକିଛି ଅପ୍ରୀତିକର ଓ ଯନ୍ତ୍ରଣାଦାୟକ, ତାହାକୁ ଭୟ କରେ ଏବଂ ଏପରିକି ଖୁବ୍ ନଗଣ୍ୟ ଅସ୍ୱସ୍ତିବୋଧ ଅନୁଭବ ହେବା କ୍ଷଣି ଶରୀରର କୋଷଗୁଡ଼ିକ ବ୍ୟସ୍ତ ହୋଇ ପଡ଼ନ୍ତି ! ସେମାନେ ଅସ୍ୱସ୍ତିବୋଧ କରିବାକୁ ଭଲ ପାଆନ୍ତି ନାହିଁ । ତା'ପରେ, ଏହାକୁ ଅତିକ୍ରମ କରିବା ଲାଗି ଏକ ସଚେତନ ଇଚ୍ଛାର ନିୟନ୍ତ୍ରଣ ଦରକାର । ସାଧାରଣତଃ ଏହି ପ୍ରକାରର ଭୟ ହିଁ ରୋଗ ଲାଗି ଦ୍ୱାର ଉନ୍ମୁକ୍ତ କରେ । ମୁଁ ପ୍ରଥମ ଦୁଇ ପ୍ରକାରର ଭୟ ବିଷୟରେ କହୁ ନାହିଁ, ମୁଁ ଯେମିତି କହିଥିଲି, କୌଣସି ବ୍ୟକ୍ତି ଯଦି ମାନବ ଶବ୍ଦର ମହତ୍ତମ ଅର୍ଥ ଅନୁସାରେ ମଣିଷଟିଏ ହେବା ଲାଗି ଚାହେଁ, ତେବେ ତାହାକୁ ନିଶ୍ଚିତଭାବେ ଏହି ଦୁଇ ପ୍ରକାରର ଭୟକୁ ଜୟ କରିବାକୁ ହେବ, ନଚେତ ତାହା ହେଉଛି କାପୁରୁଷତା । କିନ୍ତୁ ଶାରୀରିକ ଭୟକୁ ଜୟ କରିବା ଅଧିକ କଷ୍ଟକର; ଏହି ଭୟ ନ ଥିଲେ ସବୁଠାରୁ ଭୟଙ୍କର ଆକ୍ରମଣକୁ ମଧ୍ୟ ଦୂରେଇ ରଖା ଯାଇପାରନ୍ତା । ଯଦି ଜଣକର ଶରୀର ଉପରେ ସାମାନ୍ୟ ଟିକିଏ ନିୟନ୍ତ୍ରଣ ଥାଏ, ତେବେ ଜଣେ ଏହାର ପରିଣାମକୁ କମ୍ କରିପାରେ, କିନ୍ତୁ ତାହା ପ୍ରତିରୋଧକ (Immunity) ନୁହେଁ । ଜଡ଼ର ଏହି ପ୍ରକାରର କମ୍ପନ, ଦେହର କୋଷ ଭିତରେ ଥିବା ଶାରୀରିକ ଭୟ ହିଁ ସମସ୍ତ ରୋଗକୁ ବଢ଼ାଇଦିଏ ।

କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଏପରିକି ସେମାନଙ୍କର ଶରୀରରେ ମଧ୍ୟ ସ୍ୱତଃସ୍ଫୂର୍ତ୍ତଭାବେ ଭୟରୁ ମୁକ୍ତ; ଭୟଭୀତ ନ ହେବା ଲାଗି ସେମାନଙ୍କ ଭିତରେ ଯଥେଷ୍ଟ ପ୍ରାଣିକ ଭାରସାମ୍ୟତା ଥାଏ ଏବଂ ସେମାନଙ୍କ ଶାରୀରିକ ଜୀବନର ଛନ୍ଦ ଭିତରେ ଏକ ସ୍ୱାଭାବିକ ସମତା (Harmony) ଥାଏ ଯାହା ସେମାନଙ୍କୁ ସ୍ୱତଃସ୍ଫୂର୍ତ୍ତଭାବେ ରୋଗର ପ୍ରଭାବକୁ ସ୍ୱଳ୍ପତମ କରିବାରେ ସଂଯମ କରେ । ଅପର ପକ୍ଷେ, ଅନ୍ୟ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ପାଇଁ ଏହା ଯତ୍ପରୋନାସ୍ତି ଖରାପ ହୋଇପାରେ ଏବଂ କେବେ କେବେ ତାହା ଘୋର ବିପତ୍ତିର ଅବସ୍ଥାକୁ ବି ଆସିପାରେ । ସେଇଠି ରହିଛି ସମୁଦାୟ ପରିସରଟି ଏବଂ ଏହାକୁ ସହଜରେ ଅବଲୋକନ କରାଯାଇ ପାରେ । ଆଚ୍ଛା, ଏହା ସେମାନଙ୍କର ଜୀବନର ଗତିବିଧି ମଧ୍ୟରେ ଥିବା

ଏକ ପ୍ରକାର ଆନନ୍ଦମୟ ଛନ୍ଦ ଉପରେ ନିର୍ଭର କରେ ଯାହାକି ବାହାରୁ ଆସୁଥିବା ରୋଗର ଆକ୍ରମଣକୁ ପ୍ରତିରୋଧ କରିବା ଲାଗି ଯଥେଷ୍ଟ ସୁସଙ୍ଗତ, ନଚେତ୍ ଏହା ଯଦି ନ ଥାଏ କିଂବା ଏହା ଯଥେଷ୍ଟ ଶକ୍ତ ହୋଇ ନ ଥାଏ ଏବଂ ଭୟର କମ୍ପନ ଦ୍ୱାରା ଏହି ସ୍ଥାନ ଅଧିକୃତ ହୋଇଥାଏ ତଥା ସେହି ପ୍ରକାର ପ୍ରବୃତ୍ତିଗତ ଯନ୍ତ୍ରଣା ସ୍ୱଳ୍ପତମ ଅପ୍ରୀତିକର ସଂସ୍ପର୍ଶକୁ କଷ୍ଟଦାୟକ ଓ କ୍ଷତିକାରକ କରି ଦିଏ । କୌଣସି କିଛି ଦ୍ୱାରା ସଂକ୍ରମିତ ନ ହୋଇ ସବୁଠାରୁ କୁସଂକ୍ରାମକ ରୋଗ ଓ ବ୍ୟାପକ ସଂକ୍ରମଣ (epidemic) ମଧ୍ୟରେ ଆକ୍ରାନ୍ତ ନ ହେବା ବ୍ୟକ୍ତିଠାରୁ ସାମାନ୍ୟତମ ସମ୍ଭାବନାରେ ରୋଗଗ୍ରସ୍ତ ହୋଇପଡ଼ିବା ବ୍ୟକ୍ତି ପର୍ଯ୍ୟନ୍ତ ସମୁଦାୟ ପରିସରଟି ଏହିପରି ବ୍ୟାପକ । ତେଣୁ ସ୍ୱାଭାବିକଭାବେ ଏହା ପ୍ରତ୍ୟେକ ମନୁଷ୍ୟର ଶରୀର ଗଠନ ଉପରେ ନିର୍ଭର କରେ; ଏବଂ ଅଗ୍ରଗତି କରିବା ସକାଶେ ତୁମେ ଯେଉଁ ମୁହୂର୍ତ୍ତରେ ଚେଷ୍ଟା କରିବାକୁ ଚାହଁ, ନିଜ ଉପରେ ତୁମର କେତେ ନିୟନ୍ତ୍ରଣ ଅଛି ଏହା ବାସ୍ତବିକ ତାହାରି ଉପରେ ନିର୍ଭର କରେ । ତୁମ ଶରୀର ଉଚ୍ଚତର ସଂକଳ୍ପର ଆଜ୍ଞାଧୀନ ଯନ୍ତ୍ର ହୋଇଯିବା ପର୍ଯ୍ୟନ୍ତ ଏବଂ ତହିଁରୁ ସକଳ ଆକ୍ରମଣ ବିରୋଧରେ ସ୍ୱାଭାବିକ ପ୍ରତିରୋଧ ଆହରଣ କରିବା ପର୍ଯ୍ୟନ୍ତ ଏସବୁ ହୋଇଥାଏ ।

କିନ୍ତୁ ତୁମେ ଯେତେବେଳେ ଭୟକୁ ଦୂର କରିପାର, ତୁମେ ବାସ୍ତବରେ ସୁରକ୍ଷିତ ହୋଇ ରୁହ । ଉଦାହରଣ ସ୍ୱରୂପ, ସଂକ୍ରାମକ ରୋଗ କିଂବା ବର୍ତ୍ତମାନ ବ୍ୟାପିଥିବା ପରି ତଥାକଥିତ ସଂକ୍ରାମକ ରୋଗଗୁଡ଼ିକ – ଏକଶତ ଭାଗରୁ ଅନେଶତ ଭାଗ ଭୟରୁ ଆସେ : ଏକ ପ୍ରକାରର ଭୟ ଯାହାକି ଖବର କାଗଜରେ ଥିବା ଲେଖା, ଅଯଥା କଥା ଇତ୍ୟାଦି ଦ୍ୱାରା ପ୍ରୋତ୍ସାହିତ ହୋଇ ମାନସିକ ଭୟର ଏକ ଜଘନ୍ୟତମ ରୂପ ଧାରଣ କରିଥାଏ ।

(CWM. Vol. 9 pp. 121-123)

*

*ମାନସିକ, ପ୍ରାଣିକ ଓ ଶାରୀରିକ ଭୟ ମଧ୍ୟରେ ପ୍ରଭେଦ କ'ଣ ?*

ଉତ୍ତର :ତୁମେ ଯଦି ତୁମର ମନ, ପ୍ରାଣ ଓ ଶରୀରର ଗତିବିଧି ବିଷୟରେ ସଚେତନ ତେବେ ତୁମେ ଏହାକୁ ଜାଣିପାରିବ ।

ମାନସିକ ଭୟ ଖୁବ୍ ସରଳ : ଏହା ହେଉଛି ଚିନ୍ତାରାଜି । ଉଦାହରଣ ସ୍ୱରୂପ, ତୁମେ ଚିନ୍ତା କରିବାକୁ ଆରମ୍ଭ କର ଯେ ଏହି ରୋଗଟି ରହିଛି, ଏହା ଖୁବ୍ ସଂକ୍ରାମକ, ସମ୍ଭବତଃ ତୁମେ ଏହା ଦ୍ୱାରା ଆକ୍ରାନ୍ତ ହେବ, ଯଦି ଆକ୍ରାନ୍ତ ହୁଅ ଏହା ଖୁବ୍ ଭୟଙ୍କର ହେବ, ତେବେ ରୋଗାକ୍ରାନ୍ତ ନ ହେବା ଲାଗି କ'ଣ କରିବାକୁ ହେବ ?... ତେଣୁ, ମନ ମଧ୍ୟରେ କମ୍ପନ ଆରମ୍ଭ ହୋଇଯାଏ : କାଲି କ'ଣ ଘଟିବ ? ଇତ୍ୟାଦି ।

ପ୍ରାଣିକ ଭୟକୁ ତୁମେ ଅନୁଭବ କର । ତୁମର ଇନ୍ଦ୍ରିୟରାଜି ଦ୍ୱାରା ତୁମେ ଏହାକୁ ଅନୁଭବ କର । ହଠାତ୍ ତୁମେ ଗରମ ଅନୁଭବ କର, ଥଣ୍ଡା ଅନୁଭବ କର, ତୁମ ଶରୀରରୁ ଝାଳ ବୋହିଯାଏ କିଂବା ସମସ୍ତ ପ୍ରକାର ଅପ୍ରୀତିକର କଥା ଘଟିଚାଲେ । ତା' ପରେ ତୁମେ ଅନୁଭବ କର ତୁମର ହୃତ୍‌ପିଣ୍ଡ ଶୀଘ୍ର ଶୀଘ୍ର ଧପ୍ ଧପ୍ କରୁଛି । ଏବଂ ହଠାତ୍ କରି ତୁମକୁ ଜ୍ୱର ହୋଇଯାଏ, ତା'ପରେ ରକ୍ତ ସଂଚାଳନ ବନ୍ଦ ହୋଇଯାଏ ଓ ତୁମେ ଥଣ୍ଡା ହୋଇଯାଅ ।

ଆଚ୍ଛା ଶାରୀରିକ ଭାବେ... ଯେତେବେଳେ ତୁମର ଅନ୍ୟ ଦୁଇଟି ଭୟ ଆଉ ନଥାଏ, ତୁମେ ଶାରୀରିକ ଭୟ ବିଷୟରେ ସଚେତନ ହୋଇପାରିବ । ସାଧାରଣତଃ ଅନ୍ୟ ଦୁଇଟି ଭୟ ଅନେକ ବେଶୀ ସଚେତନ । ସେମାନେ ଶାରୀରିକ ଭୟକୁ ତୁମ ପାଖରୁ ଲୁଚାଇ ରଖନ୍ତି । କିନ୍ତୁ ଯେତେବେଳେ ତୁମର ଆଉ ମାନସିକ ଓ ପ୍ରାଣିକ ଭୟ ନଥାଏ, ଏହା ତୁମ ନଜରରେ ପଡ଼େ । ଏହା ଏକ ଅସାଧାରଣ ଛୋଟ ଶିହରଣ ଯାହା ତୁମ କୋଷ ମଧ୍ୟରେ ପ୍ରବେଶ କରେ ଏବଂ ସେଗୁଡ଼ିକ ଏହିପରି ଥରି ଉଠନ୍ତି । କିନ୍ତୁ କୋଷଗୁଡ଼ିକ ଏକ ହୃତ୍‌ପିଣ୍ଡ ଭଳି ଜୋର୍‌ରେ ଧପ୍ ଧପ୍ କରିବାକୁ ଆରମ୍ଭ କରନ୍ତି ନାହିଁ । ଏହା କୋଷଗୁଡ଼ିକ ଭିତରେ ହିଁ ଥାଏ : ସେମାନେ ଥରି ଉଠନ୍ତି, ସାମାନ୍ୟ ଟିକିଏ ଶିହରଣ ହୁଏ । ଏହାକୁ ନିୟନ୍ତ୍ରଣ କରିବା ଖୁବ୍ କଷ୍ଟ । ତଥାପି ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ ।

(CWM. Vol. 5 p. 167)

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୫)

### ‘ସିଦ୍ଧି-ଦିବସ’ ପରେ :

ଏବେ ଆମେ ଆଶ୍ରମର ଆଭ୍ୟନ୍ତରୀଣ ପ୍ରସ୍ତୁତି ପର୍ବକୁ ଫେରିଯାଉଛୁ । ନଳିନୀଙ୍କର କହିବା ଅନୁଯାୟୀ ‘ସିଦ୍ଧି ଦିବସ’ର ପରଠୁ ଶ୍ରୀଅରବିନ୍ଦ ଅଭ୍ୟନ୍ତରକୁ ଅପସରି ଗଲେ – ଅର୍ଥାତ୍, ଆଉ ବାହାରକୁ ଆସି ‘ସାନ୍ଧ୍ୟ-ବୈଠକ’ ଆଦିରେ ଯୋଗ ଦେଲେ ନାହିଁ – ଏବେ ଶ୍ରୀମା ସମ୍ମୁଖକୁ ଆସି ଆମମାନଙ୍କର ସାଧନା ଜୀବନର ପ୍ରତ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ । ଏବେ ତାଙ୍କର ସ୍ମୃତିକଥାରୁ ଉଦ୍ଧୃତି :

‘‘ସେଇଦିନଠୁ ମା ପ୍ରତିଦିନ ରାତ୍ରିରେ ସମସ୍ତଙ୍କୁ ନେଇ ଧ୍ୟାନରେ ବସୁଥିଲେ; ସମସ୍ତଙ୍କ ସକାଶେ ବସିବାର ଧାରା ସେ ନିଜେ ଠିକ୍ କରି ଦେଲେ । ତାଙ୍କ ସାମନାରେ ଦକ୍ଷିଣ ପାର୍ଶ୍ୱକୁ କିଛି ବ୍ୟକ୍ତି ଜଣ ଜଣ କରି ବସିବେ ଏବଂ ଅନ୍ୟ କିଛି ବ୍ୟକ୍ତି ସେମିତି ବସିବେ ତାଙ୍କ ସାମନାରେ ବାମ ପାର୍ଶ୍ୱକୁ । ମା’ଙ୍କର ଦକ୍ଷିଣ ପାର୍ଶ୍ୱଟି ଜ୍ୟୋତିଃର ପାର୍ଶ୍ୱ ଏବଂ ବାମ ପାର୍ଶ୍ୱଟି ଶକ୍ତିର ପାର୍ଶ୍ୱ । ସାଧକମାନଙ୍କର ପ୍ରକୃତି ଅଥବା ସ୍ୱଭାବ ଅନୁସାରେ ସମସ୍ତେ ସ୍ଥାନ ପାଇଲେ ମା’ଙ୍କର ଦକ୍ଷିଣରେ ଓ ବାମରେ । ମୁଁ ଥିଲି ଦକ୍ଷିଣରେ, ବାମରେ ଥିଲେ ଅମୃତ ।

‘‘ନିତି ଧ୍ୟାନ ସମୟରେ ଏକ ଅଦ୍ଭୁତ କାଣ୍ଡ ଘଟୁଥିଲା । ଆମମାନଙ୍କ ଗହଣରେ ଥିଲେ ସାଧକ ପୁରୁଷୋତ୍ତମ । ସେ ଧ୍ୟାନ ସମୟରେ ବସୁଥିଲେ ମା’ଙ୍କର ଠିକ୍ ସାମନାରେ । ଧ୍ୟାନ ଯେମିତି ଆରମ୍ଭ ହେବ, ସେ ଦୋହଲିବାକୁ ଆରମ୍ଭ କରିବେ, ଅବଶ୍ୟ ଧ୍ୟାନସ୍ଥ ଅବସ୍ଥାରେ ଏବଂ ଧୀରେ ଉଠି ଚାଲିବାକୁ ଆରମ୍ଭ କରିବେ – ନିମୀଳିତ ଚକ୍ଷୁ, ଅନ୍ତଃପ୍ରଜ୍ଞ ଅବସ୍ଥା । ସେ ସେହି ଧ୍ୟାନସ୍ଥ ଅବସ୍ଥାରେ ହିଁ ଆମମାନଙ୍କ ଭିତରୁ କୌଣସି ଏକ ବ୍ୟକ୍ତିକୁ ଧରି ବସୁଥିଲେ ଏବଂ ଆରମ୍ଭ କରି ଦେଉଥିଲେ ତା’ର ଆପାଦ-ମସ୍ତକ ଦଳିବାକୁ, ପେଶିବାକୁ; ଚୁଳ-ଦାଢ଼ି-ନିଶ ଟାଣି ଛିଡ଼େଇ ଦେବାକୁ ବି ପଛାଉ ନଥିଲେ । ଆମେ ପ୍ରାୟ ସମସ୍ତେ ହିଁ ସେତେବେଳେ ସୁଦୀର୍ଘ ଶ୍ମଶ୍ରୁଗୁଚ୍ଛ ରଖୁଥିଲୁ, ଥିଲୁ କେଶରୀ । ପୁରୁଷୋତ୍ତମ କୈଫିୟତ ଦେଉଥିଲେ ଯେ ଧ୍ୟାନରେ ଏଇଟା ହିଁ ତାଙ୍କର କାମ – ପରିଶୋଧନ କରିବା, ପରିଶୋଧନରେ ସାହାଯ୍ୟ କରିବା । ଏହି ପୀଡ଼ନରେ କାହାରି କୌଣସି ଆପତ୍ତି ତ ନଥିଲା, ସମସ୍ତେହିଁ ଅବିଚଳିତ ଓ ନିର୍ବିକାର ଚିତ୍ତରେ, ସାନନ୍ଦରେହିଁ ଏହାକୁ ଗ୍ରହଣ କରୁଥିଲେ; ପ୍ରୟୋଜନ ହିସାବରେ, ମା’ଙ୍କର ଆଶୀର୍ବାଦ ଭାବରେ ସାଦରେ ଗ୍ରହଣ କରି ନେଉଥିଲେ । ତେବେ ଆମମାନଙ୍କ ଭିତରୁ ଜଣେ ଦୁଇଜଣଙ୍କ ଉପରେ ହିଁ ତାଙ୍କର ବେଶୀ ଆକର୍ଷଣ ଥିଲା ।

‘‘ଧ୍ୟାନରେ ଏହି କାଣ୍ଡ ଚାଲୁଥିବା ବେଳେ ମା କିନ୍ତୁ ନିଃଶବ୍ଦ, ଧ୍ୟାନନିମୀଳିତ ରହୁଥିଲେ; ସବୁକିଛି ଘଟୁଥିଲା ତାଙ୍କ ପରିଚାଳନାରେ, କିନ୍ତୁ ଅଭ୍ୟନ୍ତରରୁ, ସୂକ୍ଷ୍ମଭାବରେ ।

‘‘ଦିନେ ପୁରୁଷୋତ୍ତମ ମୁକ୍ତ କଣ୍ଠରେ ଶ୍ରୀମା’ଙ୍କୁ ଉଦ୍ଦେଶ୍ୟ କରି ଜଣାଇଲେ, ‘ମା, ମୁଁ ସ୍ପର୍ଦ୍ଧା କରୁ ନାହିଁ, ଏବେ ବି କରୁ ନାହିଁ; ଅତି ବିନୟାବନତ ହୋଇ ଆପଣଙ୍କୁ ଜଣାଉଛି – ତୁମେ ଯଦି ଉର୍ଦ୍ଧ୍ୱତମା ଆଦ୍ୟାଶକ୍ତି, ମୁଁ ହେଉଛି ଏଇ ପୃଥିବୀର ନିମ୍ନତମ ଶକ୍ତି; ମୋତେ ତୁମେ ଅଧିକାର ଦେଇଛ ତୁମ କାର୍ଯ୍ୟରେ ସହାୟକ ହେବାକୁ ।’ ପୁରୁଷୋତ୍ତମ କହୁଥିଲେ ଯେ ସର୍ପରାଜ ଅନନ୍ତ, ବାସୁକି ତାଙ୍କ ମଧ୍ୟରେ ଆବିର୍ଭୂତ ହୋଇଛନ୍ତି; ସେ ହେଉଛନ୍ତି ସ୍ୱୟଂ ଶେଷନାଗ – ନିମ୍ନତମା ତାମସୀ ଶକ୍ତି, ନିଶ୍ଚେତନାର ଅଧିଷ୍ଠାତ୍ରୀ ସେ, ତାଙ୍କର କାମ ଅନ୍ଧକାର ଭୂମିରେ ଚାଲେ, ସେଠାରେ ସବୁକିଛି ଅପରିଚ୍ଛନ୍ନ ତଥା ମଳିନତାକୁ ଭୂମିରେ ଝାଡୁ ମାରି ପରିଷ୍କାର, ପରିଚ୍ଛନ୍ନ କରି ଆଲୋକମୟ କରିବା; ଉର୍ଦ୍ଧ୍ୱଲୋକରୁ ମାତୃଶକ୍ତିଙ୍କ ସକାଶେ ନିମ୍ନରେ ସ୍ଥାନ ପ୍ରସ୍ତୁତ କରି ଦେବା ।

‘‘ଏହିପରି ଧାରାରେ କିଛି ଦିନ ଧରି ସମବେତ ଧ୍ୟାନ ଚାଲିଲା । ପରେ ଉପରୋକ୍ତ ଅଦ୍ଭୁତ କାଣ୍ଡଟି ବନ୍ଦ ହୋଇଗଲା, କେବଳ ଧ୍ୟାନହିଁ ହେଉଥିଲା ।

‘‘ମା’ଙ୍କର ଏଇ ସମୟ-କାଳ ମଧ୍ୟରେ ପ୍ରୟାସ ଥିଲା ଏକ ନବସୃଷ୍ଟି, ଏକ ଆନ୍ତର ଦିବ୍ୟ-ଚେତନାର ଜଗତ୍ ସୃଷ୍ଟି କରିବା । ସେ ଉର୍ଦ୍ଧ୍ୱତର ଶକ୍ତିଙ୍କୁ, ଦେବତାମାନଙ୍କୁ ଅବତରଣ କରାଇ ଆଣୁଥିଲେ ଏଇ ପାର୍ଥିବ ପରିବେଶ ମଧ୍ୟକୁ –

ଆମମାନଙ୍କ ଅନ୍ତଃସତ୍ତାରେ, ଅନ୍ତଃଚେତନାରେ । ଏହି ସୃଷ୍ଟିର ବିଶେଷତ୍ୱ ଥିଲା ଏହି ଯେ ଆମ ପ୍ରତ୍ୟେକଙ୍କୁ ସେ ସଂଯୁକ୍ତ କରି ଦେଇଥିଲେ ଆମ ନିଜର ଆନ୍ତର ଦେବତାଙ୍କ ସଙ୍ଗେ । ପ୍ରତ୍ୟେକ ବ୍ୟକ୍ତିର ରହିଛି ଏକ ଆଧ୍ୟାତ୍ମିକ ବଂଶାନୁକ୍ରମ । ପ୍ରତ୍ୟେକ ବ୍ୟକ୍ତି-ଚେତନାରେ ଅବତରଣ କରି ଆସିଛି ମହାଶକ୍ତିଙ୍କର ଏକ ଏକ ଭାଗବତ ବ୍ୟକ୍ତି-ସତ୍ତା, ଏକ ଏକ ଦେବତା, ଏକ ଏକ ବିଭୂତିର ପ୍ରକାଶଧାରା ।...''

ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ କଥାଛଳରେ ମା ତାଙ୍କର ଜନୈକ ଶିଷ୍ୟଙ୍କୁ କହିଥିଲେ : ''ଏହା ହେଉଛି ସେଇ ସମୟର କଥା, ଯେତେବେଳେ ଶ୍ରୀଅରବିନ୍ଦ ସର୍ବସାଧାରଣଙ୍କ ସହିତ ସବୁପ୍ରକାର ସମ୍ପର୍କରୁ ନିଜକୁ ଅପସରାଇ ନେଇ ଏକାନ୍ତବାସ ଆରମ୍ଭ କରିଥିଲେ । ଏହାପରଠୁ ମୁଁ ଅନ୍ତେବାସୀମାନଙ୍କୁ ନେଇ ସମବେତ ଧ୍ୟାନ ଆରମ୍ଭ କଲି; ସେତେବେଳେ ମୁଁ ଏକ ଅଧିମାନସିକ ସୃଷ୍ଟି (Overmental creation) ଆରମ୍ଭ କରି ଦେଇଥିଲି । ପ୍ରତ୍ୟେକ ଦେବତାଙ୍କୁ ଜଣ ଜଣ କରି ପ୍ରତ୍ୟେକ ଅନ୍ତେବାସୀଙ୍କ ମଧ୍ୟକୁ ଅବତରଣ କରାଇ ଆଣିଥିଲି । ଏହିସବୁ ଦେବଦେବୀଙ୍କ ସହିତ ମୋର ଇତିପୂର୍ବରୁ ସମ୍ପର୍କ ସ୍ଥାପିତ ହୋଇ ସାରିଥିଲା । ତେଣୁ ଆଶ୍ରମ ଜୀବନଧାରାରେ ଅସାଧାରଣ ଭାବରେ ଉଲ୍ଲେଖଯୋଗ୍ୟ ଏକ ଊର୍ଦ୍ଧ୍ୱମୁଖୀ ଗତି ଦେଖା ଦେଇଥିଲା ।

''('ମେଡ଼ିଟେସନ୍ ହାଉସ୍'କୁ ଆସିବା ପରେ) ସମବେତ ଧ୍ୟାନ ସକାଶେ ମୁଁ ତଳ ମହଲାର ହଲ୍‌କୁ ଓହ୍ଲାଇ ଆସୁଥିଲି । ସେଇ ହଲ୍‌ର ସ୍ତମ୍ଭଗୁଡ଼ିକର ଉପରି ଭାଗରେ ସମାନ୍ତରାଳ ଭାବରେ ସଂକୀର୍ଣ୍ଣ ଅପ୍ରଶସ୍ତ ଥାକ ସଦୃଶ ଏକ ଡିଜାଇନ୍ ବାହାର ଆଡ଼କୁ ରହିଥିଲା । ଧ୍ୟାନ ସମୟରେ ବା ଧ୍ୟାନ ଅନୁଷ୍ଠିତ ହେବାର କିଛିକ୍ଷଣ ପୂର୍ବରୁ ସେଇସବୁ ଥାକରେ ଶିବ, କୃଷ୍ଣ, ଲକ୍ଷ୍ମୀ, ତ୍ରିମୂର୍ତ୍ତି ଆଦି ସମସ୍ତ ଛୋଟ ବଡ଼ ଦେବଦେବୀ ନିତ୍ୟ ନିୟମିତ ଭାବରେ ନିଜ ନିଜର ଆସ୍ଥାନରେ ଉପସ୍ଥିତ ରହୁଥିଲେ । ଏହି ଦୃଶ୍ୟ ଥିଲା ଅତି ସୁନ୍ଦର, ରମଣୀୟ ।...''

ପୁନଶ୍ଚ ନଳିନୀଙ୍କର 'ସ୍ମୃତିକଥା'ରୁ : ''ମା'ଙ୍କର ଏହି (ଅଧିମାନସିକ) ସୃଷ୍ଟି ଥିଲା ଏକ ଧାର୍ମିକ ପୃଥିବୀ – ସେତେବେଳେ ଆମ ପ୍ରତ୍ୟେକଙ୍କର ଊର୍ଦ୍ଧ୍ୱତର ଚେତନାରେ ସଂଯୋଗ ସ୍ଥାପନ ନିମିତ୍ତ ଏକ ନିଜସ୍ୱ ସ୍ୱତନ୍ତ୍ର ଭୂମିକା ରହିଥିଲା ଏବଂ ପ୍ରତ୍ୟେକଙ୍କର ଆତ୍ମ-ସତ୍ତା ଯଥେଷ୍ଟ ଭାବରେ ଆମ ଚେତନାର ସମ୍ମୁଖ ଭାଗରେହିଁ ରହିଥିଲା । ଆମର ଏଇ ପାର୍ଥିବ ଆତ୍ମ-ସତ୍ତା ସହିତ ମା ଊର୍ଦ୍ଧ୍ୱତର ଭୂମିରୁ ଅନୁପୂରକ ବା ପରିପୂରକ ପ୍ରତିମୂର୍ତ୍ତି ବା ଏକ ଊର୍ଦ୍ଧ୍ୱତର ଦିବ୍ୟ-ସତ୍ତାଙ୍କୁ ଅବତରଣ କରାଇ ଆଣି ସଂଯୋଜିତ କରି ଦେଇଥିଲେ ।

''୨୪ ନଭେମ୍ବର ୧୯୨୬ର ମହିମମୟ ଘଟଣା ପରଠାରୁ ଭୂମି ପ୍ରସ୍ତୁତ ହୋଇ ସାରିଥିଲା । ମା'ଙ୍କର ଅହେତୁକୀ କୃପା ବଳରେ ଆମ ମଧ୍ୟରେ ଉପର ବର୍ଣ୍ଣିତ ସେଇ ଅବତରଣ ସମ୍ଭବ ହୋଇ ପାରିଥିଲା ।

''ଅନ୍ତରର ଏହି ଦିବ୍ୟ-ପ୍ରଭାବ ବା ଦିବ୍ୟ-ଭାବକୁ ଧାରଣ କରିବା, ସେଇଟିକୁ ପ୍ରତିଷ୍ଠିତ କରିବା, ସେଥିରେ ଅଭିନିବିଷ୍ଟ, ଏକୀଭୂତ ହୋଇ ବାହ୍ୟ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରକାଶ କରି ଚାଲିବା – ଏହାହିଁ ଥିଲା ସେତେବେଳକାର ସାଧନାର ଲକ୍ଷ୍ୟ । ଏହି ସମୟଟି ଥିଲା ଏକାନ୍ତ ଏକାଗ୍ରତା ବା ଏକମୁଖୀନତାର ଯୁଗ – ଯାହାକୁ କୁହାଯାଇପାରେ 'କମଠବ୍ରତ ସାଧନା'– କମଠ ଅର୍ଥ କୁର୍ମ ବା କଚ୍ଛପ – 'କମଠବ୍ରତ'ର ଅର୍ଥ କଚ୍ଛପ ସଦୃଶ ହାତପାଦକୁ ଭିତରକୁ ଗୋଟେଇ ନେଇ; ବାହାର ବାତାବରଣର ସମସ୍ତ ସମ୍ପର୍କ ଠାରୁ ବିଚ୍ଛିନ୍ନ ହୋଇ ପୃଷ୍ଠଭାଗର ଖୋଳପା ମଧ୍ୟରେ ବୁଡିରହିବା । ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଚେତନାକୁ ସର୍ବଦା ତା'ର ନିଜସ୍ୱ ଊର୍ଦ୍ଧ୍ୱ ବା ଉଚ୍ଚ ସ୍ଥିତି ବଜାୟ ରଖିବା ସକାଶେ, ତାକୁ ବିଶୁଦ୍ଧ ଓ ଅଟଳ ରଖିବା ସକାଶେ ଏହି ବ୍ୟବସ୍ଥା କରାଯାଇଥିଲା । ବାହାର ଜଗତ୍ ସହିତ ଆମମାନଙ୍କର ଆଦାନ-ପ୍ରଦାନ ଥିଲା ଖୁବ୍ କମ୍, ଅତି ସନ୍ତର୍ପଣରେ ତା' କରାଯାଉଥିଲା । ଆମମାନଙ୍କର ଚାରି ପାଖରେ ଯେପରି ଘେରାଇ ଦିଆଯାଇଥିଲା ଲୁହାର ଏକ ଶକ୍ତ ବାଡ଼ । ଏପରିକି ନିଜ ନିଜ ମଧ୍ୟରେ ଜଣେ ଅନ୍ୟ ଜଣଙ୍କୁ ଦେଖା କରିବା, ଅନ୍ୟ ଜଣଙ୍କ କକ୍ଷକୁ ଯିବା ଇତ୍ୟାଦି ସମ୍ପୂର୍ଣ୍ଣ ରୂପେ ସଂଯତ ଓ ଶୃଙ୍ଖଳିତ କରାଯାଇଥିଲା ।...

''ଆମେମାନେ ଯେ କେତେ ମାତ୍ରାରେ ଅନ୍ତର୍ମୁଖୀ ହୋଇ ଯାଇଥିଲୁ ତା'ର ଗୋଟିଏ ଉଦାହରଣ ଦେଉଛି ମୋ ନିଜ ଅଭିଜ୍ଞତାରୁ –

''ଏହି ସମୟରେ ମୁଁ ଦିନେ କୌଣସି କାରଣରୁ ଆଶ୍ରମରୁ ବାହାରି ତା'ର ପରିବେଶର ଚଉହଦି ପାର ହୋଇ ଏଠାକାର ସ୍ଥାନୀୟ ବସତି ଓ ବଜାର ଭିତର ଦେଇ ଚାଲୁଥିଲି । ମନେ ହେଲା ଏହା ଅଦ୍ଭୁତ – ମୁଁ ଯେମିତି ମାଟିରେ ଚାଲୁ ନାହିଁ, ଶରୀରରେ କୌଣସି ଓଜନ ନାହିଁ, ବୋଧ ହେଲା ପବନରେ ଗତି କରି ସ୍ୱପ୍ନାବିଷ୍ଟ ସଦୃଶ କୁହୁଡ଼ି ଭିତର ଦେଇ

ଚାଲିଛି – ସେଠାରେ କୌଣସି ଦୃଢ଼ ସ୍ଥିର ପଥ ନାହିଁ – ଭୟଙ୍କର ଅସ୍ୱସ୍ତି ବୋଧ ହେବାକୁ ଲାଗିଲା – ମାଛକୁ ଜଳରୁ ଉଠାଇ ଭୂଇଁରେ ରଖିଲେ ଯେମିତି ଅବସ୍ଥା – ଯଥାସମ୍ଭବ ଭୟ-ବିଜଡ଼ିତ ପଦକ୍ଷେପରେ ଆଶ୍ରମ ଭିତରକୁ ପ୍ରବେଶ କରି ନିଃଶ୍ୱାସ ନେଲି, ବଞ୍ଚିଗଲି ଯେମିତି ।

''କିନ୍ତୁ ଏହିପରି ଭାବରେ ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଉପନୀତ ହେବା ପରେ ଶ୍ରୀଅରବିନ୍ଦଙ୍କୁ ଘଟଣାକ୍ରମେ ଏ ସମ୍ବନ୍ଧେ ଏକ ମନ୍ତବ୍ୟ ଦେବାକୁ ହୋଇଥିଲା, ଯାହାର ଅର୍ଥ ବନ୍ଦ ! ମା ଏହି ଘଟଣାକୁ ଗଳ୍ପ ଛଳରେ ଆମୋଦପ୍ରଦ ଭାବରେ ବର୍ଣ୍ଣନା କରିଛନ୍ତି ।...''

ମା'ଙ୍କ ବର୍ଣ୍ଣନାରୁ : ''ଅତିମାନସ ଅଭିବ୍ୟକ୍ତିକୁ ତ୍ୱରାନ୍ୱିତ କରାଇବା ଉଦ୍ଦେଶ୍ୟରେ ନିଜକୁ ଅଭିନିବିଷ୍ଟ କରି ରଖିବା ଲାଗି ଶ୍ରୀଅରବିନ୍ଦ ନିଜକୁ ପ୍ରତ୍ୟାହୃତ କରି ନେଇ ମୋ ଉପରେ ଅନ୍ତେବାସୀଙ୍କର ଆନ୍ତର ଓ ବାହ୍ୟ କାର୍ଯ୍ୟଟିର ଦାୟିତ୍ୱକୁ ଅର୍ପଣ କରିଥିଲେ ।... ଠିକ୍ ପରେ ପରେ ସବୁକଥା ଏକ ନିର୍ଦ୍ଦିଷ୍ଟ ଆକାର ଧାରଣ କରିବାକୁ ଲାଗିଲା, ଅସାଧାରଣ ଯାବତୀୟ ଟିକିନିଖି ବ୍ୟାପାରରେ ଏକ ଚମତ୍କାର ସୃଷ୍ଟି କାର୍ଯ୍ୟକାରୀ ହେଲା, ସେଥିରୁ କେତେକ ବିସ୍ମୟ ସୃଷ୍ଟିକାରୀ ଅନୁଭୂତିମାନ ହେବାକୁ ଲାଗିଲା, କେତେ କେତେ ଦିବ୍ୟସତ୍ତାଙ୍କ ସହିତ ସମ୍ପର୍କ ସ୍ଥାପିତ ହେଲା, ଅଲୌକିକ ବୋଲି ବିଚାର କରାଯାଉଥିବା ଯାବତୀୟ ଧରଣର ରୂପାୟଣ ସଂଘଟିତ ହେବାକୁ ଲାଗିଲା । ଅଭିଜ୍ଞତା ପରେ ଅଭିଜ୍ଞତା ଉପଲବ୍ଧ ହେଲା ଏବଂ ଯାବତୀୟ ବିଷୟ ଅତ୍ୟନ୍ତ ଚମତ୍କାର ଭାବରେ ଉଦ୍‌ଘାଟିତ ହୋଇ ଯାଉଥିଲା,... ଏବଂ ମୁଁ ଅବଶ୍ୟ କହିବି ଯେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଭାବରେ ଏହା ବିକଶିତ ହୋଇ ଉଠୁଥିଲା ।

''ଚିରାଚରିତ ରୀତିରେ ଦିନେ ମୁଁ ଶ୍ରୀଅରବିନ୍ଦଙ୍କ ସମକ୍ଷରେ ଯାହାସବୁ ଘଟୁଥିଲା ଜଣାଇବାକୁ ଯାଇଥିଲି । ସେତେବେଳେ ଭାରି କୌତୂହଳ ଉଦ୍ଦୀପକ କୌଣସି ଏକ କଥା ପ୍ରକୃତରେ ଘଟିଥିଲା, ତାହାକୁ ବର୍ଣ୍ଣନା କରି କହିବାରେ ମୁଁ ସମ୍ଭବତଃ ଟିକିଏ ଉତ୍ସାହ ବି ଦେଖାଇଥିଲି । ସେତିକିବେଳେ ଶ୍ରୀଅରବିନ୍ଦ ମୋତେ ଅନାଇଲେ... ଏବଂ କହିଲେ : 'ହଁ, ଏଇଟା ହେଉଛି ଅଧିମାନସର ଏକ ସୃଷ୍ଟି । ଏହା ପ୍ରକୃତରେ ଭାରି କୌତୂହଳ ଉଦ୍ଦୀପକ, ଅତ୍ୟନ୍ତ ସୁନ୍ଦର ଭାବରେ ତା' କରାଯାଇଛି । ତୁମେ ପ୍ରକୃତରେ ଅନେକ ଅସାଧ୍ୟକୁ ସାଧ୍ୟ କରି ଦେଖାଇ ଦେଇ ପାରିବ ଯାହାକି ତୁମକୁ ସାରା ପୃଥିବୀରେ ନିଶ୍ଚୟ ବିଖ୍ୟାତ କରି ଦେବ । ତୁମେ ପ୍ରକୃତରେ ସାରା ପୃଥିବୀର ସବୁଯାକ ଘଟଣାକୁ ଇତସ୍ତତଃ କରି ପକାଇବ ...', ଏବଂ ତା'ପରେ ସେ ଈଷତ୍ ସ୍ମିତହାସ୍ୟ ସହ କହିଲେ, 'ଏହାକୁ ପ୍ରକୃତରେ ଏକ ବିରାଟ ସଫଳତା ବୋଲି ନିଶ୍ଚୟ କୁହାଯିବ । କିନ୍ତୁ ଏହା ହେଉଛି ଅଧିମାନସର ହିଁ ଏକ ସୃଷ୍ଟି । ଆମେ ସଫଳତା ଚାହୁଁ ନାହୁଁ, ଆମେ ଏଇ ପୃଥିବୀରେ ଅତିମାନସର ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛୁ । ନୂତନ ପୃଥିବୀକୁ ଅର୍ଥାତ୍ ତାହାର ସମସ୍ତ ସମଗ୍ରତା ସହିତ ଅତିମାନସ ପୃଥିବୀକୁ ସମ୍ଭବ କରିବାକୁ ହେଲେ ତାତ୍କାଳିକ ସଫଳତାକୁ କିପରି ବର୍ଜନ କରିବାକୁ ହୁଏ, ଆମକୁ ସେଇ କଥାଟିକୁ ମଧ୍ୟ ଶିକ୍ଷା କରିବାକୁ ହେବ ।'

''ତାଙ୍କର ଏହି କଥାଟିକୁ ମୁଁ ମୋର ଅନ୍ତଃଚେତନା ମଧ୍ୟରେ ତତ୍‌କ୍ଷଣାତ୍ ବୁଝିପାରିଲି : ଏବଂ ମାତ୍ର ଅଳ୍ପ କେତେ ଘଣ୍ଟା ପରେ ସେହି ସୃଷ୍ଟିଟି ମଧ୍ୟ କୁଆଡ଼େ ଅନ୍ତର୍ହିତ ହୋଇଗଲା ... ଏବଂ ସେହି ମୁହୂର୍ତ୍ତରୁ ଆମେ ଅନ୍ୟାନ୍ୟ ଭିତ୍ତି ଉପରେ ନୂଆ କରି ପୁଣି ସବୁକିଛି ଆରମ୍ଭ କଲୁ ।''

(MCW, Vol. 9, p. 149)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ତୁମ ପଡ଼ୋଶୀ ମଧ୍ୟସ୍ଥ ଭଗବାନ୍, ତୁମ ମଧ୍ୟସ୍ଥ ଭଗବାନ୍, ତୁମ ଦେଶ ଓ ତୁମ ଶତ୍ରୁଦେଶ ମଧ୍ୟସ୍ଥ ଭଗବାନ୍, ମାନବଜାତି ମଧ୍ୟସ୍ଥ ଭଗବାନ୍, ବୃକ୍ଷ, ପ୍ରସ୍ତର ତଥା ପ୍ରାଣୀମାନଙ୍କ ମଧ୍ୟସ୍ଥ ଭଗବାନ୍, ଜଗତ୍ ତଥା ଜଗତ୍ ବାହାର ସ୍ଥିତ ଭଗବାନଙ୍କ ଲାଗି ଜୀବନ ଧାରଣ କର, ତାହାହିଁ ହେଉଛି ମୁକ୍ତିର ସିଧାସଳଖ ପଥ ।

– ଶ୍ରୀଅରବିନ୍ଦ

କାହାଣୀ :

# ଶୃଗାଳ

## ମନୋଜ ଦାସ

କେବେ, ଠିକ୍ କେଉଁ ମୁହୂର୍ତ୍ତରେ ଶିଶୁ ସର୍ବେଶ୍ୱର ଶୃଗାଳମାନଙ୍କୁ ଭୟ କରିବାକୁ ଆରମ୍ଭ କରିଥିଲେ, ସେ କଥା ମନେ ପକାଇବା ତାଙ୍କ ପକ୍ଷରେ ସମ୍ଭବପର ନଥିଲା । ହୁଏତ ଏକଦା ସେ କୌଣସି ବିଷୟରେ ହଟ କରି କାନ୍ଦୁଥିବା ବେଳେ ତାଙ୍କୁ କାଖେଇ ଗ୍ରାମର ବଣୁଆ ସୀମାନ୍ତରେ ଅପସୃୟମାନ କୌଣସି ଶୃଗାଳକୁ ଦେଖାଇ ଦେଇ ତାଙ୍କ ବୋଉ ବା ଅପା କହିଥିବେ, ''ହେଇ ଦେଖ ! ବିଲୁଆ ! ବଡ଼ ଭୟଙ୍କର ସିଏ ! ଆଉ କାନ୍ଦିଲେ ତୋତେ ନେଇଯିବ । ଏଇ ସେଦିନ ଗାଁର ଆଉ ଗୋଟିଏ କାନ୍ଦୁରାକୁ ଧରି ନେଇ ଚାଲିଗଲା !''

ବିଲୁଆ କଦାପି ତାଙ୍କ ଆବ୍‌ଦାର ପୂରଣ କରିବା ନିମନ୍ତେ ତାଙ୍କୁ ନେଇଯିବ ନାହିଁ; ସେ କାନ୍ଦିବା ବାବଦରେ ତାଙ୍କୁ ଶାସ୍ତି ଦେବା ନିମନ୍ତେ ନେଇଯିବ । କି ଶାସ୍ତି ସେ ଦେବ ? ବୋଉ ବା ଅପାଙ୍କ ଚେତାବନୀର ଅବ୍ୟକ୍ତ ଅଂଶରୁ ସର୍ବେଶ୍ୱର ନିଶ୍ଚୟ ବୁଝି ପାରିଥିବେ ଯେ ସେ ତାଙ୍କୁ ଖାଇଯିବ !

ଏହିଭଳି ସମ୍ଭାବନାରୁ ତାଙ୍କ କଳ୍ପନା ପ୍ରସ୍ତୁତ କରିଥିଲା ଗୋଟିଏ ଲୋମହର୍ଷକ ଦୃଶ୍ୟ । ଗୋଧୂଳିର ସ୍ତବ୍ଧ ମୁହୂର୍ତ୍ତରେ ଗୋଟିଏ ବୁଦା ଭିତରୁ ବାହାରି ଆସି ବିଲୁଆଟିଏ ତାଙ୍କ ଆଡ଼େ କଟମଟ ଅନାଇ ଦେଇ ଅନ୍ୟ ଏକ ବୁଦାର ଆଢୁଆଳରେ ଲୁଚିଯାଉଛି । ତା ଆଖିରେ ଅପ୍ରାକୃତିକ ନିଆଁ, ମୁହଁରେ ଦୁଇଧାର ରକ୍ତ !

ପରବର୍ତ୍ତୀ କାଳରେ ପ୍ରାଥମିକ ବିଦ୍ୟାଳୟରେ ସେ ପଢ଼ିଥିଲେ ନୀଳବର୍ଣ୍ଣ ଶୃଗାଳର ନିଦାରୁଣ କାହାଣୀ । ଅନ୍ୟ ପିଲାଏ ସେ ଗଳ୍ପ ଉପଭୋଗ କଲାବେଳେ ସେ ବିମର୍ଷ ମନରେ କଳ୍ପନା କରୁଥିଲେ ସମବେତ ହୁକ୍‌କେ-ହୋରେ ସେ ବାହାପିଆ ଶୃଗାଳର ହଠାତ୍ ଅଚେତନ ଯୋଗଦାନ ଓ ସେ ବିଚରା ଶୃଗାଳ ଛଡ଼ା ଆଉ କିଛି ନୁହେଁ ଜାଣି ଅନ୍ୟ ଶୃଗାଳମାନେ ତାହା ଉପରକୁ ଡେଇଁପଡ଼ି ତାକୁ ଚିରି ପକାଇବାର ଦୃଶ୍ୟ ।

ନୀଳବର୍ଣ୍ଣ ଶୃଗାଳ ପ୍ରତି ଭୟ ସଙ୍ଗେ ସଙ୍ଗେ ଦୟା ବି ଆସୁଥାଏ; ତେବେ ସମଗ୍ର ଶୃଗାଳ ସମାଜ ପ୍ରତି ଭୟ ବଢ଼ିଯାଇଥାଏ । ବିଚରା ନୀଳବର୍ଣ୍ଣର ଶୃଗାଳଟି ଥରେ ନୀଳ ହେବା ପରେ କରିଥା'ନ୍ତା କ'ଣ ? ନିଜର ଅପୂର୍ବ ରୂପ ପାଇଁ କିଛି ଗୋଟିଏ ସମ୍ମାନଜନକ କୈଫିୟତର ଆବଶ୍ୟକତା ସାଙ୍ଗକୁ ପ୍ରତ୍ୟେକଙ୍କ ଭିତରେ ଅନନ୍ୟ ବୋଲାଇବାର ଯେଉଁ ଅଭିଳାଷ ଥାଏ, ତାହା ତାକୁ କାବୁ କରି ନେଇଥିଲା ।

ବୟସ ହେବା ପରେ ଜୀବନର ବିବିଧ କ୍ଷେତ୍ରରେ ଅସାଧାରଣ ବୋଲାଇବାକୁ ଉତ୍ସୁକ ବ୍ୟକ୍ତିମାନଙ୍କୁ ଦେଖିବା ମାତ୍ରେ ତାଙ୍କର ସେ ନୀଳବର୍ଣ୍ଣର ଶୃଗାଳ କଥା ମନେ ପଡ଼ିଯାଉଥାଏ । ଏହିସବୁ ମଣିଷମାନଙ୍କ ଯୋଗୁଁ ପୁଣି ଶୃଗାଳ ପ୍ରତି ତାଙ୍କର ଯତ୍‌କିଞ୍ଚିତ୍ ସହାନୁଭୂତି ଆତଙ୍କରେ ପରିଣତ ହେଉଥାଏ ।

ବିଦ୍ୟାଳୟରୁ ଉପରଓଳିର ଅଧିବେଶନ ଶେଷ କରି ଘରକୁ ଫେରିବା ବେଳେ ନଈ ସେପାରିରେ ପ୍ରାୟ ସୂର୍ଯ୍ୟାସ୍ତ ହେଉଥିଲା ଓ ବିଲୁଆମାନେ ଆନୁଷ୍ଠାନିକ ହୁକ୍‌କେ-ହୋରେ ପ୍ରବୃତ୍ତ ହେଉଥିଲେ । ସାଥିରେ ଅନ୍ୟ ପିଲାଟିଏ ଥିଲେ ସର୍ବେଶ୍ୱର ଦମ୍ଭଧରି ଚାଲୁଥିଲେ । କେହି ନଥିଲେ ସେ ଦୌଡ଼ୁଥିଲେ । ଏକାଧିକବାର ନଈ ସେପାରିକୁ ଅନାଇ ବିଲୁଆମାନଙ୍କର ସେ ଅନୁଷ୍ଠାନ ସେ ଦେଖି ନେଇଥିଲେ ମଧ୍ୟ । ଶୂନ୍ୟକୁ ଅନାଇ ସେମାନେ ଯେଉଁ ଭଙ୍ଗୀ ଓ ଯେଉଁ ସ୍ୱରରେ ଏବଂ ଯେପରି ଆନ୍ତରିକ ଭାବରେ ରଡ଼ି କରୁଥିଲେ, ତାହା କଦାପି ତାତ୍ପର୍ଯ୍ୟହୀନ ହୋଇ ପାରେନା ବୋଲି ସେ ହୃଦୟଙ୍ଗମ କରୁଥିଲେ । ସୂର୍ଯ୍ୟାସ୍ତର କରୁଣ ରଙ୍ଗ ସହ ମିଶିଯାଇ ସେ ହାହାକାର ଭରା ସ୍ୱରର ସ୍ମୃତି ତାଙ୍କୁ ଦୀର୍ଘ ସମୟ ଧରି ବିଷାଦଗ୍ରସ୍ତ କରି ରଖୁଥିଲା ।

ଏହା ପରେ ପରେ କିପରି ଦୁଇ ଅଭିନ୍ନ ହୃଦୟ ବନ୍ଧୁ, ଗୋଟିଏ ସିଂହ ଓ ଗୋଟିଏ ଷଣ୍ଢ ଭିତରେ ଥିବା ବନ୍ଧୁତା ଏକ ଧୂର୍ତ୍ତ ଶୃଗାଳର ଚକ୍ରାନ୍ତରେ ବୈରତାରେ ପରିଣତ ହେଲା ଓ ଶୃଗାଳ ସିଂହର ଭୁକ୍ତାବଶେଷ ସାମାନ୍ୟ ମାଂସ ପାଇବା ଲୋଭରେ ବିଚରା ଷଣ୍ଢକୁ ମରାଇଲା, ସର୍ବେଶ୍ୱର ସେ କାହାଣୀ ପଢ଼ିଲେ ଓ ଶୃଗାଳ ପ୍ରତି ତାଙ୍କ ଭୟ ଦୃଢ଼ତର ହେଲା ।

ଜୀବନର ସେହି ପର୍ଯ୍ୟାୟରେ ଘଟିଥିଲା ଏ ଅବିସ୍ମରଣୀୟ ଘଟଣା :

ନଈ ପଠାର ଅଦୂରରେ ଥିଲା ଏକ ଆରଣ୍ୟକ ଅଞ୍ଚଳ । ବସନ୍ତ ଋତୁରେ ସେଠାକାର କୋଇଲିମାନେ ସେମାନଙ୍କ

କ୍ରମାଗତ କୁହୁ ଜରିଆରେ ଏକ ରୋମାଞ୍ଚକର ଭବିଷ୍ୟତ୍ ସମ୍ପର୍କରେ ଆଶାବାଦୀ ହେବା ସପକ୍ଷରେ ଅଖଣ୍ଡନୀୟ ଯୁକ୍ତି ଉପସ୍ଥାପନ କରୁଥିଲେ । ସେଠାକାର କୃଷ୍ଣଚୂଡ଼ା ଫୁଲମାନେ ଦୂରକୁ ଦିଶୁଥିଲେ ଏକ ପରୀ ରାଇଜର ନିଷିଦ୍ଧ ସୀମାନ୍ତର ବିଜ୍ଞପ୍ତି ଭଳି ।

ଅତଏବ ବିଦ୍ୟାଳୟରେ ସଦ୍ୟ ନିଯୁକ୍ତ ଯୁବକ ଶିକ୍ଷକ ମହୋଦୟ ତୃତୀୟ ତଥା ସର୍ବୋଚ୍ଚ ଶ୍ରେଣୀର ପିଲାମାନଙ୍କୁ ବନସ୍ତ ବୁଲାଇବାକୁ ନେଇଯିବା ପ୍ରସ୍ତାବରେ ଏଡ଼େ ବିରାଟ ଚମକ ଥିଲା ଯେ ସପ୍ତାହେ ପୂର୍ବରୁ ଗ୍ରାମର ବୋଉମାନେ ସେ ବିଷୟରେ ଚର୍ଚ୍ଚା କରିଥିଲେ । ଶିକ୍ଷକଙ୍କ ପରୋକ୍ଷ ନିର୍ଦ୍ଦେଶ କ୍ରମେ ସଙ୍ଗତି ସମ୍ପନ୍ନ ବୋଉମାନେ ଯୋଗାଇ ଦେଇଥିଲେ ଚାଉଳଭଜା ତଥା ନଡ଼ିଆ ମିଠେଇ ।

ଶେଷର ଅପରାହ୍ଣରେ ନଈପାରି ହେଲାବେଳେ ମନେ ହୋଇଥିଲା ସତେଅବା ସେମାନେ ଏପରି ଏକ ରହସ୍ୟମୟ ସ୍ଥଳରେ ପଦାର୍ପଣ କରିବାକୁ ଯାଉଛନ୍ତି, ଯେଉଁଠାରୁ ଆକାଶର କୌଣସି ଉଜ୍ଜ୍ୱଳ ନକ୍ଷତ୍ର ମାତ୍ର ଗୋଟିଏ ଲମ୍ଫର ବ୍ୟାପାର ।

ଚାଉଳଭଜା ଓ ନଡ଼ିଆ ମିଠେଇ ପୂର୍ବରୁ ଖାଇ ନଥିବା ବାଳକ ସେ ଦଳରେ ଜଣେ ବି ନଥିଲେ । ଅଥଚ ସେଦିନ ସେ ଦୁଇ ବସ୍ତୁର ସ୍ୱାଦ ଯେପରି ମଧୁର ଲାଗିଥିଲା, ପରବର୍ତ୍ତୀ ଜୀବନରେ ଚପ୍, କଟ୍‌ଲେଟ୍, ଏପରିକି ସ୍ପାଘେଟି ଭଳି ନୂତନ ଖାଦ୍ୟପଦାର୍ଥ ସହ ପ୍ରଥମ ପରିଚୟ ବେଳେ ବି ସେ ସ୍ୱାଦର ପୁନରାବୃତ୍ତି ହୋଇ ନାହିଁ ।

ଯୁବକ ଶିକ୍ଷକ ଥିଲେ ଉଦାର ଓ ସ୍ନେହୀ । ସେ କେତେଗୁଡ଼ିଏ ସତର୍କବାଣୀ ଶୁଣାଇଦେବା ଉତ୍ତାରୁ ବାଳକମାନଙ୍କୁ ସ୍ୱାଧୀନଭାବରେ ଖେଳିବାକୁ ଛାଡ଼ିଦେଲେ । ବିଧାତା ଯେ ଖାସ୍ ତୃତୀୟ ଶ୍ରେଣୀର ପିଲାଙ୍କ ଲୁଚୁକାଳି ଖେଳ ପାଇଁ ସେ ବନସ୍ତକୁ ସୃଜନ କରିଥିଲା, ଏଥର ସମସ୍ତେ ମନେ ମନେ ଏକମତ ଥିଲେ ।

ଉଦ୍ଦାମ କୋଳାହଳରେ ବନସ୍ତ ମୁଖର କରିବା କାର୍ଯ୍ୟରେ ପକ୍ଷୀମାନେ ବାଳକମାନଙ୍କୁ ଅକୁଣ୍ଠ ସହଯୋଗ ଦେଇଥିଲେ ।

ସର୍ବେଶ୍ୱର ଲୁଚୁକାଳି ଖେଳ ଭିତରେ ମତ୍ତଥିବା ଅବସ୍ଥାରେ ହଠାତ୍ ଆବିଷ୍କାର କରିଥିଲେ ବଇଞ୍ଚକୋଳି ସମୃଦ୍ଧ ବୁଦା ଶ୍ରେଣୀ । ସେ କୋଳି ପ୍ରତି ସେତେବେଳେ ତାଙ୍କ ଆକର୍ଷଣ ଥିଲା ଅଦମ୍ୟ । ସେ ବୁଦା ପରେ ବୁଦା ଲୁଣ୍ଠନ କରି ଚାଲିଲେ ଗୋଟିଏ ମୁହୂର୍ତ୍ତରେ ନିଜକୁ ଦେଶଜୟୀ ଦୁର୍ଦ୍ଧର୍ଷ ନରପତି ବୋଲି ମନେକରି ଓ ପର ମୁହୂର୍ତ୍ତରେ ଜଣେ ସନ୍ଧାନୀ ଆବିଷ୍କାରକର ଭୂମିକାରେ ଅବତୀର୍ଣ୍ଣ ହୋଇ । ନିଜ ବ୍ୟକ୍ତିତ୍ୱକୁ ନେଇ ଏକକାଳୀନ ଏତେ ଧରଣର ଗୌରବବୋଧ କରିବାର ସୁଯୋଗ ପୂର୍ବରୁ କେବେ ଆସି ନଥିଲା । ସେ ମତ୍ତ ହୋଇ ରହିଥିଲେ ।

ହଠାତ୍ ଗୋଟିଏ ବୁଦା ସେପଟେ ଯୋଡ଼ିଏ ଉଜ୍ଜ୍ୱଳବିନ୍ଦୁ ତାଙ୍କୁ ଚମକାଇ ଦେଲା । ଦେଶଜୟୀ ନରପତି ଓ ଆବିଷ୍କାରକର ମହତ୍ ସ୍ତରରୁ ଯେଉଁ ଗତିରେ ସେ 'ସରବା' ନାମରେ ପରିଚିତ ସର୍ବେଶ୍ୱର ସ୍ତରକୁ ଅବନମିତ ହେଲେ, ଇତିହାସରେ ସେଭଳି କ୍ଷିପ୍ର ପତନର ଦୃଷ୍ଟାନ୍ତ ବିରଳ ହୋଇଥିବ ।

ସେ ଦୌଡ଼ ଦେଲେ ଓ ବୁଦା ସେପଟେ ବିଲୁଆ ମଧ୍ୟ ଦୌଡ଼ିଲା । ଉଭୟେ ପରସ୍ପର ବିପରୀତ ଦିଗରେ ଦୌଡ଼ିବା ଦୃଷ୍ଟିରୁ ତାଙ୍କୁ ଦଖଲ କରି ନେବା ସେ ବିଲୁଆର ମତଲବ ହୋଇ ପାରେନା ବୋଲି ସତ୍ୟ ଟିକକ ବୁଝିଲା ଭଳି ମାନସିକ ଅବସ୍ଥାରେ ନଥିଲେ ସର୍ବେଶ୍ୱର ।

ଦ୍ୱିତୀୟରେ, ସେ ଏହା ବି ବୁଝୁ ନଥିଲେ ଯେ ଅନ୍ୟମାନେ ବନସ୍ତର ଯେଉଁ ପ୍ରାନ୍ତରେ ଥିଲେ ସେ ଦିଗକୁ ନ ଯାଇ ସେ ଭିନ୍ନ ଦିଗକୁ ଦୌଡୁ ଥିଲେ ।

ଯେତେବେଳେ ସେ ଅଧିକ ଦୌଡ଼ିବାକୁ ଅକ୍ଷମ ବୋଧ କଲେ, ସେତେବେଳକୁ ସୂର୍ଯ୍ୟାସ୍ତ ହୋଇ ସାରିଲାଣି । କାହାନ୍ତି ସାଥୀମାନେ ଓ ଶିକ୍ଷକ ମହୋଦୟ ? ସେ ଗୋଟିଏ କଦମ୍ବ ଗଛ ମୂଳରେ ଠିଆ ହୋଇ ଭେଁ-କିନା ରଡ଼ି ଆରମ୍ଭ କରିଥିଲେ, ସେତିକିବେଳେ ଅଦୂରରେ ଦେଖାଦେଲା ଯୋଡ଼ିଏ ନୁହେଁ, ଚାରିଗୋଟି ଉଜ୍ଜ୍ୱଳ ଆଖି । ସେ ସବୁର ସଂଖ୍ୟା ଛଅ, ଆଠ, ଏମିତି ବଢ଼ିଚାଲିଲା । ଆତଙ୍କିତ ସର୍ବେଶ୍ୱର ତାଙ୍କ ରଡ଼ି ସମ୍ୱରଣ କଲେ ।

ବିଲୁଆମାନେ ଏକାଗ୍ର ଭାବରେ ତାଙ୍କୁ ଲକ୍ଷ୍ୟ କରୁଥା'ନ୍ତି । କେତେବେଳେ ସେମାନେ ତାଙ୍କୁ ଆକ୍ରମଣ କରିବେ ? ନଖ ଦ୍ୱାରା ଝୁଣି ପକାଇବା ନା ଦାନ୍ତ ଦ୍ୱାରା କ୍ଷତବିକ୍ଷତ କରିବା – କେଉଁ ନିଧନ ପଦ୍ଧତି ସେମାନେ ଅନୁସରଣ କରନ୍ତି ?

ସର୍ବେଶ୍ୱର କଦମ୍ବ ଗଛକୁ ଭିଡ଼ି ଧରିଲେ । ସତେ ଅବା ସେ ବୃକ୍ଷ ତାଙ୍କ ଅଭୟଦାତା ।

ତାଙ୍କୁ ଏକ ଧ୍ୟାନରେ ଦେଖିବାରୁ ବିରତ ହୋଇ ହଠାତ୍ ସବୁ ବିଲୁଆ ଆରମ୍ଭ କରି ଦେଲେ ହୁକ୍‌କେ-ହୋ । ସର୍ବେଶ୍ୱର ସେ ଧ୍ୱନିର ପ୍ରଥମ ଦୁଇ ତିନି ପର୍ଯ୍ୟାୟ ଶୁଣିଥିଲେ । ତା'ପରେ ସେ ଭୂ-ପତିତ ହେଲେ । ସେ ପଡ଼ିଯାଉଛନ୍ତି, ଏତକ

ବୁଝୁଥିଲେ; ତା'ପରେ କିନ୍ତୁ ଆଉ କିଛି ମନେ ରହିଲା ନାହିଁ । ଖୋଦ ମନ ଜିନିଷଟି ହିଁ ନିମୀଳିତ ହୋଇ ଆସୁଥିଲା ।

କେତେବେଳେ ଅଚୈତନ୍ୟ ଅବସ୍ଥାରୁ ସେ ସରଳ ନିଦ୍ରା ସ୍ତରକୁ ଆସି ଯାଇଥିଲେ, ସେକଥା ସେ ଜାଣି ନଥିଲେ । କିନ୍ତୁ ହେତୁ ହେବା ବେଳକୁ ସେ ବୁଝୁଥିଲେ, କୌଣସି ଏକ ସରସ ସ୍ୱପ୍ନ ସେ ଦେଖିଛନ୍ତି – ମୃଦୁ ପବନ, କଦମ୍ବ ଫୁଲର ମହକ ଓ ଆକାଶରୁ ସ୍ଫୁରିତ ବିପୁଳ ଜ୍ୟୋସ୍ନା ସହିତ ଗହନ ସମ୍ପର୍କିତ କୌଣସି ସ୍ୱପ୍ନ ।

ପ୍ରଥମେ ସେ ନିଜର ସ୍ଥିତି ନିରୂପଣ କରିବାକୁ ଚେଷ୍ଟା କରୁଥିଲେ । ସେହି ଅବସରରେ ପାଖରେ କମନୀୟ କିଛି ହଲଚଲ ହେଉଥିବାର ମନେହେଲା । ଲକ୍ଷ୍ୟ କରି ଦେଖିଲେ, ମାତ୍ର ଦୁଇ ହାତ ଦୂରରେ ଶୋଇଛି ଗୋଟିଏ ବିଲୁଆ । ତା' ଉପରେ ଖେଳୁଛନ୍ତି ଯୋଡ଼ିଏ ଶାବକ ।

ସେହି ଅଭାବନୀୟ ପରିସ୍ଥିତିରେ ତାଙ୍କର ଏହି ପ୍ରତ୍ୟୟ ହେଲା କି ତାଙ୍କର ନିରାପତ୍ତା ପାଇଁ ସେ ମା ବିଲୁଆଟି ସେଠି ଶୋଇରହିଛି । ତାଙ୍କୁ ଜଗିଛି । ଆଶ୍ଚର୍ଯ୍ୟ ଭାବରେ ଭୟ ଦୂର ହୋଇ ଯାଇଥିଲା ।

ମା ବିଲୁଆ ମୁଣ୍ଡ ଅଳ୍ପ ଉଠାଇ ତାଙ୍କୁ ଅନାଇଲା । ସେ ଉଠି ବସିଲେ । ଦୂରରୁ ଶୁଭିଲା ଅବସନ୍ନ କଣ୍ଠ : ''ସର୍ବେଶ୍ୱର !''

ସର୍ବେଶ୍ୱର ଠିଆ ହୋଇ ପଡ଼ିଲେ । ମା ବିଲୁଆ ବି । ଶାବକମାନେ ଖେଳ ସମ୍ବରଣ କରି ତାଙ୍କୁ ଅନାଇଥା'ନ୍ତି ।

ସେ ଶିକ୍ଷକଙ୍କ ଡାକର ଉତ୍ତର ଦେଲେ । ଅଳ୍ପ ଧନ୍ଦି ହୋଇ ସେଠାରେ ପହଞ୍ଚି ଗଲେ ଶିକ୍ଷକ ଓ ପିଲାମାନେ ।

''ତୁ କୁଆଡ଼େ କେମିତି ହଜିଗଲୁ କହିଲୁ ? ରାତି କେତେ ହେଲାଣି ଜାଣିଛୁ ? କେଉଁଠି ହେଲେ ତୋ କଣ୍ଠସ୍ୱର ଶୁଭୁ ନଥିଲା କାହିଁକି ? ଓଃ ହୋ !'' ଶିକ୍ଷକ ମହୋଦୟ ଆଉ କଥା କହି ପାରିଲେ ନାହିଁ ।

ମା ବିଲୁଆ ତା' ଶାବକ ଦୁହିଁଙ୍କ ସହ ଅପସରି ଯାଉଥିଲା ।

ସର୍ବେଶ୍ୱର ଏଥର କାନ୍ଦିଲେ । ସେ ଅଶ୍ରୁପାତରେ ଦୁଃଖ ନଥିଲା । ଶିକ୍ଷକ ତାଙ୍କୁ କୋଳ କରି କହିଲେ, ''ଭାଗ୍ୟକୁ ତୋର କିଛି ହୋଇ ନାହିଁ । ଈଶ୍ୱରଙ୍କୁ ପ୍ରଣାମ । ହଉ, ଚାଲ ଯିବା ଏଥର ।''

ସହରରେ ଘରଟିଏ ବନାଇଥିବା ସତ୍ତ୍ୱେ ଶେଷ ଜୀବନ ସର୍ବେଶ୍ୱରବାବୁ ଗାଁରେ ବିତାଇବେ ବୋଲି ଭାବିଥିଲେ । ଟଙ୍କାର ଅଭାବ ନଥିଲା । ନିଜ ରୁଚି ଅନୁସାରେ ଛୋଟ ଘରଟିଏ ତୋଳିବାର ପ୍ରସ୍ତାବ କରନ୍ତେ ଶୁଭେଚ୍ଛୁମାନେ ତାଙ୍କୁ ଅନ୍ୟ ଏକ ଯୋଜନା କଥା କହିଥିଲେ ।

ଗ୍ରାମର ଗ୍ରାମତ୍ୱ ଲୁପ୍ତ ହେଉ ଥିବାର ସେ ମଝେ ମଝେ ଆସିବା ଭିତରେ ଦେଖୁଥିଲେ । ତେବେ ଶେଷ କୋଡ଼ିଏ ବର୍ଷ କାଳ ସେ ମୋଟେ ନ ଆସିବା ଭିତରେ ଏତେ ପରିବର୍ତ୍ତନ ହୋଇଥିବ ବୋଲି ସେ କଳ୍ପନା କରି ନଥିଲେ । ଅତଏବ ସେ କାବା ହେଉଥିଲେ ।

ସର୍ବେଶ୍ୱର ବାବୁଙ୍କୁ ନକ୍ସା ଦେଖାଉ ଥିଲେ ବିକ୍ରମଜିତ୍ । ''ସର୍ବମୋଟ ବାରଟି ଫ୍ଲାଟ – ପ୍ରତି ମହଲାରେ ଚାରି ଗୋଟି । ଏଇଠି ତଳେ...''

''ବିକ୍ରମଜିତ୍‌ଙ୍କ ନକ୍ସାକୁ ମହା ମହା ଆର୍କିଟେକ୍ଟ-ମାନେ ସାବାସ ଦିଅନ୍ତି । ସେ ଅସାଧାରଣ ।'' କହିଲେ କଣ୍ଟ୍ରାକ୍ଟର ସମରେଶ ଦେବତା ।

ହଠାତ୍ ମୃଦୁ କଣ୍ଠରେ କହିଲେ ସର୍ବେଶ୍ୱର, ''ଅର୍ଥାତ୍ ସେ ଜଣେ ନୀଳବର୍ଣ୍ଣର ଶୃଗାଳ ।''

ତାଙ୍କ ବାକ୍ୟ ପୂରାପୂରି କେହି ଶୁଣି ପାରିଲେ ନାହିଁ । ବିକ୍ରମଜିତ୍ ଶୃଗାଳ ଶବ୍ଦଟି ଶୁଣି ମନ୍ତବ୍ୟ ଦେଲେ, ''ଶୃଗାଳ ? କିଏ ଆଜି ବିଶ୍ୱାସ କରିବ, ମାତ୍ର ଦଶ ବର୍ଷ ତଳେ ଏଠି ଥିଲା ରୀତିମତ ଅପନ୍ତରା, ବୁଦାମାଳା । ତହିଁ ପୂର୍ବରୁ ଥିଲା ବଣ । ଥିଲା ଶୃଗାଳଙ୍କ ସାମ୍ରାଜ୍ୟ । ସମରେଶ ଦେବତା କେତେ ମାରି ନଥିବେ । ତାଙ୍କ ବନ୍ଧୁକ ଚାଳନାକୁ ଧନ୍ୟ କହିବାକୁ ହେବ ।''

''ଆପଣ ଶୃଗାଳ ମାରିଛନ୍ତି ?'' ସର୍ବେଶ୍ୱରବାବୁ ଆଖି ବଡ଼ ବଡ଼ କରି ଅନାଇଲେ ।

''ଆଉ ? କୋଡ଼ିଏ ତିରିଶ ମାରି ନଥିବି ?'' ଦେବତାଙ୍କ କଣ୍ଠ-ସ୍ୱରରେ ଥିଲା ପ୍ରେମ ସ୍ୱୀକାର କଲାଭଳି ନମ୍ର ଲାଳିତ୍ୟ ।

''ଶିକାରୀ ହିସାବରେ ଆମ ସମରେଶ ଦେବତା ଜିମ୍ କୋର୍ବେଟ୍‌କୁ ନିଜ ଶିଷ୍ୟ ବନାଇ ପାରିଥା'ନ୍ତେ । ମୁଁ ନିଜ ଆଖିରେ ତାଙ୍କ ବନ୍ଧୁକ ଚାଳନା ଦେଖିଛି । ସେ ଅସାଧାରଣ ।''

''ପୁଣି ଗୋଟାଏ ନୀଳବର୍ଣ୍ଣର ଶୃଗାଳ !''

''କ'ଣ କହିଲେ ?''

''ନୀଳବର୍ଣ୍ଣର...'' ସର୍ବେଶ୍ୱରବାବୁଙ୍କ ମୁହଁ ବନ୍ଦ ହୋଇ ଆସିଲା । ଷାଠିଏ ବର୍ଷ ପରେ ସେ ଜୀବନରେ ଦ୍ୱିତୀୟ ଥର ପାଇଁ ଚେତା ହରାଇଲେ । ଅତ୍ୟଧିକ ଖରା ଓ ବ୍ଲଡ଼୍‌ପ୍ରେସର ଯୋଗୁଁ ବୋଲି କହିଲେ ସ୍ଥାନୀୟ ଡାକ୍ତର । ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୦)

## ମହେନ୍ଦ୍ରନାଥ ସ୍ୱାଇଁ

### ପବିତ୍ର ସ୍ୱର୍ଗୀୟ ସୁରଭି

ଖ୍ରୀଷ୍ଟିଆନ ଭାବଧାରାରେ, "The Soul is called the 'bride' of the Lord", 'ଆତ୍ମା ପରମ ପ୍ରଭୁଙ୍କର ବଧୂ' । ସନ୍ଥକବି କବୀର ଦାସ ଏକ ଦୋହାରେ ଭକ୍ତିପୂର୍ଣ୍ଣ 'ଏକତାରା'ର ତାଳେ ତାଳେ ସୁମଧୁର ସ୍ୱରରେ ଗାଇଛନ୍ତି, 'The Lord is my husband and I am his bride', 'ପ୍ରଭୁ ମୋର ସ୍ୱାମୀ ଏବଂ ମୁଁ ତାଙ୍କର ବଧୂ' – କିନ୍ତୁ ପ୍ରଭୁ ଶ୍ରୀଅରବିନ୍ଦ ହେଲେ ରୂପାନ୍ତରର ଅବତାର; ସେ ଆତ୍ମା ପାଖରେ ରହି ନାହାନ୍ତି ବା ବ୍ୟକ୍ତି ବିଶେଷଙ୍କ ପାଖରେ ରହି ନାହାନ୍ତି, ଓହ୍ଲାଇ ଆସିଛନ୍ତି ସମଗ୍ର ଜଡ଼-ଜଗତ୍ ପାଖକୁ ଏବଂ କହିଛନ୍ତି, ''And Matter is the Spirit's willing bride.''

(Savitri, p. 538)

''ଜଡ଼ ପୁଣି ଅଟେ ଆତ୍ମ-ପୁରୁଷଙ୍କ ସ୍ୱୀକୃତ ନବବଧୂ ।''

ବିଶ୍ୱ-ପ୍ରକୃତି ବର୍ତ୍ତମାନ ଅଚେତନତା ଭିତରେ ବୁଡି ରହିଛନ୍ତି । କିନ୍ତୁ ଚିରନ୍ତନ ଜ୍ୟୋତିଃର ସ୍ୱଚ୍ଛ କୋମଳ ଆଲୋକ ଦ୍ୱାରା ଆଭାଯୁକ୍ତ ହୋଇ ଆଗକୁ ବଢୁଛନ୍ତି । ତାଙ୍କରି ଦୃଷ୍ଟିରେ ସେ ସମସ୍ତଙ୍କୁ ଦେଖୁଛନ୍ତି, ଚିରନ୍ତନ ପ୍ରଭୁଙ୍କ ପଦାଙ୍କ ଅନୁସରଣ କରି ଆଗକୁ ପାଦ ବଢ଼ାଉଛନ୍ତି । ଜୀବନ ଏକ ଆଧ୍ୟାତ୍ମିକ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଠୁଛି ଏବଂ ଜଡ଼ ଜଗତ୍ ଆତ୍ମାର ନବବଧୂ ହେବା ନିମନ୍ତେ ସମ୍ମତି ଜଣାଉଛି ଅର୍ଥାତ୍ ଆନ୍ତରସତ୍ତା ହାତ ଧରି ଚିରନ୍ତନୀ ତତ୍ତ୍ୱ ଭିତରେ ମଜ୍ଜି ଯିବା ପାଇଁ ରାଜି ହୋଇ ଯାଇଛନ୍ତି । ସଚ୍ଚିଦାନନ୍ଦ ତତ୍ତ୍ୱ ଭିତରେ ଏକାକାର ହୋଇଯାଇ ତାଙ୍କୁ ଆଲିଙ୍ଗନ ମୁଦ୍ରାରେ ଜଡ଼ାଇ ଧରି ରୂପାନ୍ତରିତ ହେବାକୁ ସମ୍ମତ ହୋଇଛନ୍ତି । ଜଡ଼ କହୁଛି, ହେ ପ୍ରଭୁ, ମୁଁ ଆପଣଙ୍କର ହାତ ଧରିଛି, ଆପଣ ଯାହା କରିବେ, ଯାହା କହିବେ ମୁଁ ସେସବୁକୁ ହସି ହସି ବିନା ପ୍ରତିବାଦରେ ସହ୍ୟ କରିବାକୁ ସମ୍ମତି ଜଣାଉଛି, ମୋତେ ରୂପାନ୍ତରିତ କରି ଦିଅନ୍ତୁ । ପ୍ରଭୁ କିପରି, କେଉଁ ଭାଷାରେ ଉତ୍ତର ଦେଉଛନ୍ତି ଦିବ୍ୟଜନନୀ ଶ୍ରୀମା ଅନୁପମ, ହୃଦୟସ୍ପର୍ଶୀ ଭାଷାରେ ତାହା ପ୍ରକାଶ କରିଛନ୍ତି ଜୁନ୍ ୨୭, ୧୯୧୩ ପ୍ରାର୍ଥନାଟିରେ । ମା କହୁଛନ୍ତି –

"Thy voice is so modest, so impartial, so sublime in its patience and mercy that it does not make itself heard with any authority, any force of will but comes like a cool breeze, sweet and pure, like a crystalline murmur that brings a note of harmony to a discordant concert. Yet, for him who knows how to listen to the note, to breathe that breeze, it holds such treasures of beauty, such a fragrance of pure serenity and noble grandeur, that all foolish illusions vanish or are transformed into a joyful acceptance of the marvellous truth that has been glimpsed."

(Prayers and Meditations, June 27, 1913)

''ଆପଣଙ୍କର ସ୍ୱର ଏତେ ମାର୍ଜିତ, ଏତେ ନିରପେକ୍ଷ, ଏହା ଏତେ ଧୈର୍ଯ୍ୟଶୀଳ ଓ ଦିବ୍ୟାନନ୍ଦପ୍ରଦ ଏବଂ ଏତେ ପରିମାଣରେ ଦୟାଶୀଳ ଯେ ଏହା କୌଣସି କର୍ତ୍ତୃତ୍ୱର ପ୍ରଭାବ ଦ୍ୱାରା ସ୍ୱତଃସ୍ଫୂର୍ତ୍ତ ଭାବେ ଶ୍ରୁତିଗୋଚର ହୁଏ ନାହିଁ, ଅଥବା କୌଣସି ଇଚ୍ଛାଶକ୍ତିର ପ୍ରଭାବରେ ମଧ୍ୟ ଶ୍ରୁତିଗୋଚର ହୁଏ ନାହିଁ, କିନ୍ତୁ ସେହି ସ୍ୱର-ଶବ୍ଦର ପ୍ରବାହ ସଞ୍ଚରି ଆଣେ ଏକ ସ୍ନିଗ୍ଧ ଶୀତଳ ମଧୁର ବିଶୁଦ୍ଧ ମଳୟ ପରି; ଅଥବା ଏକ ନିର୍ଝରିଣୀର ସ୍ୱଚ୍ଛ ଜଳସ୍ରୋତ ପ୍ରବାହର କଳକଳ ଗୁଞ୍ଜରଣ ସଦୃଶ ଯାହା ଏକ ବେସୁରା ଯନ୍ତ୍ର-ସଂଗୀତର ମୂର୍ଚ୍ଛନାରେ ସଂଗତି ସୃଷ୍ଟି କରିଥାଏ, ଠିକ୍ ସେହିପରି । ତଥାପି ଯେଉଁ ମଣିଷଟି ଜାଣିଥାଏ କିପରି ସେହି ସ୍ୱରର ମୂର୍ଚ୍ଛନାଟିକୁ ଶ୍ରବଣ କରିବାକୁ, ସେହି ଶୀତଳ ସ୍ନିଗ୍ଧ ମଳୟ ଯାହା ବହନ କରି ଆଣୁଥାଏ ଏପରି ସୌନ୍ଦର୍ଯ୍ୟର ଭଣ୍ଡାର, ଏପରି ପବିତ୍ର ଦିବ୍ୟାନନ୍ଦର ସୁବାସ ଏବଂ ରାଜକୀୟ ଚମତ୍କାରିତା, ତାକୁ କିପରି ନିଃଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରିବାକୁ ହୁଏ, ତଥା ସକଳ ପ୍ରକାର ମିଥ୍ୟାର ଇନ୍ଦ୍ରଜାଲ କିପରି

ଉଭେଇଯାଏ ଅଥବା ତାହା ଏକ ମହାର୍ଘ ସତ୍ୟ ଫଳକର ଆନନ୍ଦପ୍ରଦ ସ୍ୱୀକୃତିରେ ରୂପାନ୍ତରିତ ହୋଇଯାଏ ।''

ଆମର ପ୍ରଭୁ ଯେକି ଆମର ପରମ ପ୍ରେମିକ ତାଙ୍କର ସ୍ନିଗ୍ଧ ଶୀତଳ ଅନୁଚ୍ଚାରିତ ଶବ୍ଦ ବେଳେ ବେଳେ ସୌଭାଗ୍ୟବଶତଃ ଆମ କର୍ଣ୍ଣ ପଥାରୂଢ଼ ହୁଏ ଏବଂ ଆମେ ତାହା ଜାଣିପାରୁ ନାହୁଁ, କାରଣ ଆମେ ତ ସର୍ବଦା କର୍କଶ ଓ ଶ୍ରୁତିକଟୁ ଶବ୍ଦ ଶୁଣିବାରେ ଅଭ୍ୟସ୍ତ । ପ୍ରଭୁଙ୍କ ସ୍ୱର ସଦାସର୍ବଦା ମାର୍ଜିତ, ଧୀର, ସ୍ନିଗ୍ଧ, ଆନନ୍ଦପ୍ରଦ ହୋଇଥିବାରୁ ଏବଂ ସେଥିରେ କୌଣସି ପ୍ରକାରର ବାଧବାଧକତା ନ ଥିବାରୁ, ତାହା ଭୁଲ୍‌ବଶତଃ ଆମ ମାନସପଟରେ ଏକ ସାଧାରଣ ଚିନ୍ତା ପରି ଘୂରିବୁଲେ ଏବଂ ମିଳେଇ ଯାଏ । ସାଧାରଣତଃ ଏହି ପ୍ରକାର ଦିବ୍ୟସ୍ୱରର ହସ୍ତକ୍ଷେପ ମନ ପକ୍ଷରେ ଗ୍ରହଣୀୟ ହୋଇ ନଥାଏ କାରଣ ମନ ସର୍ବଦା ନିଜର ଚିନ୍ତାଟିକୁ ଠିକ୍ ବୋଲି ଭାବୁଥାଏ ଏବଂ ଅନ୍ତର ଭିତରୁ ଆସୁଥିବା ଦିବ୍ୟ-ଚିନ୍ତାକୁ ଗ୍ରହଣ କରିବାକୁ ରୋକଠୋକ ମନା କରିଦିଏ । ପ୍ରାଣ ସର୍ବଦା କାମନା, ବାସନା ଓ ଜିଦ୍ ଭିତରେ ଓ ଶରୀର ସବୁକଥାରେ ଅସହଯୋଗ ଭାବ ଭିତରେ ବୁଡ଼ି ରହୁଥିବାରୁ ସେମାନଙ୍କୁ ମଧ୍ୟ ସମୟ ନଥାଏ ସେଇ ଦିବ୍ୟସ୍ୱରକୁ ଶୁଣିବା ଓ ବୁଝିବା ପାଇଁ । ପ୍ରଭୁଙ୍କ ସ୍ୱରକୁ ଖୁବ୍ କ୍ୱଚିତ ଲୋକ ଶୁଣିପାରନ୍ତି, ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ବୁଝିପାରନ୍ତି ଓ ଆହୁରି କମ୍ ଲୋକ ତାକୁ ଅନୁସରଣ କରି କାର୍ଯ୍ୟରେ ପରିଣତ କରିପାରନ୍ତି ।

ଆମ ଭିତରେ ଯେଉଁ ଅଂଶଟି ଆଲୋକିତ ତାହା ସର୍ବଦା ଊର୍ଦ୍ଧ୍ୱ ଚେତନାକୁ ଉଠିଯିବା ନିମନ୍ତେ ଚେଷ୍ଟା କରୁଥାଏ, କିନ୍ତୁ ବେଳେ ବେଳେ ସେସବୁ ଅଂଶ ମନ ଦୁଃଖରେ ପ୍ରଭୁଙ୍କ ପାଖରେ ଆପତ୍ତି କରି କହେ, ''ହେ ପ୍ରଭୁ ! ମୋତେ କାହିଁକି ଆଦେଶ ଦେଉ ନାହାନ୍ତି ଆପଣଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ କରିବା ନିମନ୍ତେ ?'' ପ୍ରକୃତରେ ଏହା ମଧ୍ୟ ଏକ ଯୁକ୍ତିଯୁକ୍ତ ପ୍ରଶ୍ନ ଯେ ପ୍ରଭୁ କାହିଁକି ଆମକୁ ନିର୍ବୋଧଙ୍କ ଭଳି କାମ କରିବାକୁ ଛାଡ଼ି ଦେଇଥା'ନ୍ତି । ଯେତେବେଳେ ଆମେ ଭୁଲ୍ ରାସ୍ତାରେ ଚାଲୁ ସେ କାହିଁକି ତତ୍‌କ୍ଷଣାତ୍ ଆମ ହାତ ଧରି ଠିକ୍ ରାସ୍ତାକୁ ନେଇ ଆସନ୍ତି ନାହିଁ ।

ପ୍ରଭୁ କାହିଁକି ଏତେ ଧୈର୍ଯ୍ୟଶୀଳ ଏବଂ ଏତେ ନମ୍ର ଓ କୋମଳ । ଆମ ଅଭ୍ୟନ୍ତର ସ୍ଥିତ ଚେତନାର ଆଲୋକିତ ଅଂଶଟି ସର୍ବଦା ପ୍ରଶ୍ନ କରୁଛି, ''ଆମେ ଗଭୀର ଜଳରେ ବୁଡୁଥିବା ବେଳେ, ଆମର ଗୋଡ଼ ତଳକୁ ତଳକୁ ଯାଉଥିବା ବେଳେ, ଆମ ନାକରେ ପାଣି ପଶି ଅଣନିଃଶ୍ୱାସୀ ହୋଇ ଯାଉଥିଲା ବେଳେ, ପ୍ରଭୁଙ୍କ କୃପା କାହିଁକି ତତ୍‌କ୍ଷଣାତ୍ ଉପସ୍ଥିତ ହୋଇ ଉଦ୍ଧାର କରୁ ନାହିଁ ?'' ଏହି ପ୍ରଶ୍ନର ଉତ୍ତର ପ୍ରଭୁ ଶ୍ରୀଅରବିନ୍ଦ ''ଯୋଗ ସମନ୍ୱୟ'' ଗ୍ରନ୍ଥର ''କର୍ମର ଅଧିଶ୍ୱର'' ଅଧ୍ୟାୟର ଷଷ୍ଠ ଅନୁଚ୍ଛେଦରେ ପ୍ରଦାନ କରିଛନ୍ତି । ତାହା ହେଲା –

"The Master of our works respects our nature even when he is transforming it; he works always through the nature and not by any arbitrary caprice. This imperfect nature of ours contains the materials of our perfection, but inchoate, distorted, misplaced, thrown together in disorder or a poor imperfect order. All this material has to be patiently perfected, purified, reorganised, new-moulded and transformed, not hacked and hewn and slain or mutilated, not obliterated by simple coercion and denial. This world and we who live in it are his creation and manifestation, and he deals with it and us in a way our narrow and ignorant mind cannot understand unless it falls silent and opens to a divine knowledge."

(The Synthesis of Yoga, pp. 245-246)

''ଆମ କର୍ମର ଅଧୀଶ୍ୱର ପ୍ରଭୁ ଆମ ସ୍ୱଭାବକୁ ସମ୍ମାନ ପ୍ରଦର୍ଶନ କରିଥା'ନ୍ତି ଯଦିଓ ସେ ଏହାକୁ ରୂପାନ୍ତରିତ କରୁଥା'ନ୍ତି; ସର୍ବଦା ବ୍ୟକ୍ତିର ସ୍ୱଭାବ ବା ପ୍ରକୃତିକୁ ଧରି ତାହା ମାଧ୍ୟମରେ କାର୍ଯ୍ୟ କରୁଥା'ନ୍ତି ଏବଂ ସେଥିରେ କୌଣସି ପ୍ରକାରର ଖିଆଲି ମନୋଭାବ ନ ଥାଏ । ଆମର ଅସମ୍ପୂର୍ଣ୍ଣ ପ୍ରକୃତି ବା ସ୍ୱଭାବ ଆମ ଭିତରେ ପୂର୍ଣ୍ଣତାର ଉପାଦାନମାନଙ୍କୁ ଧାରଣ କରିଛି, କିନ୍ତୁ ସେଗୁଡ଼ିକ ଅପରିପକ୍ୱ, ବିକୃତ, ବିଶୃଙ୍ଖଳିତ, ଇତସ୍ତତଃ ଭାବେ ଅବସ୍ଥାପିତ ଅଥବା ଖୁବ୍ ନିମ୍ନଧରଣର ଶୃଙ୍ଖଳା ଭିତରେ ରହିଛି । ପ୍ରଭୁ ଏହି ସମସ୍ତ ବସ୍ତୁ ବା ପଦାର୍ଥମାନଙ୍କୁ ଅତ୍ୟନ୍ତ ଧୈର୍ଯ୍ୟର ସହିତ ସଜାଡୁଛନ୍ତି । ପରିପୂର୍ଣ୍ଣ, ଶୁଦ୍ଧ, ପବିତ୍ର, କରୁଛନ୍ତି; ନୂତନ ଭାବରେ ସଜାଡ଼ିବାକୁ, ନୂତନ ରୂପ ଦେବାକୁ ଏବଂ ରୂପାନ୍ତରିତ କରିବାକୁ କାର୍ଯ୍ୟ କରୁଛନ୍ତି; ଏହି କାର୍ଯ୍ୟ

କଲାବେଳେ ସେ ସେହି ଉପାଦାନଗୁଡ଼ିକର ବିଭକ୍ତୀକରଣ କରି ତାକୁ ବି ନଷ୍ଟ କରି ଦେବାକୁ ଚାହୁଁ ନାହାଁନ୍ତି ଅଥବା କୌଣସି ଉପାଦାନ ଅନାବଶ୍ୟକ ବୋଲି ଆଖ୍ୟା ଦେଇ, ସେସବୁକୁ ବିଲୁପ୍ତ କରି, ବଳପୂର୍ବକ ଶାସନ, ସଂଶୋଧନ ଓ ଅଣଦେଖା କରି ସେମାନଙ୍କର ମୁହଁ ବନ୍ଦ କରି ଦେଉ ନାହାନ୍ତି । ଏହି ଜଗତ୍ ଏବଂ ଆମେ ଯେଉଁମାନେ ଏଠାରେ ବାସ କରୁଛେ ସମସ୍ତେ ତାଙ୍କର ସୃଷ୍ଟି ଏବଂ ତାଙ୍କରି ପରିପ୍ରକାଶ, ଏବଂ ସେ ତାଙ୍କ ସୃଷ୍ଟି ଏବଂ ଆମ୍ଭମାନଙ୍କୁ ଲାଳନ ପାଳନ ଓ ପରିପୋଷଣ କରୁଥା'ନ୍ତି, କିନ୍ତୁ ଆମର କ୍ଷୁଦ୍ର ଅଜ୍ଞାନ ମନ ସେପର୍ଯ୍ୟନ୍ତ ଏହାକୁ ଜାଣିପାରେ ନାହିଁ, ବୁଝିପାରେ ନାହିଁ – ଯେପର୍ଯ୍ୟନ୍ତ ତାହା ନିରବ ନ ହୋଇଛି ଏବଂ ନିଜକୁ ଏକ ଦିବ୍ୟ-ସତ୍ୟ-ଜ୍ଞାନ ଆଡ଼କୁ ଖୋଲି ନ ଦେଇଛି ।''

ଆଲୋଚ୍ୟ ଜୁନ୍ ୨୭, ୧୯୧୩ ପ୍ରାର୍ଥନାଟିରେ ଦିବ୍ୟଜନନୀ ପ୍ରଭୁଙ୍କର ସ୍ୱରକୁ ଶୁଣିପାରୁଛନ୍ତି; ସେହି ସ୍ୱର କେଉଁ ପ୍ରକାରର ତାହା ମଧ ବର୍ଣ୍ଣନା କରିଛନ୍ତି, ସେହି ସ୍ୱରକୁ ଶ୍ରବଣ କରିବାକୁ ଆମେ ପ୍ରସ୍ତୁତ କରିଥିବା ସର୍ବୋତ୍କୃଷ୍ଟ ଶ୍ରବଣ ଯନ୍ତ୍ର ମଧ ପର୍ଯ୍ୟାପ୍ତ ନୁହେଁ ଅଥବା କୌଣସି ଦୃଢ଼ ଇଚ୍ଛାଶକ୍ତି ମଧ ଯଥେଷ୍ଟ ନୁହେଁ । ପ୍ରଭୁଙ୍କର ସ୍ୱରକୁ ଆମେମାନେ ଜାଣିଥିବା ସବୁଠାରୁ ଉତ୍କୃଷ୍ଟ, ଧୀର, ଶୀତଳ, ମଧୁର, ସଙ୍ଗତିଯୁକ୍ତ ସ୍ୱରମାନଙ୍କ ସହିତ ତୁଳନା କରି ଶ୍ରୀମା ଆମକୁ ବୁଝାଇବା ପାଇଁ ଚାହିଁଛନ୍ତି, ସେହି ମାଧ୍ୟମମାନେ ହେଲେ ଶୀତଳ, ସ୍ନିଗ୍ଧ ମଳୟ ପବନର ପ୍ରବାହ; ଯାହା ମଧୁର ଏବଂ ବିଶୁଦ୍ଧ, ଝରଣାର କୁଳୁକୁଳୁ ନାଦ ପରି – ଠିକ୍ ଅରୋଭିଲ୍ ମାତୃମନ୍ଦିରର ନିମ୍ନ-ଦେଶରେ ଶଙ୍ଖମର୍ମର ପ୍ରସ୍ତରରେ ନିର୍ମିତ ପଦ୍ମ ପାଖୁଡ଼ାରେ ପ୍ରବାହିତ ଜଳସ୍ରୋତର ସଙ୍ଗତିମୟ ସ୍ୱର ପରି । ଶ୍ରୀମା କହୁଛନ୍ତି, ଯେଉଁମାନଙ୍କୁ ପ୍ରଭୁଙ୍କର ସ୍ୱରର ଶବ୍ଦ ମୂର୍ଚ୍ଛନା ତଥା ତା'ର ପ୍ରବାହକୁ ଶ୍ରବଣ କରିବାର ଉପାୟ ଜଣାଅଛି, ସେହି ମୃଦୁ ମଳୟକୁ ନିଃଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରିବାର ଉପାୟ ଜଣାଅଛି ସେହିମାନେ ହିଁ କେବଳ ମଳୟ ପବନ ଭିତରେ ଥିବା ସୌନ୍ଦର୍ଯ୍ୟର ସମ୍ପତ୍ତି, ପବିତ୍ର ସ୍ୱର୍ଗୀୟ ସୁରଭି ଏବଂ ରାଜକୀୟ ଗୌରବଯୁକ୍ତ ଚମତ୍କାରିତାକୁ ଜାଣି ପାରିବେ । ବିଦ୍ୟୁତ୍ ଝଲକରେ ପ୍ରକୃତିର ସୌନ୍ଦର୍ଯ୍ୟ କିଞ୍ଚିତ୍ ଦୃଷ୍ଟିଗୋଚର ହେଲା ପରି ଏହି ମହିମାନ୍ୱିତ ସତ୍ୟକୁ କିଞ୍ଚିତ୍ ପରିମାଣରେ ଆନନ୍ଦର ସହିତ ଦେଖି ପାରିବେ ଏବଂ ସେମାନଙ୍କ ଭିତରେ ଥିବା ମାୟା-ମୋହ ସମ୍ପୂର୍ଣ୍ଣ ଭାଙ୍ଗିଯିବ, ମିଳେଇ ଯିବ; ସେହିମାନେ ରୂପାନ୍ତର ପଥର ଯାତ୍ରୀ ହୋଇ ପାରିବେ ।

ପ୍ରଭୁ ପ୍ରତିକ୍ଷଣ ଆମକୁ ଯାହା କହୁଛନ୍ତି ତାହା ଶ୍ରବଣ କରି ବୁଝିବାକୁ ହେଲେ ଆମକୁ ଦିବ୍ୟଜନନୀଙ୍କ ଶରଣାପନ୍ନ ହେବାକୁ ହେବ । ସେ ନିଜ ହାତରେ ଆମକୁ ଧରି ନେଇ ପ୍ରଭୁଙ୍କ ଦରବାରରେ ପହଞ୍ଚାଇ ଦେବେ ଏବଂ ଆମକୁ ତାଙ୍କର ଅଭୟପ୍ରଦାୟୀ ଚରଣ ତଳେ ସମର୍ପି ଦେବେ । ଏହି ପରିପ୍ରେକ୍ଷୀରେ ଜନୈକ ଗୁଜୁରାଟି ଯୁବ ବ୍ୟବସାୟୀ ତଥା ଭକ୍ତଙ୍କ କଥା ଆଲୋଚନା କରି ଅନ୍ତରରେ ଆନନ୍ଦ ଅନୁଭବ କରିବା ।

ତାହା ଏହିପରି –

ଜନୈକ ଗୁଜୁରାଟି ଭକ୍ତ, ବୟସ ୨୦ ବର୍ଷ ହେବ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାକୁ ନଭେମ୍ବର ୧୯୪୮ରେ ଆସିବାକୁ ଅନୁମତି ପ୍ରାପ୍ତ ହୋଇଥା'ନ୍ତି । ଅପୂର୍ବ ଯୋଗାଯୋଗ ଯେ ନଭେମ୍ବର ୨୪ ହିଁ ହେଉଛି ତାଙ୍କର ଶୁଭ ଜନ୍ମଦିବସ । ଟ୍ରେନ୍‌ରେ ବସି ସେ ଭାବୁଥା'ନ୍ତି, 'This is my birthday, let me start a new life.' 'ଏହି ଦିନଟି ମୋର ଜନ୍ମଦିନ, ଏଇ ଦିନଠାରୁ ମୁଁ ଏକ ନୂତନ ଜୀବନର ଶୁଭାରମ୍ଭ କରିବି ।' ଟ୍ରେନ୍‌ରେ ବସିଥା'ନ୍ତି, ମାନ୍ଦ୍ରାସ ରେଳଷ୍ଟେସନ ଆଉ ପଚାଶ ମାଇଲ ଥାଏ, ଜନୈକ ସହଯାତ୍ରୀ କହୁଥା'ନ୍ତି, 'ସେଠାକୁ କାହିଁକି ଯାଉଛ, ରମଣ ମହର୍ଷିଙ୍କ ଆଶ୍ରମକୁ ଯାଅ ।' କିନ୍ତୁ ସେ କହିଲେ ଠିକ୍ ଅଛି ମୁଁ ନିଜେ ଯିବି, ନିଜ ଆଖିରେ ସବୁ ଦେଖିସାରିଲା ପରେ ସିଦ୍ଧାନ୍ତ ନେବି । ସେଠାରେ ଅନ୍ୟ ଜଣେ ସହଯାତ୍ରୀ ବସିଥିଲେ । ସେ ଜଣେ ସନ୍ନ୍ୟାସୀ ଯିଏ ସେମାନଙ୍କ କଥା ଶୁଣୁଥା'ନ୍ତି ଏବଂ ହଠାତ୍ ଅନୁଚ୍ଚ ସ୍ୱରରେ ପ୍ରକାଶ କଲେ, "These people know nothing, it is a sacred place. Do go there." ''ଏମାନେ କିଛି ଜାଣି ନାହାନ୍ତି, ଏହା ଏକ ପବିତ୍ର ସ୍ଥାନ, ତୁମେ ସେଠାକୁ ନିଶ୍ଚୟ ଯାଅ ।''

ନଭେମ୍ବର ୨୦ ତାରିଖରେ ଯୁବ ଭକ୍ତ ଜଣକ ପଣ୍ଡିଚେରୀରେ ପହଞ୍ଚିଲେ ଏବଂ ସେହି ସନ୍ଧ୍ୟାରେ ଧ୍ୟାନଗୃହରେ ପ୍ରଥମଥର ପାଇଁ ଦିବ୍ୟଜନନୀ ଶ୍ରୀମାଙ୍କୁ ଦର୍ଶନ କରି କୃତକୃତ୍ୟ ହେଲେ । ମା ତାଙ୍କ ଉପରେ ସ୍ମିତହାସ୍ୟର ବାରିଧାରା ଢାଳି ଦେଲେ; ତାଙ୍କର ହୃଦୟ, ମନ, ପ୍ରାଣ ଓ ଦେହ ଆନନ୍ଦରେ ପ୍ଲାବିତ ହେବାକୁ ଲାଗିଲା । ଏହି ଅବସ୍ଥା ଦୀର୍ଘ ଚାରିଦିନ ଧରି ରହିଲା । ନଭେମ୍ବର ୨୩ ତାରିଖରେ ଆଶ୍ରମର ଜନୈକ ଅନ୍ତେବାସୀ ତାଙ୍କୁ ପଚାରିଲେ, "Have you prepared yourself for the Darshan ?" ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ

କହିଲେ, ‘‘ମୁଁ ତ ତାଙ୍କୁ ଦର୍ଶନ କରିବି, ଏଥିରେ ବିଶେଷ ପ୍ରସ୍ତୁତିର ଆବଶ୍ୟକତା କ’ଣ ?’’

—“It is necessary for you to prepare yourself from within, inorder to receive what ever they give you.” ‘‘ତୁମକୁ ନିଜ ଅନ୍ତରରେ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି, କାରଣ ଶ୍ରୀମାଶ୍ରୀଅରବିନ୍ଦ ତୁମକୁ ଯାହା ଦେବେ ତୁମକୁ ସେସବୁକୁ ଗ୍ରହଣ କରିବାକୁ ହେବ ।’’ — କହିଲେ ଅନ୍ତେବାସୀ ଜଣକ ।

ନଭେମ୍ବର ୨୪ ଦର୍ଶନ ଦିବସଟି ଆସି ଉପସ୍ଥିତ ହେଲା । ଯୁବ ଭକ୍ତ ଜଣକ ଧ୍ୟାନ ଗୃହରେ ଉପସ୍ଥିତ ହେବା ମାତ୍ରକେ ଅନୁଭବ କଲେ ଯେ, ତାଙ୍କୁ ଯେପରି କୌଣସି ଏକ ଶକ୍ତି ହାତଧରି ପାହାଚ ପରେ ପାହାଚ ଉପରକୁ ନେଇ ଯାଉଛି । ଦର୍ଶନ ଗୃହ ନିକଟବର୍ତ୍ତୀ ହେବା ମାତ୍ରକେ ସେ ଧାଡ଼ିରୁ ଟିକିଏ ବାହାରକୁ ଆସି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଦେଖିବାକୁ ଚେଷ୍ଟା କଲେ, ତାଙ୍କ ଅନ୍ତରରେ କିଏ ଯେମିତି କହୁଥାଏ “accepted” ଅର୍ଥାତ୍ ତୁମକୁ ଗ୍ରହଣ କରାଗଲା । ତାଙ୍କ ଭାଷାରେ, ଏହି ପ୍ରଥମ ଦର୍ଶନରେ ମୁଁ କେବଳ ଶ୍ରୀଅରବିନ୍ଦଙ୍କୁ ଚାହିଁଲି । ପ୍ରଭୁ ତାଙ୍କ କୋମଳ ହାତରେ ଗୋଟିଏ ରୁମାଲ ଧରିଥା’ନ୍ତି; ତାଙ୍କର ସୁନ୍ଦର, ଚମତ୍କାର ଅପାର୍ଥିବ ପାଦ ଦୁଇଟି ଉନ୍ମୁକ୍ତ...ଅପୂର୍ବ । ହଠାତ୍ ମୋ ଅନ୍ତଃସତ୍ତାରେ ଭାସି ଉଠିଲା, “He is the Hiranyagarbha”, ‘‘ଇଏ ତ ହିରଣ୍ୟଗର୍ଭ’’ । ମୋର ଯାହା ମନେ ପଡୁଛି, ତୁମେ ଯଦି ସୁବର୍ଣ୍ଣ, ସବୁଜ ଏବଂ ନୀଳ ରଙ୍ଗକୁ ଏକାଠି କରି ସେଥିରେ ଚିମୁଟାଏ ଲାଲରଙ୍ଗ ମିଶାଇ ଫେଣ୍ଟି ଦେବ, ସେଥିରୁ ଯେଉଁ ରଙ୍ଗ ବାହାରିବ, ପ୍ରଭୁ ଶ୍ରୀଅରବିନ୍ଦଙ୍କ ମୁଖଶ୍ରୀର ରଙ୍ଗ ଠିକ୍ ସେହିପରି ଦେଖା ଯାଉଥାଏ । ଅଧିକ ସମୟ ଦର୍ଶନ କରିବାର ଲୋଭ ସମ୍ବରଣ କରି ନପାରି ଧାଡ଼ିର ବାହାରକୁ ଯାଇ ଗୋଟିଏ କଡ଼କୁ ଠିଆ ହୋଇଗଲି ଏବଂ ନେତ୍ର ଦ୍ୱୟକୁ ପବିତ୍ର କରିବାକୁ ଲାଗିଲି । କିଛି ସମୟ ପରେ ଦେଖିଲି ଶ୍ରୀଅରବିନ୍ଦ ମୋ ଆଡ଼କୁ ଚାହିଁଛନ୍ତି; ତା’ପରେ ମୁଁ ଆଗକୁ ଚାଲିଲି । ସେଠାରୁ ସିଧା ଗଲି ସମୁଦ୍ର କୂଳକୁ, ସେଠାରେ ଧୀରସ୍ଥିର ହୋଇ ଆକାଶକୁ ଅନାଇ ଶୋଇ ପଡ଼ିଲି । ଅନୁଭବ କଲି ସେହି ଦିନର ଅପୂର୍ବ ଅନୁଭୂତିକୁ ଓ ମୋର ରକ୍ତ କଣିକାରେ ସେସବୁକୁ ମିଶାଇ ଦେବାକୁ ଚେଷ୍ଟା କଲି ।

ଏହାହିଁ ପ୍ରଭୁକୃପା, କେହି ଇଚ୍ଛାକଲେ ପ୍ରଭୁଙ୍କ ପାଖକୁ ଯାଇପାରନ୍ତି ନାହିଁ, ତାଙ୍କ ସ୍ୱର ଶୁଣି ପାରନ୍ତି ନାହିଁ, ବୁଝି ପାରନ୍ତି ନାହିଁ । ସେ ଚାହିଁଲେ ଡୋରି ଲଗାଇ ଟାଣି ନିଅନ୍ତି, କଥା କୁହନ୍ତି, ଅତି ଆପଣାର ପରି ହୃଦୟରେ ଲଗାଇ ଧରନ୍ତି ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers & Meditations - The Mother.

(୨) Musing on the Mother’s Prayers and Meditations, Volume - I, Shyam Kumari.

> ମା’ଙ୍କୁ ସ୍ମରଣ ରଖ ଏବଂ ସ୍ଥୂଳ ଦୃଷ୍ଟିରୁ ତାଙ୍କଠାରୁ ଦୂରରେ ଥିଲେ ବି ସେ ତୁମ ସହ ଅଛନ୍ତି ବୋଲି ଅନୁଭବ କର ଏବଂ ତୁମର ଆନ୍ତରସତ୍ତା ତାଙ୍କ ଇଚ୍ଛା ବୋଲି ତୁମକୁ ଯାହା ଜଣାଇ ଦେଉଛି ସେହି ଅନୁଯାୟୀ କାର୍ଯ୍ୟ କର । ତା’ହେଲେ ତୁମେ ମା’ଙ୍କ ଓ ମୋର ଉପସ୍ଥିତି ସର୍ବୋତ୍ତମଭାବେ ଅନୁଭବ କରିପାରିବ ଏବଂ ତୁମ ଚାରିପଟେ ଏକ ରକ୍ଷାକବଚ ସଦୃଶ ଆମର ସାନ୍ନିଧ୍ୟ ଓ ନିଶ୍ଚଳତାର ଏକ ପରିବେଶ ବହନ କରି ଚାଲିବ ଏବଂ ସବୁ କ୍ଷେତ୍ରରେ ଆମର ଆଲୋକ ତୁମ ସହ ରହିବ ।
>
> — ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୮)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ ମା ଯାହା ଭାବିଥିଲେ ଏହା ହେଉଛି ତାହା । ଆବେଗପୂର୍ଣ୍ଣ ଏବଂ ଭାବାବେଗର ଅନୁଭୂତିର ଆକର୍ଷଣ ସ୍ୱଭାବତଃ ଚାଲିଯାଏ ଯେତେବେଳେ ଆଭ୍ୟନ୍ତରୀଣ ଅଗ୍ରଗତି ହୁଏ ପ୍ରାଣିକ ଭିତ୍ତିଠାରୁ ଆହୁରି ଅଧିକ ପୂର୍ଣ୍ଣତର ଚୈତ୍ୟିକ ସ୍ତରରେ, କିନ୍ତୁ ମଧ୍ୟବର୍ତ୍ତୀ ସ୍ତରରେ ଏକ ପ୍ରକାର ବିଶ୍ରାମର ଅବସ୍ଥା ଆସିଥାଏ ଯେତେବେଳେ କି ପୂର୍ବର ସେଇ ଅବସ୍ଥାଟି ଚାଲିଯାଇଛି ଅଥଚ ଗଭୀରତର ଚୈତ୍ୟିକ ଅନୁଭୂତି ସେତେବେଳ ପର୍ଯ୍ୟନ୍ତ ତା'ର ଆସନ କିଂବା ତା'ର ଆକାର ବା ଅଭିବ୍ୟକ୍ତିର ଉପାୟ ବାହାର କରି ପାରି ନଥାଏ । ଯଦିଓ କିଛି ଉପାୟ ବାହାର କରିଥାଏ ସେ କ୍ଷେତ୍ରରେ ମଧ ତା'ର ଗୁଣ ଗ୍ରହଣ କରିବାର ଲୋକ କମ୍ ସଂଖ୍ୟକ ହିଁ ମିଳିବେ ।

(୩୧.୦୧.୩୫)

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଯାହା ବର୍ଣ୍ଣନା ଦେଉଛ ସେଥିରୁ ମନେ ହେଉଛି ତୁମେ ଯାନ୍ତ୍ରିକ ମନର ସଂସ୍ପର୍ଶରେ ଆସିଛ ଯାହାର ସ୍ୱଭାବ ହେଉଛି ତା' ମଧ୍ୟରେ ଯେଉଁ ସବୁ ଚିନ୍ତା ଆସେ, ସେହିସବୁ ଚିନ୍ତାଗୁଡ଼ିକୁ ଘେରି ରହି ବୃତ୍ତାକାରରେ ତାହା ଘୂରିବାକୁ ଲାଗିଥାଏ । ଯେତେବେଳେ ଚିନ୍ତାଶୀଳ ମନ ନିଷ୍କ୍ରିୟ ଥାଏ ବେଳେ ବେଳେ ଏହା ଏପରି ହୋଇଥାଏ । ଶାରୀର ମନର ଏହା ହେଉଛି ଏକ ଅଂଶ ଏବଂ ଏହାର ଉତ୍‌ଥାନର ବେଗ ଦେଖି ତୁମେ ଉତ୍ତେଜିତ ବା ଭୟଭୀତ ହୁଅ ନାହିଁ ବରଂ ଦେଖ ଜିନିଷଟା କ'ଣ ଏବଂ ତାକୁ ଶାନ୍ତ କର କିଂବା ତା'ର ଗତିବୃତ୍ତିକୁ ଆୟତ୍ତରେ ଆଣ । ଅସଲ ବାଧା ହେଉଛି ଅନିଦ୍ରା – ତାକୁ ଯିବାକୁ ହିଁ ହେବ, କାହିଁକି ନା ସେ ସ୍ନାୟୁ ଏବଂ ଶରୀରକୁ ଦୁର୍ବଳ କରି ପକାଏ ଏବଂ କ୍ଳାନ୍ତି ଓ ନିଶ୍ଚେଷ୍ଟତା ଆଣିଦିଏ । ତୁମକୁ ଚେଷ୍ଟା କରିବାକୁ ହେବ ମା'ଙ୍କ ଶକ୍ତିର ସହାୟତାରେ ନିଦ୍ରାକୁ ଫେରାଇ ଆଣିବାକୁ । ନିଦ୍ରା ଏବଂ ବିଶ୍ରାମର ସହାୟତାରେ ଆଉ ସମସ୍ତ ଜିନିଷ ଶୀଘ୍ର ଚାଲିଯିବାର କଥା ।

ତୁମେ ମା'ଙ୍କ ସଙ୍ଗେ ତୁମ ଇଚ୍ଛାନୁଯାୟୀ ଦେଖା କରିବା ବିଷୟରେ ଯେଉଁ ପ୍ରସ୍ତାବ ଦେଇଛ ତାହା କାର୍ଯ୍ୟତଃ ସମ୍ଭବ ନୁହେଁ ଏବଂ ଅତୀତରେ, ଯେତେବେଳେ କେତେକ କ୍ଷେତ୍ରରେ ତାହା କରିବାକୁ ଦିଆଯାଇଛି ସେତେବେଳେ ଦେଖାଯାଇଛି ତା' ଫଳପ୍ରସୂ ହୋଇ ନାହିଁ । ତୁମର ଯାହା କରିବା ଉଚିତ ତାହା ହେଉଛି ଯେତେଦିନ ଯାଏ ବାଧାଟି ଯାଇ ନାହିଁ ପ୍ରତି ଦୁଇଦିନ ଅନ୍ତରରେ ବା ସେହିଭାବେ ମୋତେ କେତୋଟି ଧାଡ଼ି ଲେଖ । ତୁମେ ମୋତେ ବିଶେଷଭାବେ ତୁମର ନିଦ୍ରା ଓ ସ୍ନାୟୁର ଅବସ୍ଥାର କଥା ଜଣାଇବ । ଅସଲରେ ତୁମର ତତ୍‌କ୍ଷଣାତ୍ ମୋତେ ତାହା ଜଣାଇବା ଉଚିତ ଥିଲା । ଯଦିଓ ନୋଟିସ ବୋର୍ଡ଼ରେ ଲେଖା ଥିଲା ଚିଠିପତ୍ରାଦି ସବୁ ବନ୍ଦ ରଖିବା ଲାଗି ଯେତେଦିନ ପର୍ଯ୍ୟନ୍ତ ପୁଣି ନୋଟିସ୍ ଦିଆ ନ ଯାଇଛି । କିନ୍ତୁ ମୁଁ କହିଥିଲି ଗୁରୁତ୍ୱପୂର୍ଣ୍ଣ ଏବଂ ଦରକାରୀ ଚିଠିପତ୍ର ପଠାଯାଇ ପାରେ ।

(୦୩.୦୩.୩୫)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯେଉଁସବୁ ଚିନ୍ତା ଏବଂ ଅନୁଭୂତିର କଥା ତୁମ ପତ୍ରରେ ପ୍ରକାଶ କରିଛ ସେ ସମସ୍ତ ଅବସାଦରୁ ହିଁ ଆସିଛି । ଏହା ବ୍ୟତୀତ ତନ୍ମଧ୍ୟରେ ସତ୍ୟ ଆଦୌ ନାହିଁ । ତୁମର ଏଠାରେ ରହିବାର ଅର୍ଥ ଏହା ନୁହେଁ ଯେ ତୁମେ କୌଣସି 'ଉତ୍ତମ ସାଧକ'ର ସ୍ଥାନ ଦଖଲ କରି ରହିଛ । ସର୍ବଦାହିଁ ଭଲ ସାଧକର ସ୍ଥାନ କୌଣସି ନା କୌଣସି ଉପାୟରେ ହୋଇ ଯାଇଥାଏ । ତୁମ ନିଜ ମଧ୍ୟରେ ଯେଉଁ ଅକ୍ଷମତା ତୁମେ ଆବିଷ୍କାର କରିଛ ତାହା ହେଉଛି କେବଳ ଅଭ୍ୟାସଗତ ଓ ବାହ୍ୟିକ ଏବଂ ବାସ୍ତବ ପ୍ରକୃତିର ବିରୋଧ ଯାହା ପ୍ରତ୍ୟେକଙ୍କର ଅଛି ଏବଂ ଯେ କେହି, ସେ ଯେତେ ଭଲ ସାଧକ ହେଉ ନା କାହିଁକି, ବର୍ତ୍ତମାନ ପର୍ଯ୍ୟନ୍ତ ତା'ର ଆମୂଳ ପରିବର୍ତ୍ତନ ସାଧନ କରି ପାରିନି, କାରଣ ତାହା ସାଧନ କରିବା ସମ୍ଭବ ହୋଇଥାଏ ଏକେବାରେ ଶେଷରେ ଏବଂ ସଂପ୍ରତି ତା'ର ବିରୋଧ ଏତେ ତୀବ୍ର ହୋଇଛି ତା'ର କାରଣ ହେଉଛି ସାଧନାର ଶକ୍ତି ବର୍ତ୍ତମାନ ଚାପ ଦେଉଛି ତା ବିରୋଧରେ ଯାହା ଦ୍ୱାରା ପରିବର୍ତ୍ତନ ଆସିପାରେ । ସେ ଯେତେବେଳେ ନିଜକୁ ଅଭିବ୍ୟକ୍ତ କରେ ସେତେବେଳେ ସର୍ବଦା

ସେସବୁ ପ୍ରକାଶ କରିବାକୁ ଚେଷ୍ଟା କରେ ଯେ ସେ ଅପରିବର୍ତ୍ତନୀୟ, ଅପାରଗ, ସାଧନାରେ ଅଭେଦ୍ୟ । କିନ୍ତୁ ବାସ୍ତବିକ ସେଗୁଡ଼ିକ ସେପରି ନୁହଁନ୍ତି ଏବଂ ସେସବୁର ବାହ୍ୟ ରୂପ ଦେଖି ଯେପରି କେହି ପ୍ରତାରିତ ନ ହୁଏ । ପାଗଳ ହୋଇ ଯିବାର ଭୟ ସମ୍ପର୍କରେ ଯାହା ଲେଖିଛ ତାହା କେବଳ ଏକ ଭୟାତ୍ମକ ସଂସ୍କାର ଯାହାକୁ ତୁମକୁ ତଡ଼ିତ୍ ବେଗରେ ଫୋପାଡ଼ି ଦେବା ଉଚିତ ହେବ । ଏହା ପ୍ରାଣଜ ଦୁର୍ବଳତା ନୁହେଁ ଯାହା ଏଇ ଧରଣର ବିପର୍ଯ୍ୟୟ ନେଇ ଆସେ – ଏହା ହେଉଛି ଶାରୀରିକ ମନର ଅସ୍ୱଚ୍ଛତା ଓ ଦୁର୍ବଳତା ଏବଂ ତା' ସହ ଥାଏ ଅତିରଞ୍ଜିତ ଏକ ପ୍ରାଣଜ ବୃତ୍ତି (ଉଦାହରଣ ସ୍ୱରୂପ, ଅତିରଞ୍ଜିତ ଆଧାତ୍ମିକ ଉଚ୍ଚାଭିଳାଷ) ଯାହା ମନ ପକ୍ଷରେ ଅତିଶୟ ବୋଝ ସ୍ୱରୂପ । ତୁମ କ୍ଷେତ୍ରରେ ତାହା ସେପରି ନୁହେଁ । ତୁମେ ଅନେକ ଦିନ ଧରି ଆନ୍ତର ଶାନ୍ତି, ପ୍ରସାରତା, ପରମାନନ୍ଦ ଏବଂ ଏକ ଭଗବତମୁଖୀ ଆନ୍ତର ଜୀବନ ଉପଲବ୍ଧି କରିଛ । ଏବଂ ଯାହାର ତାହା ହୋଇଛି ତା'ର ସାଧାରଣ ଅକ୍ଷମତାର କଥା ଯାହା କହିବା ଉଚିତ ନୁହେଁ, ବାହ୍ୟ ପ୍ରକୃତିର ବାଧା ଯାହା ଥାଉ ନା କାହିଁକି – ବାଧା ସମସ୍ତଙ୍କର ହିଁ ଅଛି ଏହି ରୂପରେ ନଚେତ୍ ଅନ୍ୟ ରୂପରେ ।''

(୧୧.୦୩.୩୫)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯେଉଁ ଅନୁଭୂତିକୁ ଆଧାର କରି ଆଖିରୁ ଲୁହ ଝରିଯିବା ଭଳି କଥା ତୁମେ କହୁଛ, ତାହା ହେଉଛି ଚୈତ୍ୟିକ ଦୁଃଖର ଚିହ୍ନ – କାରଣ ତାହା ହେଉଛି ଚୈତ୍ୟିକ ସତ୍ତାର ହିଁ ଆସ୍ପୃହା । କିନ୍ତୁ ବିଷାଦ ଏବଂ ନିରାଶା ଆସିବା ଉଚିତ ନୁହେଁ । ତୁମେ ବରଂ ବିଶ୍ୱାସକୁ ଜାବୁଡ଼ି ଧରି ରଖି ପାରନ୍ତ ଯଦି ତୁମ ମଧ୍ୟରେ ଯେପର୍ଯ୍ୟନ୍ତ ସତ୍ୟର ଆସ୍ପୃହା ଅଛି – ଏବଂ ତାହା ଯେ ଅଛି ସେ ବିଷୟରେ କୌଣସି ସନ୍ଦେହ ରହି ନପାରେ – ସେତେବେଳେ ବାହ୍ୟିକ ପ୍ରକୃତିରେ ଯେଉଁ ବାଧା ଥାଉ ନା କାହିଁକି ତା'ର ସଂଶୋଧନ ନିଶ୍ଚିତ ହେବ । ସେଇ ବିଶ୍ୱାସରେ ତୁମର ଆନ୍ତର ଶାନ୍ତି ଏବଂ ଶାନ୍ତ ଅବସ୍ଥାକୁ ଫେରାଇ ଆଣିବାକୁ ହିଁ ହେବ ଏବଂ ସେ ଦିଗରେ କ'ଣ କରିବାକୁ ହେବ ସେଥି ନିମନ୍ତେ ତା' ସହିତ ସ୍ୱଚ୍ଛ ଅନ୍ତର୍ଦୃଷ୍ଟି, ଆନ୍ତର ଓ ବାହ୍ୟିକ ପରିବର୍ତ୍ତନ ନିମନ୍ତେ ସ୍ଥିର ଆସ୍ପୃହା ମଧ୍ୟ ରଖିବାକୁ ହେବ ।

(୧୭.୦୩.୩୫)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

ପ୍ରତି ମୁହୂର୍ତ୍ତରେ ତୁମେ ଯାହା ଇଚ୍ଛା କରୁଛ ବା ସଂକଳ୍ପ କରୁଛ ତାକୁ ଏକ ଆସ୍ପୃହାରେ ପରିଣତ କରି ଈଶ୍ୱରଙ୍କୁ ଉପହାର ସ୍ୱରୂପ ଅର୍ପଣ କରିଦିଅ – ତୁମର ଆସ୍ପୃହାଟି ଖାଲି ''ହେ ପ୍ରଭୁ, ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ'', ଏତିକି ହେବ ନାହିଁ କିନ୍ତୁ ଖୁବ୍ ସରଳ ଭାବେ ଏହିପରି ହେବା ଉଚିତ, ''ହେ ଈଶ୍ୱର ! ମୋର ଯେଉଁ କାର୍ଯ୍ୟ ଯେପରି ଭାବେ କରିବା କଥା, ମୁଁ ଯେପରି ତାହା ମୋର ସମସ୍ତ ସାମର୍ଥ୍ୟ ଦେଇ ଉତ୍ତମ ରୂପେ ସଂପାଦନ କରେ, ସେଥିପାଇଁ ମୋତେ କୃପା କର ।''

ପ୍ରତି ମୁହୂର୍ତ୍ତରେ ତୁମେ ହୁଏତ ଜାଣି ନ ଥାଇପାର ଯେ ସର୍ବୋତ୍ତମ କାର୍ଯ୍ୟଟି କ'ଣ ଓ ତାହାକୁ କିପରି କରାଯାଏ, କିନ୍ତୁ ଯେଉଁ ସର୍ବୋତ୍ତମ କର୍ତ୍ତବ୍ୟଟି କରାଯାଇପାରେ ତାହା ହେଲା, ତୁମର ଇଚ୍ଛାକୁ ଭଗବାନଙ୍କ ବିଚାର ପାଖରେ ଛାଡ଼ିଦେବା । ତୁମେ ଦେଖିବ ଯେ ଏହା ଦ୍ୱାରା ଚମତ୍କାର ଫଳ ମିଳୁଛି । ସଚେତନ ଭାବେ, ନିଷ୍ପାପର ଭାବେ ଓ ଧୈର୍ଯ୍ୟର ସହିତ ଏଥିପାଇଁ ପ୍ରୟାସ କର ଏବଂ ତୁମେ ଦେଖିବ, ଏହା ଦ୍ୱାରା କି ବିରାଟ ଉପଲବ୍ଧି ହେଉଛି । କଥାଟି ଏତିକି ଓ ଏଇଆ, ନୁହେଁ କି ? ତୁମେ ତୁମର ସମସ୍ତ ଆତ୍ମଶକ୍ତି ଓ ତୁମର ସମସ୍ତ ସଂକଳ୍ପଶକ୍ତି ନେଇ କାର୍ଯ୍ୟ କର; ପ୍ରତିଟି ମୁହୂର୍ତ୍ତରେ ଯାହା ସର୍ବାଧିକ ସମ୍ଭବ ତାହା କର, ଯାହା ସର୍ବୋତ୍କୃଷ୍ଟ ତାହା କର । ଅନ୍ୟମାନେ କ'ଣ କରୁଛନ୍ତି, ସେଥିରେ ତୁମର କିଛି ଯାଏ ଆସେ ନାହିଁ ... ।

– ଶ୍ରୀମା

# ଯୋଗାନନ୍ଦ

## (୧୪)

''ଜଣେ ଯୋଗୀ, ସନ୍ନ୍ୟାସୀ ବା ତପସ୍ୱୀ ହେବା ଆମ ଯୋଗର ଉଦ୍ଦେଶ୍ୟ ନୁହେଁ । ଉଦ୍ଦେଶ୍ୟ ବା ଲକ୍ଷ୍ୟ ହେଉଛି **ରୂପାନ୍ତର** ଏବଂ ଏହି ରୂପାନ୍ତର ହୋଇ ପାରିବ ଏପରି ଏକ ଶକ୍ତି ଦ୍ୱାରା ଯାହାକି ତୁମ ନିଜ ଶକ୍ତିଠାରୁ ଅନନ୍ତ ଗୁଣରେ ଶକ୍ତିଶାଳୀ; ଏହା କେବଳ ସାଧିତ ହୋଇ ପାରିବ ଦିବ୍ୟଜନନୀଙ୍କର ଏକ ଯଥାର୍ଥ ଶିଶୁ ସଦୃଶ ହୋଇ ଉଠିବାରେ ।''

(CWSA - 36, p. 367-368) — ଶ୍ରୀଅରବିନ୍ଦ

ଯୋଗାନନ୍ଦଙ୍କର ବାହ୍ୟ କର୍ମ-ସାଧନା ସମ୍ବନ୍ଧରେ ଅଧିକ ଜାଣିବା ସକାଶେ ପୁନଶ୍ଚ ପ୍ରଭାକର (ବାଟ୍ଟୀ)ଙ୍କ ଲେଖାରୁ ଉଦ୍ଧୃତି : ''ସୁଇମିଂ ପୁଲ୍‌ର ସେଇ ପ୍ରାରମ୍ଭିକ ଅବସ୍ଥାରେ ଆମେ ଅଳ୍ପ ଦିନ ବ୍ୟବଧାନରେ ପୁଲ୍‌ଟିକୁ ଖାଲି କରି ଦେଇଥିଲୁ । ବେଳେ ବେଳେ ଅନେକ ରାତି ପର୍ଯ୍ୟନ୍ତ ଏହି କାମ କରିବାକୁ ହେଉଥାଏ । ଯୋଗାନନ୍ଦ ପୁଲ୍‌ର ଚଟାଣ (ଡେକ୍)ରେ ବସି ରହି ଆମମାନଙ୍କୁ କାମ କରୁଥିବାର ଦେଖି ବେଶ୍ ଆନନ୍ଦ ଅନୁଭବ କରୁଥିଲେ; ଆବଶ୍ୟକ ସ୍ଥଳେ ତତ୍ପରତାର ସହିତ ସାହାଯ୍ୟ ବି କରୁଥିଲେ, ଆଉ ଅମୃତ-ସମାନ ସୁସ୍ୱାଦୁ ଚା' ପ୍ରସ୍ତୁତ କରି ହୃଦୟଭରା ଶ୍ରଦ୍ଧାରେ ଆମମାନଙ୍କ ହାତରେ ଧରାଇ ଦେଉଥିଲେ ।

''କର୍ମ ବା କର୍ମର ପରିବେଶ ସର୍ବଦା ତାଙ୍କୁ ଅନୁପ୍ରେରଣା ଦେଉଥିଲା, ତୀବ୍ର ଉତ୍ସାହ ପ୍ରଦାନ କରୁଥିଲା । କିନ୍ତୁ ଏହି ତୀବ୍ର ଉତ୍ସାହ ପଶ୍ଚାତରେ ଅଲକ୍ଷିତ ଭାବରେ ସୁଯୋଗ ପାଇବା ମାତ୍ରେ ତାଙ୍କୁ ଅଚାନକ ଆକ୍ରମଣ କରିବା ତଥା କାବୁ କରି ନେବା ସକାଶେ ଉନ୍ନିଦ୍ର ଥାଏ ତାଙ୍କର ବହୁ ଦିନର ସେଇ ଶତ୍ରୁ; ଦୁର୍ବାସା-ଚରିତ୍ର, ତାଙ୍କର କଠୋର, ଶାଣିତ ମିଜାଜ । କର୍ମକ୍ଷେତ୍ରରେ ବାର ବାର ଘଟୁଥିବା ତାଙ୍କର ଏହି ବିସ୍ଫୋରଣ କିନ୍ତୁ ନ୍ୟାୟସଙ୍ଗତ ରହୁଥିଲା । ଏସବୁର କାରଣ ନଗଣ୍ୟ ବା ସତକୁ ସତ ଗୁରୁତର ହୋଇ ଥାଇପାରେ, କିନ୍ତୁ ଫଳାଫଳ ସାଧାରଣତଃ ପ୍ରତ୍ୟକ୍ଷ ଭାବରେ ଗୁରୁତର ଓ ତତ୍‌କ୍ଷଣାତ୍ ହୋଇ ଉଠୁଥିଲା ।

''ସ୍ପୋର୍ଟସ୍ ଗ୍ରାଉଣ୍ଡଟି ଆକାରରେ ବେଶ୍ ବଡ଼ ଥିଲା – ଏବେ ବି ଯେମିତି ବଡ଼ ଅଛି – କିନ୍ତୁ କର୍ମକ୍ଷେତ୍ରରେ ଦୁଇଟି ବିଭାଗ ଓ ଦୁଇଜଣ ପରିଚାଳକଙ୍କ ସକାଶେ ବେଶ୍ ଛୋଟ ଥିଲା । ମୁଁ ଏବଂ ଯୋଗାନନ୍ଦ ସୁଇମିଂ ପୁଲ୍‌ର ଦେଖାଶୁଣା କରୁଥିଲୁ । ବାସୁଦେବ ଓ ଭିଖାଭାଇ ଖେଳ ପଡ଼ିଆ ଏବଂ ଦୌଡ଼ ପ୍ରତିଯୋଗିତା ସକାଶେ ନିର୍ମିତ ଗତିପଥ (ଟ୍ରାକ୍)ର ତଦାରଖ କରୁଥିଲେ । ତେଣୁ ଦୁଇ ବିଭାଗର କର୍ମୀଙ୍କ ମଧ୍ୟରେ ହୁଏତ ବିରକ୍ତିଜନକ ପରିସ୍ଥିତିରେ କେବେ କେବେ ବନ୍ଧୁମିଳନ ହେବା ତ ଅପରିହାର୍ଯ୍ୟ । ସାଧାରଣତଃ ଯେପରି ଘଟିଥାଏ, କିଛି କାରଣ ଥାଉ ବା ନଥାଉ, ଯୋଗାନନ୍ଦ ଓ ବାସୁଦେବ ଦୁହେଁ ଅଧିକାଂଶ ସମୟରେ ପରସ୍ପର ବୁଝାମଣାରେ ଅମେଳ ସୃଷ୍ଟି କରି ମୁହାଁମୁହିଁ ହେଉଥିଲେ । ପ୍ରାରମ୍ଭିକ ଅବସ୍ଥାରେ ସ୍ୱ ସ୍ୱ ମତବାଦ ଜାହିର କରି ସଂଘର୍ଷର ସୂତ୍ରପାତ, ତା'ପରେ ଉଚ୍ଛ୍ୱସିତ ସ୍ଫୁରଣ ସହ ଜ୍ୱାଳାମୁଖୀ ତୀବ୍ର ଉତ୍ତେଜନା, ପରିଣାମରେ ହାତ ଉଠାଉଠି ଏବଂ ଅନ୍ତିମ ପର୍ଯ୍ୟାୟରେ ପରସ୍ପରକୁ ଚଟକଣା ଦେବାର ମୃଦୁ ଗମ୍ଭୀର ଧ୍ୱନି ସୃଷ୍ଟି ହେଉଥିଲା । ଏହିସବୁ ଘଟଣାରୁ ନିର୍ବାଚିତ କେତୋଟିର ପ୍ରତିଧ୍ୱନି ଶ୍ରୀମା'ଙ୍କ କାନରେ ପହଞ୍ଚୁଥିଲା । ସେ ମୋତେ ପ୍ରଶ୍ନ କରୁଥିଲେ । ମୋତେ ଘଟଣାସବୁର କାରଣମାନ ଦର୍ଶାଇ ତାଙ୍କୁ କୈଫିୟତ ଦେବାକୁ ହେଉଥିଲା । ସେ ମୋତେ ପଚାରୁଥିଲେ, 'ପୂର୍ବରୁ କେମିତି କାମଦାମ ହେଉଥିଲା, ଜେରାର୍ ଥିବା ବେଳେ ?' ମୁଁ କହୁଥିଲି, 'ଦୁଇଟି ବିଭାଗର କର୍ମ-ପ୍ରବାହର ମୂଳଧାରାକୁ ଆଖି ଆଗରେ ରଖି ଆମେ କର୍ମୀଗଣଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି ନକରି ଏକ ସୁରକ୍ଷିତ କାଳ୍ପନିକ ସୀମାରେଖା (no-man's-land) ଟାଣି ଦେଇଥିଲୁ ।' ସେଇଠୁ ଶ୍ରୀମା କହିଲେ, 'ଆଉ ଥରେ ସେଇ ସୀମାରେଖା ଟାଣି ଦିଅ ଆଉ ସମସ୍ତଙ୍କୁ ବୁଝାଇ ଦିଅ ।' ମୁଁ ସେ ଦିଗରେ ଚେଷ୍ଟା କଲି । ନିରାପତ୍ତା ଦୃଷ୍ଟିରୁ, ହୁଏତ ସବୁଜ ପଡ଼ିଆଟିର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ଦୃଷ୍ଟିରୁ ସେତେଟା ସଫଳ ନ ହୋଇ

ପାରିଥାଏ, କିନ୍ତୁ କିଛି ଦିନ ପରେ ବାସୁଦେବ ଓ ଭିଖାଭାଇ ସ୍ପୋର୍ଟସ୍ ଗ୍ରାଉଣ୍ଡର କାମ ଛାଡ଼ି ଦେଲେ । ସେ ଦୁହିଁଙ୍କ ବଦଳରେ ଆସି ପହଞ୍ଚିଲେ ବରୁଣ ଠାକୁର (ଟାଗୋର୍) । ବର୍ତ୍ତମାନ ଦୁଇଟି ସ୍ୱତନ୍ତ୍ର ବିଭାଗ, କହିବାକୁ ଗଲେ ଏକ ହୋଇଗଲା । ତଥାପି ବରୁଣ ପ୍ରଧାନତଃ ଖେଳ ପଡ଼ିଆ ଓ ଦୌଡ଼ାଦୌଡ଼ିର ଗତିପଥ (ଟ୍ରାକ୍)ର ଦେଖାଶୁଣା କରୁଥିଲା ଏବଂ ଯୋଗାନନ୍ଦ ସୁଇମିଂ ପୁଲ୍ର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଲେ । ମୁଁ ଦୁଇଜଣଙ୍କର ସହକାରୀ ରୂପେ ରହିଲି ।

''ଦିନେ ବରୁଣ ଏକ ଗୁରୁତର ତ୍ରୁଟି କରି ପକାଇଲା । ଘଟଣାଟି ଥିଲା ଏହିପରି – ମୁଖ୍ୟ ପଡ଼ିଆ ସହିତ ପାଖରେ ଥିବା ଏକ ଛୋଟ ପଡ଼ିଆ (Annex ground)କୁ ମିଶାଇବା ସକାଶେ ପରକଳ୍ପିତ ଯୋଜନା ସମ୍ବନ୍ଧେ କଥାବାର୍ତ୍ତା ଚାଲିଥିଲା । ଯୋଜନାଟିର ଠିକ୍ ଠିକ୍ ପରିକଳ୍ପନା କରିବା ଏବଂ ସେଥି ନିମିତ୍ତ ସବୁକିଛିର ଆୟୋଜନ କରି ସାରିବା ପରେ ହିଁ ଯତ୍ନପୂର୍ବକ ଏହାର କାର୍ଯ୍ୟ ଆରମ୍ଭ କରିବାର ଥିଲା । ଯୁବକ ବରୁଣ ହଠାତ୍ ଅଧୈର୍ଯ୍ୟ ହୋଇ ଏହା କରିବାକୁ ମନେ ମନେ ସିଦ୍ଧାନ୍ତ ନେଇ ନେଲା । ଦିନେ ରାତିରେ ଗୋଟିଏ ଟ୍ରାକ୍ଟର ମଗାଇ ଛୋଟ ପଡ଼ିଆଟିକୁ ପୂରା କର୍ଷଣ କରି ଦେଲା । ମୁଁ ବା ଯୋଗାନନ୍ଦ ଏ ବିଷୟରେ କିଛି ବି ଜାଣି ନଥିଲୁ । ତା' ପରଦିନ ସକାଳୁ ସକାଳୁ ଯୋଗାନନ୍ଦ ସବୁଦିନ ପରି ସ୍ପୋର୍ଟସ୍ ଗ୍ରାଉଣ୍ଡକୁ ଫୁଲ ତୋଳିବାକୁ ଆସି ବିଶୃଙ୍ଖଳିତ ଭାବେ କର୍ଷଣ କରାଯାଇଥିବା ଜାଗାଟିକୁ ଦେଖିଦେବା ମାତ୍ରେ ତାଙ୍କର ରକ୍ତ ତାତି ଉଠି, ମୁଣ୍ଡକୁ ପିତ୍ତ ଚଢ଼ିଗଲା । ସେତେବେଳେ ବରୁଣ ଶୌଚାଗାର ଭିତରେ ଥିଲା । ମୁଁ ଭଲିବଲ କୋର୍ଟ ନିକଟରେ ଥିଲି । ଯୋଗାନନ୍ଦଙ୍କର ମୋ ଉପରେ ନଜର ପଡ଼ିବା ମାତ୍ରେ ସାଇକେଲରେ ସିଧା ଆସି ମୋ ସାମନାରେ ସାଇକେଲରୁ ଡେଇଁ ପଡ଼ିଲେ; ଶୁଷ୍କ ଓ କୃଷ୍ଣବର୍ଣ୍ଣ ଥାଏ ତାଙ୍କର ମୁଖମଣ୍ଡଳ, ଶାଣିତ ନେତ୍ରଯୁଗଳ ଏବଂ ଭୟଙ୍କର କ୍ରୋଧରେ ଓଷ୍ଠାଧାର ସ୍ପଷ୍ଟ ରୂପେ କମ୍ପିତ । ନିଜକୁ ଆଉ ସମ୍ଭାଳି ନପାରି ତୀବ୍ର ଓ ରୁକ୍ଷ ଭାବରେ ଭର୍ତ୍ସନାର ବାକ୍ୟ-ବାଣ ତାଙ୍କ କମ୍ପିତ ମୁଖ ଗହ୍ୱରରୁ ନିର୍ଗତ ହୋଇ ସିଧା ମୋ ଉଦ୍ଦେଶ୍ୟରେ ବେଶ୍ କିଛି ସମୟ ଧରି ବର୍ଷଣ ହେବାକୁ ଲାଗିଲା । ପ୍ରକୃତରେ କହିବାକୁ ଗଲେ ସେଇ ବାକ୍ୟ-ବାଣଗୁଡ଼ିକ ସିଧା ମୋ ଉପରକୁ ନିକ୍ଷେପ ହେଉ ନଥିଲା, ସେହିସବୁ ଭର୍ତ୍ସନାଗୁଡ଼ିକ ମୋ ଦେହରେ ପିଟି ହୋଇ କ୍ଷେପଣାସ୍ତ୍ର ସଦୃଶ ଅଦୃଶ୍ୟରେ ଥିବା ବରୁଣ ଉପରକୁ ପ୍ରକ୍ଷିପ୍ତ ହେଉଥିଲା । ଘଣ୍ଟାକର ଏକ ଚତୁର୍ଥାଂଶ ଧରି ମୋ ଉପରେ ପ୍ରବଳ ଆକ୍ରମଣ ସମୟରେ ମୁଁ ଆଦୌ ପାଟି ଫିଟାଇ ନଥିଲି । ସେଇଠୁ ସେ ଟିକିଏ ପ୍ରକୃତିସ୍ଥ ହୋଇ କହିଲେ, 'ତୁମକୁ କହି କ'ଣ ବା ଲାଭ !'– ଏହାପରେ ସେ ସାଇକେଲ ଚଢ଼ି ଚାଲିଗଲେ । ବରୁଣ ଚାଲାକି କରି ଯୋଗାନନ୍ଦ ଗ୍ରାଉଣ୍ଡରୁ ଚାଲିଯିବା ପରେ ଦୃଶ୍ୟମାନ ହେଲା । ଏହି ଘଟଣାର ପରିଣାମ ସ୍ୱରୂପ ଏହା ହୋଇ ଉଠିଲା ମୋ ସକାଶେ ଏକ ବିଚିତ୍ର ଓ ନିଷ୍ପତ୍ତିମୂଳକ ପଦକ୍ଷେପ ।

''ଯୋଗାନନ୍ଦ ଏବଂ ବରୁଣ ବ୍ୟକ୍ତିଗତ ଭାବରେ ପ୍ରଣବ-ଦା'ଙ୍କ ପାଖକୁ ଯାଇ ନିଜ ନିଜ କର୍ମକ୍ଷେତ୍ରର 'ଇନ୍-ଚାର୍ଜ' ପଦରୁ ଓହରି ଆସିବାକୁ ସମାନ ଧରଣର ପ୍ରସ୍ତାବ ଦେଲେ । ଅଧିକନ୍ତୁ କହିଲେ ଯେ ବାଙ୍ଗୀ ଇନଚାର୍ଜ ହିସାବରେ ରହନ୍ତୁ । ପ୍ରଣବ-ଦା ମୋତେ ଡାକି ସବୁ କଥା କହିଲେ ଏବଂ ମୋ'ଠାରୁ ମଧ ସବୁ ଜାଣିଲେ । ଶେଷରେ ମୁଁ କହିଲି, 'ମୁଁ ଚେଷ୍ଟା କରି ଦେଖିବି ।' କହିବାକୁ ଗଲେ ମୋ ସକାଶେ ଚେଷ୍ଟା କରିବାର କିଛି ନଥିଲା । କାହିଁକି ନା କାମ ସମାନ, କେବଳ କର୍ମରୂପକ ଶବ୍ଦରେ ଆଉ ଏକ ପ୍ରତ୍ୟୟ ଯୁକ୍ତ କରିବା । ଆମ ଜୀବନଧାରାର ମୂଳ ଉଦ୍ଦେଶ୍ୟରେ ଏହା ମୂଲ୍ୟହୀନ ।

''ଆଉ ଏକ ବିଶେଷ ଘଟଣାରେ 'ସ୍ପୋର୍ଟସ୍ ଗ୍ରାଉଣ୍ଡ'ର କର୍ମୀଗଣଙ୍କ ସହ ପଡ଼ୋଶୀ 'କୋକୋ-ଗାର୍ଡ଼ନ୍'ର କର୍ମୀଗଣଙ୍କର ଏକ ସମସ୍ୟା ଉପୁଜିଲା । ଏହାର ସମାଧାନ ପାଇଁ ପ୍ରଣବ-ଦା'ଙ୍କୁ ଡକା ହେଲା, ଆଉ ଏଥିରେ ସଂପୃକ୍ତ ବ୍ୟକ୍ତିଗଣ ମଧ ଅନ୍ତର୍ଭୁକ୍ତ ହେଲେ । ଗୋଟିଏ ବଡ଼ ଟେବୁଲର ଚତୁଃପାର୍ଶ୍ୱରେ ପ୍ରତ୍ୟେକେ ଚେୟାରରେ ଆସନ ଗ୍ରହଣ କଲେ । ସେଦିନ ଆମେ ଏହି କ୍ରମରେ ବସିଥିଲୁ – କ୍ଷୀରୋଦ-ଦା, ଚମନଲାଲ୍-ଜୀ (ଯିଏ କି ପ୍ରାୟ ଦର୍ଶନ ଦିବସରେ ଏଠାକୁ ଆସୁଥିଲେ ଏବଂ ଆଶ୍ରମର ରହଣି ସମୟରେ 'କୋକୋ-ଗାର୍ଡ଼ନ୍'ରେ କ୍ଷୀରୋଦ-ଦା'ଙ୍କୁ କାମରେ ସାହାଯ୍ୟ କରୁଥିଲେ, ପ୍ରଧାନତଃ ସେବା ମନୋବୃତ୍ତିରେ କର୍ମ ସମ୍ପାଦନ କରୁଥିଲେ), ତା'ପରେ ପ୍ରଣବ-ଦା, ଯୋଗାନନ୍ଦ, ମୁଁ ଏବଂ ବରୁଣ । ଆମେ ଦୈବାତ୍ ଏହି କ୍ରମରେ ବସି ପଡ଼ିଥିଲୁ । ପ୍ରାଥମିକ ଆଲୋଚନାରେ ପ୍ରତ୍ୟେକେ ନିଜ ନିଜର ବୁଝାମଣାରେ ଯାହା ଉଚିତ ବୋଲି ଭାବୁଥିଲେ ସେ ସମ୍ବନ୍ଧେ କହୁଥିଲେ । ଯୋଗାନନ୍ଦ ମଧ ତା' କରୁଥିଲେ କିନ୍ତୁ ସ୍ୱଭାବତଃ କିଞ୍ଚିତ୍ ଉତ୍ତେଜନା ଓ ଦୃଢ଼ତାର ସହିତ ସେସବୁକୁ ଜାହିର କରୁଥିଲେ । ଚମନଲାଲ୍-ଜୀ କଥାଛଳରେ ଅମାୟିକ ଭାବରେ ମନ୍ତବ୍ୟ ଦେଲେ, 'ଯଦି ସେ(ଯୋଗାନନ୍ଦ) ଏମିତି

କ୍ରୋଧାନ୍ୱିତ ହୋଇ ନିଜର ମତ ସାବ୍ୟସ୍ତ କରନ୍ତି, ତେବେ ମା'ଙ୍କ କାମରେ ବାଧା ଉପୁଜିବ ।' ତାଙ୍କ ତୁଣ୍ଡର କଥା ଶେଷ ହେଉ ନ ହେଉଣୁ ଯୋଗାନନ୍ଦଙ୍କୁ ଆଉ କିଏ ସମ୍ଭାଳେ ! ସେ ଆଉ ଚେୟାରରେ ବସି ପାରିଲେ ନାହିଁ, ଶୀଘ୍ର ଉତ୍‌କ୍ଷିପ୍ତ ହୋଇ ପାଖରେ ଥିବା ଛତା ଉଠାଇ ତାଙ୍କୁ ମାରିବାକୁ ଉଦ୍ୟତ ହୁଅନ୍ତେ ଦେଖିଲେ ଯେ ପ୍ରଣବ-ଦା ଦୁଇ ଜଣଙ୍କ ମଧ୍ୟରେ ବସିଛନ୍ତି ! ବଡ଼ ଅଡୁଆରେ ପଡ଼ିଗଲେ । ସେଇଠୁ ପ୍ରଣବ-ଦା ତତ୍‌କ୍ଷଣାତ୍ ଯୋଗାନନ୍ଦଙ୍କୁ ଟାଣି ଚେୟାରରେ ବସାଇ ଦେଲେ ଓ ଶାନ୍ତ କରାଇ ଦେଲେ । ଯୋଗାନନ୍ଦ ସିନା ତାଙ୍କ ହସ୍ତର କ୍ଷିପ୍ରଗତିରୁ ବାଧାପ୍ରାପ୍ତ ହେଲେ କିନ୍ତୁ ଏବେ ସେ ଚମନଲାଲ୍-ଜୀ'ଙ୍କ ଉପରେ ତାଙ୍କର ବାକ୍ୟବାଣ କମ୍ପିତ ଶରୀରରେ ବର୍ଷଣ କରିବାକୁ ଲାଗିଲେ – 'ତୁମେ ଏଇ ଦୁଇ ଦିନ ହେଲା ଆସି ମୋତେ ମା'ଙ୍କ କାମ ସମ୍ବନ୍ଧରେ ବୁଝାଉଛ ?...' ସେଦିନ ପ୍ରଣବ-ଦା ଅବସ୍ଥାଟିକୁ ସମ୍ଭାଳି ନେଲେ ଏବଂ ସମସ୍ୟାଟିର ସମାଧାନ କରି ଦେଲେ । ମିଟିଂ ଶେଷ ହେଲା । କିନ୍ତୁ ସେଦିନ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଅଧିକ ଭଲ ଭାବରେ ଚିହ୍ନିଲେ ।

''ଥରେ ପ୍ରଣବ-ଦା ନିଜେ ଯୋଗାନନ୍ଦଙ୍କର ପ୍ରତିକ୍ରିୟାର ଶିକାର ହୋଇଥିଲେ । ଏଥର କ'ଣ ପାଇଁ ଯେ ଏମିତି ପରିସ୍ଥିତି ଉପୁଜିଥିଲା ତାହା ମୁଁ ମନେ ପକାଇ ପାରୁ ନାହିଁ । ମୁଁ ଘଟଣା କ୍ଷେତ୍ରରେ ଅନୁପସ୍ଥିତ ଥିଲି । ଯୋଗାନନ୍ଦ ନିଜର ସ୍ୱଭାବଗତ କର୍ତ୍ତବ୍ୟ ଶେଷ କରି ଆସି ମୋତେ କହିଲେ, 'ବାଚ୍ଚୀ, ଆଜି ମୁଁ ପ୍ରଣବ-ଦା'ଙ୍କୁ ଭେଟି ତାଙ୍କୁ ଏମିତି ସବୁ କଥା କହି ଆସିଛି – ମୁଁ ଏଠାରେ କାହାରିକୁ ଖାତିର କରେ ନାହିଁ, ଆପଣଙ୍କୁ ବି ନୁହେଁ, ଅନ୍ୟ କାହାରିକୁ ବି ନୁହେଁ । ଏଇଟା ହେଉଛି ମା'ଙ୍କ ରାଜ୍ୟ । ମୋତେ କେହି ବି ଦମନ କରି ପାରିବେ ନାହିଁ । ଯଦି ଚାହିଁବି, ମୋ 'ଗେରୁଆ' ବସ୍ତ୍ର ପ୍ରସ୍ତୁତ କରି ରଖିଛି, ପିନ୍ଧି ଏଠୁ ଚାଲିଯିବି ।...' ଏହାର ଦୁଇ ଦିନ ପରେ ଯୋଗାନନ୍ଦଙ୍କୁ ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଭେଟିଲି । ସେ ବେଶ୍ ଆଶାନ୍ୱିତ ହୋଇ ହାତ ବଢ଼ାଇ ମୋତେ ଦୁଇଟି ଗଣପତ୍‌ରାମ (କଟେଜ୍) ଟଫି ଦେଖାଇ କହିଲେ, 'ଏଇଟି ନିଅ, ପ୍ରଣବ ଦେଇଛନ୍ତି ।' ଏ କଥା କହିବା ବେଳେ ତାଙ୍କ ମୁଖମଣ୍ଡଳ ଅତୀବ ଉଜ୍ଜ୍ୱଳ ଥିଲା, ତୁଣ୍ଡର କଥା ମଧୁର ଥିଲା । ମୁଁ ତାଙ୍କ ହାତରୁ ଟଫି ଦୁଇଟି ଗ୍ରହଣ କରି ପଚାରିଲି, 'କଥା କ'ଣ ?' ସେ କହିଲେ, 'ପ୍ରଣବ ଓ ମୋ ଭିତରେ ମିଳାମିଶା ହୋଇଛି, ଦୁହେଁ କରମର୍ଦ୍ଦନ କରିଛୁ, ସେଇଥି ପାଇଁ ଏଇ ଦୁଇଟି ଟଫି !'

''ଯୋଗାନନ୍ଦଙ୍କ ମିଜାଜ ସମ୍ବନ୍ଧରେ ଯିଏ ଯାହା ଭାବୁ ନା କାହିଁକି, କହୁ ନା କାହିଁକି, କିନ୍ତୁ ଏକଥା ଖାଣ୍ଟି ସତ ଯେ ସେ ପ୍ରକୃତରେ, ସମ୍ପୂର୍ଣ୍ଣ ରୂପେ ଆଲୋଚ୍ୟ ବିଷୟବସ୍ତୁଟି ସମ୍ବନ୍ଧେ ସର୍ବଦା ନ୍ୟାୟସଙ୍ଗତ ରହୁଥିଲେ । କହିବାକୁ ଗଲେ ସେ ଅନ୍ତରରେ ଅତ୍ୟନ୍ତ ସ୍ପଷ୍ଟବାଦୀ ଥିଲେ, ଯାହା କହୁଥିଲେ ସମ୍ମୁଖରେ, ପରୋକ୍ଷରେ ନୁହେଁ । ଅଧିକାଂଶ ସମୟରେ କର୍ମକ୍ଷେତ୍ରରେ ଚାକର-ବାକରମାନେ ତାଙ୍କ ଦ୍ୱାରା ପ୍ରଶଂସିତ ହେଉଥିଲେ । ଅସମ୍ଭବ ଭାବରେ ତାଙ୍କଠୁ ଗାଳିଖାଇ ବି ସେମାନେ ତାଙ୍କ ଉପରେ କେବେ ବି କୌଣସି ପ୍ରକାର ଅସୂୟାସୂଚକ ଭାବ ବା ଆକ୍ରୋଶ ରଖୁ ନଥିଲେ । ସେ ସେମାନଙ୍କ ସାଥିରେ କାମ କରୁଥିବା ବେଳେ ଏକ ମନ-ପ୍ରାଣ-ହୃଦୟରେ କାମ କରି ଚାଲିଥିଲେ – ତାଙ୍କୁ ସେମାନେ ହୃଦୟଭରି ସମ୍ମାନ ଦେଉଥିଲେ, ପ୍ରଶଂସା ବି କରୁଥିଲେ ।''

(ଏଠାରେ ସ୍ମରଣରେ ଆସେ ବ୍ୟାସକବି ଫକୀର ମୋହନଙ୍କର 'ପେଟେଣ୍ଟ୍ ମେଡ଼ିସିନ୍'ରୁ ପଦେ କଥା : 'ସାଆନ୍ତାଣିଟି ଭାରି ଭଲ, ହେଲେ ମୁହଁଟା ଭାରି କଡ଼ା !')

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ମା'ଙ୍କ ବିଜୟ ମୂଳତଃ ହେଲା ପ୍ରତ୍ୟେକ ସାଧକର ନିଜ ଉପରେ ବିଜୟ । କେବଳ ସେତେବେଳେ ହିଁ କୌଣସି ବାହ୍ୟିକ କର୍ମରେ ସୁସଙ୍ଗତ ପୂର୍ଣ୍ଣତା ଅଣା ଯାଇପାରେ ।

୪. ୪. ୧୯୬୪ — ଶ୍ରୀଅରବିନ୍ଦ

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧)



## ଗୟାଧର ଦାଶ



ପୂର୍ଣ୍ଣତାର ଶିକ୍ଷାହିଁ ପୂର୍ଣ୍ଣାଙ୍ଗ ଶିକ୍ଷା । ପୂର୍ଣ୍ଣତା କହିଲେ ଆମେ କ'ଣ ବୁଝୁ ? ମାଆ କହନ୍ତି, ''Do not aim at success, our aim is perfection.'' । ଆମର ଲକ୍ଷ୍ୟ ସଫଳତା ନୁହେଁ, ପୂର୍ଣ୍ଣତା । ଉପନିଷଦ୍‌ରେ ପରମ ଦିବ୍ୟସତ୍ତାଙ୍କୁ ପୂର୍ଣ୍ଣ ବୋଲି କୁହାଯାଇଛି । ପୂର୍ଣ୍ଣରୁ ସବୁକିଛି ସମ୍ଭୂତ ହୋଇଛି । ବ୍ୟକ୍ତି ହିଁ ପୂର୍ଣ୍ଣ, ଜଗତ୍ ହିଁ ପୂର୍ଣ୍ଣ । ପୂର୍ଣ୍ଣରୁ ପୂର୍ଣ୍ଣକୁ ବାଦ୍ ଦେଲେ ବି ସେଇ ପୂର୍ଣ୍ଣ ହିଁ ରହେ । ପୂର୍ଣ୍ଣରେ ପୂର୍ଣ୍ଣ ଯୋଗ କଲେ ବି ସେଇ ପୂର୍ଣ୍ଣ ହୁଏ । ସେଥିପାଇଁ ଈଶାବାସ୍ୟ ଉପନିଷଦ୍‌ର ମୂଳରେ ଏହି ମନ୍ତ୍ରଟି ଅଛି – ''ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦୁଚ୍ୟତେ, ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ'' । ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ପୂର୍ଣ୍ଣର ଶିକ୍ଷା । ଯାହାକୁ ପାଇଲେ ସବୁକିଛି ମିଳେ, ଅପୂର୍ଣ୍ଣ ଜୀବନଟା ପୂର୍ଣ୍ଣ ହୋଇଯାଏ, ଭଗବାନ୍ ହିଁ ପୂର୍ଣ୍ଣତାର ପୀଠ । ପୂର୍ଣ୍ଣାଙ୍ଗ ଶିକ୍ଷା ସେଇ ପୀଠର ଶିକ୍ଷା, ସେଇ ପୀଠରୁ ପ୍ରେରଣା ଲାଭ କରିବାର ଶିକ୍ଷା । ପ୍ରକୃତରେ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଚେତନାର ଶିକ୍ଷା । ମାଆ କହନ୍ତି,

''God is the perfection that we must aspire to realise.''

(CWM, Vol. 14, p. 17)

ଭଗବାନ୍ ଆମ ଭିତରେ ଆମ ଜୀବନର ପ୍ରତିଭୂ ହୋଇ ରହିଛନ୍ତି । ସେ ହିଁ ଭୂମା ପୁରୁଷ । ସେହି ଭୂମିରୁ ଶିକ୍ଷାର ଖିଅଗୁଡ଼ିକ ସମ୍ଭୂତ ହୋଇଛି । ଶିକ୍ଷାର ପୂର୍ଣ୍ଣ ଭଣ୍ଡାରଟି ସେଇଠି ରହିଛି । ଆମେ ଆମର ସର୍ବୋତ୍ତମ ଅଭୀପ୍ସାରେ ଯାହା ହେବାକୁ ଚାହୁଁଛୁ ତାହାହିଁ ପୂର୍ଣ୍ଣତା ।

''Perfection is all that we want to become in our highest aspiration.''

(CWM, Vol. 15, p. 79) – The Mother

ଆମର ଜୀବନଟା ପରମ ଦିବ୍ୟସତ୍ୟଙ୍କର ଆତ୍ମ-ପରିପୂର୍ଣ୍ଣତା ବା ଆତ୍ମ-ବିକାଶର ଏକ ମୁକ୍ତ କ୍ଷେତ୍ର । ଏହି ଆତ୍ମ-ପରିପୂର୍ଣ୍ଣତା ପ୍ରତି ସଚେତନ ହେବା ହିଁ ସକଳ ଶିକ୍ଷାର ଆହ୍ୱାନ । ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ଚେତନାର ପୂର୍ଣ୍ଣ ଅଭିବ୍ୟକ୍ତିର କଥା କହେ । ବ୍ୟକ୍ତି ନିଜ ଭିତରେ ଯେଉଁ ପୂର୍ଣ୍ଣତାକୁ ଧାରଣ କରିଛି, ତା'ର ପୂର୍ଣ୍ଣପ୍ରକାଶ ହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ । ଆମ ଅସ୍ତିତ୍ୱର ପାଞ୍ଚୋଟି ସୋପାନ ରହିଛି, ଯାହାକୁ ଆମେ ବ୍ୟକ୍ତି ସତ୍ତାର ପାଞ୍ଚୋଟି ଅଂଶ ବୋଲି କହିବା । ଏଗୁଡ଼ିକ ହେଲେ – ଶରୀର, ପ୍ରାଣ, ମନ, ଚୈତ୍ୟ ଓ ଆତ୍ମା । ଏହି ସତ୍ତାଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇ କ୍ରିୟା କରନ୍ତି ନାହିଁ । ଏମାନଙ୍କର ସାମଗ୍ରିକ କ୍ରିୟାଶୀଳ ରୂପହିଁ ଆମର ଜୀବନ । ଏହି ପାଞ୍ଚୋଟି ସତ୍ତାର ପୂର୍ଣ୍ଣତାରେ ଜୀବନର ପୂର୍ଣ୍ଣତା ନିହିତ । ପ୍ରତ୍ୟେକ ସତ୍ତାର ନିଜସ୍ୱ ଲକ୍ଷ୍ୟ ବା ପୂର୍ଣ୍ଣତା ରହିଛି । ଶରୀରର ପୂର୍ଣ୍ଣତା ଚିର ସୌନ୍ଦର୍ଯ୍ୟ ଓ ସଂହତିକୁ ପ୍ରକାଶ କରିବା, ଯାହାକୁ ଆମେ ଶରୀର ସ୍ତରରେ ଭଗବାନଙ୍କର ଅଭିବ୍ୟକ୍ତି ବୋଲି କହିପାରିବା । ପ୍ରାଣର ପୂର୍ଣ୍ଣତା ଅପରାଜେୟ ଶକ୍ତିକୁ ପ୍ରକାଶ କରିବା, ମନର ପୂର୍ଣ୍ଣତା ଅଭ୍ରାନ୍ତ ଓ ଅସୀମ ଜ୍ଞାନ ଏବଂ ଚୈତ୍ୟର ପୂର୍ଣ୍ଣତା ଶାଶ୍ୱତ ପ୍ରେମକୁ ପ୍ରକାଶ କରିବା । ଚୈତ୍ୟସତ୍ତା ଆତ୍ମାର ସଚେତନ ରୂପ । ଚୈତ୍ୟପୁରୁଷଙ୍କର ଅଭିବୃଦ୍ଧି ଅନୁସାରେ ଆତ୍ମାର ଅନନ୍ତ ଶକ୍ତିର ଅଭିବ୍ୟକ୍ତି ଘଟେ । ସକଳ ସତ୍ତାରେ ଅନନ୍ତ ପ୍ରେମ ଓ ଆନନ୍ଦକୁ ପ୍ରକାଶ କରିବାରେ ଆତ୍ମାର ପୂର୍ଣ୍ଣତା ଲାଭ ହୁଏ ।

ପୂର୍ଣ୍ଣତାର ଅନନ୍ତ ବିଭାବ ରହିଛି । ସେହି ବିଭାବଗୁଡ଼ିକ ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରକାଶିତ । ବ୍ୟକ୍ତି ତା'ର ଜୀବନରେ ଅନେକ ଅନୁଭୂତି ଲାଭ କରି ଥାଏ । ପ୍ରତ୍ୟେକ ଅନୁଭୂତି ଅପୂର୍ଣ୍ଣ ବା ଖଣ୍ଡିତ ହେଲେ ବି ତତ୍ତ୍ୱତଃ ପୂର୍ଣ୍ଣ, କାରଣ ଅପୂର୍ଣ୍ଣତା ପୂର୍ଣ୍ଣତାର ଏକ ଅଂଶ ବିଶେଷ । ଜଣେ ବ୍ୟକ୍ତିଠାରେ ସଚ୍ଚୋଟତା ପ୍ରକାଶ ପାଇଲେ ଅନ୍ୟ ଜଣକଠାରେ ସହନଶୀଳତା ଏବଂ ଅନ୍ୟ କାହାଠାରେ ନିଷ୍ପାପରତା ବା ଉଦାରତା ପ୍ରକାଶ ପାଏ । ଏସବୁ ପୂର୍ଣ୍ଣତାର ଏକ ଏକ ବିଭାବ ଯାହାକୁ ଆମେ ଭିନ୍ନ ଭିନ୍ନ ଶକ୍ତି ବୋଲି କହିପାରିବା । ମନୁଷ୍ୟର ପ୍ରକୃତି ଦିବ୍ୟଶକ୍ତି ଓ ଅଦିବ୍ୟଶକ୍ତିର ଏକ ସମ୍ମିଶ୍ରଣ । ଜ୍ଞାନ-ଅଜ୍ଞାନ, ପ୍ରେମ-ଘୃଣା, ଉଦାରତା-କଠୋରତା, ନମ୍ରତା-ଉଗ୍ରତା, ବିଶ୍ୱସ୍ତତା-ବିଶ୍ୱାସଘାତକତା ଆଦିର ଏକ ସଂଗ୍ରାମ କ୍ଷେତ୍ର ହେଉଛି ଆମର ଜୀବନ । ସଂଗ୍ରାମରେ ଅନେକ କିଛି ଭାଙ୍ଗିଯାଏ ଏବଂ ଅନେକ

କିଛି ଗଢ଼ା ହୁଏ । ପୂର୍ଣ୍ଣାଙ୍ଗ ଶିକ୍ଷା ଏପରି ଏକ ପ୍ରସ୍ତୁତି ବା ପରୀକ୍ଷା ଯାହା ନିଜ ପାଇଁ ଭାଙ୍ଗେ ଏବଂ ନିଜ ପାଇଁ ଗଢ଼େ । ଗଢ଼ିବା ପାଇଁ ତାହା ଭାଙ୍ଗେ, ସଙ୍ଗତି ପାଇଁ ଅସଙ୍ଗତିକୁ ସ୍ୱୀକାର କରେ, ପୂର୍ଣ୍ଣତା ପାଇଁ ଅପୂର୍ଣ୍ଣତାକୁ ସ୍ୱାଗତ କରେ, ସକଳ ବିଭେଦତା ମଧ୍ୟରେ ଏକତା ପ୍ରତିଷ୍ଠା କରେ । ଏପରି ଏକ ଶିକ୍ଷା ଜୀବନ ସାରା ଚାଲିଛି, ଏଥିପ୍ରତି ସଚେତନ ହେବା ଏବଂ ଆମର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାରେ ଆମର ଅଗ୍ରଗତି ନିର୍ଭର କରୁଛି । ପ୍ରତି ମୁହୂର୍ତ୍ତରେ ଜଣେ କିଛି ନା କିଛି ଶିକ୍ଷା କରୁଛି ଏବଂ ପ୍ରତିଟି ଶିକ୍ଷା ହିଁ ଯୋଗ । ତେଣୁ ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ପୂର୍ଣ୍ଣାଙ୍ଗ ଯୋଗ । ବ୍ୟକ୍ତି ସଚେତନରେ ହେଉ ବା ଅଚେତନରେ ହେଉ ପ୍ରତି ମୁହୂର୍ତ୍ତରେ ସେ ନିଜର ମନ ଓ ଇନ୍ଦ୍ରିୟମାନଙ୍କୁ କୌଣସି ଘଟଣା, ବସ୍ତୁ ବା କାର୍ଯ୍ୟରେ ନିଯୁକ୍ତ କରୁଛି ଏବଂ ସେଥିରୁ କିଛି ଶିକ୍ଷା କରୁଛି । ପରୀକ୍ଷା, ନିରୀକ୍ଷା, ସଂଶ୍ଲେଷଣ, ବିଶ୍ଳେଷଣ ମାଧ୍ୟମରେ ଅଳ୍ପରୁ ବହୁତ ଆଡ଼କୁ ଯାଉଛି, ଗଭୀରକୁ ପ୍ରବେଶ କରୁଛି ଏବଂ ନିଜର ବିଚାର ଓ ଅନୁଭବର ପରିସରକୁ ଆହୁରି ବ୍ୟାପକ କରୁଛି । ଯେତେ ପାରେ ସେତେ ଖୁସି ବା ଆନନ୍ଦ ପାଇବାକୁ ଚେଷ୍ଟା କରୁଛି । ଏସବୁ ଆତ୍ମ-ପରିପୂର୍ଣ୍ଣତା ଦିଗରେ ଛୋଟ ବଡ଼ ପଦକ୍ଷେପ । ଏହାକୁ ଆମେ ଆତ୍ମଯୋଗ ବା ଆତ୍ମଶିକ୍ଷା ବୋଲି କହିପାରିବା । ସକଳ ଅର୍ଥରେ ଏହାହିଁ ପୂର୍ଣ୍ଣାଙ୍ଗ ଶିକ୍ଷା ବା ପୂର୍ଣ୍ଣାଙ୍ଗ ଯୋଗ । ନିଜକୁ ପୂର୍ଣ୍ଣ କରିବା ପାଇଁ ଏହା ଏକ ଅର୍ଥପୂର୍ଣ୍ଣ ପ୍ରୟାସ ।

ବିବର୍ତ୍ତନ ଧାରା ତିନୋଟି ଦିଗରେ ଗତି କରେ । ପ୍ରସାରିତ ହେବା, ଊର୍ଦ୍ଧ୍ୱକୁ ଉଠି ଚାଲିବା ଏବଂ ସମନ୍ୱୟ ପ୍ରତିଷ୍ଠା କରିବା ଦିଗରେ ଏହା ଗତି କରୁଛି । ଆତ୍ମ-ପରିପୂର୍ଣ୍ଣତା ପାଇଁ ଏହି ତିନୋଟି ଦିଗ ପ୍ରତି ଧ୍ୟାନ ଦିଆଯାଏ । କାରଣ ଏହି ତିନୋଟି ଏକ ସଙ୍ଗରେ ଗତି କରନ୍ତି । ଏହି ପଥରେ ନିରନ୍ତର ଅଭୀପ୍ସା ଓ ଆନ୍ତରିକ ପ୍ରୟାସ ରଖିବା ହେଉଛି ଏକ ଜୀବନବ୍ୟାପୀ ତପସ୍ୟା ବା ନିତ୍ୟ ନୂତନ ଶିକ୍ଷା । ପୂର୍ଣ୍ଣାଙ୍ଗ ଶିକ୍ଷା ସେଇ ଆତ୍ମ-ପ୍ରସ୍ତୁତି ବା ଆତ୍ମ-ଶୃଙ୍ଖଳାକୁ ବୁଝାଏ । ଆମର ଆତ୍ମ-ପ୍ରସ୍ତୁତି ସତ୍ୟ, ଶିବ ଓ ସୁନ୍ଦରଙ୍କୁ ପ୍ରକାଶ କରେ ଓ ଆନନ୍ଦ ଦିଏ । ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ପୂର୍ଣ୍ଣାଙ୍ଗ ଜୀବନ ବଞ୍ଚିବା, ଏକ ସଂହତିପୂର୍ଣ୍ଣ ଓ ସୃଜନାତ୍ମକ ଜୀବନ ବଞ୍ଚିବା । ବ୍ୟକ୍ତି ଆପଣାକୁ ଆବିଷ୍କାର କରିବ ଏକ ପରିପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ । ପୂର୍ଣ୍ଣାଙ୍ଗ ଜୀବନ ପାଇଁ ସେ ସମାଜର ପୂର୍ଣ୍ଣାଙ୍ଗ ବିକାଶକୁ ମଧ୍ୟ ଅଙ୍ଗୀକାର କରି ନେବ, କାରଣ ବ୍ୟକ୍ତି ଓ ସମାଜ ମଧ୍ୟରେ ଏକ ପରିପୂର୍ଣ୍ଣ ଆତ୍ମୀୟତା ପ୍ରତିଷ୍ଠା ହେବାରେ ହିଁ ଜୀବନର ସାର୍ଥକତା ରହିଛି । ଜୀବନର ଏହି ଉଦ୍ଦେଶ୍ୟକୁ ହାସଲ କରିବା ଦିଗରେ ଅଗ୍ରଗତି କରୁଥିବା ପ୍ରତ୍ୟେକ ବ୍ୟକ୍ତି ହିଁ ପୂର୍ଣ୍ଣତା ପଥରେ ଏକ ଏକ ଅଭିଯାତ୍ରୀ ।

## ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକ

ସମାଜରେ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ଶିକ୍ଷକ, ଛାତ୍ର, ଅଭିଭାବକ ଓ ସଂଗଠକ ବା କର୍ମକର୍ତ୍ତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏମାନେ ହେଉଛନ୍ତି ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ଚାରୋଟି ସ୍ତମ୍ଭ । ଏ ସମସ୍ତଙ୍କର ସମ୍ମିଳିତ ଉଦ୍ୟମ, ନିଷ୍ଠାପରତା, ଆଦର୍ଶ ପ୍ରତି ଆନୁଗତ୍ୟ ତଥା ଶିକ୍ଷା ପ୍ରତି ଅନୁରାଗ ହିଁ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନକୁ ପୂର୍ଣ୍ଣାଙ୍ଗ ରୂପ ଦେଇଥାଏ । ବିଶେଷତଃ ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକମାନଙ୍କର ନିର୍ମଳ ଦୃଷ୍ଟିଭଙ୍ଗୀ, ସଚେତନତା, ସଦିଚ୍ଛା ଓ ସହଯୋଗ ଏକାନ୍ତ ଆବଶ୍ୟକ ।

'ଅଭିଭାବକ' ଶବ୍ଦଟିକୁ ଆମେ କର୍ତ୍ତା, ମୁରବୀ, ତତ୍ତ୍ୱାବଧାରକ, ପୃଷ୍ଠପୋଷକ, ରକ୍ଷକ ଆଦି ଭିନ୍ନ ଭିନ୍ନ ଅର୍ଥରେ ବୁଝିଥାଉ । ଅଭିଭାବକ ଶବ୍ଦଟି (ଅଭି-ଭୂ-ଅକ) ଭୂ-ଧାତୁରୁ ନିଷ୍ପନ୍ନ । ମୂଳ ଧାତୁ ପୂର୍ବରୁ ଉପସର୍ଗ ଲାଗିଲେ ଧାତୁର ଅର୍ଥ ବଦଳି ଯାଏ । 'ଭୂ' ଶବ୍ଦର ଅର୍ଥ ହେଉଛି ଭୂମି । ଭୂମି ହେଉଛି ଆମର ମାଆ । ମା ଶିଶୁଟିକୁ ଜନ୍ମଦେଇ ପାଳନ ପୋଷଣ କରେ । ଶିଶୁଟିଏ ଛୋଟରୁ ବଡ଼ ହେବାରେ ମାତାପିତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ଯିଏ ଶିଶୁର ପାଳନ ପୋଷଣ କରେ ସେ ହିଁ ଅଭିଭାବକ ବୋଲି ବୁଝାଯାଏ । ଶିଶୁ ଉପରେ ଯାହାର କର୍ତ୍ତୃତ୍ୱ ବା ଅଧିକାର ଥାଏ, ଯିଏ ଶିଶୁର ରକ୍ଷଣାବେକ୍ଷଣ କରେ, ତା'ର ଯତ୍ନ ନିଏ, ହାନି-ଲାଭ, ସୁଖଦୁଃଖ, ବିପଦ-ଆପଦରେ ତା' ପାଖେ ଛିଡ଼ା ହୁଏ, ତା'ର ଶାରୀରିକ, ପ୍ରାଣିକ, ମାନସିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶ ସକାଶେ ସତତ ସାହାଯ୍ୟ ଓ ସହଯୋଗ କରେ ଏବଂ ନିଜର ଚିନ୍ତା ଓ ଚେତନାକୁ ଶୁଦ୍ଧ, ଜାଗ୍ରତ୍ ଓ ଉନ୍ମୀଳିତ ରଖି ନିଜେ ଅଗ୍ରଗତି କରିବା ସହ ପିଲାର ଅଗ୍ରଗତିରେ ସର୍ବଦା ତତ୍ପରତା ପ୍ରକାଶ କରେ, ସେ ହିଁ ଅଭିଭାବକ ରୂପେ ପରିଗଣିତ ହୁଏ । ଅଗ୍ରଗତିର ଅନେକ ଦିଗ ରହିଛି । ଯେକୌଣସି ଦିଗରେ ଯିଏ ଶିଶୁକୁ ବାଟ ଦେଖାଏ, ହାତ ଧରି ଆଗେଇ ନିଏ, ବଞ୍ଚିବା ଓ ବଢ଼ିବାରେ ସାହାଯ୍ୟ କରେ; ସେ ହିଁ ଅଭିଭାବକ । ଅଭିଭାବକ ଶବ୍ଦଟିକୁ ବ୍ୟାପକ

ଅର୍ଥରେ ବୁଝିବାକୁ ହେଲେ କେବଳ ମାତାପିତା ପିଲାର ଅଭିଭାବକ ହୋଇ ନଥା'ନ୍ତି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପିଲାଟିର ଅନେକ ଅଭିଭାବକ ଥାଆନ୍ତି, କାରଣ ସେ ତା'ର ଜୀବନ କାଳ ମଧ୍ୟରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରେ ଏବଂ ତା'ର ଏହି ଅଭିନୟରେ ସେ ଯାହାଙ୍କଠାରୁ ପ୍ରେରଣା ପାଏ, ସାହାଯ୍ୟ ଓ ସହଯୋଗ ଲାଭ କରେ ସେ ହିଁ ତା'ର ଶିକ୍ଷକ ବା ଅଭିଭାବକ ।

ମାତାପିତାଙ୍କୁ ପ୍ରଥମ ଶିକ୍ଷକ ବା ଅଭିଭାବକ ବୋଲି କୁହାଯାଏ । ଶିଶୁଟି ମାତାପିତାଙ୍କଠାରୁ ପ୍ରାଥମିକ ଶିକ୍ଷା ଲାଭ କରେ । ମାତୃଗର୍ଭରେ ଥାଇ ଶିଶୁଟି ରୂପ ନିଏ । କୁମ୍ଭାର ମାଟି ପିଣ୍ଡୁଳାଟିକୁ ନିଜର ମନ ମୁତାବକ ରୂପ ଦେବା ପରି ମାତାପିତା ସେମାନଙ୍କର ସ୍ୱଭାବ, ସଂସ୍କାର, ଚିନ୍ତା, ଚେତନା ତଥା ଆଚରଣ ଦ୍ୱାରା ଶିଶୁଟିକୁ ରୂପ ଦିଅନ୍ତି । ଏପରିକି ଶିଶୁଟି ମାତୃଗର୍ଭରେ ଥିବା ସମୟରେ ମାଆର ଚିନ୍ତା, କଥା, କାର୍ଯ୍ୟ, ଇଚ୍ଛା, ଅଭିଳାଷ, କାମନାବାସନା ସହ ଖାଦ୍ୟ ପାନୀୟ ଆଚାର ବ୍ୟବହାରର ପ୍ରଭାବ ଶିଶୁଠାରେ ପଡୁଥିବାରୁ ମା'ହିଁ ଶିଶୁରୂପକ ମାଟିପିଣ୍ଡୁଳାକୁ ପ୍ରାଥମିକ ରୂପ ଦେଇଥାଏ । ମାତାପିତାଙ୍କର ବିଶ୍ୱାସ, ଅଭୀପ୍ସା, ଇଚ୍ଛାଶକ୍ତି, ଶ୍ରଦ୍ଧା, ସମର୍ପଣ ଓ ପ୍ରକୃତିର ପ୍ରଭାବ ମଧ୍ୟ ଶିଶୁ ଉପରେ ପଡ଼ିଥାଏ । କୌଳିକ ଗୁଣ ଓ ପରିବେଶ ହିଁ ପିଲାଟିର ବ୍ୟକ୍ତିତ୍ୱ ଗଠନ କରେ । ପରିବେଶ ଯେତେ ଶୁଦ୍ଧ ଓ ମହନୀୟ ହୁଏ ଶିଶୁ ରୂପକ କଳିଟି ନିଜସ୍ୱ ଧାରାରେ ବିକଶିତ ହୁଏ । ସେଥିପାଇଁ ପରିବେଶକୁ ମଧ୍ୟ ଶିଶୁର ଅଭିଭାବକ ବୋଲି କୁହାଯାଇ ପାରିବ । ବିଶ୍ୱପ୍ରକୃତିକୁ ମଧ୍ୟ ଶିଶୁର ଅଭିଭାବକ ରୂପେ ସ୍ୱୀକାର କରାଯାଏ । ନଦ-ନଦୀ, ଗିରି-କାନନ, ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ, ତରୁଲତା, ସୂର୍ଯ୍ୟ, ଚନ୍ଦ୍ର, ତାରା, ଅଗ୍ନି, ବାୟୁ, ମାଟି, ପାଣି, ଆକାଶ ଆଦି ଅଭିଭାବକ ରୂପେ ଶିଶୁକୁ ତା'ର ଜୀବନ ପଥରେ ଆବଶ୍ୟକୀୟ ସହାୟତା ପ୍ରଦାନ କରନ୍ତି । ବିଶେଷତଃ ଜନ୍ମଦାତା, ଅନ୍ନଦାତା, ଜ୍ଞାନଦାତା, ପ୍ରେରଣାଦାତା, ରକ୍ଷାକର୍ତ୍ତା ପ୍ରଭୃତି ଭିନ୍ନ ଭିନ୍ନ କ୍ଷେତ୍ରରେ ଅଭିଭାବକର ଦାୟିତ୍ୱ ବହନ କରିଥାଆନ୍ତି । ଏତଦ୍‌ବ୍ୟତୀତ ବିଶ୍ୱଦେବତାମାନେ ଶିଶୁର ଆତ୍ମପ୍ରକାଶରେ ସଦିଚ୍ଛା ଓ ସହାୟତା ପ୍ରଦାନ କରୁଥିବାରୁ ସେମାନେ ଅଭିଭାବକର ଦାୟିତ୍ୱ ବହନ କରିଥାଆନ୍ତି । ସର୍ବୋପରି ଶିଶୁର ମୌଳିକ ଓ ଶାଶ୍ୱତ ଅଭିଭାବକ ହେଲେ ସ୍ୱୟଂ ଭଗବାନ୍; ଯିଏ ଆତ୍ମପୁରୁଷ ଭାବେ ଶିଶୁର ହୃଦୟରେ ସଦା ବିଦ୍ୟମାନ । ଜୀବନର ଭିନ୍ନ ଭିନ୍ନ ମୋଡ଼ରେ ମନୁଷ୍ୟ ରୂପଧାରୀ ଅଭିଭାବକମାନେ ଶିଶୁକୁ ଏପରିକି ଆମ ସମସ୍ତଙ୍କୁ ତ୍ୟାଗ କରି ଚାଲି ଯାଆନ୍ତି; କିନ୍ତୁ ଆମର ଅନ୍ତରାତ୍ମା ଜନ୍ମ ଜନ୍ମ ଧରି ଆମ ସାଥୀରେ ଥାଇ ଆମକୁ ମାର୍ଗ ପ୍ରଦର୍ଶନ କରନ୍ତି । ସେ କଦାପି ଆମକୁ ତ୍ୟାଗ କରନ୍ତି ନାହିଁ । ସେ ଆମର ସକଳ କର୍ମର ଭାର ବହନ କରନ୍ତି ଏବଂ ଯେଉଁ ଜନ୍ମରେ ଯେତିକି ଅଗ୍ରଗତି କରିବା କଥା ସେହି ଅନୁସାରେ ସେ ପଥ ନିର୍ଦ୍ଧାରଣ କରନ୍ତି, ଜୀବନର କ୍ରମବିକାଶ ପଥରେ ଆମକୁ ପୂର୍ଣ୍ଣତା ଅଭିମୁଖେ ଆଗେଇ ନିଅନ୍ତି । ଅନ୍ଧାରରେ ବାଟ ହୁଡ଼ିଗଲେ ସେ ହିଁ ଆମକୁ ବାଟ ଦେଖାନ୍ତି । ସେହି ଅନ୍ତରାତ୍ମା ହିଁ ଆମର ଅସଲ ଅଭିଭାବକ, ପ୍ରକୃତ ବନ୍ଧୁ ବା ଗୁରୁ ।

(କ୍ରମଶଃ) ❑

ନବଜନ୍ମ ତୁମ ହୃଦୟରେ ପ୍ରକାଶିତ ହେଉ, ଶାନ୍ତି ଓ ଆନନ୍ଦ ମଧ୍ୟରେ ତାହା ନିଜର ଜ୍ୟୋତିଃ ବିକୀର୍ଣ୍ଣ କରୁ, ତୁମ ସତ୍ତାର ସକଳ ଅଂଶକୁ – ତୁମ ମନ, ଦୃଷ୍ଟି, ସଂକଳ୍ପ, ହୃଦୟ, ପ୍ରାଣ ଓ ଶରୀରକୁ ତାହା ନିଜ ମଧ୍ୟରେ ଧାରଣ କରୁ । ତୁମ ଜୀବନର ପ୍ରତ୍ୟେକଟି ଦିନ ହେଉ ତା'ର ବୃଦ୍ଧି, ତା'ର ବୃହତ୍ତର ପୂର୍ଣ୍ଣତାର ଦିନ ଯେପର୍ଯ୍ୟନ୍ତ ତୁମ ସତ୍ତାର ସମସ୍ତ ଅଙ୍ଗ ମା'ଙ୍କର ସନ୍ତାନ ନ ହୋଇଛି । ସେହି ଜ୍ୟୋତିଃ, ସେହି ଶକ୍ତି ଏବଂ ସେହି ସାନ୍ନିଧ୍ୟ ତୁମକୁ ଚତୁର୍ଦ୍ଦିଗରୁ ଘେରି ରହୁ, ତୁମକୁ ରକ୍ଷା କରୁ, ପାଳନ କରୁ ଏବଂ ପୋଷଣ କରୁ, ଯେତେଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଓ ଆନ୍ତର ଜୀବନ ନ ହୋଇଛି ତା'ର ଶାନ୍ତି, ଶକ୍ତି ଓ ଆନନ୍ଦର ଏକ ଅଖଣ୍ଡ ଗତିଧାରା ଓ ପ୍ରକାଶ ।

୪. ୪. ୧୯୫୯ — ଶ୍ରୀଅରବିନ୍ଦ

# ଆମ ଶରୀର

## (୨୬)

## ଭୋଳେଶ୍ୱର ଭୂୟାଁ

### ଶରୀରର ବନ୍ଧନ

ଆମେ ଯେତେବେଳେ ଶରୀର ରୂପାନ୍ତର ପାଇଁ ଆସ୍ପୃହା କରିଛୁ, ଆମର ଏହି ଶରୀର ବିଷୟରେ ପୂର୍ଣ୍ଣ ଜ୍ଞାନ ରହିବା ଦରକାର । ଏହି ବିବର୍ତ୍ତନ ପଥରେ ପ୍ରଥମେ ଜଡ଼ ସୃଷ୍ଟି ହୋଇଥିଲା — ମହାନିଶ୍ଚେତନାର ଗର୍ଭରୁ । ଶ୍ରୀଅରବିନ୍ଦ ସାବିତ୍ରୀର ପ୍ରଥମ ପୃଷ୍ଠାରେ କହୁଛନ୍ତି : "As in a dark beginning of all things," (Savitri, p. 1) ଅନ୍ଧକାର ହେଲା ପରମ ନିଶ୍ଚେତନା । ଏହି ନିଶ୍ଚେତନାରେ ନିହିତ ଅଛି ସମସ୍ତ ବିକୃତି, ସମସ୍ତ ରୋଗ-ଯନ୍ତ୍ରଣା ତଥା ଦୁଃଖ-କଷ୍ଟର ମୂଳ ବୀଜ । ମଣିଷ ଭିତରେ ଥିବା ମନ ଓ ପ୍ରାଣସତ୍ତା ମଣିଷକୁ ପଶୁ ତୁଲ୍ୟ କରି ରଖିଛି । ଏହି ଦୁଇ ସତ୍ତା ଶରୀରର ପ୍ରଭୁ ହୋଇ ରହିଛନ୍ତି । ମନ ଓ ପ୍ରାଣ ନିଜ ନିଜ ବାସନାର ତୃପ୍ତି ପାଇଁ ଶରୀରକୁ ବାଧ କରି ଥାଆନ୍ତି ।

ଏହା ବ୍ୟତୀତ ମଣିଷର କ୍ଷୁଦ୍ର ବ୍ୟକ୍ତି-ସତ୍ତା ନିଜର ଅହଂକାରକୁ ନେଇ ନିଜର ପ୍ରତିଷ୍ଠା, ମହାନତା, ନିଜର ପାରଦର୍ଶିତା ପ୍ରଦର୍ଶନ କରିବାକୁ ଚାହେଁ । ଏହିପରି ଭାବରେ ମଣିଷ ସର୍ବଶକ୍ତିମାନ୍, ସର୍ବ ଜ୍ଞାନମୟ ଭଗବାନଙ୍କଠାରୁ ଅଲଗା ହୋଇ ନିଜକୁ ଏକ କ୍ଷୁଦ୍ର ଅହଂକାରର ମଣ୍ଡଳୀ ମଧ୍ୟରେ ବାନ୍ଧି ରଖିଛି । ଶରୀର ମଧ୍ୟ ଏହି ବନ୍ଧନରେ ବନ୍ଧା ହୋଇ ରହିଛି ।

ମଣିଷ-ଶରୀରକୁ ଏହି ବନ୍ଧନରୁ ମୁକ୍ତ କରିବା ପାଇଁ ଅତୀତରେ ଅବଶ୍ୟ ଚେଷ୍ଟା କରାଯାଇଛି । ଅତୀତର ଅଧ୍ୟାତ୍ମ ସାଧନାରେ ଆସନ, ପ୍ରାଣାୟାମ ତଥା ହଠଯୋଗ ମାଧ୍ୟମରେ ଶରୀରର ପୂର୍ଣ୍ଣତା ପାଇଁ କିଛିଟା ଚେଷ୍ଟା କରାଯାଇଛି । କିନ୍ତୁ ଏଥିରେ ବିଶେଷ ସଫଳତା ଲାଭ କରାଯାଇପାରି ନାହିଁ । ଏହିସବୁ ସାଧନା ମାଧ୍ୟମରେ ଶରୀରକୁ ପୂର୍ଣ୍ଣ ରୂପେ ରୋଗ-ଯନ୍ତ୍ରଣା ତଥା ବାର୍ଦ୍ଧକ୍ୟରୁ ମୁକ୍ତି ମିଳିପାରି ନାହିଁ; ମୃତ୍ୟୁ ତ ଦୂରର କଥା । ବ୍ୟକ୍ତିଗତ ଭାବରେ, ବ୍ୟକ୍ତିଗତ ସାଧନା ମାଧ୍ୟମରେ ହୁଏତ ଜୀବନକାଳକୁ କିଛିଟା ବୃଦ୍ଧି କରାଯାଇଛି ମାତ୍ର, କିନ୍ତୁ ମୃତ୍ୟୁକୁ ମଣିଷ ଜୟ କରି ପାରି ନାହିଁ ।

ତେଣୁ ପୁରାତନ ଯୋଗରେ ଶରୀରକୁ ବାଦ୍ ଦେଇ କେବଳ ଚେତନାକୁ ନେଇ ଭଗବତ୍ ପ୍ରାପ୍ତିର ଚେଷ୍ଟା ମଣିଷ କରି ଆସିଛି । ପୁରାତନ ଯୋଗର ମୂଳ ଲକ୍ଷ୍ୟ ହେଲା ମୁକ୍ତି ବା ନିର୍ବାଣ । ଏହିସବୁ ଯୋଗ ଶରୀର ତଥା ପୃଥିବୀକୁ ବାଦ୍ ଦେଇ କେବଳ ବ୍ୟକ୍ତିଗତ ମୁକ୍ତି ପାଇଁ ଚେଷ୍ଟା କରିଛି । ତେଣୁ ଏ ପୃଥିବୀ ଯେପରି ଥିଲା ସେପରି ରହିଯାଇଛି, ତା'ର ବିକୃତିରେ କୌଣସି ପରିବର୍ତ୍ତନ ଆସି ନାହିଁ । ଏ ସଂସାରକୁ ମିଥ୍ୟା-ମାୟା ବୋଲି କହି ଏଠାରୁ ପଳାୟନ କରିବାର ଯୋଗ କେବଳ କରାଯାଇଛି — ଏହାକୁ ରୂପାନ୍ତର କରାଯାଇପାରି ନାହିଁ ।

ପ୍ରଥମ ଥର ପାଇଁ ଶ୍ରୀମାଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗର ପଥ ନିର୍ଦ୍ଦେଶ କରି ଘୋଷଣା କଲେ ଯେ ଆମ୍ଭମାନଙ୍କ କର୍ମକ୍ଷେତ୍ର ହେବ ଏହି ଶରୀର ଏବଂ ଏହି ପୃଥିବୀ । ଏହାର ସମସ୍ତ ବିକୃତି ବିଷୟରେ ଅବଗତ ହୋଇ, ଏହାକୁ ରୂପାନ୍ତର କରି ଏ ଶରୀରକୁ ଦିବ୍ୟ ଶରୀରରେ ପରିଣତ କରାଯିବ — ଅର୍ଥାତ୍ ଶରୀରକୁ ମଧ୍ୟ ଭଗବତ୍ ପଥରେ ନେଇ ତାକୁ ଭଗବତ୍ ପ୍ରାପ୍ତି କରାଇ ତା'ର ଦିବ୍ୟତା ଅଣାଯିବ । ସେହିପରି ପୃଥିବୀର ସମସ୍ତ କର୍ମକୁ ବିକୃତିରୁ ମୁକ୍ତ କରି ତା'ର ପୂର୍ଣ୍ଣତା ଅଣାଯିବ — ଯଦ୍ଦ୍ୱାରା ଏ ପୃଥିବୀରେ ଶାନ୍ତି, ସାମଞ୍ଜସ୍ୟତା, ଆନନ୍ଦ ଆଦି ଦିବ୍ୟ ଗୁଣମାନ ଚିରସ୍ଥାୟୀ ଭାବେ ପ୍ରତିଷ୍ଠା ହୋଇପାରିବ । ଏଥିପାଇଁ କେବଳ ବ୍ୟକ୍ତିଗତ ସାଧନା ନକରି ଆମକୁ ସାମୂହିକ ଯୋଗ କରିବାକୁ ହେବ । ଅର୍ଥାତ୍ କେବଳ ବ୍ୟକ୍ତିଗତ ଭାବେ ଭଗବାନଙ୍କୁ ପାଇବା ପାଇଁ ଚେଷ୍ଟା ନ କରି, ସମସ୍ତଙ୍କ ପାଇଁ ଭଗବାନଙ୍କୁ ଏହି ପୃଥିବୀରେ ଅବତରଣ କରାଇ ତାଙ୍କରି ମାଧ୍ୟମରେ ସମସ୍ତଙ୍କର ପୂର୍ଣ୍ଣତା ପ୍ରାପ୍ତି ନିମନ୍ତେ ଚେଷ୍ଟା କରାଯିବ । ତେବେ ଯାଇ ଏ ପୃଥିବୀ ସ୍ୱର୍ଗରେ ପରିଣତ ହେବ, ଏବଂ ପୃଥିବୀରୁ ଦୁଃଖ-କଷ୍ଟ-ରୋଗ-ଯନ୍ତ୍ରଣା-ମୃତ୍ୟୁ ଲୋପ ହୋଇ ଦିବ୍ୟ ଜୀବନ ପ୍ରତିଷ୍ଠା ହେବ ।

ଏ କାର୍ଯ୍ୟ ପାଇଁ ଶ୍ରୀମାଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଅତିମାନସ ସତ୍ୟ ଚେତନା ଅବତରଣ କରାଇ ଏହି ପୃଥିବୀରେ ତାକୁ କ୍ରିୟାଶୀଳ କରାଇଛନ୍ତି । ଶ୍ରୀମା ସ୍ୱୟଂ ନିଜ କୋଳରେ

ସମସ୍ତଙ୍କୁ ଧାରଣ କରି ଆମକୁ ଶରୀର ରୂପାନ୍ତର ପଥରେ ନେଇ ଯାଉଛନ୍ତି । ଅର୍ଥାତ୍ ଶ୍ରୀମାଶ୍ରୀଅରବିନ୍ଦ ଏ ପୃଥିବୀରୁ କିଛି ନେବା ପାଇଁ ଆସି ନାହାନ୍ତି – ସେମାନେ ଆସିଛନ୍ତି ସମସ୍ତଙ୍କୁ ଭଗବାନଙ୍କ ଅନୁଭୂତି ଦେବା ପାଇଁ – ସମସ୍ତଙ୍କ ପାଇଁ ସାଧନା କରିବା ଲାଗି । 'ସମସ୍ତେ' ଅର୍ଥ ଏ ପୃଥିବୀର ସବୁ ଲୋକଙ୍କୁ ବୁଝାଏ ନାହିଁ । 'ସବୁ ଲୋକ' ହେଲେ ସେହିମାନେ ଯେଉଁମାନେ ଅତିମାନସର ସତ୍ୟ ଚେତନା ପାଇଁ ଉନ୍ମୁକ୍ତ, ଯେଉଁମାନେ ଏକ ନୂତନ ସୁବର୍ଣ୍ଣଯୁଗର ଆଗମନ ପାଇଁ ବ୍ୟାକୁଳ ଅଛନ୍ତି, ଯେଉଁମାନେ ଚାହାନ୍ତି ଏ ପୃଥିବୀପୃଷ୍ଠରୁ ସମସ୍ତ ଅଜ୍ଞାନ, ଅନ୍ଧକାର, ଅସତ୍ୟ, ବ୍ୟଭିଚାର ଲୋପ ପାଇ ଏଠାରେ ଭଗବତ୍ ରାଜ୍ୟ ପ୍ରତିଷ୍ଠିତ ହେଉ – ଏବଂ ଏଥିପାଇଁ ନିଜର ସର୍ବସ୍ୱ ଅର୍ପଣ କରିବାକୁ ଚାହାନ୍ତି – ଆତ୍ମବଳି ଦେବାକୁ ଚାହାନ୍ତି । ଏପରି ଲୋକଙ୍କ ପାଇଁ ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହାଯ୍ୟ ସର୍ବଦା ରହିଛି । ଏମାନେ ହେଲେ ନୂତନ ଯୁଗ ନିର୍ମାଣର ଅଗ୍ରଦୂତ । ଏମାନଙ୍କୁ ବଛାଯାଇ ସାରିଛି । ଏ ବିଷୟରେ ଶ୍ରୀମା କହୁଛନ୍ତି : ''ଏହା ଏକ ସୂକ୍ଷ୍ମ ଦୃଷ୍ଟି ଯାହା ବିଶାଳ ବିଶ୍ୱର ଏକ ନିର୍ଦ୍ଦିଷ୍ଟ ଛନ୍ଦରେ ସମସ୍ତେ ନିଜ ନିଜ ସ୍ଥାନ ଗ୍ରହଣ କରିଛନ୍ତି ଏବଂ (ଦେଖାଯାଇଛି) ସବୁକିଛି ଠିକ୍ ଅଛି । ରୂପାନ୍ତରର ଚେଷ୍ଟା କେବଳ କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ମଧ୍ୟରେ ସୀମାବଦ୍ଧ, କାରଣ ତାହା ହେଉଛି (ଆମ ପକ୍ଷେ) ବହୁ ମୂଲ୍ୟବାନ୍ ଏବଂ ଯାହାର ଅନୁଭୂତି ଲାଭ କରିବା ଅତ୍ୟନ୍ତ କଠିନ କାର୍ଯ୍ୟ । ତଥାପି ଏଥିପାଇଁ ଏକ ସଂକଳ୍ପ ଅଳ୍ପ କେତେକ ଲୋକଙ୍କ ଦ୍ୱାରା ନିଆଯାଇଛି, ଯେଉଁମାନେ ନୂତନ ସୃଷ୍ଟିପାଇଁ ଅଗ୍ରଦୂତ ହେବେ ।''

(MCW, Vol. 11, p - 25)

ପୁଣି ମା କହୁଛନ୍ତି, ''କେତେଜଣ ଖୁବ୍ ବିରଳ ବ୍ୟକ୍ତି ଅଛନ୍ତି ଯେଉଁମାନେ ଆବଶ୍ୟକ ହେଉଥିବା ଚେଷ୍ଟା କରୁଛନ୍ତି ଏହି ରୂପାନ୍ତର ପାଇଁ ଏବଂ ନୂତନ (ଅତିମାନସ) ଶକ୍ତିକୁ ଆକର୍ଷଣ କରୁଛନ୍ତି । ସେମାନେ ଜଡ଼କୁ ପ୍ରକାଶ କରିବାର ଉପାୟ ଦ୍ୱାରା ତାକୁ ଖାପ ଖୁଆଇବା ପାଇଁ ପ୍ରସ୍ତୁତ କରୁଛନ୍ତି । ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି । ଏପରିକି ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଆତ୍ମବଳି ଦେବା ପାଇଁ ମଧ୍ୟ ପ୍ରସ୍ତୁତ ଅଛନ୍ତି, ଯନ୍ତ୍ରଣାଦାୟକ ଜୀବନ ଯାପନ ପାଇଁ ପ୍ରସ୍ତୁତ ଅଛନ୍ତି – ଭବିଷ୍ୟତର ଏହି ରୂପାନ୍ତର ପାଇଁ ।''

(MCW, Vol. 11, p - 24)

ଏ କଳିଯୁଗର ବିଷାକ୍ତ ବାତାବରଣରେ ଶ୍ରୀଅରବିନ୍ଦଙ୍କ ଯୋଗ କରିବା ଭଳି ବୀର-ଯୋଦ୍ଧା, ପବିତ୍ର ଆତ୍ମା ମିଳିବା ଯଥାର୍ଥରେ କଠିନ କଥା । ବାତାବରଣର ସଂସ୍ପର୍ଶରେ ଆସି ବ୍ୟକ୍ତି ଏଠାରେ ସଂକ୍ରମିତ ହୋଇ ପଡ଼ିଥାଏ । ଆଜି ଅଗଣିତ ନରନାରୀ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତି ଆକର୍ଷିତ ହୋଇ ଏହି ପଥରେ ପ୍ରବେଶ କରିଛନ୍ତି – ଏ କଥା ପ୍ରତ୍ୟେକ ଦର୍ଶନ ଦିବସରେ ଆଶ୍ରମରେ ଭକ୍ତଙ୍କ ଭିଡ଼କୁ ଦେଖି ବୁଝାଯାଏ । ଏମାନଙ୍କ ମଧ୍ୟରୁ କେତେ ଜଣ ପ୍ରକୃତ ଭକ୍ତ ଅଛନ୍ତି ? ଶ୍ରୀଅରବିନ୍ଦ ନିଜେ କହିଛନ୍ତି ଯେ ତାଙ୍କ ଯୋଗ କରିବା ପାଇଁ ଜଣେ ମାତ୍ର ବ୍ୟକ୍ତି ନାହାନ୍ତି ।

ଏପରି ପରିସ୍ଥିତିରେ ଆମକୁ କ'ଣ କରିବାକୁ ହେବ ? ଏଥିପାଇଁ ଶ୍ରୀମାଶ୍ରୀଅରବିନ୍ଦଙ୍କ ପୁସ୍ତକ ପଢ଼ି କେବଳ ବକ୍ତୃତା ଦେଲେ ଚଳିବ ନାହିଁ – ଏହାକୁ ଚେତନା ତଥା ଅନୁଭବରେ ଆଣିବାକୁ ପଡ଼ିବ । ସମର୍ପଣ କଥା କେବଳ ମୁଖରେ ବା ମନରେ କହିଲେ ଚଳିବ ନାହିଁ– ଶରୀରର କୋଷାଣୁକୁ ମଧ୍ୟ ସମର୍ପଣ କରିବାକୁ ହେବ । ଆମେ ଶ୍ରୀଅରବିନ୍ଦଙ୍କ ଯୋଗ ପଥରେ ଆସି ମଧ୍ୟ ସେହି ପୁରାତନ ପ୍ରକୃତି, ପୁରାତନ ରୀତି, ନୀତି, ପୁରାତନ ଅଭ୍ୟାସକୁ ଛାଡ଼ି ନାହୁଁ । ଏହାର ଅର୍ଥ ନୁହେଁ ଯେ ପୁରାତନ ପଥର କୌଣସି ମୂଲ୍ୟ ନାହିଁ । ପୁରାତନ ଯୋଗ ମଣିଷର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଆଣିପାରେ ନାହିଁ । ପୁରାତନ ଯୋଗର ପଥ ଶରୀରକୁ ବାଦ୍ ଦେଇ କରାଯାଇଛି – ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀରକୁ ମଧ୍ୟ ଅଂଶ ଗ୍ରହଣ କରିବାକୁ ପଡ଼ିଥାଏ । କେବଳ ଅଂଶ ଗ୍ରହଣ ନୁହେଁ – ଶରୀର ମଧ୍ୟ ଆଧ୍ୟାତ୍ମିକ ପଥରେ ଯାଇପାରେ; ଏହାର ମଧ୍ୟ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଅଣାଯାଇ ପାରେ ଯଦ୍ୱାରା ଶରୀର ସମସ୍ତ ରୋଗ, ଯନ୍ତ୍ରଣାରୁ ମୁକ୍ତ ହୋଇ ଓ ରୂପାନ୍ତରିତ ହୋଇ ଦିବ୍ୟତା ପ୍ରାପ୍ତି କରିପାରେ ।

ମଣିଷ ଶରୀରରେ ଥିବା ବିକୃତି କେବଳ ବର୍ତ୍ତମାନର ନୁହେଁ; ଜନ୍ମ ଜନ୍ମାନ୍ତରରୁ ଶରୀରରେ ଏହି ବିକୃତି ଜମା ହୋଇ ରହିଛି । କେବଳ ନିଜ ବ୍ୟକ୍ତିଗତ ବିକୃତି ନୁହେଁ, ଆମ ପିତା, ମାତା, ପରିବାର, ବନ୍ଧୁବାନ୍ଧବ ତଥା ଯାହା ସହିତ ଆମର ସମ୍ପର୍କ ଥାଏ ସେମାନଙ୍କ ବିକୃତି ମଧ୍ୟ ଆମ ଭିତରକୁ ଆସିଥାଏ । ଆମେ ଯଦି ସାଧନା କରି ଅଗ୍ରଗତି କରୁ ତେବେ ଅନ୍ୟମାନଙ୍କର ମଧ୍ୟ ଅଗ୍ରଗତି ହେବ । ବିପରୀତ ପକ୍ଷେ ଅନ୍ୟମାନଙ୍କର ଅଗ୍ରଗତି ହେଲେ ଆମର ମଧ୍ୟ ଅଗ୍ରଗତି ହେବ । ପୁନର୍ବାର ମା କହୁଛନ୍ତି – ''ଗୋଟିଏ ଶରୀର ମଧ୍ୟରେ ଥିବା ଚେତନା ଓ ସବୁ ଶରୀର ମଧ୍ୟରେ ରହିଥିବା ଚେତନା, – ଆମକୁ ଦୁଇଟି ମଧ୍ୟରେ ରହିଥିବା

ସମ୍ବନ୍ଧକୁ ଜାଣିବାକୁ ପଡ଼ିବ । ଏବଂ, ଏହି କ୍ଷେତ୍ରରେ କେତେ ପରିମାଣରେ ନିର୍ଭରଶୀଳତା ରହିଛି ଓ କେତେ ପରିମାଣରେ ସ୍ୱତନ୍ତ୍ରତା ରହିଛି, ଅର୍ଥାତ୍ ଆପଣା ଚେତନାଟିର ଭୂମିରେ ଶରୀରର କେତେ ପରିମାଣରେ ଏକ ରୂପାନ୍ତର ସମ୍ଭବ ହୋଇ ପାରିବ (ଏବଂ, ଅନିବାର୍ଯ୍ୟତଃ, ତାହା ଫଳରେ ଆପଣାର ବାହ୍ୟ ରୂପରେ ମଧ୍ୟ), ସମସ୍ତଙ୍କର ସମାନ ରୂପାନ୍ତର ନ ହୋଇ ମଧ୍ୟ ତାହାର ଏହି ରୂପାନ୍ତର ସମ୍ଭବ ହୋଇପାରିବ, ସେହି କଥାଟି ଜାଣିବାକୁ ପଡ଼ିବ । ଏବଂ, ଗୋଟିଏ ଶରୀରର ରୂପାନ୍ତର ହୋଇପାରିବା ସକାଶେ ସମସ୍ତଙ୍କର ରୂପାନ୍ତର ସାଧିତ ହେବାର କେତେଦୂର ଆବଶ୍ୟକତା ରହିଛି, ସେହି କଥାଟିର ଆବିଷ୍କାର କରିବା ବାକି ରହିଛି ।''

(MCW, Vo. 11, P - 145)

ଏ ପୃଥିବୀରେ ଆମେ ସମସ୍ତେ ସମ୍ବନ୍ଧିତ ହୋଇ ରହିଥାଉ । ଅନ୍ୟମାନଙ୍କ ବିକୃତ ଚେତନାର ସଂକ୍ରମଣରେ ଆମକୁ ସର୍ବଦା ଆସିବାକୁ ପଡ଼ିଥାଏ । ଏହି ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପୁରାତନ ସାଧକମାନେ ଘର, ସଂସାରକୁ ପରିତ୍ୟାଗ କରି ବଣ, ଜଙ୍ଗଲ, ଗୁମ୍ଫା ଆଦି ନିଭୃତ ସ୍ଥାନରେ ବସି ସାଧନା କରୁଥିଲେ । ଅନ୍ୟମାନଙ୍କଠାରୁ ସମସ୍ତ ସମ୍ପର୍କ ଛିନ୍ନ କରି କେବଳ ବ୍ୟକ୍ତିଗତ ଭାବରେ ସାଧନା କରି ମୁକ୍ତି ବା ନିର୍ବାଣ ପାଉଥିଲେ । ଏହା ଦ୍ୱାରା ପୃଥିବୀର ବିକୃତି ଯେପରି ଥିଲା ସେହିପରି ରହିଗଲା ।

ଏବେ ସମୟ ଆସିଛି ସାମୂହିକ ସାଧନା ମାଧ୍ୟମରେ ଏ ପୃଥିବୀର ବିକୃତିକୁ ଦୂର କରିବା ଲାଗି । ଏଥିପାଇଁ ଆମକୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଆଚରଣ କରିବାକୁ ହେବ; ଯେଉଁ ଯୋଗ ବ୍ୟକ୍ତିଗତ ନୁହେଁ – ଏହା ହେଲା ସାମୂହିକ ଯୋଗ, ବିଶ୍ୱ-ପ୍ରକୃତିର ଯୋଗ, ପୃଥିବୀର ଯୋଗ । ଏଥିପାଇଁ ପ୍ରଥମ କାମ ହେଲା ଶରୀରକୁ ମୁକ୍ତ କରିବା ।

ଏ ବିଷୟରେ ଶ୍ରୀମା କହୁଛନ୍ତି : ''ଏ ଶରୀର (ମା'ଙ୍କ ଶରୀର) ଅନୁଭବ କରୁଛି ଯେପରି ଏହା କୌଣସି ଏକ ବସ୍ତୁ ଭିତରେ ବନ୍ଦୀ ହୋଇ ରହିଛି – ସତେ ଯେପରି ଏକ ବାକ୍ସ ଭିତରେ ବନ୍ଦୀ ହୋଇ ରହିଛି ।''

(MCW, Vol - 11, p - 145)

ପରେ ମା'ଙ୍କୁ ଏହି ବାକ୍ସ ବିଷୟରେ ପ୍ରଶ୍ନ ପଚରା ଯାଇଥିଲା । ମା ଯେଉଁ ଉତ୍ତର ଦେଇଛନ୍ତି ସେଥିରୁ ଆମେ ଜାଣିବାକୁ ପାଇଲୁ ଯେ ଏହି ବାକ୍ସ ହେଲା ବିକୃତ ବିଶ୍ୱ-ଚେତନା । ଏହି ବିଶ୍ୱ-ଚେତନା ହେଲା ସମୂହ ଲୋକଙ୍କର ଚେତନା । ମାନସିକ ବିଚାର, ବୁଦ୍ଧି, ଗଠନ, ନୀତି, ନିୟମ, ଆଚାର ବ୍ୟବହାର ତଥା ପ୍ରାଣର ଆବେଗ, ଲାଳସା, ହିଂସା, ଦ୍ୱେଷ ଇତ୍ୟାଦି । ଏହି ବିଶ୍ୱ-ଚେତନାରେ ଆମେ ବନ୍ଧା ହୋଇ ରହିଛୁ । ଯେତେ ଚେଷ୍ଟା କଲେ ମଧ୍ୟ ଆମେ ଏଥିରୁ ମୁକ୍ତ ହୋଇ ପାରୁ ନାହୁଁ ।

ଆମର ନିମ୍ନ ମନ ଓ ପ୍ରାଣ ଏହି ବିଶ୍ୱ-ଚେତନାକୁ ଆକର୍ଷଣ କରି ଏ ପୃଥିବୀରେ ଶରୀରକୁ ଦାସ କରି ଭୋଗ ବିଳାସରେ ମାତି ରହିଛନ୍ତି । ଏଥିପାଇଁ ତା' ଭିତରେ ଭଗବତ୍ ଶକ୍ତି କ୍ରିୟା କରି ପାରୁ ନାହିଁ । ତେଣୁ ବର୍ତ୍ତମାନ ମଣିଷର ପ୍ରଥମ କାମ ହେଲା ଶରୀରକୁ ଏହି ମନ ଓ ପ୍ରାଣର ପ୍ରଭାବରୁ ମୁକ୍ତ କରି ତାକୁ ଭଗବତ୍ ପ୍ରଭାବରେ ରଖିବା । ଅର୍ଥାତ୍ ଶରୀରକୁ ଆଉ ମନ ଓ ପ୍ରାଣ ପରିଚାଳନା ନକରି ସ୍ୱୟଂ ଭଗବାନ୍ ହିଁ ପରିଚାଳନା କରିବେ । ଏହାର ଉପାୟ ବିଷୟରେ ଶ୍ରୀମା ସ୍ୱୟଂ ଅନୁଭୂତି ଲାଭ କରିଛନ୍ତି । ଅର୍ଥାତ୍ ମନ ଓ ପ୍ରାଣକୁ ଶରୀରର ବାହାରେ ରଖିବା । ମନକୁ ଶରୀରର ବାହାରେ ରଖି ମଧ୍ୟ ଏହାକୁ ତୁମେ ବ୍ୟବହାର କରିପାରିବ । ଏହା ତୁମ ମସ୍ତିଷ୍କରେ କାମ ନକରି ତୁମ ଚେତନାରେ କାମ କରିବ । ଏହା ଦ୍ୱାରା ତୁମ ଶରୀର ବାର୍ଦ୍ଧକ୍ୟର କବଳରେ ପଡ଼ିଗଲେ ମଧ୍ୟ ତୁମ ମନଶ୍ଚେତନାରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଶେଷରେ ଏହା ପୂର୍ଣ୍ଣ ଶାନ୍ତ ହୋଇ ତା'ର ପୂର୍ଣ୍ଣ ରୂପାନ୍ତର କରି ପାରିବ । ମା'ଙ୍କ ଶରୀରରୁ ମନ ଓ ପ୍ରାଣ ଚେତନା ଶରୀର ବାହାରକୁ ଚାଲିଯାଇଥିବାର ଅନୁଭୂତିର କଥା ମା ନିଜେ ବର୍ଣ୍ଣନା କରିଛନ୍ତି । ଏହି ଅନୁଭୂତି ବିଷୟରେ ଆମ ପାଠକବୃନ୍ଦ ମାତୃରଚନାବଳୀ ଏକାଦଶ ଖଣ୍ଡରେ (MCW, Vol - 11, p - 94 ରୁ 96) ପଢ଼ି ପାରନ୍ତି ।ଏ ବିଷୟରେ ମା'ଙ୍କୁ ପ୍ରଶ୍ନ କରା ଯାଇଥିଲା :

*''ଶରୀରର ଦ୍ରୁତ ଓ ଫଳପ୍ରଦ ରୂପାନ୍ତର ପାଇଁ ମନ ଓ ପ୍ରାଣକୁ ବହିଷ୍କାର କରିବା କ'ଣ ଏକାନ୍ତ ଆବଶ୍ୟକ ? ଅତିମାନସ ଚେତନା କ'ଣ ଏମାନଙ୍କ ଉପରେ କ୍ରିୟା କରି ପାରି ନ ଥା'ନ୍ତା ?''*

ଏହାର ଉତ୍ତରରେ ଶ୍ରୀମା କହୁଛନ୍ତି :

''ଅବଶ୍ୟ ଏହା କ୍ରିୟା କରୁଛି, ବହୁ ପୂର୍ବରୁ ଇତିମଧ୍ୟରେ ଏହା ଏମାନଙ୍କ ଉପରେ କ୍ରିୟା କରି ଆସିଛି । ଏପରି ହେବାର କାରଣ ହେଲା (ମନ ଓ ପ୍ରାଣ ସତ୍ତାର ବହିଷ୍କରଣ) ଶରୀର ପ୍ରାଣର ବିଶେଷ କରି ମନର କଥା ମାନିବା ପାଇଁ ଅଭ୍ୟସ୍ତ

ହୋଇ ଆସିଛି । ସେଥିପାଇଁ ଏହି ଅଭ୍ୟାସକୁ ବଦଳାଇ କେବଳ ଉଚ୍ଚତର ଚେତନାର କଥା ଏହା ମାନିବ । ଏପରି ହେଲେ ଏ କାମ (ଶରୀର ରୂପାନ୍ତର) ଦ୍ରୁତଗତିରେ ଚାଲି ପାରିବ ।''

(MCW, Vol - 11, p. - 143)

ପୁନର୍ବାର ମା କହୁଛନ୍ତି : ''ଏହି ଉପାୟକୁ (ମୁଁ) ଅନୁମୋଦନ କରୁ ନାହିଁ ।'' ସେ କହୁଛନ୍ତି ଏଥିପାଇଁ ସମୟ ଲାଗିବ । କିନ୍ତୁ ଯଦି ଆମେ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖି ପାରିବୁ ଏବଂ ସମସ୍ତ ଆସକ୍ତିରୁ ମୁକ୍ତ ହୋଇ ଶରୀର-ଚେତନାକୁ ଜାଗ୍ରତ୍ କରି ତା' ମାଧ୍ୟମରେ ଆସ୍ପୃହା କରୁ ତେବେ ଅବଶ୍ୟ ଏହି ଅନୁଭୂତି ସ୍ୱାଭାବିକ ଭାବରେ ହେବ । କାରଣ ଏବେ ଶ୍ରୀମା ଆମ ସମସ୍ତଙ୍କ ମଧ୍ୟରେ ଅଭିବ୍ୟକ୍ତ ହୋଇ ଆମ ଭିତରେ ଶରୀର ରୂପାନ୍ତରର କାମ କରୁଛନ୍ତି ।

ଏହିପରି ଭାବରେ ଶରୀରର ବନ୍ଧନରୁ ମୁକ୍ତ ହୋଇ ଶରୀର ନିଜେ ରୂପାନ୍ତର ପଥରେ ଦ୍ରୁତ ଅଗ୍ରଗତି କରିପାରିବ ।

(କ୍ରମଶଃ)

❑❑❑

# ସମର୍ପଣ

## ଜ୍ୟୋତ୍ସ୍ନାରାଣୀ ଦାଶ

ସମର୍ପଣ
ଏକ ଦ୍ୱିଧାହୀନ ଚେତନା
ଏକ ଅପ୍ରତିହତ ଆସ୍ପୃହା
ଏକ ଊର୍ଦ୍ଧ୍ୱାୟିତ ଅଭୀପ୍ସା
ଏକ ବିପୁଳ ସମ୍ଭାବନା
ଏକ ଚିରନ୍ତନ ଅଧ୍ୟବସାୟ ।
ସମର୍ପଣ
ଏକ ଅନ୍ତହୀନ ଆକୁଳତା
ଏକ ପୁଲକିତ ନିବେଦନ
ଏକ ମଧୁମୟ ନିବିଡ଼ତା
ଏକ ଶାନ୍ତ ଶକ୍ତ ଶୁଦ୍ଧତା
ଦିବ୍ୟ ଆକୁତିର ଅକୁଣ୍ଠ ତୀବ୍ରତା ।
ସମର୍ପଣ
ଜନ୍ମ-ଜନ୍ମାନ୍ତର ପଥର ପାଥେୟ
ଏକ ସୁରକ୍ଷାର ଲୌହ କବଚ
ଏକ ବିସ୍ତାରିତ ସୌରଦୀପ୍ତ ପଥ
ଏକ ଶୁଚିସ୍ନାତ ଦିବ୍ୟ ସୁରକ୍ଷା
ଏକ ଅଭିଳଷିତ ସାଧନାର ଯାତ୍ରା ।
ସମର୍ପଣ
ଏକ ସୁମଧୁର ସମ୍ଭାଷଣ
ଏକ ଅନାହତ ଦିବ୍ୟ କମ୍ପନ
ଏକ ଅନନ୍ୟ ମୁଗ୍ଧ ଶିହରଣ
ଲକ୍ଷ୍ୟ ପଥରେ ଆରୋହଣ ଲାଗି
ଜୀବନର ଶ୍ରେଷ୍ଠ ସମ୍ପଦ ।
ସମର୍ପଣ
ଦିବ୍ୟ ଜୀବନର ଶ୍ରେଷ୍ଠ ପ୍ରାରମ୍ଭିକ ମନ୍ତ୍ର
ଅତିମାନସର 'ଓଁକାର'
ଜୀବନର ଶେଷହୀନ ଲକ୍ଷ୍ୟ
ଦିବ୍ୟ ଜୀବନର ବାସ୍ତବତା
ଗନ୍ତବ୍ୟ ସ୍ଥଳର ପରିପୂର୍ଣ୍ଣତା ।
ସମର୍ପଣ
ଏକ ଅଭୀପ୍ସୁ ବ୍ୟକ୍ତିସତ୍ତାର ବିପୁଳ ସମ୍ପଦ
ଚୈତ୍ୟସତ୍ତାର ଆବିଷ୍କାର ଲାଗି ଅବ୍ୟର୍ଥ ଆୟୁଧ
ରୂପାନ୍ତରର ନିବିଡ଼ ଆଶ୍ଳେଷ
ଦିବ୍ୟ ଜୀବନର, ଦିବ୍ୟ ଆନନ୍ଦର
ପରମ ପୁଲକଭରା ମଧୁର ସଙ୍ଗୀତ ।

ଆସ ତେବେ...
ବିଳମ୍ବରେ ନାହିଁ ପ୍ରୟୋଜନ
ଶୁଦ୍ଧତମ ଦିବ୍ୟ ପ୍ରେରଣାରେ
ଆପଣେଇ ନେବା 'ସମର୍ପଣ'କୁ
ଜୀବନର ପ୍ରତିକ୍ଷଣେ, ପ୍ରତି କୋଷାଣୁରେ
ଖୁବ୍ ନିବିଡ଼ ଭାବରେ, ଖୁବ୍ ନିବିଡ଼ ଭାବରେ ।

❑❑❑

# ଇନ୍ଦ୍ରନୀଳ ଗୋଲାପ

## ଦୌଲତ ପାଣ୍ଡେ

ମଧୁପୁଷ୍ପା ଥିଲେ ଜଣେ ରାଜାଙ୍କର ଏକମାତ୍ର କନ୍ୟା । ସେ ଥିଲେ ଭାରି ସୁନ୍ଦରୀ । ସତେ ଯେପରି ପ୍ରଭାତ କାଳରେ ଶାନ୍ତ ସୁନ୍ଦର ପରିବେଶରେ ଫୁଟିଥିବା ସୁନାର ଗୋଲାପ ଫୁଲଟିଏ । ଜଣେ ବି ଭାଇ ବା ଭଉଣୀ ନଥିବାରୁ ରାଜା ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ । କ୍ଷଣକ ପାଇଁ ଆଖି ଆଗରୁ ସେ ଅନ୍ତର ହେଲେ ରାଜା ଅସ୍ଥିର ହେଉଥିଲେ । ରାଜା ଯେଉଁଠାକୁ ଯାଉଥିଲେ ରାଜକୁମାରୀ ତାଙ୍କ ସହିତ ଯାଉଥିଲେ । ଫଳରେ ଯେଉଁସବୁ କଳା କୌଶଳ ରାଜା ଶିଖିଥିଲେ ରାଜକୁମାରୀ ସେ ସବୁ ତାଙ୍କଠାରୁ ଶିଖିଯାଉଥିଲେ । ଘୋଡ଼ା ଚଢ଼ାରେ ରାଜକୁମାରୀ ଥିଲେ ନିପୁଣା । ରାଜାଙ୍କର ଯେକୌଣସି ଦକ୍ଷ ତୀରନ୍ଦାଜ ସୈନିକଠାରୁ ସେ ଅଧିକ ସୁନ୍ଦର ଓ ଦକ୍ଷତାର ସହ ଧନୁରେ ତୀର ଚାଳନା କରି ପାରୁଥିଲେ ।

ସବୁଦିନ ପରି ଦିନେ ରାଜକୁମାରୀ ମଧୁପୁଷ୍ପା ଘୋଡ଼ାଚଢ଼ି ଶିକାର କରିବାକୁ ବାହାରି ଥିଲେ । କିଛି ଦୂର ଗଲାପରେ ତାଙ୍କ ଘୋଡ଼ା ହଠାତ୍ ଭୟରେ ଚମକି ଉଠିଲା ଏବଂ ପଛଗୋଡ଼ ଦୁଇଟାରେ ଠିଆହୋଇ ତତ୍କ୍ଷଣାତ୍ ତୀବ୍ର ବେଗରେ ଅନ୍ୟ ଦିଗକୁ ଦୌଡ଼ିବାରେ ଲାଗିଲା । ମନେ ହେଲା ସତେ ଯେପରି ସେ ତା' ଆଗରେ ଏକ ଭୟଙ୍କର ବାଘ ଦେଖିଲା । ଘୋଡ଼ାକୁ ଅଟକାଇବା ପାଇଁ ରାଜକୁମାରୀଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ଘୋଡ଼ା ଆହୁରି ଅଧିକ ବେଗରେ ଦୌଡ଼ିବାକୁ ଲାଗିଲା । ଠିକ୍ ସେତିକିବେଳେ ଅକସ୍ମାତ୍ ଜଣେ ସାହସୀ କାଠୁରିଆ ଯୁବକ ନିଜ ଜୀବନକୁ ପାଣି ଛଡ଼ାଇ ଦେଇ ଘୋଡ଼ାକୁ ଧରି ଅଟକାଇ ଦେଲା । ମୁହୂର୍ତ୍ତେ ମାତ୍ର ଡେରି ହୋଇ ଥିଲେ ଘୋଡ଼ା ସହିତ ରାଜକୁମାରୀ ନିଶ୍ଚିତ ଭାବେ ଏକ ଗଭୀର ପାହାଡ଼ୀ ଝରଣା ଭିତରେ ପଡ଼ି ମୃତ୍ୟୁବରଣ କରିଥା'ନ୍ତେ ।

ଦୁର୍ଘଟଣାର ପ୍ରଚଣ୍ଡ ଧକ୍କାରୁ ଉଦ୍ଧାର ପାଇ ରାଜକୁମାରୀ କାଠୁରିଆ ଯୁବକ ନିକଟରେ କୃତଜ୍ଞତା ପ୍ରକାଶ କରି କହିଲେ, ''ତୁମେ ମୋ ଜୀବନ ବଞ୍ଚାଇଛ । ଯାହା ଚାହୁଁଛ ମାଗ, ବାପାଙ୍କୁ କହି ତୁମ ଇଚ୍ଛା ପୂରଣ କରିବି ।'' ଉତ୍ତରରେ କାଠୁରିଆ ଯୁବକ ରାମକରଣ କହିଲା, ''ମୁଁ ଜଣେ ଅତି ଗରିବ କାଠୁରିଆର ପୁଅ । ପ୍ରତିଦିନ ଜଙ୍ଗଲରେ କାଠ କାଟି ଶଗଡ଼ରେ ସହରକୁ ନିଏ । କାଠ ବିକ୍ରିକରି ପେଟ ପୋଷେ । ଆପଣଙ୍କ ଭଳି ଉଚ୍ଚ-କୁଳର ସୁନ୍ଦରୀ ଝିଅକୁ କିଛି ମାଗିବା ପାଇଁ ମୁଁ କିପରି ସାହସ କରିବି ?'' ରାଜକୁମାରୀ ନିଜର ପ୍ରକୃତ ପରିଚୟ ଦେଇ କହିଲେ, ''ମୁଁ ମୋ ମାଆବାପାଙ୍କର ଏକମାତ୍ର ସନ୍ତାନ । ଦୁର୍ଘଟଣାରେ ମୋର ମୃତ୍ୟୁ ହୋଇଥିଲେ ସେମାନେ ତାଙ୍କ ସନ୍ତାନକୁ ହରାଇବା ସହିତ ଏ ରାଜ୍ୟ ମଧ ତା'ର ରାଜକୁମାରୀକୁ ହରାଇଥା'ନ୍ତା । ତେଣୁ ଭୟ ନକରି ଯାହା ଚାହୁଁଛ ମାଗ ।'' ରାଜକୁମାରୀଙ୍କ କଥାରୁ କାଠୁରିଆ ବେଶ୍ ବୁଝିଗଲା ଯେ ସୁନ୍ଦରୀ ଯୁବତୀ ଜଣକ କେବଳ ଉଚ୍ଚ ବଂଶର ନୁହଁନ୍ତି, ଏ ରାଜ୍ୟର ରାଜନନ୍ଦିନୀ । ଯୁବକ ତତ୍କ୍ଷଣାତ୍ ରାଜକୁମାରୀଙ୍କ ପାଦତଳେ ପଡ଼ି ଯାଇ କହିଲା, ''ଏ ଦାସ ଆପଣଙ୍କଠାରୁ କୌଣସି ପୁରସ୍କାର ଚାହେଁ ନାହିଁ, କେବଳ ଆପଣଙ୍କର ସେବା କରିବାକୁ ଚାହେଁ । ଆପଣ ଆଦେଶ ଦେଲେ ମୁଁ ମୋ ଜୀବନ ମଧ ଉତ୍ସର୍ଗ କରି ଦେବି ।''

ରାଜକୁମାରୀ କାଠୁରିଆ କଥାରେ ଖୁସି ହୋଇ ତାକୁ ସାଙ୍ଗରେ ରାଜଉଆସକୁ ନେଇଗଲେ । ଶିକାର କରିବାକୁ ଯାଇ ସେଦିନ ସେ ଯେଉଁ ଦୁର୍ଘଟଣାର ସାମନା କରିଥିଲେ ସବୁ କଥା ଆଦରର ପିତା ରାଜାଙ୍କୁ ଜଣାଇଲେ । ଯୁବକଙ୍କୁ ନିଜର ଅଙ୍ଗରକ୍ଷୀ ଭାବେ ନିଯୁକ୍ତି ଦେଇ ରଖିବାକୁ ମଧ ଅନୁରୋଧ କଲେ । ରାଜା ଏ ପ୍ରସ୍ତାବରେ ତତ୍କ୍ଷଣାତ୍ ରାଜି ହୋଇଗଲେ । ସେହିଦିନଠାରୁ କାଠୁରିଆ ଯୁବକ ରାଜକୁମାରୀ ମଧୁପୁଷ୍ପାଙ୍କ ପାଖେ ପାଖେ ରହିଲା । ଦିନ ଗଡ଼ି ଚାଲିଲା । ମାସ ମାସ ବିତି ଗଲା । ଅତି ନିକଟରେ ରହିବା ହେତୁ ମଧୁପୁଷ୍ପା ଓ ରାମକରଣ ପରସ୍ପରକୁ ଭଲ ପାଇବାରେ ଲାଗିଲେ । ପ୍ରତ୍ୟେକ ବିଷୟରେ ନିଜ ନିଜ ଭିତରେ ପରାମର୍ଶ କରିବା ସହିତ ଉଭୟ ଉଭୟଙ୍କୁ ସାହାଯ୍ୟ ଓ ସହଯୋଗ କଲେ । ସେମାନଙ୍କ ଭିତରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କକୁ ଆଉ ଲୁଚାଇ ହେଲା ନାହିଁ । ଫଳରେ ରାଜକୁମାରୀଙ୍କ ଅନୁମତି ପାଇ ତାଙ୍କୁ ବିବାହ କରିବା ନିମନ୍ତେ ରାଜାଙ୍କୁ ଅନୁରୋଧ କରିବାକୁ ରାମକରଣ ସାହସ କଲା ।

ରାମକରଣ ମୁହଁରୁ ଏ ପ୍ରସ୍ତାବ ଶୁଣି ରାଜା ରାଗରେ ନିଆଁ ହୋଇଗଲେ । ରାଜାଙ୍କ ଆଦେଶରେ ତା' ଉପରେ ଭୟଙ୍କର ବେତମାଡ଼ ହେଲା । ତାକୁ ବନ୍ଦୀଶାଳାକୁ ପଠାଇ ଦିଆଗଲା ।

ଏ ଖବର ଶୁଣି ରାଜକୁମାରୀ ଦୁଃଖରେ ଭାଙ୍ଗି ପଡ଼ିଲେ । ତାକୁ ମୁକୁଳାଇବା ପାଇଁ ସେ ଖାଇବା ପିଇବା ଛାଡ଼ିଦେଲେ । ଏହିଭଳି ଅଘଟଣ ଘଟିବ ବୋଲି ରାଜା କେବେ ବି କଳ୍ପନା  କରି ନ ଥିଲେ । ସେ ଅତ୍ୟନ୍ତ ମର୍ମାହତ ହେଲେ । ଗୋଟିଏ ବୋଲି ସନ୍ତାନ ଯଦି ନଖାଇ ନପିଇ ମରିଯାଏ ତେବେ ତାଙ୍କ ସଂସାର ଉଜୁଡ଼ି ଯିବ । ଝିଅର ଜୀବନ ବଞ୍ଚାଇବା ପାଇଁ ରାମକରଣକୁ ମୁକ୍ତ କରିବା ଛଡ଼ା ରାଜାଙ୍କ ପାଖରେ ଅନ୍ୟ ଉପାୟ ନଥିଲା ।

ଠିକ୍ ସେତିକି ବେଳେ ଚତୁରୀ ରାଣୀ ବିବାହ ପ୍ରସ୍ତାବକୁ ଭାଙ୍ଗିବା ପାଇଁ ଏକ ଅଭିନବ ଉପାୟ ପାଞ୍ଚିଲେ । ସେ ରାଜାଙ୍କୁ କହିଲେ, ''ରାମକରଣକୁ ଏକ ଇନ୍ଦ୍ରନୀଳମଣି ରଙ୍ଗର ଗୋଲାପ ଖୋଜି ଆଣିବାକୁ ଆଦେଶ ଦିଆଯାଉ । ସେଥିପାଇଁ ତାକୁ ବର୍ଷଟିଏ ସମୟ ଦିଆଯାଉ । ଯଦି ସେ ଫୁଲ ଆଣି ଦେଇ ପାରିବ ତେବେ ମଧୁପୁଷ୍ପାକୁ ବିବାହ କରିବ, ନଚେତ୍ ତା'ର ମୁଣ୍ଡକାଟ ହେବ ।'' ରାଣୀଙ୍କର କଥା ଶୁଣି ରାଜା ଆଶ୍ଚର୍ଯ୍ୟ ହୋଇ କହିଲେ, ''ଇନ୍ଦ୍ରନୀଳମଣି ରଙ୍ଗର ଗୋଲାପ କ'ଣ ସତରେ ଅଛି ? କାହିଁ ମୁଁ ତ କେବେ ଶୁଣି ନାହିଁ । ଗୋଲାପ ଫୁଲ ମୋର କେତେ ପ୍ରିୟ ଆମ ମାଳୀ ତାହା ଜାଣେ । ଏମିତି ଫୁଲ ଯଦି ଥାଆନ୍ତା ସେ ତ ନିଶ୍ଚୟ ଆମ ବଗିଚାରେ ଲଗାଇଥା'ନ୍ତା ।'' ଉତ୍ତରରେ ରାଣୀ କହିଲେ, ''ମହାରାଜ, ଏପରି ଫୁଲ ସତରେ ଏ ଦୁନିଆରେ କେଉଁଠି ନାହିଁ । ସେଥିପାଇଁ ତ ଆମେ ତାକୁ ଏମିତି ଏକ ଫୁଲ ଖୋଜି ଆଣିବାକୁ କହିବା । ଏ ଅସମ୍ଭବ କାମ ସେ କରି ପାରିବ ନାହିଁ । ହୁଏତ ଖୋଜି ଖୋଜି ତା' ଜୀବନ ଯିବ, ନଚେତ୍ ସେ ଖାଲି ହାତରେ ଫେରି ଆସିବ । ତା'ପରେ ଆମେ ଯେଉଁ ଦଣ୍ଡ ଦେବାକୁ ଚାହିଁବା ଦେଇ ପାରିବା । ଇତି ମଧ୍ୟରେ ବର୍ଷେ ବିତି ଯାଇଥିବ । ବର୍ଷେକାଳ ନଦେଖି ରାଜକୁମାରୀ ନିଶ୍ଚୟ ତାକୁ ଭୁଲି ଯାଇଥିବ । ପରେ ଆମେ ତାକୁ କୌଣସି ଯୋଗ୍ୟ ପାତ୍ର ଦେଖି ବିବାହ କରିଦେବା ।''

ରାଣୀଙ୍କ କୌଶଳପୂର୍ଣ୍ଣ ପ୍ରସ୍ତାବ ଶୁଣି ରାଜା ଖୁସି ହୋଇଗଲେ । ଏପରି ସର୍ତ୍ତ ପୂରଣ କଲେ ତାଙ୍କ ଝିଅ ମଧୁପୁଷ୍ପାକୁ ବିବାହ କରି ପାରିବ ବୋଲି ରାଜା ରାମକରଣକୁ ଜଣାଇ ଦେଲେ । ରାଜା ରାମକରଣକୁ କହିଲେ, ''ମୁଁ ଗୋଲାପ ଫୁଲକୁ କେତେ ଭଲପାଏ ତୁମେ ଜାଣ । ତୁମେ ଯଦି ଏପରି ଏକ ଗୋଲାପ ଚାରା ଆଣିଦେବ ଯେଉଁଥିରେ ସୁନ୍ଦର ଇନ୍ଦ୍ରନୀଳ ରଙ୍ଗର ଫୁଲ ଫୁଟିଥିବ, ତେବେ ମୁଁ ଭାରି ଖୁସି ହେବି । ସେମିତି ଫୁଲ ଚାରାଟିଏ ପାଇଲେ ମୁଁ ଯେ କେବଳ ମୋ ଝିଅକୁ ତୁମ ସହିତ ବିବାହ କରାଇ ଦେବି ତାହା ନୁହେଁ, ତୁମକୁ ଏ ରାଜ୍ୟର ରାଜସିଂହାସନରେ ବସାଇ ରାଜା କରିଦେବି । ତା' ପରେ ମୁଁ ବଣକୁ ଯାଇ ଶେଷ ଜୀବନ ପରମେଶ୍ୱରଙ୍କର ଧ୍ୟାନ ଓ ପ୍ରାର୍ଥନାରେ କଟାଇ ଦେବି ।''

ରାଜାଙ୍କ ଆଦେଶ ଶୁଣି ରାଜକୁମାରୀ ଦୁଃଖରେ ଭାଙ୍ଗି ପଡ଼ିଲେ । ସେ ବୁଝିଗଲେ ଯେ ରାମକରଣ କଦାପି ଏପରି ଫୁଲ ପାଇବ ନାହିଁ । ଫୁଲ ଖୋଜି ଖୋଜି ବାଟରେ ତା' ଜୀବନ ଯିବ । ସେ ଶପଥ କଲେ ରାମକରଣ ଯଦି ଆଗାମୀ ଗ୍ରୀଷ୍ମ ଋତୁ ସୁଦ୍ଧା ଫେରି ନ ଆସେ ତେବେ ସେ ତାକୁ ଖୋଜିବା ପାଇଁ ବାପାଙ୍କ ରାଜନଅର ଛାଡ଼ି ଚାଲିଯିବେ । ରାମକରଣ କିନ୍ତୁ କାର୍ଯ୍ୟରେ ପୂରା ସଫଳ ହେବ ବୋଲି ଆଶା ପୋଷଣ କଲା । ରାଜକୁମାରୀଙ୍କ ପ୍ରତି ତା'ର ପ୍ରେମ ସମ୍ପୂର୍ଣ୍ଣ ସତ୍ୟ ଓ ବିଶୁଦ୍ଧ ହୋଇଥିବାରୁ ତା'ର ଦୃଢ଼ ବିଶ୍ୱାସ ଥିଲା, ରାଜା ଚାହୁଁଥିବା ଫୁଲଚାରା ସେ ନିଶ୍ଚୟ ଖୋଜି ଆଣିବ । ମନ ଦୁଃଖ ନ କରି ତାକୁ ଅପେକ୍ଷା କରିବାକୁ ଏବଂ ତା' ପାଇଁ ପ୍ରତିଦିନ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାକୁ କହି ସେ ରାଜକୁମାରୀଙ୍କୁ ସାନ୍ତ୍ୱନା ଦେଲା । ତହିଁ ପରଦିନ ରାମକରଣ ଗୋଲାପ ଫୁଲ ଖୋଜିବାକୁ ବାହାରିଗଲା । ସେହିଦିନଠାରୁ ରାଜକୁମାରୀ ମଧୁପୁଷ୍ପା ରାଜାଙ୍କ ସହିତ ଶିକାର କରିବାକୁ ଗଲେ ନାହିଁ । ସାରାଦିନ ନିଜର ଅତି ପ୍ରିୟ ଯୁବକ ରାମକରଣର ମଙ୍ଗଳ କାମନା କରି ପ୍ରାର୍ଥନାରେ ଦିନ ବିତାଇ ଦେଲେ ।

ରାଜଧାନୀର ସୀମା ଡେଇଁ ରାମକରଣ ଗଭୀର ଜଙ୍ଗଲରେ ପ୍ରବେଶ କଲା । ଅତି ଉତ୍ସାହ ସହିତ ଖୁସି ମନରେ ଇନ୍ଦ୍ରନୀଳ ଗୋଲାପ ଖୋଜିବାରେ ଲାଗିଗଲା । ଫୁଲଫୁଟିଥିବା ସବୁ ଗଛ, ବୁଦା ଓ ଚାରାକୁ ନିରେଖି ଦେଖିଲା । ମାତ୍ର କେଉଁଠି ହେଲେ ସେମିତି ଫୁଲ ଦେଖିବାକୁ ପାଇଲା ନାହିଁ । ଯେଉଁ ଲୋକଙ୍କୁ ଫୁଲ ବିଷୟରେ ପଚାରିଲା, ସେମାନେ ତା' କଥାକୁ ହସରେ ଉଡ଼ାଇ ଦେଲେ । ସେମାନେ ଭାବିଲେ ଲୋକଟା ନିଶ୍ଚୟ ପାଗଳ ଅଥବା ଖିଆଲୀ ହୋଇଥିବ ।

ବହୁଦିନ ଧରି ବୁଲି ବୁଲି ରାମକରଣ ଜଙ୍ଗଲର ଶେଷ ମୁଣ୍ଡରେ ପହଞ୍ଚିଲା । ସେଠାରେ ଏକ ଉଚ୍ଚ ପର୍ବତମାଳା ବହୁ ଦୂରକୁ ଲମ୍ବି ଯାଇଥିବାର ସେ ଦେଖିଲା । ଭାବିଲା, ବୋଧହୁଏ ସେହି ପର୍ବତମାଳାରେ ଗୋଲାପ ଚାରା ଥିବ । ସେଠାରେ ଅଟକି ପୁଣିଥରେ ସେଇ ନିର୍ଦ୍ଦିଷ୍ଟ ଗୋଲାପ ଖୋଜିବାରେ ସେ

ଲାଗିଗଲା । ବହୁଦିନ ଜଙ୍ଗଲରେ ବୁଲି ସେ ଥକି ଯାଇଥିଲା । ଖିଆପିଆର ଠିକ୍ ଠିକଣା ନ ଥିବାରୁ ତା' ଦେହ ଖୁବ୍ ଦୁର୍ବଳ ହୋଇ ଯାଇଥିଲା । ମାତ୍ର ନିଜ ଦେହ ପ୍ରତି ନଜର ନଦେଇ ସେ ଚାରିଆଡ଼େ ଗୋଲାପ ଚାରା ଖୋଜି ବୁଲିଲା ।

କୁଳୁକୁଳୁ ଶବ୍ଦ କରି ବୋହି ଯାଉଥିବା ପାହାଡ଼ୀ ନଈକୂଳରେ, କାନଫଟା ଶବ୍ଦ କରି ଉଚ୍ଚ ପର୍ବତ ଶିଖରରୁ ଝରି ପଡୁଥିବା ଜଳପ୍ରପାତ ପାଖରେ, ଶୀତୁଆ ପବନ ଲୁଚକାଳି ଖେଳୁଥିବା ଉଚ୍ଚ-ନୀଚ ପାହାଡ଼ ମଝିରେ ରାମକରଣ ଇନ୍ଦ୍ରନୀଳ ଗୋଲାପ ଖୋଜିବାରେ ଲାଗିଲା । ନିର୍ମଳ ଚନ୍ଦ୍ର-ଆଭାରେ ଉଦ୍ଭାସିତ ହେଉଥିବା ଜଙ୍ଗଲୀ ଫୁଲ ବଗିଚାରେ, ଚଢ଼େଇମାନେ ବସା ବାନ୍ଧିଥିବା ଡେଙ୍ଗା ଗଛଡାଳରେ, ପୁଣି ସୂର୍ଯ୍ୟକିରଣରେ ଝଟକୁଥିବା ପଥର ଚଟାଣରେ ଯେତେ ଖୋଜିଲେ ବି ସେ କେଉଁଠି ହେଲେ ଇନ୍ଦ୍ରନୀଳ ଗୋଲାପର ସନ୍ଧାନ ପାଇଲା ନାହିଁ । ଫୁଲ ବିଷୟରେ ସେ ଯାହାକୁ ପଚାରିଲା, ସେମାନେ କେବଳ ତାକୁ ବୋକା ବନାଇଲେ । ତା' ଅଜାଣତରେ ଥଟ୍ଟାକରି ତା' କଥାକୁ ହସରେ ଉଡ଼ାଇ ଦେଲେ ।

ଅନେକ ଲୋକ ତାକୁ ଅନେକ ପ୍ରକାର ପରାମର୍ଶ ଦେଲେ । କିଏ କହିଲା, ଅନୁରାଧାପୁରରେ ଥିବା ସିଂହଳ ରାଜାଙ୍କ ଉଦ୍ୟାନରେ ନିଶ୍ଚୟ ଏ ଫୁଲ ଫୁଟିଥିବ । ଭାରତର ଦକ୍ଷିଣ ପ୍ରାନ୍ତରେ ଥିବା କେପ୍ କମୋରିନ୍‌ଠାରେ ସମୁଦ୍ର ପାରି ହୋଇ ସିଂହଳ ଦେଶକୁ ଯିବାକୁ କେହି କେହି ପରାମର୍ଶ ଦେଲେ । ଆଉ କିଏ କହିଲା ମାଳଦ୍ୱୀପରେ ଯେଉଁଠି ସପ୍ତରଙ୍ଗୀ ଇନ୍ଦ୍ରଧନୁ ବେଳାଭୂମିକୁ ଛୁଇଁ ମୁକ୍ତା ଓ ପୋହଳାଭରା ବାଲିପଠାକୁ ଝଲସାଉଛି, ସେଠାରେ ହୁଏତ ଇନ୍ଦ୍ରନୀଳ ଗୋଲାପ ମିଳିବ । କାହା କଥା ଶୁଣିବ ଏବଂ କେଉଁଠି ଗୋଲାପ ଖୋଜି ପାଇବ, ଭାବି ଭାବି ରାମକରଣ ହତାଶ ହେଲା ।

ମାଇଲ ମାଇଲ ଦୂରରେ ଛାଡ଼ି ଆସିଥିବା ଅତି ଆଦରର ମଧୁପୁଷ୍ପା କଥା ତା'ର ମନେ ପଡ଼ିଲା । ସେ ନିଶ୍ଚିତ ଭାବେ ଜାଣିଗଲା ଯେ ମଧୁପୁଷ୍ପାକୁ ବିବାହ କରିବା ତା' ପକ୍ଷେ ସମ୍ଭବ ନୁହେଁ । ଅତି ବିକଳରେ ସେ କାନ୍ଦିବାରେ ଲାଗିଲା । ତା' ଆଖିରୁ ଲୁହ ବିନ୍ଦୁ ବିନ୍ଦୁ ହୋଇ ସେ ବସିଥିବା ପଥର ଚଟାଣ ଉପରେ ଝରିବାକୁ ଲାଗିଲା । ଲୁହରେ ଭିଜି ପଥର ଉପରେ ଜମିଥିବା ଶିଉଳି ଓ ମଇଳା ସବୁ ଧୋଇଯିବାରୁ ପଥର ଉପରେ ଏକ ଅଦ୍ଭୁତ ନୀଳ ରଙ୍ଗର ରେଖା ଦେଖାଗଲା । ରାମକରଣ ପଥରର ସେହି ଅଦ୍ଭୁତ ରଙ୍ଗକୁ ବହୁ ସମୟ ଧରି ନିରେଖି ଚାହିଁଲା । କୌତୂହଳୀ ହୋଇ ପଥରକୁ ଆଞ୍ଜୁଡ଼ି ପକାଇଲା । ସୁନ୍ଦର ନୀଳ ରଙ୍ଗର ପଥର ଚଟାଣ ଦେଖି ରାମକରଣର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଭାବିଲା, ପଥର ଚଟାଣର କିଛି ଅଂଶ ଯଦି ଏପରି ନୀଳ, ତେବେ ହୁଏତ ଆଖ ପାଖରେ ଏପରି ନୀଳ ରଙ୍ଗର ଫୁଲ କେଉଁଠି ଫୁଟିଥିବ । ସେ ଖୋଜିବା ଆରମ୍ଭ କରିଦେଲା ।

ବସନ୍ତ ଋତୁ ଆସିବା ସମୟ ହୋଇ ଯାଇଥିଲା । ଫୁଲ ଗଛମାନଙ୍କରେ ନୂଆ ପତ୍ର କଅଁଳିବା ଆରମ୍ଭ ହୋଇ ଯାଇଥିଲା । ଚାରିଆଡ଼େ ପଥର ଚଟାଣ ସବୁ ଜଙ୍ଗଲୀ ଫୁଲରେ ଭରି ଯାଇଥିଲା । ସେଥିରୁ କେତେକ ଫୁଲର ରଙ୍ଗ ଇନ୍ଦ୍ରନୀଳ ବର୍ଣ୍ଣ ଥିବାର ରାମକରଣ ଦେଖିବାକୁ ପାଇଲା । ମାତ୍ର ରାମକରଣ ଖୋଜୁଥିଲା ଇନ୍ଦ୍ରନୀଳ ବର୍ଣ୍ଣର ଗୋଲାପ, ଜଙ୍ଗଲୀ ଫୁଲ ନୁହେଁ । ସେ ଅଞ୍ଚଳରେ ଗୋଲାପ ନଥିଲା । ତଥାପି ସେ ଖୋଜି ଖୋଜି ଚାଲିଲା । ଶେଷରେ ଏକ ଉଚ୍ଚ ପାହାଡ଼ ଉପରେ ଜଙ୍ଗଲୀ ଗୋଲାପ ବୁଦାଟିଏ ଦେଖିବାକୁ ପାଇଲା । ଗୋଲାପ ଚାରାଟିକୁ ଅତି ଯତ୍ନରେ ମୂଳରୁ ଖୋଳି ଆଣିଲା । ନୀଳ ପଥର ଚଟାଣରେ କିଛି ମାଟି ଦେଇ ପୋତି ଦେଲା । ଦିନ ଦିନ ଧରି ଚାରାଟିର ଯତ୍ନନେଲା । ସାଧାରଣ ଧଳା ଗୋଲାପ ଫୁଟିଥିବା ଚାରାଟିର ନୂଆଫୁଲର ରଙ୍ଗ ନୀଳ ହେବ କି ନାହିଁ ଦେଖିବାକୁ ଆଗ୍ରହର ସହିତ ଅପେକ୍ଷା କଲା । ପ୍ରାୟ ମାସେକାଳ ଅତି ଯତ୍ନରେ ଗଛଟିକୁ ବଢ଼ାଇବା ପରେ ଗୋଲାପ ଚାରାଟିରେ ନୀଳ ରଙ୍ଗର ଫୁଲ ଫୁଟିବାକୁ ଆରମ୍ଭ କଲା । ସେହି ଦୃଶ୍ୟ ଦେଖି ରାମକରଣ ଆଣ୍ଠୁମାଡ଼ି ପ୍ରାର୍ଥନା କଲା । ଅବଶେଷରେ ଠିକଣା ଜାଗାକୁ ପଠାଇ ତା'ର ଲକ୍ଷ୍ୟ ପୂରଣ କରିଥିବାରୁ ଈଶ୍ୱରଙ୍କୁ ଶତକୋଟି ପ୍ରଣାମ କଲା ।

ରାମକରଣ ଏବେ ନିଶ୍ଚିତ ହୋଇଗଲା ଯେ ରାଜା ଯେଉଁ ରଙ୍ଗର ଚାହୁଁଥିଲେ, ଗୋଲାପଗୁଡ଼ିକ ଠିକ୍ ସେହି ଇନ୍ଦ୍ରନୀଳମଣି ରଙ୍ଗର ଫୁଲ । ଫୁଲ ବୁଦାଟିକୁ ପୁଣି ଥରେ ମାଟିରୁ ଖୋଳି ଗୋଟିଏ ଟୋକେଇରେ ରଖିଲା । ଫୁଲ ଟୋକେଇଟିକୁ ଧରି ରାଜନଅରକୁ ଫେରିବା ବାଟ ଧରିଲା । ଗୋଲାପ ଖୋଜିବା ପାଇଁ ସେ ବହୁତ ଦୂର ଚାଲି ଆସିଥିଲା । ବର୍ତ୍ତମାନ ସେତିକି ବାଟ ଫେରିବାକୁ ତାକୁ ପଡ଼ିବ । ଫେରୁଥିବା ବାଟରେ ଶୋଷ ଲାଗିଲେ ପାଣି ଖୋଜି ଶୋଷ ମେଣ୍ଟାଏ । ଖରାର ତେଜ ଅଧିକ ହେଲେ ଗଛ ମୂଳରେ ଥକା ମେଣ୍ଟାଏ । ଖରା ନଇଁଲେ ପୁଣି ଚାଲେ । ଏହିପରି ଭାବେ ଧୈର୍ଯ୍ୟଧରି ବହୁ ଦିନ ଚାଲିବା ପରେ

ତା'ର ଅତି ପ୍ରିୟ ରାଜପ୍ରାସାଦର ଗମ୍ବୁଜ ଦେଖାଗଲା । ସେହିଦିନ ସେ ପ୍ରାସାଦର ସିଂହଦ୍ୱାରରେ ପହଞ୍ଚିଗଲା ।

ଇନ୍ଦ୍ରନୀଳ ଫୁଲ ଫୁଟିଥିବା ଗୋଲାପ ଧରି ରାମକରଣ ଫେରୁଛି, ଏ ଖବର ସେ ପହଞ୍ଚିବା ଆଗରୁ ରାଜଧାନୀରେ ପ୍ରଚାର ହୋଇ ଯାଇଥିଲା । ସମସ୍ତ ନଗରବାସୀ ତାକୁ ସ୍ୱାଗତ ଜଣାଇବା ପାଇଁ ବାହାରି ଆସିଥିଲେ । ରାଜାଙ୍କୁ ଏ ଖବର ଜଣାଇ ଦିଆ ଯାଇଥିଲା । ସେ ମଧ୍ୟ ରତ୍ନଖଚିତ ହାତୀ ଉପରେ ବସି ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ । ଅତି ଆଦରର ଅଲିଅଳି ଝିଅର ଯୁବ ପ୍ରେମିକକୁ ବାହାରକୁ ପଠାଇ ଏପରି କଷ୍ଟ ଦେଇଥିବାରୁ ରାଜା ବହୁତ ଦୁଃଖରେ ଥିଲେ । ଝିଅକୁ କୌଣସି କାମ କରିବାକୁ ମନେଇବା ପାଇଁ ରାଜା ସଙ୍କୋଚ ବୋଧ କରୁଥିଲେ । ତାଙ୍କ ଭାବୀ ଜ୍ୱାଇଁ ରାମକରଣ ଫେରିଆସୁଛି, ଏହି ଖବର ଶୁଣି ରାଜା ଆନନ୍ଦରେ ଅଧୀର ହୋଇଥିଲେ । ତା' ଛଡ଼ା ଯେଉଁ ଅମୂଲ୍ୟ ଜିନିଷଟି ଦୁନିଆରେ ନଥିଲା, ସେଭଳି ଜିନିଷ ରାମକରଣ କେଉଁଠି ଓ କିପରି ପାଇଲେ, ସେଇ ରହସ୍ୟ ଜାଣିବା ପାଇଁ ରାଜାଙ୍କ ଆଗ୍ରହ ବଢ଼ି ଯାଇଥିଲା ।

ଗୋଲାପ ଚାରାର ବୋଝଟିକୁ ମୁଣ୍ଡରେ ଧରି ରାମକରଣ ରାଜାଙ୍କ ଆଡ଼କୁ ଧୀରେ ଧୀରେ ଆଗେଇ ଚାଲିଲା । ବୋଝକୁ ହାତୀର ପାଦ ପାଖରେ ଥୋଇଦେବା ମାତ୍ରେ ହାତୀ ସେଇ ଅମୂଲ୍ୟ ଉପହାରଟିକୁ ନିଜ ଶୁଣ୍ଢରେ ଉଠାଇ ନେଲା । ଅତି ଯତ୍ନରେ ତାହାକୁ ପିଠି ଉପରେ ବସିଥିବା ରାଜାଙ୍କୁ ଦେଲା । ଇନ୍ଦ୍ରନୀଳ ରଙ୍ଗର ଗୋଲାପଗୁଡ଼ିକୁ ଦେଖି ରାଜା ଏପରି ଆଶ୍ଚର୍ଯ୍ୟ ହୋଇଗଲେ ଯେ ଖୁସିରେ ତାଙ୍କ ମୁହଁରୁ ଭାଷା ବି ବାହାରିଲା ନାହିଁ ।

ରାଜ୍ୟସାରା ଆନନ୍ଦର ଲହରୀ ଖେଳିଗଲା । ସେହି ଉପଲକ୍ଷେ ବିରାଟ ଭୋଜିର ଆୟୋଜନ କରାଗଲା । ରାଜକୁମାରୀଙ୍କ ଶୁଭ ବିବାହ ପାଇଁ ସମସ୍ତ ପ୍ରକାର ଆୟୋଜନ ଆରମ୍ଭ ହୋଇଗଲା । ନିଜର ଅତି ପ୍ରିୟ ପୁରୁଷ ରାମକରଣଙ୍କୁ ପାଖରେ ପାଇ ମଧୁପୁଷ୍ପା ଆନନ୍ଦରେ ବିଭୋର ହେଲେ । ଧୁମ-ଧାମରେ ବିବାହ ଶେଷ ହେଲା । ନିଜ କହିବା ଅନୁସାରେ ରାଜ୍ୟ ଶାସନର ସମସ୍ତ ଦାୟିତ୍ୱ ରାଜା ଝିଅ ଜ୍ୱାଇଁଙ୍କୁ ସମର୍ପି ଦେଲେ । ଜୀବନର ଶେଷ ସମୟ ଧ୍ୟାନ ପ୍ରାର୍ଥନାରେ ବିତାଇବା ପାଇଁ ବଣକୁ ଚାଲିଗଲେ ।

ଇନ୍ଦ୍ରନୀଳ ଗୋଲାପ ଖୋଜିବାକୁ ଯାଇ ରାମକରଣ ନିଜ ଅଜାଣତରେ ରାଜ୍ୟର ପାହାଡ଼ମାନଙ୍କରେ ଥିବା ମୂଲ୍ୟବାନ୍ ଇନ୍ଦ୍ରନୀଳ ପଥର ଖଣିର ସନ୍ଧାନ ପାଇଥିଲେ । ସେହି ମୂଲ୍ୟବାନ୍ ପଥର କିଣିବା ପାଇଁ ଦେଶ ବିଦେଶର ଧନୀ ବଣିକମାନେ ରାଜ୍ୟରେ ପହଞ୍ଚିବାରେ ଲାଗିଲେ । ରାଜକୋଷରେ ବିପୁଳ ଅର୍ଥ ଜମାହେଲା । ରାଜ୍ୟରେ ବହୁ ଜନହିତକର କାମ ହେଲା । ରାଜ୍ୟବାସୀ ସୁଖରେ ରହିଲେ । ରାଜ୍ୟର ସବୁଠାରୁ ବଡ଼ ଆକର୍ଷଣ ହେଲା ଇନ୍ଦ୍ରନୀଳ ଗୋଲାପ । ସେ ରଙ୍ଗର ଗୋଲାପ କେବଳ ସେହି ରାଜ୍ୟରେ ହିଁ ଫୁଟିଥାଏ । ଭ୍ରମଣକାରୀମାନେ ଦୂର ଦୂରାନ୍ତରୁ ଆସି ବିରଳ ରଙ୍ଗର ସେହି ଗୋଲାପର ଅପୂର୍ବ ଶୋଭା ଦେଖି ମୁଗ୍ଧ ହୁଅନ୍ତି ।

(ଅନୁବାଦ : ସନାତନ ମହାନ୍ତି)

❑❑❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର, ପିନ୍ – ୭୫୧ ୦୩୦, ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ B.A. B.Ed./BSc B.Ed କିଂବା M.A. B.Ed./ MSc. B. Ed. ଶିକ୍ଷାଗତ ଯୋଗ୍ୟତା ଥିବା ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଯୋଗାଯୋଗ : ଶ୍ରୀ ଅଜିତ୍ ମହାନ୍ତି (ସମ୍ପାଦକ)

ମୋବାଇଲ୍ ନମ୍ବର : ୯୪୩୭୧୯୦୪୬୪/ ୮୯୧୭୬୦୭୧୯୯

# ସର୍ବରୂପମୟୀ ଦେବୀ

## (୪)

## କୁମାର ଚନ୍ଦ୍ର ମିଶ୍ର

### ମେସୋପୋଟେମିଆର ଦେବୀଗଣ :

ଟାଇଗ୍ରୀସ୍ ଓ ୟୁଫ୍ରେଟିସ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳକୁ ମେସୋପୋଟେମିଆ (Mesopotemia) ବୋଲି କୁହାଯାଏ । ଅଧୁନା ଇରାକ୍, ଇରାନ୍, ଟର୍କି, ସିରିଆ ଆଦି ଦେଶ ଏ ଅଞ୍ଚଳରେ ଅବସ୍ଥିତ । ସବୁ ଦେଶ ପରି ବିଭିନ୍ନ ସମୟରେ ବିଭିନ୍ନ ଜାତି (Nation) ଦ୍ୱାରା ଯେଉଁସବୁ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା ତାହାକୁ ବେବିଲୋନୀୟନ୍ ସଭ୍ୟତା, ସୁମେରିଅନ୍ ସଭ୍ୟତା ଓ ଚାଲଡ଼ିଅନ୍ ସଭ୍ୟତା ବୋଲି ଅଭିହିତ କରାଯାଏ । ସେମାନଙ୍କ ଦ୍ୱାରା ପୂଜିତ କେତେଜଣ ମୁଖ୍ୟ ଦେବୀ ହେଲେ :

୧. **ନିନ୍‌ହୁରସାଗ୍** (Ninhursag) : ପର୍ବତବାସିନୀ ଜନନୀ ନିନ୍‌ହୁରସାଗ୍ ମେସୋପୋଟେମିଆ ପରମ୍ପରାର ସବୁଠୁ ପ୍ରାଚୀନତମ ଦେବୀ ରୂପେ ପରିଗଣିତ ହୁଅନ୍ତି । ଉଭୟ ଦେବତା ଓ ମାନବଗଣଙ୍କର ସେ ଜନନୀ ଅଟନ୍ତି । ଏହି ପରିପୋଷଣ-ଦାୟିନୀ ଦେବୀ ସୁମେରୁରେ ଦମ୍‌ଗାଲ୍‌ନୁନା (Damgalnuna) ନାମରେ ପୂଜିତା । ଗ୍ରୀକ୍ ଅକ୍ଷର 'ଓମେଗା'(w) ଓ ଛୁରୀ ହେଲା ତାଙ୍କରି ପ୍ରତୀକ । ଓମେଗା ଭଗଦେଶକୁ ଚିହ୍ନିତ କରେ ଓ ଛୁରୀଟି ନାଭିକର୍ତ୍ତନ ପାଇଁ ଉଦ୍ଦିଷ୍ଟ । ଏଥିରୁ ଅନୁମିତ ହୁଏ ଯେ ସନ୍ତାନ ପ୍ରସବ ସମ୍ପର୍କିତ ସେ ଜଣେ ଦେବୀ ।

୨. **ଇର୍‌କାଲା** (Irkalla) : ସୁମେରିଅନ୍ କିଂବଦନ୍ତୀ ଅନୁଯାୟୀ ଇର୍‌କାଲା ହେଲେ ପାତାଳପୁରୀ ବା ପ୍ରେତପୁରୀର ଅଧିଷ୍ଠାତ୍ରୀ ଦେବୀ । ସୁମେରିଅନ୍ ସାହିତ୍ୟରେ ସେ ନିଙ୍କିଗଲ୍ (Ninkigal) ନାମରେ ସୁପରିଚିତା । ମୃତମାନଙ୍କ ରାଜ୍ୟରେ ସେ ନିୟମମାନ ପ୍ରଣୟନ କରି ବିଚାରାଳୟରେ ସେମାନଙ୍କ ପାଇଁ ନିଷ୍ପତ୍ତି ନିର୍ଦ୍ଧାରଣ କରିଥା'ନ୍ତି । ପ୍ଲେଗ୍ ରୋଗକୁ ନିୟନ୍ତ୍ରଣ କରୁଥିବା ଦେବତା ନେରଗାଲ (Nergal) ତାଙ୍କରି ସ୍ୱାମୀ ଓ ସହଯୋଗୀ (Consort) । ଗ୍ରୀକ୍‌ଦେବୀ ହେଡ଼ସ୍ (Hades)ଙ୍କର ସେ ସମତୁଲ୍ୟା ।

୩. **ନାନ୍‌ସେ** (Nanshe) : ସାମାଜିକ ନ୍ୟାୟ, ଭବିଷ୍ୟକଥନ, ଉତ୍ପାଦନ କ୍ଷମତା (Fertility)ର ଏବଂ ମୁଖ୍ୟତଃ ମତ୍ସ୍ୟଜୀବୀ ଓ ବଣ୍ୟଜୀବୀମାନଙ୍କର ଅଧିଷ୍ଠାତ୍ରୀ ଦେବୀ ରୂପେ ସେ ପରିଚିତା । ପର୍ସିଆନ୍ ସାଗର ବା ଜଳାବର୍ତ୍ତ ହେଲା ତାଙ୍କରି ସାମ୍ରାଜ୍ୟ । ପୃଥ୍ୱୀ ଦେବତା ଏନ୍‌କୀ (Enki) ଓ ମାତୃଦେବୀ ନିନ୍‌ହୁରସାଗ (Ninhursag) ତାଙ୍କରି ପିତାମାତା ଅଟନ୍ତି । ସାଗର ସମୂହରେ କର ଆଦାୟ କରୁଥିବା (Tax Collector of the Sea) ନୀନଦାରା (Nindara) ତାଙ୍କରି ସ୍ୱାମୀ ଓ ସହଯୋଗୀ । ମତ୍ସ୍ୟ ସଂଗ୍ରହ କରୁଥିବା ପୋତସବୁ ଯେପରି ନିରାପଦରେ କୂଳକୁ ଫେରି ଆସିବେ ସେଥିଲାଗି ସେ ସର୍ବଦା ସଜାଗ ଓ ଯତ୍ନଶୀଳା ହୋଇ ରହିଥା'ନ୍ତି । ତାଙ୍କରି ଅନୁଗାମୀ ତଥା ଭକ୍ତଗଣଙ୍କୁ ଭବିଷ୍ୟ-କଥନ (Prophecy)ର ସାମର୍ଥ୍ୟ ପ୍ରଦାନ କରିଥା'ନ୍ତି । ଅନ୍ୟ ଦେବତାମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରିବା, ବିଧବା ଓ ଅନାଥମାନଙ୍କୁ ସାହାଯ୍ୟ କରିବା, ରଣାକ୍ରାନ୍ତ ବ୍ୟକ୍ତିମାନଙ୍କୁ ଉଚିତ ପରାମର୍ଶ ଦେବା ତାଙ୍କ କର୍ମଧାରାର ପରିସରଭୁକ୍ତ ହୋଇ ରହିଥାଏ ।

୪. **ଇନାନା** (Inanna) : ସୁମେରିଅନ୍ ପରମ୍ପରାରେ ପୂଜିତା ଏହି ଦେବୀ ପ୍ରେମ, ସୌନ୍ଦର୍ଯ୍ୟ, ସୃଜନଶୀଳତା, ନ୍ୟାୟ, ଯୁଦ୍ଧ, ପ୍ରଜନନ, ଯୌନାଦିର ଅଧିଷ୍ଠାତ୍ରୀ ନାରୀ ଶକ୍ତି ରୂପେ ସୁପରିଚିତା । ଉଷା ଓ ସନ୍ଧ୍ୟାର ତାରକା ଭେନାସ (Venus)ର ସେ ପ୍ରତିରୂପ ଓ ଗ୍ରୀକ୍‌ଦେବୀ ଏଫ୍ରୋଡ଼ାଇଟ୍‌ଙ୍କର ସମକକ୍ଷ । ତାଙ୍କରି ନାମର ଆକ୍ଷରିକ ଅର୍ଥ ହେଲା 'ସ୍ୱର୍ଗ ବା ଆକାଶର ସମ୍ମାନିତା ନାରୀ' (Lady of the heaven or sky) ।

୫. **ଶାଲା** (Shala) : ଦେବଦେବୀମାନଙ୍କ ଆଶୀର୍ବାଦ ଯୋଗୁଁ ହିଁ ଶସ୍ୟ ଉତ୍ପାଦନରେ ପ୍ରାଚୁର୍ଯ୍ୟ ସମ୍ଭବ ହୋଇଥାଏ ବୋଲି ସୁମେରିଅନ୍‌ମାନେ ବିଶ୍ୱାସ କରୁଥିଲେ । 'ଶାଲା' ସେହିପରି ଜଣେ ଦେବୀ ଯାହାଙ୍କର କରୁଣାରୁ ପ୍ରଚୁର ଶସ୍ୟ ଉତ୍ପାଦନ ହୋଇଥାଏ । ପ୍ରଜନନର ଦେବତା ଡ୍ରାଗନ୍ (Dragon)ଙ୍କର ସେ ପତ୍ନୀ ଓ ଝଡ଼ର ଦେବତା ହାଡ଼ାଡ଼ (Hadad)ଙ୍କର ସେ ସହଯୋଗୀ (Consort) । ଦୁଇ ଧାରୁଆ ମୂଷଳ ଓ ସିଂହର ମସ୍ତକ ଖଚିତ ବକ୍ରାକୃତି ଖଣ୍ଡା ତାଙ୍କର

ଆୟୁଧ । ସେ କନ୍ୟା ରାଶି ଭିର୍ଗୋ (Virgo)ଙ୍କ ସହ ସମ୍ବନ୍ଧିତ ଜଣେ ଆରାଧ୍ୟା ଦେବୀ ।

୬. **ନୀନ୍‌ଲିଲ୍** (Ninlil) : ଝଡ଼ର ଦେବତା ଏନ୍‌ଲିଲ୍ (Enlil)ଙ୍କ ପତ୍ନୀ ନୀନ୍‌ଲିଲ୍ ବାୟୁମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ଯାହାଙ୍କ ଔରସରୁ ଚନ୍ଦ୍ରଦେବ (Nanna) ଓ ମୃତ୍ୟୁର ଦେବତା ନେରଗାଲ (Nergal) ଜନ୍ମଗ୍ରହଣ କରିଥିଲେ ।

୭. **କୀଷାର** (Kishar) : ଧରିତ୍ରୀ ମାତା ରୂପେ ଉପାସିତା ଏହି ଦେବୀ ଅନ୍ଧକାରର ଦେବତା ଅବ୍‌ଜୁ (Abzu) ଓ ଆଦିମ ବିଶୃଙ୍ଖଳାର ଦେବୀ ତୀତ୍‌ମାତ୍ (Titmat)ଙ୍କର ଜ୍ୟେଷ୍ଠା କନ୍ୟା ଓ ଆକାଶର ଦେବତା ଅନୁ (Anu)ଙ୍କର ଜନନୀ ଅଟନ୍ତି ।

୮. **ଜେଷ୍ଟିନାମା** (Gestinama) : ସ୍ୱପ୍ନ ବିଶ୍ଳେଷଣ, ଉତ୍ପାଦନ କ୍ଷମତା ଓ କୃଷି ସହ ଜଡ଼ିତ ଜଣେ ଗ୍ରାମ୍ୟ ଦେବୀ ଅଟନ୍ତି ଯିଏ ସୁରକ୍ଷା ଓ ପ୍ରଜନନ କ୍ଷମତାର ଦେବତା ନିଙ୍ଗୀସ୍‌ଜିଡ଼ା (Ningishzida)ଙ୍କୁ ବିବାହ କରିଥିଲେ ।

୯. **ନୀନ୍‌କାଶୀ** (Ninkasi) : ଫେନିଳ ସ୍ୱଚ୍ଛ ଜଳରୁ ଉତ୍ପନ୍ନ ଏହି ଦେବୀ ସ୍ୱର ରାଗିଣୀର ତାଳେ ତାଳେ ପ୍ରତିଦିନ ଉତ୍କୃଷ୍ଟ ମଦିରା ପ୍ରସ୍ତୁତ କରି ସୁମେରିଅନ୍‌ମାନଙ୍କର ହୃଦୟର କାମନା-ବାସନାଗୁଡ଼ିକୁ ପୂରଣ କରିଥା'ନ୍ତି ।

୧୦. **ଟିଆମେଟ୍** (Tiamat) : ବେବିଲୋନ୍‌ର ପ୍ରଥମ ପିଢ଼ିର ଦେବଦେବୀମାନଙ୍କୁ ଜନ୍ମ ଦେଇଥିବା ଲବଣ ସାଗରରୁ ଉତ୍ପନ୍ନ ଏହି ଦେବୀଙ୍କୁ ଡ୍ରାଗନ୍ ଓ ସମୁଦ୍ର ସର୍ପଗଣ ପ୍ରତିନିଧିତ୍ୱ କରିଥା'ନ୍ତି ।

ବିଶ୍ୱର ପ୍ରତ୍ୟେକ ସଭ୍ୟତାରେ ଏହିପରି ଅଗଣନ ଦେବୀଙ୍କର ପରିକଳ୍ପନା କରାଯାଇଛି । ଶତାଧିକ ସ୍ୱାଦିଷ୍ଟ ବ୍ୟଞ୍ଜନକୁ ଅଙ୍ଗୁଳି ଦ୍ୱାରା ଆସ୍ୱାଦନ କଲାପରି ଏଠାରେ ସହସ୍ରାଧିକ ଦେବୀମାନଙ୍କ ମଧ୍ୟରୁ କେବଳ କତିପୟ ଦେବୀଙ୍କ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଗଲା ମାତ୍ର ।

ତେବେ ଭାରତୀୟ ପରମ୍ପରା ଓ ସଂସ୍କୃତିରେ ଦେବୀମାନଙ୍କୁ ଯେପରି ମହିମାନ୍ୱିତ କରାଯାଇଛି ଅନ୍ୟ କୌଣସି ଦେଶର ପରମ୍ପରାରେ ସେହିପରି ଲକ୍ଷ୍ୟ କରାଯାଏ ନାହିଁ । ଜୀବନର ସାଧାରଣ ଆବଶ୍ୟକତା, ଯଥା– ଉତ୍ପାଦନକ୍ଷମତା, କୃଷି, ସ୍ୱାସ୍ଥ୍ୟ, ସୁରକ୍ଷା, ଯୁଦ୍ଧ, ଜନ୍ମ, ମୃତ୍ୟୁ, ପ୍ରେମ, ବିବାହ, ବାଣିଜ୍ୟ, ଭାଗ୍ୟ, ନିୟତି ଭବିଷ୍ୟକଥନ ଇତ୍ୟାଦି ଓ ପ୍ରକୃତି ସମ୍ବନ୍ଧୀୟ କେତେକ ଅଭିବ୍ୟକ୍ତି ଓ ଘଟଣା ଯଥା – ବିଜୁଳି, ପ୍ରତିଧ୍ୱନି (echo), ଆକାଶ, ସାଗର, ପଶୁପକ୍ଷୀ, ଜୀବଜନ୍ତୁ, ପୁଷ୍ପସମ୍ଭାର, ଋତୁଚକ୍ର, ନଦନଦୀ, ପର୍ବତମାଳା, ରାତ୍ରି, ଅନ୍ଧକାର, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରମାଳାଦି ସହ ଜଡ଼ିତ ଦେବୀମାନଙ୍କର ପରିକଳ୍ପନା କରାଯାଇଛି । କିନ୍ତୁ ସତ୍ୟଚେତନା, ଚରମପରମ ଜ୍ଞାନ, ପ୍ରଜ୍ଞା, କରୁଣା, ଶାନ୍ତି, ଆନନ୍ଦ, ପ୍ରେମ ପ୍ରଚଣ୍ଡତା ଓ ଅସୀମତା କେବଳ ଭାରତୀୟ ଦେବୀଗଣଙ୍କର ବିଶେଷତ୍ୱ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତ୍ରିଦେବ ସମେତ ଇନ୍ଦ୍ରାଦି ଦେବଗଣ ଯେତେବେଳେ ଆସୁରୀ ଶକ୍ତିର ସମ୍ମୁଖୀନ ହୋଇ ନପାରନ୍ତି ସେତେବେଳେ ସେମାନେ ଆଦ୍ୟାଶକ୍ତିଙ୍କୁ ଆବାହନ କରିଥା'ନ୍ତି ଓ ମା ଆଦ୍ୟାଶକ୍ତି ପ୍ରବଳ ପରାକ୍ରମୀ ଅସୁରମାନଙ୍କୁ ନିଧନ କରିଥା'ନ୍ତି । ମହିଷାସୁର ବଧ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ମାୟାବୀ ଦୁର୍ଦ୍ଦାନ୍ତ ଦଶାନନ ରାବଣକୁ ପରାସ୍ତ କରିବା ଲାଗି ସ୍ୱୟଂ ବିଷ୍ଣୁଙ୍କ ଅବତାର ମର୍ଯ୍ୟାଦାପୁରୁଷ ଧନୁର୍ଦ୍ଧାରୀ ଶ୍ରୀରାମଙ୍କୁ ୧୦୮ଟି ନୀଳକମଳ ଅର୍ପଣ କରି ଆଦ୍ୟାଶକ୍ତିଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିଲା । ଅଷ୍ଟାଧିକ ଶତ ନୀଳକମଳଟି ବାରଂବାର ଉଭେଇ ଯାଉଥିବା ଯୋଗୁଁ ରାଜୀବଲୋଚନ ଶ୍ରୀରାମ ନିଜ ଚକ୍ଷୁକୁ ଉତ୍ପାଟିତ କରି ମା'ଙ୍କ ପାଦପଦ୍ମରେ ଅର୍ପଣ କରିଥିଲେ ଓ ମା ଆଦ୍ୟାଶକ୍ତିଙ୍କ ଆଶୀର୍ବାଦ ଓ କୃପା ପ୍ରାପ୍ତ କରି ରାବଣକୁ ନିଧନ କରିଥିଲେ । ପୁଣି ମାୟାବୀ ପ୍ରବଳ ପ୍ରତାପୀ ଶତାନନ ଦ୍ୱାରା ଶ୍ରୀରାମଙ୍କ ସମେତ ସମସ୍ତ ରାମସେନା ମୂର୍ଚ୍ଛିତ ହେବା ଯୋଗୁଁ ବ୍ରହ୍ମାଙ୍କର ନିର୍ଦ୍ଦେଶ କ୍ରମେ ସ୍ୱୟଂ ସତୀ ସୀତା ଯୁଦ୍ଧଭୂମିରେ ଅବତୀର୍ଣ୍ଣା ହୋଇ ନବଦୁର୍ଗାଙ୍କ ସହାୟତାରେ ଶତାନନ ଓ ତା'ର ଅସରନ୍ତି ସେନାକୁ ଧ୍ୱଂସ କରିଥିଲେ । ଦେବୀ ଲକ୍ଷ୍ମୀଙ୍କୁ ରୁଷ୍ଟ କରିବା ଯୋଗୁଁ ସ୍ୱୟଂ ପରଂବ୍ରହ୍ମ ଚକାଡ଼ୋଳା ଶ୍ରୀଜଗନ୍ନାଥ ନିଜ ଜ୍ୟେଷ୍ଠଭ୍ରାତା ହଳଧର ବଳଭଦ୍ରଙ୍କ ସହ କିଛି ଦିନ ଭିକ୍ଷାବୃତ୍ତି କରି ଅନାହାରରେ କାଳାତିପାତ କରିବାକୁ ହେଲା । ଏହିପରି ନାରୀଶକ୍ତିର ପ୍ରତିଭୂ ଦେବୀଗଣଙ୍କୁ ଚରମ ଶ୍ରେୟତା ଓ ଗୁରୁତ୍ୱ ଦିଆଯାଇଥିବା ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ ।

ଦେବଦେବୀମାନଙ୍କ ସମ୍ପର୍କରେ ଆଲୋଚନା କଲାବେଳେ ଗୋଟିଏ ବିଶେଷ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଅନୁଧ୍ୟାନ କରିବା ଜରୁରୀ ମନେହୁଏ । ମୋ ଦେବୀ, ଆମ ଅବତାର, ମୋ ଧର୍ମଦୂତ ଭଗବାନ୍ ବା ମୋ ଭଗବତୀ ବୋଲି ଚିତ୍କାର କରି ଦାବି କରିବା ଓ ଅନ୍ୟ ଦେବଦେବୀମାନଙ୍କୁ ହେୟଜ୍ଞାନ କରିବା ସାଧକ ପକ୍ଷେ ଆଦୌ ବାଞ୍ଛନୀୟ ନୁହେଁ । ଏ

ସଂକ୍ରାନ୍ତରେ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି : ‘‘All sectarianism, all fanaticism must be shunned; for it is inconsistent with the integrity of the divine realisation.’’

(Synthesis of Yoga, p. 66)

ଅର୍ଥାତ୍, ‘‘ଯାବତୀୟ ସାଂପ୍ରଦାୟିକତା, ଯାବତୀୟ ଅନ୍ଧସମର୍ଥନଠାରୁ ଦୂରେଇ ରହିବାକୁ ହେବ, କାରଣ ତାହା ପୂର୍ଣ୍ଣ ଦିବ୍ୟ ଉପଲବ୍ଧିର ବିରୁଦ୍ଧାଚରଣ କରେ ।’’

ପୁନଶ୍ଚ ତତ୍ରୈବ କୁହାଯାଇଛି : ‘‘On the contrary, the sadhaka of the Integral Yoga will not be satisfied until he has included all other names and forms of Deity in his own conception, seen his own Ishta Devata in all others, unified all Avatars in the unity of Him who descends in the Avatar, welded the truth in all teachings into the harmony of the Eternal Wisdom.’’

(The Synthesis of Yoga, p. 66)

ଅର୍ଥାତ୍, ‘‘ବରଂ ଅନ୍ୟପକ୍ଷରେ, ଆପଣାର ସ୍ୱକୀୟ କଳ୍ପନାଟି ମଧ୍ୟରେ ପୂର୍ଣ୍ଣଯୋଗର ସାଧକ ଯେପର୍ଯ୍ୟନ୍ତ ପରମ ଦେବତାଙ୍କର ଅନ୍ୟସକଳ ନାମ ତଥା ରୂପକୁ ଅନ୍ତର୍ଭୁକ୍ତ କରି ନ ରଖିଛି, ଅନ୍ୟ ସକଳ ଦେବତାଙ୍କ ମଧ୍ୟରେ ଆପଣା ଇଷ୍ଟ ଦେବତାଙ୍କର ଉପସ୍ଥିତିକୁ ଅନୁଭବ ନ କରିଛି, ଅବତାର ରୂପେ ଏଠାକୁ ଅବତରଣ କରି ଆସିଥିବା ସେହି ପରମ ଭଗବାନଙ୍କର ଏକତ୍ୱଟି ମଧ୍ୟରେ ସକଳ ଅବତାରମାନଙ୍କୁ ଏକତ୍ର ଗୁଛି ନରଖି ପାରିଛି ଏବଂ ଶାଶ୍ୱତ ପରମ ପ୍ରଜ୍ଞାର ସର୍ବ ସମଞ୍ଜସତା ମଧ୍ୟରେ ସର୍ବବିଧ ଧର୍ମବାଣୀରେ ରହିଥିବା ସତ୍ୟକୁ ସମ୍ମିଳିତ କରି ନଦେଇଛି, ସେପର୍ଯ୍ୟନ୍ତ ସେ କଦାପି ସନ୍ତୋଷ ଲାଭ କରିପାରିବ ନାହିଁ ।’’

(ଯୋଗ ସମନ୍ୱୟ, ପୂର୍ବାର୍ଦ୍ଧ, ପୃଷ୍ଠା, ୧୦୨)

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ପ୍ରତି ସଜାଗ ରହିବା ନିତାନ୍ତ ଆବଶ୍ୟକ । ପ୍ରଥମତଃ : ଏକ ହିଁ ଆଦ୍ୟା ପରାଶକ୍ତି ବିଭିନ୍ନ ନାମ, ବିଭିନ୍ନ ରୂପରେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣା ହୋଇଛନ୍ତି । ଏମାନଙ୍କ ମଧ୍ୟରେ କୌଣସି ପାତରଅନ୍ତର ନରଖି ସମସ୍ତଙ୍କ ମଧ୍ୟରେ ଏକମାତ୍ର ପରମ ବାସ୍ତବତାକୁ ଉପଲବ୍ଧି କରିବା ହେଲା ପୂର୍ଣ୍ଣଯୋଗର ପଥ ।

ଦ୍ୱିତୀୟତଃ : ପୂର୍ଣ୍ଣଯୋଗର ସାଧକ କଦାପି ଭୁଲିଯିବେ ନାହିଁ ଯେ ଏହି ସମସ୍ତ ବାହ୍ୟ ଅଭିବ୍ୟକ୍ତି (ଯଥା – ଭଗବାନ୍, ଭଗବତୀ, ଗୁରୁ, ଇଷ୍ଟ ଦେବଦେବୀଗଣ) ନିଜ ଅନ୍ତରସ୍ଥ ଦିବ୍ୟସତ୍ତାଟିକୁ ଜାଗ୍ରତ୍ କରିବା ନିମିତ୍ତହିଁ ଉଦ୍ଦିଷ୍ଟ । ଯଦି ସେହିପରି ଉନ୍ମୀଳନ ଓ ଜାଗରଣ ନହୁଏ ତେବେ ଏହିସବୁ ପରିକଳ୍ପନା, ପୂଜା, ଆରାଧନା, ଅର୍ଚ୍ଚନା ବା ଉପାସନା ନିରର୍ଥକ । ତୃତୀୟତଃ : ଶ୍ରୀକୃଷ୍ଣ, ଯିଶୁଖ୍ରୀଷ୍ଟ, ବୁଦ୍ଧଦେବଙ୍କୁ ବାହ୍ୟସ୍ତରରେ ଆରାଧନା କରିବା ଯଥେଷ୍ଟ ନୁହେଁ, ଯଦି ଆମ ଅନ୍ତର ମଧ୍ୟରେ ବୁଦ୍ଧ, ଯିଶୁ ବା କୃଷ୍ଣ ପ୍ରକାଶିତ ବା ସଂଗଠିତ ନ ହୁଅନ୍ତି । ଅନ୍ୟାନ୍ୟ ଯାବତୀୟ ସହାୟକଗୁଡ଼ିକ (ଗୁରୁ, ଶାସ୍ତ୍ର, କାଳ, ଉତ୍ସାହ ଇତ୍ୟାଦି)ର କୌଣସି ଆବଶ୍ୟକତା ବା ଉଦ୍ଦେଶ୍ୟ ନଥାଇ ପାରେ ଯଦି ପ୍ରତ୍ୟେକେ ମଣିଷର ଅମାର୍ଜିତ ସ୍ଥିତି ଓ ଅନ୍ତରସ୍ଥ ଦିବ୍ୟସତ୍ତାଙ୍କ ପରିପ୍ରକାଶ ମଧ୍ୟରେ ସେତୁ ରୂପେ ସେଗୁଡ଼ିକ କ୍ରିୟାଶୀଳ ନ ହୁଅନ୍ତି । ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଲା ହୋଇଉଠିବା ଓ ଅଭିବ୍ୟକ୍ତ କରିବା, କେବଳ ପୂଜା, ପାଠ, ଧ୍ୟାନ ଧାରଣାରେ ସନ୍ତୁଷ୍ଟ ରହିବା ନୁହେଁ । ଦିବ୍ୟଜନନୀ କହନ୍ତି – ‘‘ଆମେ ଏଠାରେ ରହିଛୁ ଦିବ୍ୟସତ୍ତାଙ୍କୁ ଅନ୍ୱେଷଣ କରି, ଦିବ୍ୟସତ୍ତାରେ ପରିବର୍ତ୍ତିତ ହୋଇ ଦିବ୍ୟସତ୍ତାଙ୍କୁ ଅଭିବ୍ୟକ୍ତ କରିବା ଲାଗି ।’’

‘‘We are here to find the Divine, to become divine, to manifest the Divine.’’

(CWM, Vol. 12, p. 119)

ପବିତ୍ର ଏହି ଭାରତଭୂମିର କୋଣ ଅନୁକୋଣରେ, ପ୍ରତ୍ୟେକ ଧୂଳିକଣାରେ, ଅଣୁ ପରମାଣୁରେ ଆଦିଶକ୍ତି ଗୁପ୍ତ ହୋଇ ରହିଛନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଏ ଦେଶ କେବଳ ନଦନଦୀ, ବନପର୍ବତ ଘେରା ଏକ ଭୂଖଣ୍ଡ ନୁହେଁ, ସେ ଅଟନ୍ତି ସ୍ୱୟଂ ଭବାନୀ ଭାରତୀ । କିନ୍ତୁ ସ୍ୱାର୍ଥ, ଭୟ, ଆଳସ୍ୟ ଓ ସର୍ବୋପରି ଶକ୍ତିର ଅଭାବ ଯୋଗୁଁ ତାଙ୍କର ମହିମାକୁ ଉନ୍ମୀଳିତ କରି ଅଭିବ୍ୟକ୍ତ କରିବା ଲାଗି ଭାରତବାସୀ ଏ ଯାଏ ସକ୍ଷମ ହୋଇପାରି ନାହାନ୍ତି । ଭାରତ ବ୍ୟତୀତ ସମଗ୍ର ମାନବଜାତିର ଅଧ୍ୟାତ୍ମୀକରଣ ଅନ୍ୟ କୌଣସି ରାଷ୍ଟ୍ର ଦ୍ୱାରା ସମ୍ପାଦିତ ହୋଇ ପାରିବ ନାହିଁ ।

‘‘... the work which we have to do for humanity is a work which no other nation can accomplish, the spiritualisation of the race;...’’

(Bande Mataram, p. 977)

ତେଣୁ ଶ୍ରୀଅରବିନ୍ଦଙ୍କ ଦ୍ୱାରା ରଚିତ ଦୁର୍ଗାସ୍ତୋତ୍ରରେ ଜ୍ଞାନ, ପ୍ରଜ୍ଞା, ପ୍ରେମ, ଶକ୍ତି ଓ ସତ୍ୟଚେତନାର ଆଧାର ଏହି ଭାରତ ଭୂମିରେ ଆଦିଶକ୍ତିଙ୍କ ବିଭୂତିକୁ ପ୍ରକାଶ କରିବା ଲାଗି ବାରଂବାର ସାନୁନୟ ଅନୁରୋଧ ଓ ଆବାହନ କରାଯାଇଛି ।

ପୁନଶ୍ଚ ଏ ଦେଶର ବୈଦିକ ଋଷିଗଣଙ୍କର ଉଦ୍‌ଘୋଷିତ ବାଣୀଟି ହେଲା :

''ସର୍ବରୂପମୟୀ ଦେବୀ ସର୍ବଂ ଦେବୀମୟଂ ଜଗତ୍,
ଅତୋଽହଂ ବିଶ୍ୱରୂପାମ୍ଭା ନମାମି ପରମେଶ୍ୱରି ।''

(ସମାପ୍ତ) ❑

# ଶହେ ବର୍ଷ ତଳେ

## ହୃଷୀକେଶ ପଣ୍ଡା

ଆଜିକୁ ଶହେ ବର୍ଷ ତଳେ
ଏହିପରି ଏକ ଦେବ-ମୁହୂର୍ତ୍ତରେ
ତୁମ ପାଦ ସ୍ପର୍ଶ କରି
ପୁଲକିତ ହୋଇଥିଲା
ଭାରତର ଆତ୍ମା
ବରିବାକୁ ଲୀଳାଭୂମି ରୂପେ
ଦେଇଥିଲ ତାକୁ ଆଶ୍ୱାସନା ।

ସୂର୍ଯ୍ୟଙ୍କର ସ୍ୱର୍ଣ୍ଣିମ ଆଭାରେ
ସମୁଜ୍ଜ୍ୱଳ ଦିଶୁଥିଲା
ସେ ଦିନର ନୀଳାଭ ଆକାଶ
ସମୁଦ୍ରର ଉତ୍ତାଳ ଲହରୀମାଳା
ଅବିରତ ନୃତ୍ୟ କରୁଥିଲେ
କେଉଁ ଏକ ଅବ୍ୟକ୍ତ ଆନନ୍ଦରେ
ତୁମ ସାନ୍ନିଧ୍ୟରେ ଶିହରିତ ହେଉଥିଲା
ଏ ମାଟିର ସୂକ୍ଷ୍ମ-ଅବୟବ ।

ବହୁ ପ୍ରତୀକ୍ଷିତ
ତା'ର ବିଧୁରିତ ପ୍ରାଣ
ପାନ କରିଥିଲା ତୁମ ଓଠର ଅମୃତ
ଅନୁପମ ଆଶ୍ୱସ୍ତିର ଆବାହନରେ
ଗୁଞ୍ଜରି ଉଠିଥିଲା
ଦିବ୍ୟ ଏକ ଜଗତର ଆସନ୍ନ ସଂକେତ ।

ପ୍ରଜ୍ଞା ପୁରୁଷଙ୍କ ସହ
ପ୍ରଥମ ସାକ୍ଷାତରେ
ଲେଖି ଯାଇଥିଲ ଦିନେ
ନବ ଏକ ସର୍ଜନାର ମଙ୍ଗଳାଚରଣ ।

ସେହି ଲକ୍ଷ୍ୟ ପୂରଣ ନିମନ୍ତେ
କଲ ପୁଣି ପୁନରାଗମନ
ତୁମେ ସେଇ ମାଆ
ପରମଙ୍କ ଇଚ୍ଛାମତେ
କରିଥିଲ ଧରାବତରଣ ।

ଅହେତୁକ କରୁଣା-ବଶରେ
ବାଛିଥିଲ ଏ ଭୂମିକୁ
ଲୀଳା କ୍ଷେତ୍ର ରୂପେ
ଗଢ଼ିବାକୁ ଏହିଠାରୁ
ମାନବର ଭାଗ୍ୟ, ଭବିଷ୍ୟତ
ନବ ଏକ ରୂପାୟନ ଲାଗି
ଏ ସୃଷ୍ଟିକୁ କରିବ ପ୍ରସ୍ତୁତ ।

ଭାଗ୍ୟବାନ୍ ଏହି ଦେଶ
ଏ ମାଟିର ଅଗଣିତ ଭକ୍ତ
ତୁମ କୃପା ନିକଟରେ
ଚିରକାଳ ଆଭୂମ ପ୍ରଣତ ।। ❑

[୧୯୨୦, ଏପ୍ରିଲ ୨୪ – ଶ୍ରୀମାଙ୍କର ପଣ୍ଡିଚେରୀକୁ ଆଗମନର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି ।]

# ଛଳନା ଓ ରୂପାନ୍ତର

## ମଣୀନ୍ଦ୍ର କୁମାର ମେହେର

*''କେବଳ ଛଳନା କରିବା ଯଥେଷ୍ଟ ନୁହେଁ, ତୁମକୁ ଯଥାର୍ଥରେ ତାହା ହେବାକୁ ହିଁ ପଡ଼ିବ ।''*

– ଶ୍ରୀମା

ମଣିଷ ଭିତରେ ଛଳନା କରିବାର ଯେଉଁ ପ୍ରବୃତ୍ତି ରହିଛି ତାହାକୁ ଆମେ ଘୃଣା ଚକ୍ଷୁରେ ଦେଖିଥାଉ । ଆମେ ଚାହୁଁ ଏଭଳି ବ୍ୟବହାର ଯାହା ହୋଇଥିବ ସକଳ ଛଳନାରୁ ସମ୍ପୂର୍ଣ୍ଣ ମୁକ୍ତ । ତେବେ ମଣିଷ ଭିତରେ ଥିବା ଏମିତି କୌଣସି ଅସଙ୍ଗତି ନାହିଁ ଯାହାକୁ ସଙ୍ଗତି ଓ ସାମର୍ଥ୍ୟରେ ପରିଣତ କରାଯାଇ ପାରିବ ନାହିଁ ।

ଛଳନାର ଆଶ୍ରୟ ନେଇ କଥା କହିବା ଓ କାର୍ଯ୍ୟ କରିବା ଏକ ସ୍ୱତନ୍ତ୍ର କଳା । ଏ କଳାରେ ଯିଏ ପ୍ରବୀଣ ନୁହେଁ, ସେ କଦାପି ଅନ୍ୟମାନଙ୍କର ମନ ଜିଣିପାରିବ ନାହିଁ । ଛଳନା କରି ଶିଖିବାକୁ ଆମେ ଏକ ମନ୍ଦ ଅଭ୍ୟାସ ବୋଲି କଦାପି କହିପାରିବା ନାହିଁ । ତା'ର କାରଣ ହେଉଛି ପ୍ରକୃତରେ ଆମେ ଯେପରି ହେବାକୁ ଚାହୁଁ ତାହାର ହିଁ ଛଳନା ବା ଅଭିନୟ ପ୍ରଦର୍ଶନ କରୁ ଜୀବନରେ । ଯିଏ ମଧୁର ବଚନ କହି ଛଳନା କରେ ତାହାର ଅନ୍ତରାଳକୁ ପ୍ରବେଶ କରି ଯଦି ଆମେ ଦେଖିବା ତା'ହେଲେ ମଧୁର କଥା ଉଚ୍ଚାରଣ କରିବା ନିମିତ୍ତ ତା'ର ନିଶ୍ଚିତ ଭାବରେ ଏକ ଆକର୍ଷଣ ଓ ଭଲପାଇବା ରହିଛି । ଯିଏ ଯାହା ହେବାକୁ ଚାହେଁ, ଯେପରି ଭାବରେ ସଂସାରର ଲୋକେ ତାକୁ ଦେଖନ୍ତୁ ବୋଲି ସେ ଇଚ୍ଛା କରେ, ସେହିପରି ରୂପ ଧାରଣ କରି ସେ ଅନ୍ୟମାନଙ୍କ ମନକୁ ଆକୃଷ୍ଟ କରିବା ଲାଗି ଚାହେଁ । ଶ୍ରୀମା ଏହି ଛଳନାର କଥା ଦର୍ଶାଇଦେବା ସହିତ ଏହାହିଁ ଚେତାଇ ଦେଇଛନ୍ତି ଯେ କେବଳ ଅଭିନୟ ବା ଛଳନାରେ ଅଟକିଯିବା ପାଇଁ ଆମର ଜନ୍ମ ହୋଇ ନାହିଁ । ଯେଉଁ ପ୍ରକାର ଛଳନା ଆମେ କରୁଛୁ, ଠିକ୍ ସେହିପରି ହୋଇଯିବା ହିଁ ହେଉଛି ଆମ ଜୀବନର ପ୍ରକୃତ ଉଦ୍ଦେଶ୍ୟ । ତେଣୁ ଛଳନାକୁ ଘୃଣା ନକରି ଯେପରି ଜୀବନର ପ୍ରଦର୍ଶନ ଆମେ କରୁଛୁ ସେହିପରି ଭାବରେ ସତକୁ ସତ ଯଦି ଆମେ ରୂପାନ୍ତରିତ ହୋଇଯାଇ ପାରିବା ତାହା ହେଲେ ତାହା କେତେ ଶ୍ରେଷ୍ଠ ଉପଲବ୍ଧି ନ ହେବ ! ସତ୍ୟ କଥା କହିବାର ଛଳନା କରୁଥିବା ଲୋକଟି ଛଳନା କରୁ କରୁ ବାସ୍ତବରେ ଯଦି ସତ୍ୟବାଦୀ ହୋଇଯାଏ ତା'ହେଲେ ଏହାଠାରୁ ଆଉ ଆନନ୍ଦଦାୟକ ଅନୁଭୂତି କ'ଣ ଅଛି ! ରାମଙ୍କ ଭୂମିକାରେ ଅଭିନୟ କରୁ କରୁ ଜଣେ ଯଦି ଶ୍ରୀରାମଚନ୍ଦ୍ରଙ୍କ ପରି ବ୍ୟକ୍ତିତ୍ୱର ଅଧିକାରୀ ହୋଇଯାଏ, ତା'ର ଜୀବନ ନିଶ୍ଚିତ ଭାବରେ ଭିନ୍ନ ଆଲୋକ ବିକିରଣ କରିବାରେ ସମର୍ଥ ହୋଇଯିବ । ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ଯେତେବେଳେ ଚଳଚ୍ଚିତ୍ର ପ୍ରସ୍ତୁତ ହେଲା, ଯିଏ ଗାନ୍ଧୀ ଭୂମିକାରେ ଅଭିନୟ କରିବା ପାଇଁ ମନୋନୀତ ହେଲେ, ସିଏ ଆମିଷ ଖାଦ୍ୟ ତ୍ୟାଗ କରି ଗାନ୍ଧୀଙ୍କ ଭଳି ଶୁଦ୍ଧ ଶାକାହାରୀ ହୋଇଗଲେ । କାରଣ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ କରିବାର ଅଛି । ଏ ଅଭିନୟ ପାଇଁ ତାଙ୍କର ଏତେ ଗଭୀର ନିଷ୍ଠା ! ଏହି ନିଷ୍ଠା ହିଁ ଜଣକୁ ଉତ୍ତରିତ କରିଦିଏ । ସମସ୍ତଙ୍କ ଆଗରେ ମିଛକଥା କହୁଥିବା ଲୋକଟିଏ ଯଦି ନାଟକରେ ଯୁଧିଷ୍ଠିର ଭୂମିକାରେ ଅଭିନୟ କରେ, ତା'ର ଅନ୍ତରରେ ସତ୍ୟ ଉଚ୍ଚାରଣ ପାଇଁ ଯେ ଆନ୍ତରିକତା ରହିଛି, ଏହାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ସେହି ଲୋକଟି ଅଭିନୟ ଜଗତରେ ସତ୍ୟ ବଚନ ଉଚ୍ଚାରଣ କରୁ କରୁ ଦିନେ ବାସ୍ତବ ଜଗତରେ ଯେ ଯୁଧିଷ୍ଠିରଙ୍କ ପରି ସତ୍ୟାନୁରକ୍ତ ହୋଇ ନ ଯିବ, ଏକଥା କହି ହେବ ନାହିଁ । ତେଣୁ ଛଳନା ଏକ ସୁନ୍ଦର ମନୋମୁଗ୍ଧକର ମହତ୍ତ୍ୱପୂର୍ଣ୍ଣ କଳା, ଏହା ଆମେ ଏଭଳି ଅନେକ ଘଟଣା ଦ୍ୱାରା ନିଶ୍ଚିତ ଭାବରେ ଅନୁଭବ କରିପାରିବା ।

ଜଣେ ପ୍ରେମିକ ହୃଦୟରେ କୌଣସି ଆବେଗ ନଥାଇ ମଧ୍ୟ ଯଦି ପ୍ରେମିକା ଆଗରେ ସର୍ବଦା ଛଳନାର ଆଶ୍ରୟ ନେଇ ପ୍ରେମପୂର୍ଣ୍ଣ କଥା କହି ଚାଲିଥାଏ, ଆନ୍ତରିକତାର ପରିଚୟ ଦେଇ ଚାଲିଥାଏ, ଦିନ ଆସିବ ନିଶ୍ଚିତ ଭାବରେ ସତକୁ ସତ ଜଣେ ଉଚ୍ଚକୋଟୀର ପ୍ରେମିକରେ ସେ ପରିଣତ ହୋଇଯିବ । ନିଷ୍ଠା ଓ ଆନ୍ତରିକତା ସହିତ ଛଳନା କରିପାରିବା ଏକ ବିଶେଷ ପ୍ରତିଭାର ପରିଚାୟକ । ଏହି ପ୍ରତିଭା ମଣିଷକୁ ଅନ୍ଧକାରରୁ ମୁକ୍ତ କରି ଆଲୋକ ଆଡ଼କୁ ଉନ୍ମୁଖ କରି ଦେବାର ସାମର୍ଥ୍ୟ ରଖିଥାଏ ।

ଏ ପୃଥିବୀରେ ଏମିତି କୌଣସି ମଣିଷ ନାହାନ୍ତି ଯିଏ ଦିନେ ନା ଦିନେ ଗୋଟିଏ ମୁହୂର୍ତ୍ତରେ ସୁଦ୍ଧା ଛଳନା କରି ନ

ଥିବେ । ଆମକୁ ଯାହା ଭଲ ଲାଗେନା, ଅନ୍ୟର ମନକୁ କଷ୍ଟ ନ ଦେବା ପାଇଁ ଆମେ ତାକୁ ଭଲ ବୋଲି କହିବାରେ କ'ଣ କ୍ଷତି ଅଛି ? ଜଣେ ଚିତ୍ରକରଙ୍କର ଚିତ୍ର, ଜଣେ ସଙ୍ଗୀତଜ୍ଞଙ୍କ କଣ୍ଠସ୍ୱର, ଜଣେ ଅଭିନେତାର ଅଭିନୟ, ଜଣେ ଶିକ୍ଷକର ଶିକ୍ଷାଦାନ ଆମକୁ ସ୍ପର୍ଶ କରି ନ ପାରେ, ବିହ୍ୱଳ କରି ନ ପାରେ, ସନ୍ତୁଷ୍ଟ କରି ନ ପାରେ । ତଥାପି ସେହି ବ୍ୟକ୍ତିମାନଙ୍କୁ ମୁହୂର୍ତ୍ତକର ପୁଲକ ପ୍ରଦାନ କରିବା ପାଇଁ ଆମେ ଯଦି ଛଳନାର ଆଶ୍ରୟ ନେଇ ପଦେ ମିଠାକଥା କହି ଦେଉ ଏଥିରେ ପୃଥିବୀ ଅପରିଚ୍ଛନ୍ନ ହୋଇଯିବ ନାହିଁ ।

ଅନେକ ଲେଖକ ଥାଆନ୍ତି, ଯେଉଁମାନେ ନିଜ ଲେଖାରେ ନିଜର ମହତ୍ ପଣିଆର ପରିଚୟ ଦେବାରେ ଲାଗିଥା'ନ୍ତି । କିନ୍ତୁ ବାସ୍ତବ ଜଗତରେ ସେମାନେ ଯେ ସେତିକି ମହତ୍ ଭାବର ଅଧିକାରୀ ନୁହନ୍ତି, ତାହା ସେମାନେ ବି ଜାଣି ଥାଆନ୍ତି ଓ ତାଙ୍କର ନିକଟବର୍ତ୍ତୀ ହେଉଥିବା ମଣିଷମାନେ ମଧ ତାଙ୍କର ଲେଖା ଓ କଥା ଭିତରେ ଥିବା ଅସାମଞ୍ଜସ୍ୟକୁ ଅନାୟାସରେ ଜାଣି ପାରନ୍ତି । ଏଭଳି ବ୍ୟକ୍ତି ଯଦି ଅନ୍ୟମାନଙ୍କ ଦ୍ୱାରା ସମାଲୋଚିତ ହୋଇ ତାଙ୍କର ସାଧନାରୁ ଅବ୍ୟାହତି ନେଇ ଯାଆନ୍ତି, ତାହା ତାଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଯାଏ । ବରଂ ନିଜ ସାଧନାକୁ ଅକ୍ଷୁଣ୍ଣ ରଖି ଯଦି ନିଜର ଲେଖା ପରି ଆପଣାର ବ୍ୟକ୍ତିତ୍ୱଟିକୁ ସେ ଉଚ୍ଚକୋଟୀର କରିବାରେ ମନୋନିବେଶ କରନ୍ତି, ତା'ହେଲେ ତାହା କେବଳ ତାଙ୍କ ପାଇଁ ନୁହେଁ ସମଗ୍ର ସମାଜ ପାଇଁ ହୋଇଥାଏ କଲ୍ୟାଣକର ।

ସୁନ୍ଦର ବଂଶୀ ବାଦନ କରୁଥିବା ବ୍ୟକ୍ତିଟିଏ, କର୍କଶ ବ୍ୟବହାର ପ୍ରଦର୍ଶନ କରିପାରେ । ସୁନ୍ଦର ଗୀତ ପଦେ ଗାଉଥିବା ମଣିଷ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିପାରେ । ବଂଶୀ ବାଦନ ବା ସଙ୍ଗୀତ ଗାନ କେବଳ ତାଙ୍କର ଛଳନାର ରୂପ ବୋଲି ଆମେ କହି ପାରିବା ନାହିଁ । ସେହି କଳାଯୁକ୍ତ ଜୀବନ ଦିନେ ବାସ୍ତବ କ୍ଷେତ୍ରରେ ସେହିପରି ମଧୁର ଧ୍ୱନିରେ ପରିଣତ ହେବାର ସମ୍ଭାବନା ଯେ ରହିଛି ତାକୁ କିଏ ବା ଅସ୍ୱୀକାର କରିପାରିବ ? ଧର୍ମ ଓ ରାଜନୀତି ନାମରେ ଆମ ସମାଜରେ କେତେ ଯେ ଛଳନା ଓ ପ୍ରତାରଣା ପରିବ୍ୟାପ୍ତ ତାହା କାହାରିକୁ ଅଜଣା ନାହିଁ । ନିଜକୁ ଭଗବାନ୍ ବୋଲି ସାବ୍ୟସ୍ତ କରୁଥିବା ଲୋକଟି ଯଦି ଗୋଟିଏ ମୁହୂର୍ତ୍ତରେ ବି କରୁଣାର ବିନ୍ଦୁଟିଏ ହୋଇ ଝଟକି ଉଠିବ, ତା'ହେଲେ ତା'ର ସମସ୍ତ ଛଳନାଠାରୁ ତାହା ହେବ ଅଧିକ ମାର୍ମିକ ଓ ପ୍ରାଣସ୍ପର୍ଶୀ । ସେହିପରି ଯେଉଁମାନେ ସେବା ନାମରେ ନିଜକୁ ଦେଖାଇ ହେବାରେ ଲାଗିଥା'ନ୍ତି, ସେମାନେ ଯଦି ଏଭଳି ଗୋଟିଏ ମୁହୂର୍ତ୍ତରେ ସେବାର ସୌନ୍ଦର୍ଯ୍ୟରେ ବିଭୂଷିତ ହୋଇ ତ୍ୟାଗର ଛୋଟ ଦୃଷ୍ଟାନ୍ତଟିଏ ପ୍ରଦର୍ଶନ କରିପାରିବେ, ଏହି କ୍ଷୁଦ୍ର ଆନ୍ତରିକତାପୂର୍ଣ୍ଣ ସେବା କାର୍ଯ୍ୟ ତାଙ୍କର ପାହାଡ଼ ଭଳି ମୁଣ୍ଡ ଟେକିଥିବା ଛଳନାକୁ ଚୂର୍ଣ୍ଣୀଭୂତ କରି ଦେଇ ପାରିବ ।

ଭଲ ମଣିଷ ଭାବରେ ପ୍ରତିଷ୍ଠା ଅର୍ଜନ କରିବା ଓ ପ୍ରକୃତ ପକ୍ଷରେ ଭଲ ମଣିଷଟିଏ ହେବା ସମାନ କଥା ନୁହେଁ । ଯେଉଁମାନେ ପ୍ରତିଷ୍ଠିତ ସୁମନୁଷ୍ୟ, ସେମାନଙ୍କର ବାହାରଟା ହିଁ ଶୃଙ୍ଖଳିତ ଓ ସଭ୍ୟ, ମାତ୍ର ଭିତରଟା ରହିଥାଏ ଆବର୍ଜନା ଦ୍ୱାରା ଦୁର୍ଗନ୍ଧ ଯୁକ୍ତ । ଏହିଭଳି ମଣିଷମାନେ ସହଜରେ ମଣିଷ ପଣିଆର ପରିଚୟ ଦେଇପାରନ୍ତି ନାହିଁ । ଯଦି କୌଣସି ଦିନ ସେମାନେ ଅନୁଭବ କଲେ ଯେ ତାଙ୍କ ବାହାରଟି ଯେପରି ସୁନ୍ଦର ଓ ଚିକ୍କଣ; ତାଙ୍କର ଅନ୍ତର ଭିତରଟା ଯଦି ସେହିପରି ମସୃଣ ଓ ସୌଷମ୍ୟଯୁକ୍ତ ହୁଅନ୍ତା ତା' ହେଲେ ତାଙ୍କ ବ୍ୟକ୍ତିତ୍ୱର ସୁଗନ୍ଧ କେତେ ପ୍ରସାରିତ ହୋଇ ଯାଆନ୍ତା ସମାଜରେ ! ଏହି ଟିକକ କଥା ବୁଝିପାରିଲେ, ଆଉ ତାକୁ କାର୍ଯ୍ୟରେ ପରିଣତ କରିପାରିଲେ ସେମାନଙ୍କର ଯେ ନବଜନ୍ମ ସମ୍ଭବ, ଏହା ସୁନିଶ୍ଚିତ ।

ଛଳନା ଆମକୁ ଅନ୍ଧକାର ଗହ୍ୱର ଭିତରେ ନିକ୍ଷେପ କରିବା ପାଇଁ ସୃଷ୍ଟି ହୋଇ ନାହିଁ । ଏହା ଭଗବାନଙ୍କର ଏକ ମହାନ୍ ବରଦାନ । ଯିଏ ଯେପରି ହେବାକୁ ଭଲପାଏ ସିଏ ତାହାରି ହିଁ ଛଳନା କରେ । ତେଣୁ ଏହା ଏକ ସୃଜନାତ୍ମକ କଳାର ମର୍ଯ୍ୟାଦାରେ ବିଭୂଷିତ । ଆମେ ଛଳନା କରୁ, କେଉଁ ଛଳନା ? ନା, ଭଲ ହେବାର ଛଳନା । ଭଲ ଦିଶିବାର ଛଳନା, ବନ୍ଧୁତାର ଛଳନା, ପ୍ରେମର ଛଳନା, ଆନ୍ତରିକତାର ଛଳନା, ନିଷ୍ଠାର ଛଳନା । ପଛରେ ଆମେ ଯାହା ସମ୍ବନ୍ଧରେ ଅତି କଦର୍ଯ୍ୟ କଥା ଉଚ୍ଚାରଣ କରୁ, ତାହାରି ସାମନାରେ ଆମେ ଅତ୍ୟନ୍ତ ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରୁ; ଅର୍ଥାତ୍, ଆମ ଅନ୍ତରର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଅଂଶ ଭଦ୍ରୋଚିତ ବ୍ୟବହାରକୁ ଶ୍ରେଷ୍ଠ ବୋଲି ସ୍ୱୀକାର କରେ । ଯଦି କିଏ ଆମ ନାଁରେ ଅଭିଯୋଗ କରେ, ଆମେ ତାକୁ ବୁଝାଇବାକୁ ଯାଇ କହୁ ଯେ,– ନା, ନା ତୁମ ସମ୍ପର୍କରେ ମୁଁ ସେପରି ଅବାଞ୍ଛିତ, ଅପ୍ରୀତିକର ଶବ୍ଦ ଉଚ୍ଚାରଣ କରି ନାହିଁ । ଅର୍ଥାତ୍ ଆମେ ବାସ୍ତବରେ ପ୍ରୀତି-ସମ୍ପନ୍ନ, ସୌନ୍ଦର୍ଯ୍ୟ-ସମ୍ପନ୍ନ, ଶୃଙ୍ଖଳା-ସମ୍ପନ୍ନ ଓ ସର୍ବଦା ସୁଷମାନ୍ୱିତ ହେବା ପାଇଁ ଇଚ୍ଛା

କରୁ । ସେହି ସଦିଚ୍ଛାଟି ଉପରେ ଏକ ଖୋଳପା ହୋଇ 'ଛଳନା' ରହିଥାଏ । ଏହି ଖୋଳପାକୁ ଯିଏ ଫିଙ୍ଗିଦେଇ ପାରେ, ଏଥିରୁ ଯିଏ ମୁକ୍ତ ହୋଇପାରେ, ଏଥିରୁ ଯିଏ ଉତ୍ତୀର୍ଣ୍ଣ ହୋଇ ଯାଇପାରେ; ସିଏ ସତକୁ ସତ ଜଣେ ସୁନ୍ଦର ମଣିଷରେ ରୂପାନ୍ତରିତ ହୋଇ ଯାଇପାରେ । ଛଳନା ଏ ମଣିଷ ଜୀବନକୁ ଅଧିକାର କରି ରହିଛି ଏଇଥି ପାଇଁ ଯେ ଆମେ ତାହାକୁ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରି ପରିଚ୍ଛନ୍ନ ହୋଇପାରିବା, ସମାଜ ଆମକୁ ଯେମିତି ଜାଣୁ, ଯେମିତି ଚିହ୍ନୁ, ଯେମିତି ଅନୁଭବ କରୁ ବୋଲି ଆମେ ଚାହୁଁ ସତକୁ ସତ ଆମେ ଧୀରେ ଧୀରେ ସେମିତି ହୋଇଯିବା ।

ତେଣୁ ଯିଏ ଛଳନା କରୁଛି ତାକୁ ଧିକ୍କାର କରା ନ ଯାଉ । ଯିଏ ମହତ୍ତର ମଣିଷ ହେବାର ଛଳନା କରୁଛି ତାକୁ ଘୃଣା କରା ନ ଯାଉ । ବରଂ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଉ – ସେ ଯେପରି ଛଳନା କରୁଛି ସେହିପରି ରୂପରେ ସେ ପ୍ରତିଭାତ ହେଉ । ତା' ଭିତରୁ ସମସ୍ତ ମଇଳା ନିଷ୍କାସିତ ହୋଇଯାଉ । ଅନ୍ୟ ପାଇଁ ଆମେ ଯଦି ଏହି ପ୍ରାର୍ଥନା କରିବା, ତା'ହେଲେ ସେହି କାରଣ ପାଇଁ ଆମେ ନିଜେ ନିଜକୁ ମଧ୍ୟ ଧିକ୍କାର ନ କରି, ଘୃଣା ନ କରି; ନିଜକୁ ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ନ ରଖି ନିଜ ପାଇଁ ମଧ୍ୟ ସେହିପରି ଦିବ୍ୟ ପରମ ସତ୍ତାଙ୍କୁ ଆନ୍ତରିକ ପ୍ରାର୍ଥନା କରିପାରିବା ଯେ,– ପ୍ରଭୁ ! ମୁଁ ଯେପରି ସୁନ୍ଦର ଭାବରେ ଛଳନା କରିପାରୁଛି, ସତକୁ ସତ ମତେ ତୁମେ ସେହି ଭଳି କରି ଦିଅ । ପ୍ରେମର, ଆନ୍ତରିକତାର, ଆତ୍ମୀୟତାର, ବନ୍ଧୁତାର, ସହନଶୀଳତାର, କ୍ଷମାଶୀଳତାର, କୃତଜ୍ଞତାର ଯଦି ମୁଁ ଛଳନା କରୁଥାଏ – ହେ ଈଶ୍ୱର ମୋତେ ବାସ୍ତବରେ ସେହିସବୁ ମହନୀୟ ସୁଗୁଣ ପ୍ରଦାନ କର । ଯାହା ଫଳରେ ମୁଁ ସମ୍ପୂର୍ଣ୍ଣ ଛଳନା ମୁକ୍ତ ହୋଇ ତୁମ ପରି ଦେଖାଯିବି, କାରଣ ମୁଁ ତୁମକୁ ଭଲପାଏ ।

❑❑❑

## ବାସ୍ତରିତମ ଗ୍ରୀଷ୍ମକାଳୀନ ସୁହୃଦ୍ ଶ୍ରମ ଶିବିର – ୨୦୨୦

ଚଳିତ ବର୍ଷ ମେ ମାସ ୨୨ ତାରିଖ ଠାରୁ ୩୧ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ସୁହୃଦ୍ ଶ୍ରମ ଶିବିର ବାଲେଶ୍ୱର ଜିଲ୍ଲାର ମାର୍କୋଣାସ୍ଥିତ ଶ୍ରୀଅରବିନ୍ଦ ନବୋଦ୍ୟମ ଶିକ୍ଷାନିକେତନ, ମାତୃଭୂମି ପରିସରରେ ଅନୁଷ୍ଠିତ ହେବ । ଦଶଦିନ ବ୍ୟାପୀ ଏହି ଶିବିରରେ ଶ୍ରମଦାନ ସହିତ ଶ୍ରୀଅରବିନ୍ଦଙ୍କ ରଚିତ ''ଦିବ୍ୟଜୀବନ'' ଗ୍ରନ୍ଥର ୨୫ତମ ଅଧ୍ୟାୟଠାରୁ ଅଧ୍ୟୟନ ଓ ଆଲୋଚନା କରାଯିବ । ଇଚ୍ଛୁକ ଶିବିରାର୍ଥୀ ୨୧ ମେ ସନ୍ଧ୍ୟା ସୁଦ୍ଧା ପହଞ୍ଚିବାକୁ ଅନୁରୋଧ । ଶିବିରାର୍ଥୀଙ୍କୁ ଅତି କମ୍‌ରେ ପାଞ୍ଚଦିନ ରହିବା ପାଇଁ ମଧ୍ୟ ଅନୁରୋଧ କରାଯାଉଛି । ଶିବିରାର୍ଥୀ ଦେୟ ଟ୧୦୦.୦୦ (ଏକଶତ ଟଙ୍କା) ମାତ୍ର ରଖାଯାଇଛି ।

ଗମନାଗମନ ସୂଚନା : ଶିବିରକୁ ଆସିବା ପାଇଁ ଉଭୟ ରେଳ ଓ ବସ୍‌ର ସୁବିଧା ଅଛି । ରେଳ ଯୋଗେ ଆସି ମାର୍କୋଣା ଷ୍ଟେସନଠାରେ ଓହ୍ଲାଇ ୩ କି.ମି. ବରି ରୋଡ଼ରେ ଗଲେ ଶିକ୍ଷା ନିକେତନରେ ପହଞ୍ଚି ପାରିବେ । ଇଷ୍ଟକୋଷ୍ଟ, ଧଉଳି ଏକ୍ସପ୍ରେସ୍, ବାରିପଦା-ଭୁବନେଶ୍ୱର ଓ ସମସ୍ତ ପାସେଞ୍ଜର ଟ୍ରେନ୍ ମାର୍କୋଣା ଷ୍ଟେସନରେ ରହେ । ବସ୍‌ରେ ୪୨ ନମ୍ବର ଜାତୀୟ ରାଜପଥରେ ଆସି ମାର୍କୋଣା ବସ୍ ଷ୍ଟାଣ୍ଡରେ ଓହ୍ଲାଇ ପୂର୍ବ ଦିଗକୁ ବରି ରୋଡ଼ରେ ୨ କି.ମି. ଆସିଲେ ଶିକ୍ଷା-ନିକେତନରେ ପହଞ୍ଚି ପାରିବେ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନରେ ପ୍ରଦତ୍ତ ଦୂରଭାଷ ନମ୍ବରଗୁଡ଼ିକ ମାଧ୍ୟମରେ ଯୋଗାଯୋଗ କରିପାରନ୍ତି ।

କମଳାକାନ୍ତ ଭାଇ : ୯୪୩୯୮୪୪୧୨୨
ଅର୍ପିତା ଅପା : ୮୮୯୫୧୬୬୪୦୯

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ** : ଶାସ୍ତ୍ରରେ କର୍ମକୁ ଜନ୍ମ-ମରଣ ଓ ବନ୍ଧନର କାରଣ ବୋଲି କୁହା ହୋଇଛି । କୌଣସି ବ୍ୟକ୍ତି ପକ୍ଷେ କର୍ମ-ନିବୃତ୍ତି ସମ୍ଭବ ନୁହେଁ । ମୁନି, ଋଷି, ସାଧୁ, ସନ୍ଥ ବି କର୍ମରୁ ମୁକ୍ତ ହୁଅନ୍ତି ନାହିଁ । ସେମାନେ କିପରି କର୍ମ କରି ଜନ୍ମ-ମରଣ ବନ୍ଧନରୁ ମୁକ୍ତ ହେଉଅଛନ୍ତି, ଅନ୍ୟମାନେ କାହିଁକି କର୍ମବନ୍ଧନରେ ପଡ଼ି ଜନ୍ମମରଣ-ଚକ୍ରରେ ଭ୍ରମୁ ଅଛନ୍ତି ?

**ଉତ୍ତର** : ମୁନି, ଋଷି, ସାଧୁ, ସନ୍ଥମାନେ ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ କରି ଭଗବାନଙ୍କୁ ସମର୍ପଣ କରନ୍ତି, ଅଥବା ଭଗବାନଙ୍କୁ ସମସ୍ତ ସତ୍ତା ସମର୍ପଣ କରି ଭାଗବତୀ ଶକ୍ତିର ପରିଚାଳନାରେ କର୍ମ କରନ୍ତି କିଂବା ମନ-ପ୍ରାଣ-ଶରୀର ସମ୍ବନ୍ଧ ତ୍ୟାଗ କରି ଆତ୍ମସ୍ଥ ହୋଇ କର୍ମ କରନ୍ତି । ଏହି ରୂପେ କର୍ମ କଲେ ତା'ର ଫଳ ଉତ୍ପନ୍ନ ହୁଏ ନାହିଁ । କର୍ମଫଳ ଅଭାବରୁ ସେମାନଙ୍କୁ ଫଳଭୋଗ କରିବା ସକାଶେ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ହୁଏ ନାହିଁ । ସାଧାରଣ ବ୍ୟକ୍ତି କର୍ମର କର୍ତ୍ତା ନିଜେ ହୋଇ ଫଳ ଆଶାରେ କର୍ମ କରନ୍ତି । ସେହି ସକାଶେ ଫଳଭୋଗ କରିବା ପାଇଁ କର୍ମ ବନ୍ଧନରେ ପଡ଼ନ୍ତି । କର୍ମର ବାହ୍ୟରୂପ ଏକଇ ପ୍ରକାର ଥାଏ, କିନ୍ତୁ ଭିନ୍ନ ମନୋଭାବରେ କର୍ମ ସମ୍ପାଦନ ହେବା ଯୋଗୁଁ ତାହା ତ୍ରିବିଧ-କର୍ମରେ ପରିଣତ ହୁଏ ଏବଂ ସେଇ ଏକଇ ପ୍ରକାର କର୍ମ ଦ୍ୱାରା ବ୍ୟକ୍ତିର ଭାବ ଅନୁସାରେ ମୋକ୍ଷ, ନିର୍ବାଣ ପାଏ କିଂବା ଜନ୍ମ-ମରଣ ଚକ୍ରରେ ଭ୍ରମଣ କରେ ।

**ପ୍ରଶ୍ନ** : ତ୍ରିବିଧ କର୍ମର ସ୍ୱରୂପ ତଥା ଭିନ୍ନ ଭିନ୍ନ ମନୋଭାବ ଦ୍ୱାରା ସମ୍ପାଦିତ କର୍ମର ପରିଣାମ କ'ଣ ହୁଏ ସ୍ପଷ୍ଟଭାବେ କୁହନ୍ତୁ ।

**ଉତ୍ତର** : ଉତ୍ତମ କର୍ମ, ଭଗବତ୍ ସମର୍ପିତ କର୍ମ ବା ନିଷ୍କାମ କର୍ମ ଏବଂ ଭାଗବତ କର୍ମ – ଏହି ତିନି ପ୍ରକାର କର୍ମକୁ ଶାସ୍ତ୍ର ତ୍ରିବିଧ-କର୍ମ ନାମରେ ଘୋଷଣା କରିଅଛି । ଏହାଛଡ଼ା ଆଉ ଏକ କର୍ମ ହେଉଛି ନିଷିଦ୍ଧ କର୍ମ ବା ପାପକର୍ମ । ନିଜର, ପରିବାରର, ଦେଶର ତଥା ମନୁଷ୍ୟଜାତିର ହିତ ସକାଶେ; ପୁତ୍ର, କନ୍ୟା, ପିତା, ମାତା, ବନ୍ଧୁମାନଙ୍କ ହିତ ସକାଶେ; କୃଷି, ବାଣିଜ୍ୟ, ଦେଶସେବା, ଔଷଧାଳୟ, ଅନ୍ନ-ବସ୍ତ୍ରଦାନ, ଦରିଦ୍ରସେବା, ସନ୍ଧ୍ୟାବନ୍ଦନ, ଦେବ-ପିତୃ-ପୂଜନ, ଧର୍ମ ସେବାଦି ଉଦ୍ଦେଶ୍ୟରେ କର୍ମ ହେଲା ଉତ୍ତମ କର୍ମ । ଏହି କର୍ମ ଭଗବତ୍ ଉଦ୍ଦେଶ୍ୟରେ, ଭଗବତ୍ ସେବା ରୂପେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପଣ କରାହେଉ ନ ଥିବାରୁ ଏହି କର୍ମ-ଫଳ ଭୋଗ କରିବା ସକାଶେ ବ୍ୟକ୍ତିକୁ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ହେଉଥାଏ । ଏହାର ନାମ ସାଧାରଣ କର୍ମ ।

ଏହି କର୍ମ ଭଗବାନଙ୍କ ଉଦ୍ଦେଶ୍ୟରେ ଭଗବତ୍ ସେବା ଭାବରେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପିତ ହେଲେ ଏହା ହୁଏ ଭଗବତ୍ ଅର୍ପିତ କର୍ମ ବା ନିଷ୍କାମ କର୍ମ । ଏହା ଭଗବାନଙ୍କୁ ସମର୍ପଣ କରା ହେବାରୁ ବ୍ୟକ୍ତିର ମନ-ପ୍ରାଣ ଶୁଦ୍ଧ ହୁଏ ତଥା ଏହାର ଫଳ ଉତ୍ପନ୍ନ ହୁଏ ନାହିଁ । କର୍ମର ଫଳ ଉତ୍ପନ୍ନ ନ ହେବାରୁ ବ୍ୟକ୍ତି ତାହା ଭୋଗ କରିବା ସକାଶେ ଜନ୍ମ-ମରଣ ଗ୍ରହଣ କରେ ନାହିଁ । ସେ ଭଗବତ୍ ପ୍ରାପ୍ତି ବା ମୁକ୍ତି ପ୍ରାପ୍ତ ହୁଏ ।

ଏହାପରେ ଆସେ ଭଗବତ୍ କର୍ମ । ବ୍ୟକ୍ତି ମନ ଏବଂ ପ୍ରାଣ ଦ୍ୱାରା ପରିଚାଳିତ ହୁଏ ନାହିଁ । ସେସବୁ ଭଗବାନଙ୍କଠାରେ ସମର୍ପିତ ହେଲେ ବ୍ୟକ୍ତିର ମନ-ପ୍ରାଣ ତଥା ସମସ୍ତ ସତ୍ତା ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର ପ୍ରେରଣାରେ ବ୍ୟକ୍ତି ଦ୍ୱାରା କର୍ମ ସମ୍ପାଦନ ହେବାରୁ କର୍ମର କର୍ତ୍ତା ବ୍ୟକ୍ତି ହୁଏ ନାହିଁ; ହୁଅନ୍ତି ଭଗବାନ୍ । ବ୍ୟକ୍ତି ହୁଏ ଭଗବାନଙ୍କର ଯନ୍ତ୍ର । ବ୍ୟକ୍ତି କର୍ତ୍ତା ରୂପେ କର୍ମ ନ କରିବାରୁ ତା'ର ଫଳ ଉତ୍ପନ୍ନ ହେବାର ପ୍ରଶ୍ନ ଉଠେ ନାହିଁ । ଏହି କର୍ମ ହୁଏ ଭାଗବତ କର୍ମ । ଏହି ଭାଗବତ କର୍ମ ପୂର୍ଣ୍ଣ ରୂପେ ସମ୍ପାଦିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ତଥା ଭଗବାନଙ୍କଠାରେ ସମର୍ପିତ ହେବାରେ ।

ଏହାଛଡ଼ା ଆତ୍ମସ୍ଥ କର୍ମ – ବ୍ୟକ୍ତି ଜ୍ଞାନମାର୍ଗ ସାଧନାରେ ଆତ୍ମସ୍ଥ ହେଲେ ମନ-ପ୍ରାଣ-ଶରୀର ଏବଂ ସଂସାର ମିଥ୍ୟା, ମାୟା ଏବଂ ଆତ୍ମା ସତ୍ୟ ବୋଲି ଅନୁଭୂତି ଲାଭ କରେ । ମିଥ୍ୟା, ମନ-ପ୍ରାଣ-ଶରୀର ଦ୍ୱାରା ମିଥ୍ୟା କର୍ମ ଆତ୍ମାକୁ ସ୍ପର୍ଶ

କରିପାରେ ନାହିଁ । ମନ-ପ୍ରାଣ-ଶରୀରରୁ ଆତ୍ମା ପୃଥକ୍ ଓ ନିର୍ଲିପ୍ତ ଥିବାରୁ ତା'ର ଫଳଭୋଗ କରିବାକୁ ହୁଏ ନାହିଁ । ଏହି ଆତ୍ମସ୍ଥ କର୍ମ ଏବଂ ଭାଗବତ କର୍ମର ପ୍ରଣାଳୀ ତଥା ପରିଣାମ ପୂର୍ଣ୍ଣ ରୂପେ ଭିନ୍ନ ହେବା ସତ୍ତ୍ୱେ ଏହି ଉଭୟ କର୍ମର ଫଳ ଭୋଗ କରିବାକୁ ହେଉ ନ ଥିବାରୁ ଏହାକୁ ଭାଗବତ କର୍ମ ସାଥିରେ ରଖାଯାଇପାରେ । ଶୁଭ ବା ସାଧାରଣ କର୍ମ, ଭଗବତ୍ ସମର୍ପିତ ବା ନିଷ୍କାମ କର୍ମ ଏବଂ ଭାଗବତ କର୍ମ – ଏହି ତିନି ପ୍ରକାର କର୍ମକୁ ତ୍ରିବିଧ କର୍ମ କୁହାଯାଏ ।

**ପ୍ରଶ୍ନ** : କାମନା ବିନା କର୍ମ ସମ୍ପାଦନ ହୁଏ ନାହିଁ । କାମନା ଜନ୍ମମରଣର କାରଣ । ଭାଗବତ କର୍ମରେ କର୍ମର କର୍ତ୍ତ୍ରୀ ଭାଗବତୀ ଶକ୍ତି ଥାଏ, ସେନେଇ ସେ କର୍ମ କାମନା ବିନା ହୁଏ । ଆତ୍ମସ୍ଥ କର୍ମରେ ବ୍ୟକ୍ତି ମନ-ପ୍ରାଣ-ଶରୀରରୁ ପୃଥକ୍ ହୋଇ ଆତ୍ମସ୍ଥ ହୁଏ, ଶରୀର-କର୍ମରେ ତା'ର ସମ୍ବନ୍ଧ ନ ଥାଏ, ସେନେଇ କର୍ମରେ କାମନା ଆବଶ୍ୟକ ନ ଥାଏ । ପରିବାର, ଦେଶ, ଜାତି, ଅନ୍ୟର ହିତ ଇତ୍ୟାଦି ଉତ୍ତମ କର୍ମରେ ଯେପରି ବାସନା ଥାଏ, ସେହିପରି ଭାଗବତ ଉଦ୍ଦେଶ୍ୟରେ କୃତ କର୍ମରେ ବାସନା ଥାଏ; ଅର୍ଥାତ୍ ''ଭଗବତ୍ ଉଦ୍ଦେଶ୍ୟରେ'' ଏହି ଭାବହିଁ ବାସନା । ଏହି ଉଭୟ କର୍ମରେ ବାସନା ଥିବା ସତ୍ତ୍ୱେ ଉତ୍ତମ କର୍ମରେ ବ୍ୟକ୍ତି ବନ୍ଧନରେ ପଡ଼େ କାହିଁକି ? ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତି କାହିଁକି କର୍ମ ବନ୍ଧନରୁ ମୁକ୍ତ ହୁଏ ? ସ୍ପଷ୍ଟ ଭାବରେ ବୁଝାଇ ଦିଅନ୍ତୁ ।

**ଉତ୍ତର** : ଭଗବାନ୍ ଆପ୍ତକାମ । ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତିର ସମସ୍ତ କାମନା ସମାପ୍ତ ହୋଇଥାଏ, ଥାଏ ଗୋଟିଏ କାମନା ଭାଗବତ ସମର୍ପିତ ଭାବ । ଭଗବତ୍-ପ୍ରାପ୍ତିରେ ତାହା ବି ସମାପ୍ତ ହୁଏ; ଆଉ କୌଣସି ପ୍ରକାର ଅଭାବ ବା କାମନା ରହେ ନାହିଁ । ବ୍ୟକ୍ତି ଭଗବାନଙ୍କ ଯନ୍ତ୍ର ହୋଇ ଭାଗବତ କର୍ମ ମୁକ୍ତ ଅବସ୍ଥାରେ କରେ । ଏହାଛଡ଼ା ଯେତେ ମହାନ୍ ଉତ୍ତମ କର୍ମ କରାହୁଏ, ଗୋଟିକ ପରେ ଗୋଟିଏ, ନୂତନ ନୂତନ କାମନା ଉତ୍ପନ୍ନ ହୁଏ ।

ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତିର କାମନା ନିବୃତ୍ତି ହେବାରୁ ସେ ଜନ୍ମ-ମରଣରୁ ମୁକ୍ତ ହୁଏ; କିନ୍ତୁ ଉତ୍ତମ କର୍ମରେ କାମନା ରହିଥିବାରୁ ବ୍ୟକ୍ତି ଜନ୍ମ-ମରଣ ଚକ୍ରରେ ଭ୍ରମଣ କରେ ।

କର୍ମର ତଥା ଜୀବନର ସାର୍ଥକତା ଏବଂ ପୂର୍ଣ୍ଣତା, ଭଗବାନଙ୍କ ସଂକଳ୍ପ, ସୃଷ୍ଟିର ଉଦ୍ଦେଶ୍ୟ ଆଦି ସିଦ୍ଧ ହୁଏ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶ ହେବାରେ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗସିଦ୍ଧି କରିବାରେ । ଅତଏବ ପ୍ରତ୍ୟେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଉଚିତ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା ୪୬୨-୪୬୩) ❑

କର୍ମ ବା କର୍ମଫଳରେ କୌଣସି ଆସକ୍ତି ରଖିବ ନାହିଁ, ଯେଉଁ ଦିବ୍ୟଶକ୍ତି ତୁମକୁ ଅଧିକାର କରିବ, ତାକୁ ତୁମେ ଅଧିକାର କରିବାକୁ ଦାବି କରିବ ନାହିଁ, ଯନ୍ତ୍ର ବୋଲି ଗର୍ବ କରିବ ନାହିଁ, ଆତ୍ମମ୍ଭରିତା ଓ ଔଦ୍ଧତ୍ୟକୁ କୌଣସି ସ୍ଥାନ ଦେବ ନାହିଁ । ତୁମର ମନ, ପ୍ରାଣ, ଶରୀର ମଧ୍ୟରେ ଏପରି କିଛିକୁ ରହିବାକୁ ଦେବ ନାହିଁ ଯାହା ତୁମ ଭିତର ଦେଇ ଯେଉଁ ମହତୀ ଶକ୍ତିରାଜି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ କୌଣସି ପ୍ରକାରେ ନିଜର ବ୍ୟବହାର ପାଇଁ ବିକୃତ କରିପାରେ ବା ନିଜର ବ୍ୟକ୍ତିଗତ ସ୍ୱତନ୍ତ୍ର ତୃପ୍ତି ପାଇଁ ଅଧିକାର କରିପାରେ । ତୁମର ଶ୍ରଦ୍ଧା, ତୁମର ଐକାନ୍ତିକତା, ତୁମର ଆସ୍ପୃହାର ଶୁଦ୍ଧତା ଯେପରି ପରମ ପରାକାଷ୍ଠା ପ୍ରାପ୍ତ ହୁଏ, ତହିଁରେ ତୁମ ସତ୍ତାର ସକଳ ଭୂମି, ସକଳ ସ୍ତରକୁ ଯେପରି ପରିପୂର୍ଣ୍ଣ କରି ରଖେ । ତା'ହେଲେ ଯେଉଁ ସମସ୍ତ ଉପକରଣ ବିକ୍ଷୋଭ ସୃଷ୍ଟି କରେ, ଯେଉଁ ସବୁ ପ୍ରଭାବ ବିକୃତିକୁ ଜନ୍ମ ଦିଏ, ସେସବୁ କ୍ରମଶଃ ତୁମ ପ୍ରକୃତିରୁ ଦୂର ହୋଇଯିବ ।

('ମା' ପୁସ୍ତକ, ପୃଷ୍ଠା - ୨୫-୨୬) — ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ଅପ୍ରତ୍ୟାଶିତ ବିଭୀଷିକା

ଏକ ଅପ୍ରତ୍ୟାଶିତ ଆତଙ୍କର କଳାମେଘ ଚାହୁଁ ଚାହୁଁ ଆଚ୍ଛନ୍ନ କରିଛି ସମଗ୍ର ପୃଥିବୀର ବାତାବରଣକୁ । ପ୍ରାୟ ଚାଳିଶ ବର୍ଷ ତଳେ ଚିକିତ୍ସା ଜଗତକୁ ଚମକାଇ ଦେଇଥିଲା 'ଏଡ୍‌ସ୍' ନାମକ ବ୍ୟାଧି । ତାହାଠାରୁ ଅଧିକ ଭୟାବହ ଆଜିର ଆତଙ୍କର ହେତୁ ହୋଇଛି ସଂକ୍ରାମକ 'କରୋନା' । ଅଚିରେ ଏହା ଯୋଗୁଁ ଗୋଟାଏ ପରେ ଗୋଟାଏ ଦେଶର ସମାଜ ଓ ଅର୍ଥନୀତି ବିପର୍ଯ୍ୟସ୍ତ ହେବାର ସମ୍ଭାବନା ଦେଖା ଦେଇଛି ।

ପ୍ରତ୍ୟହ ଗଣମାଧ୍ୟମରେ ଏହା ଏକ ବିଶେଷ ଚର୍ଚ୍ଚାର ବିଷୟ ହୋଇଛି । ଏହାର ସଠିକ୍ ହେତୁ ଅଦ୍ୟାବଧି ନିରୂପିତ ହୋଇପାରି ନାହିଁ, ସ୍ଥୂଳ ଉତ୍ସ ଚୀନ ହୋଇଥିବା ସତ୍ତ୍ୱେ । ତେବେ କୌଣସି ନା କୌଣସି ବିକଳ ଓ ବିକୃତ ପରିବେଶରେ ଯେ ଏହାର ଉଦ୍ଭବ, ସେ ସମ୍ପର୍କରେ ସନ୍ଦେହର ପ୍ରଶ୍ନ ନାହିଁ । ସେ ସମ୍ପର୍କରେ ସନ୍ଧାନ ଚାଲିଛି । ଅଚିରେ ହୁଏତ ଏ ବ୍ୟାଧିର ଅସଲ ହେତୁ ନିରୂପିତ ହେବ; ହୁଏତ ଏକାଧିକ ହେତୁ ଉପରେ ସନ୍ଦେହ ବଜାୟ ରହିବ । କିନ୍ତୁ ସେ ସମସ୍ତ ହେତୁ ତଥା ଉତ୍ସର ପରିଚୟ ହେବ କୌଣସି ନା କୌଣସି ବିକୃତ ସ୍ଥୂଳ ପରିସ୍ଥିତି ।

କିନ୍ତୁ ଏହାର ପ୍ରକୃତ ସୃଷ୍ଟି ରହସ୍ୟ ସ୍ଥୂଳ ପରିସ୍ଥିତିରେ ନଥିବା ଯୋଗୁଁ ପ୍ରଚଳିତ ବିଜ୍ଞାନ ସମ୍ମତ ଅନୁସନ୍ଧାନ ଓ ଗବେଷଣାର ଅକ୍ତିଆର ବାହାରେ ରହିଯିବ । କାରଣ ଏଭଳି ଭୟାବହ ରୋଗ-ବ୍ୟାଧିର ରହସ୍ୟ ନିହିତ ମଣିଷର ଚେତନାରେ; ସ୍ଥୂଳ ପରିସ୍ଥିତି ସେସବୁର ହେତୁ ଓ ଉତ୍ସ ବୋଲି ପ୍ରତୀୟମାନ ହେଲେ ମଧ୍ୟ ବାସ୍ତବରେ ସେସବୁ ଆମର ଗଭୀର ନିଶ୍ଚେତନାରୁ ଉଦ୍ଭୂତ ହୁଏ – ଆମ ବହିଃଚେତନାର ଅଜ୍ଞାତସାରରେ କେବେ କେବେ ତାହାରି ପୃଷ୍ଠପୋଷକତା ଲାଭ କରି ।

ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ସ୍ୱୟଂ ଶ୍ରୀମାଙ୍କର ଏକ ଅଭିଜ୍ଞତା ।

୧୯୧୯ ଜାନୁଆରୀ, ପ୍ରଥମ ମହାଯୁଦ୍ଧ ସଦ୍ୟ ଶେଷ ହୋଇଥାଏ । ଶ୍ରୀମା ସେତେବେଳେ ଜାପାନର ରାଜଧାନୀ ଟୋକିଓରେ ଅବସ୍ଥାନ କରୁଥା'ନ୍ତି । ସେତିକି ବେଳେ ବ୍ୟାପିଲା ଗୋଟାଏ ଭୟଙ୍କର ଫ୍ଲୁ । ସେ ରୋଗ ଦ୍ୱାରା ସଂକ୍ରମିତ ହେବାର ତୃତୀୟ ଦିନ ହିଁ ରୋଗୀର ଜୀବନାବସାନ ହେଉଥାଏ । ହଜାର ହଜାର ନୁହେଁ, ଲକ୍ଷ ଲକ୍ଷ ସଂଖ୍ୟାରେ ନରନାରୀ ହେଲେ ଏ ରୋଗର ଶିକାର – ମହାଯୁଦ୍ଧରେ ପ୍ରାଣ ହାରିଥିବା ଜନସଂଖ୍ୟାଠାରୁ ଅଧିକ ।

ନଗରୀଠାରୁ ଦୂରବର୍ତ୍ତୀ ଏକ ଗ୍ରାମର କୌଣସି ବାସିନ୍ଦା ନାମରେ ଡାକ ଯୋଗେ ଚିଠିଟିଏ ଆସିଥାଏ । ନଗରୀରୁ ଡାକବାଲା ସେ ଲୋକକୁ ଚିଠି ହସ୍ତାନ୍ତର କରିବାକୁ ଯାଇ ଯାହା ଦେଖିଲା ତାହା ଲୋମହର୍ଷକ । ପ୍ରଚଣ୍ଡ ବରଫପାତ ଯୋଗୁଁ ସମଗ୍ର ଗ୍ରାମ ପ୍ରାୟ ପୋତି ହୋଇ ପଡ଼ିଲାଣି । କିନ୍ତୁ ତହିଁ ଜୀବନର ଚିହ୍ନ ନାହିଁ । ସେ ମାରାତ୍ମକ ଫ୍ଲୁ ସମସ୍ତଙ୍କୁ କରିଛି ନିପାତ ! କେହି ସମ୍ବାଦ ଦେବାକୁ ମଧ୍ୟ ଗାଁ ବାହାରକୁ ଆସିବାର ଅବସର ପାଇ ନାହାନ୍ତି !

ଦିନେ ବିଶେଷ କୌଣସି କାମରେ ମହାନଗରୀର ଏକ ଦୂର ପ୍ରାନ୍ତରେ ଥିବା ତାଙ୍କର ଜଣେ ବାନ୍ଧବୀଙ୍କୁ ଭେଟିବା ସକାଶେ ଟ୍ରାମ୍ ଯୋଗେ ଗଲେ ଶ୍ରୀମା । ଗାଡ଼ି ଭିତରେ ବିଷଣ୍ଣ ପରିବେଶ । ଯାତ୍ରୀମାନେ ମୁହଁରେ ରୁମାଲ ଗୁଡ଼ାଇ ଅଥବା ମୁଖା ପିନ୍ଧି ବସିଥା'ନ୍ତି ।

ଶ୍ରୀମାଙ୍କର କୌତୂହଳ ହେଲା ଜାଣିବା ନିମନ୍ତେ : କ'ଣ ହୋଇଥାଇପାରେ ପୂର୍ବରୁ ଅଜ୍ଞାତ ଏ ବ୍ୟାଧିର ହେତୁ ? ସେ ଲେଉଟି ଆସି ତାଙ୍କ ବସାଘରେ ପହଞ୍ଚିବା ବେଳକୁ ତାଙ୍କ ଦେହରେ ପ୍ରବଳ ଉତ୍ତାପ । ସେହି ରୋଗରେ ସେ ହେଲେ ଶଯ୍ୟାଶାୟୀ । ଖବର ପାଇ ଜଣେ ଡାକ୍ତର ବନ୍ଧୁ ଆସି ପହଞ୍ଚିଲେ । ସେ ରୋଗ ଯେଉଁ ଗୋଟାଏ ମାତ୍ର ଔଷଧ ଦ୍ୱାରା ପ୍ରଶମିତ ହେବାର ଆଶା ଥିଲା, ସେହି ଦୁର୍ଲଭ ଔଷଧ ତାଙ୍କଠିଁ ଅଳ୍ପ ରହିଥିଲା । ସେ ତାହା ଶ୍ରୀମା'ଙ୍କୁ ସେବନ କରିବାକୁ କହନ୍ତେ ଶ୍ରୀମା ମନା କରି ତାହା ଅନ୍ୟ କୌଣସି ରୋଗୀକୁ ଦେବା ନିମନ୍ତେ ପରାମର୍ଶ ଦେଲେ । ଡାକ୍ତର ଅସନ୍ତୁଷ୍ଟ ହୋଇ ଚାଲିଗଲେ ।

ଶ୍ରୀମା ସମ୍ପୂର୍ଣ୍ଣ ଏକାକୀ ରହିବାର ସିଦ୍ଧାନ୍ତ ନେଲେ ଏବଂ ସେ ରୋଗର ହେତୁ ନିର୍ଣ୍ଣୟରେ ଧ୍ୟାନ ଦେଲେ । ଦ୍ୱିତୀୟ ଦିନ ହଠାତ୍ ସେ ଦେଖିଲେ ତାଙ୍କ କକ୍ଷ ଭିତରକୁ ପଶି ଆସୁଛି ଏକ ଭୀଷଣ-ଦର୍ଶନ ବିକଳାଙ୍ଗ ସୈନିକର ରୂପ । ତା'ର ଫାଳେ ମୁଣ୍ଡ ଉଡ଼ି ଯାଇଛି । ଯୁଦ୍ଧ ପୋଷାକ ବିଦୀର୍ଣ୍ଣ । ନିମେଷକେ ସେ ବିଭୀଷିକାମୟ ମୂର୍ତ୍ତି କୁଦି ପଡ଼ିଲା ଶ୍ରୀମା'ଙ୍କ ଉପରକୁ ଏବଂ

ତାଙ୍କ ବକ୍ଷରୁ ଜୀବନ-ଶକ୍ତି ଶୋଷି ନେବାକୁ ଲାଗିଲା । ମୃତ୍ୟୁ ଆସନ୍ନ ପ୍ରାୟ ହେଲା । ସେତେବେଳେ ଶ୍ରୀମା ତାଙ୍କ ଗୂଢ଼ ଶକ୍ତି (Occult power) ପ୍ରୟୋଗ କରି ସେ ମୃତ୍ୟୁ ଦୂତକୁ ଫୋପାଡ଼ି ଦେଲେ । ସେ ସ୍ଖଳିତ ପାଦରେ ବାହାରି ଗଲା ।

କିଏ ସେହି ସତ୍ତା — ଯିଏ ସେ ରୋଗର ହେତୁ ?

ଶ୍ରୀମା ବୁଝିଲେ, ମହାଯୁଦ୍ଧରେ ଅକସ୍ମାତ୍ ପ୍ରାଣ ହାରିଥା'ନ୍ତି କେତେ ସମର୍ଥ ଯୁବକ । ସେମାନଙ୍କ ଭିତରେ ଥାଏ କେତେ ସ୍ୱପ୍ନ, କେତେ ଆଶା । ହଠାତ୍, ସମ୍ପୂର୍ଣ୍ଣ ଅପ୍ରସ୍ତୁତ ଭାବରେ ସେମାନଙ୍କୁ ଗୋଳାବାରୁଦର ଶିକାର ହେବାକୁ ପଡ଼େ । ମୁହୂର୍ତ୍ତକ ଭିତରେ କଳେବରଠାରୁ ବିଚ୍ଛିନ୍ନ ହୋଇ ପଡ଼ି ସେମାନଙ୍କ ପ୍ରାଣଶକ୍ତି ଖୋଜି ବୁଲେ ଆଶ୍ରୟ; ହୁଏ ପ୍ରତିହିଂସା ପରାୟଣ । ଅଦୃଶ୍ୟ ଭାବେ ଆକ୍ରମଣ କରେ ଜୀବିତମାନଙ୍କୁ ।

ଶ୍ରୀମା ସେ ପିଶାଚ-ପ୍ରାୟ ସତ୍ତାକୁ ପରାଭୂତ କରିବା ସଙ୍ଗେ ସଙ୍ଗେ ବାତାବରଣରୁ ତା'ର ପ୍ରାଦୁର୍ଭାବ ବିଲୀନ ହେଲା । ତା'ପରେ ଆଉ କେହି ସେ ବ୍ୟାଧିର ଶିକାର ହେଲେ ନାହିଁ ।

ଜାପାନରେ ସେଦିନ ସେ ରୋଗର ବିସ୍ଫୋତ ଘଟିଥିଲା ମଣିଷର ବିକ୍ଷୁବ୍ଧ ଚେତନା ଯୋଗୁଁ; ଉତ୍ସ ତା'ର ଭୟଙ୍କର ବାତାବରଣ ଏବଂ ହତାଶ ପ୍ରାଣଶକ୍ତି । ଆଜି ବିଶ୍ୱବ୍ୟାପୀ ସମାଜର ବାତାବରଣ ନାନା ଭାବରେ କଳୁଷିତ । ଆଜି ମଣିଷ କରି ପାରୁଛି କଳ୍ପନାତୀତ ପାପ । ପୂର୍ବରୁ କେବେ ହେଲେ ମଣିଷ ଆଜି ଭଳି ସ୍ୱାର୍ଥାନ୍ଧ ହେବା, ଅକାତରେ ବିଶ୍ୱାସଘାତକତା କରିବା, ଆପଣା ସୁଖ ଓ ବିଳାସ ନିମନ୍ତେ ଅଗଣନ ଲୋକଙ୍କ ବିତ୍ତ ଲୁଣ୍ଠନ କରିବା, ସାମାନ୍ୟ କାରଣରୁ ହିଂସ୍ର ହେବାର ଉଦାହରଣ ନାହିଁ । ଏହି ପ୍ରକାର ବିକଳ ଓ ବିକୃତ ଚେତନାର ନର୍ଦ୍ଦମାରୁହିଁ ନବ ନବ ବ୍ୟାଧିର ଜୀବାଣୁର ଜନ୍ମ ।

ଆଜିର ଏ ବ୍ୟାଧିର ପରିଣତି ଯାହା ହେଉ ନା କାହିଁକି, ମଣିଷ ଜାତିର ଚେତନାରେ ପରିବର୍ତ୍ତନ ନ ଆସିଲେ ପରବର୍ତ୍ତୀ ବ୍ୟାଧି ଆହୁରି ବୀଭତ୍ସ ନ ହେବ ବୋଲି କହିହେବ ନାହିଁ ।

— **ମନୋଜ ଦାସ**

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning
and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 4** **R.N.I. No. 18163/70.**
Navaprakash (Monthly), April, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)

**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।




୪୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**